DHARITRI
ଭୁବନେଶ୍ୱର, ସୋମବାର, ଫେବୃୟାରୀ ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, February 6/2023 | Page 16 | ₹ 7.00
୪୯ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 74 | ମୂଲ୍ୟ ₹୭/-



## ହାଇଜମ୍ପରେ ଶଙ୍କର ଜିତିଲେ ସ୍ୱର୍ଣ୍ଣ

ଭାରତୀୟ ହାଇ ଜମ୍ପର ତେଜସ୍ୱିନୀ ଶଙ୍କର ବୋଷ୍ଟନସ୍ଥିତ ନ୍ୟୁ ବାଲାନ୍ସ ଇନ୍‌ଡୋର ଗ୍ରାଁ ପ୍ରିରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୬

୧୩

## ‘ୟଙ୍ଗ ଆଚିଭର୍ସ’ ପରିଣୀତି

ହିନ୍ଦୀ ଫିଲ୍ମ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କୁ ବ୍ରିଟେନର ‘ୟଙ୍ଗ ଆଚିଭର୍ସ’ ସମ୍ମାନରେ ସମ୍ମାନିତ କରାଯାଇଛି।





ଭୋପାଳର ତାନ୍ତିଆ ଟୋପେ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୦୦ ମିଟର ଷ୍ଟିପଲଚେଜ ଇଭେଣ୍ଟ।

# ୨୩୨ ଚାଇନା ଆପ୍ ନିଷିଦ୍ଧ

- **୧୩୮ ବେଟିଂ, ୯୪ ଲୋନ୍ ଆପ୍ ବ୍ୟାନ୍ କଲା ଭାରତ**
- **ଜାତୀୟ ସୁରକ୍ଷା ଓ ସାର୍ବଭୌମତ୍ୱ ପ୍ରତି ବିପଦ ଆଶଙ୍କା**

ନୂଆଦିଲ୍ଲୀ, ୫ା୨

ପଡ଼ୋଶୀ ଚାଇନାର ଗୁପ୍ତଚରଗିରି ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେବେଳେ ଆପ୍ ଜରିଆରେ ତ ପୁଣି କେବେ ଜାହାଜ, ଡ୍ରୋନ୍ ଓ ବେଲୁନରେ ଅନ୍ୟ ଦେଶଗୁଡ଼ିକ ସମ୍ପର୍କରେ ଗୋଇନ୍ଦା ତଥ୍ୟ ସଂଗ୍ରହ କରୁଛି ବେଜିଂ। ମୋଟାମୋଟି ଭାବେ ଦେଖିଲେ ଭାରତ ଓ ଆମେରିକା ସମେତ ଅନେକ ରାଷ୍ଟ୍ରର ସୁରକ୍ଷା ପାଇଁ ଚାଇନା ଏବେ ବଡ଼ ବିପଦ ଭାବେ ଉଭା ହୋଇଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ବେଟିଂ, ଗ୍ୟାମ୍ବଲିଂ ଓ ମନି ଲଣ୍ଡରିଂ ଭଳି ବେଆଇନ କାର୍ଯ୍ୟକଳାପ ସହ ଜଡ଼ିତ ୨୩୨ଟି ଆପ୍ଲିକେଶନକୁ ବ୍ୟାନ୍ କରିଦେଇଛନ୍ତି, ଯହିଁରୁ ୧୩୮ଟି ଆପ୍ କେବଳ ଚାଇନାର। ଏଥିସହ ୯୪ଟି ଲୋନ୍ ଆପ୍ ଉପରେ ମଧ୍ୟ ନିଷେଧାଦେଶ ଜାରି କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସଟ୍ଟାବାଜି, ଜୁଆଖେଳ ଓ ମନି ଲଣ୍ଡରିଂର ମାଧ୍ୟମ ପାଲଟିଥିବା ୧୩୮ ଆପ୍‌କୁ ବ୍ଲକ୍ କରିବା ପାଇଁ ଶନିବାର ରାତିରେ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାବାଦ୍ ବେଆଇନ ଋଣ



ପ୍ରଦାନକାରୀ ୯୪ଟି ଆପ୍‌କୁ ମଧ୍ୟ ବ୍ୟାନ୍ କରିବା ଲାଗି ଏକ ପୃଥକ୍ ଅର୍ଡର ଜାରି ହୋଇଛି। ଏହି ସବୁ ଆପ୍ ଚାଇନା ସମେତ ବିଦେଶୀ ସଂସ୍ଥାଗୁଡ଼ିକ ଦ୍ୱାରା ପରିଚାଳିତ ହେଉଥିଲା। ☞ପୃଷ୍ଠା-୪

# ଆମେରିକା ଖସାଇଲା ଗୁପ୍ତଚର ବେଲୁନ୍

**ଚାଇନା କହିଲା ଜବାବ ଦେବୁ**

ୱାଶିଂଟନ/ବେଜିଂ,୫ା୨

କିଛିଦିନ ହେଲା ଆମେରିକା ଆକାଶରେ ଉଡୁଥିବା ଚାଇନାର ଏକ ସନ୍ଦିଗ୍ଧ ବେଲୁନ୍‌କୁ ୱାଶିଂଟନ ଖସାଇଦେଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଅପରାହ୍ଣରେ ଏହାକୁ ସାଉଥ୍ କାରୋଲିନା ଉପକୂଳ ଆକାଶରୁ ତଳକୁ ଖସାଯାଇଛି। ବେଲୁନ୍‌ଟି ମିର୍ଟଲ ବିଚ୍ ଉପରେ ଉଡୁଥିବାବେଳେ ଏକ ଏଫ୍-୨୨ ଫାଇଟରରୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଗ୍ରାଣ୍ଡ ଷ୍ଟ୍ରାଣ୍ଡରେ ଏହି ଦୃଶ୍ୟ ଦେଖିବା ପାଇଁ ଅନେକ ହଜାର ଲୋକ ରୁଣ୍ଡ ହୋଇଥିଲେ। ବେଲୁନ୍ ତଳକୁ ଖସିବା ପରେ ବିପଦ ଟଳିଗଲା ମନେକରି ଲୋକେ ଖୁସି



ମନାଇଥିଲେ। ଆମେରିକା ସେନା ଆଟଲାଣ୍ଟିକ୍‌ରେ ଏହାର ଅବଶେଷ ସଂଗ୍ରହ କରିବା ପାଇଁ ଉଦ୍ୟମ ଚଳାଇଛି। ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି, ଗୁରୁବାରଠାରୁ ଆମେରିକା ଆକାଶରେ ଚାଇନା ☞ପୃଷ୍ଠା-୪

# ଇସିଜି କହୁଛି ମୃତ, ଚର୍ଚ୍ଚାରେ ଏୟାରଲିଫ୍ଟ

*ଗତ ୮ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ବାରମ୍ବାର ଜେରା କରିବା ସତ୍ତ୍ୱେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ହତ୍ୟା ପଛର କାରଣ ସମ୍ପର୍କରେ କ୍ରାଇମବ୍ରାଞ୍ଚ ପଦୁଟିଏ କହୁନାହିଁ। ଏହା ସନ୍ଦେହ ବଢ଼ାଉଥିବାବେଳେ ଝାରସୁଗୁଡ଼ା ଜିଲା ହସ୍ପିଟାଲ (ଡିଏଚ୍‌ଏଚ୍)ରେ ହୋଇଥିବା ନବଙ୍କର ଇସିଜି ରିପୋର୍ଟ ଏବେ ଚର୍ଚ୍ଚାର ବିଷୟ। କାରଣ ଇସିଜି ରିପୋର୍ଟରେ ତଥ୍ୟ କହୁଛି, ତାହା ଜଣେ ମୃତ ବ୍ୟକ୍ତିଙ୍କର। ଯଦି ଏହା ସତ୍ୟ, ତେବେ କେଉଁ ଉଦ୍ଦେଶ୍ୟରେ ନବଙ୍କୁ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱରରେ ଚିକିତ୍ସା କରାଯାଇଥିଲା ବୋଲି ପ୍ରଶ୍ନ ଉଠିଛି।*

ଭୁବନେଶ୍ୱର(ବ୍ୟୁରୋ)/ ସମ୍ବଲପୁର ଅଫିସ,୫ା୨

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଗତ ୨୯ତାରିଖରେ ବ୍ରଜରାଜନଗର ଗାନ୍ଧୀଛକ ନିକଟରେ ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବାବେଳେ ତାଙ୍କ ଉପରକୁ ପୋଲିସ



ନବ ଦାସଙ୍କ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ହୋଇଥିବା ଇସିଜି ରିପୋର୍ଟର ନକଲ।

ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସ ଅତି ନିକଟରୁ ଗୁଳି କରିଥିଲେ। ଗୁଳିଟି ନବଙ୍କ ଛାତିରେ ବାଜିଥିଲା। ଘଟଣାଟି ମଧ୍ୟାହ୍ନ ପ୍ରାୟ ୧୨ଟା ୧୫ ମିନିଟରେ ଘଟିଥିଲା। ସେଠାରୁ ତୁରନ୍ତ ତାଙ୍କୁ ଝାରସୁଗୁଡ଼ା ଜିଲା ହସ୍ପିଟାଲକୁ ନିଆଯାଇଥିଲା। ପରେ ତାଙ୍କୁ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ଅଣାଯାଇଥିଲା। ଆପୋଲୋରେ ତାଙ୍କୁ ଅପରାହ୍ନ ପ୍ରାୟ ୩ଟା ୧୫ରେ ଭର୍ତ୍ତି କରାଯାଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ଅସ୍ତ୍ରୋପଚାର କରାଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ସୂଚନା ଦିଆଯାଇଥିଲା। ପରେ ରାତି ପ୍ରାୟ ୭ଟା ୪୦ମିନିଟ୍‌ରେ ନବଙ୍କ ମୃତ୍ୟୁ ଘଟିଥିବା କୁହାଯାଇଥିଲା। ହେଲେ ନବଙ୍କ ମୃତ୍ୟୁ ସମୟକୁ ନେଇ ଏବେ ବିବାଦ ଘନେଇବାରେ ଲାଗିଛି। ନବଙ୍କ ମୃତ୍ୟୁ ଭୁବନେଶ୍ୱର ନୁହେଁ, ବରଂ ଘଟଣାସ୍ଥଳରେ ହିଁ ହୋଇଛି। ତେଣୁ ଏୟାରଲିଫ୍ କରି ଭୁବନେଶ୍ୱର ନିଆଯିବା, ଅସ୍ତ୍ରୋପଚାର କରାଯିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ବୋଲି ଚର୍ଚ୍ଚା ହେଉଛି। ଏପରି କି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଏହି ସମାନ କଥାକୁ ଦୋହରାଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏଭଳି ସ୍ଥିତିରେ ଝାରସୁଗୁଡ଼ା ଜିଲା ହସ୍ପିଟାଲରେ ହୋଇଥିବା ନବ ଦାସଙ୍କ ଇସିଜି ରିପୋର୍ଟ ଏହି ଚର୍ଚ୍ଚାକୁ ଅଧିକ ଦୃଢ଼ କରିଛି। ଗୁଳିମାଡ଼ ପରେ ନବଙ୍କୁ ପ୍ରଥମେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ଅପରାହ୍ନ ୧ଟା ୨୯ମିନିଟ୍‌ରେ ନବଙ୍କର ଇସିଜି କରିଥିଲେ। ତାହାର ରିପୋର୍ଟ ଏବେ ହସ୍ତଗତ ହୋଇଛି। ସେଥିରେ ନବ ଦାସଙ୍କ ନାମ ସହ ବୟସ ୬୧ବର୍ଷ ବୋଲି ଉଲ୍ଲେଖ ରହିଛି। ଇସିଜି କରାଯିବାର ସମୟ ଏବଂ ତାରିଖ ମଧ୍ୟ ଦର୍ଶାଯାଇଛି। ଜଣେ ଡାକ୍ତରଙ୍କ କହିବା ଅନୁସାରେ ଇସିଜି ରିପୋର୍ଟରେ ଯେଉଁ ତଥ୍ୟଗୁଡ଼ିକ ଉଲ୍ଲେଖ ରହିଛି, ତାହା ଜଣେ ବ୍ୟକ୍ତିଙ୍କ ମୃତ ପରେ ବାହାରିଥାଏ। ହାର୍ଟବିଟ୍ ବନ୍ଦ ହୋଇଯାଇଥିବା ☞ପୃଷ୍ଠା-୪

# ପରଭେଜ୍ ମୁଶରଫ୍‌ଙ୍କ ପରଲୋକ

ଇସ୍‌ଲାମାବାଦ/ଦୁବାଇ,୫ା୨(ପି.ଟି.)

୧୯୯୯ କାର୍ଗିଲ ଯୁଦ୍ଧର ସୂତ୍ରଧର ପାକିସ୍ତାନର ପୂର୍ବତନ ସାମରିକ ଶାସକ ଜେନେରାଲ ପର୍ଭେଜ ମୁଶରଫଙ୍କର ରବିବାର ଦୁବାଇରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଥିଲେ। ପାକିସ୍ତାନରେ ତାଙ୍କ ବିରୋଧରେ ଥିବା ଆପରାଧିକ ଅଭିଯୋଗରୁ ବର୍ତ୍ତିବା ପାଇଁ ମୁଶରଫ ୟୁଏଇରେ ରହୁଥିଲେ। ସେ ଆମିଲୋଇଡୋସିସ୍ ନାମକ ବିରଳ ରୋଗରେ ପୀଡ଼ିତ ଥିଲେ, ଯେଉଁଥିରେ ଶରୀରର ସବୁ ଅଙ୍ଗରେ ଅସ୍ୱାଭାବିକ ଭାବେ ପ୍ରୋଟିନ ବୃଦ୍ଧି ପାଇଥାଏ। ଦୀର୍ଘଦିନର ଅସୁସ୍ଥତା ପରେ ଦୁବାଇର ଆମେରିକାନ୍ ହସ୍ପିଟାଲରେ ସେ ରବିବାର ପୂର୍ବାହ୍ନରେ ଆଖି ବୁଜିଛନ୍ତି। ତାଙ୍କ ପରଲୋକରେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ପାକିସ୍ତାନ ଜେନେରାଲ ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟି ଅଧ୍ୟକ୍ଷ ଜେନେରାଲ ସାହିର ଶାମଶାଦ ଏବଂ ସବୁ ବାହିନୀର ମୁଖ୍ୟ ☞ପୃଷ୍ଠା-୪



**କାମ୍ବଲିଙ୍କ ବିରୋଧରେ ଅଭିଯୋଗ ଆଣିଲେ ସ୍ତ୍ରୀ ଆଣ୍ଡ୍ରିଆ**

........୧୬........

**ଆଜିର ସମ୍ପାଦକୀୟ**

**ଯୋଗାଡ଼ିଆ**

**ଆଜିର ମନ୍ତବ୍ୟ**

“କଂଗ୍ରେସର ୫୪ ବର୍ଷ ପରେ ଭାଜପା ୧୬ ବର୍ଷ ଦେଶକୁ ଶାସନ କରିଛି। ପ୍ରତିଟି ସମସ୍ୟା ପାଇଁ ଏହି ଦୁଇ ଦଳ ଦାୟୀ। କେନ୍ଦ୍ର ପ୍ରଚଳିତ ‘ମେକ୍ ଇନ୍ ଇଣ୍ଡିଆ’ କୌତୁହଳର ବିଷୟ ପାଲଟିଛି।

-କେ. ଚନ୍ଦ୍ରଶେଖର ରାଓ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

# ଥମୁନି ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ

**ନିଷିଦ୍ଧାଞ୍ଚଳରେ ଚାଲିଛି ବେଆଇନ ଟ୍ରଲର**

ପୁରୀ ଅଫିସ, ୫ା୨

ବିରଳ ଅଲିଭ୍ ରିଡ୍‌ଲେଙ୍କ ଭୂସ୍ୱର୍ଗ କୁହାଯାଉଥିବା ପୁରୀ ବେଳାଭୂମି ଏବେ ସେମାନଙ୍କ ପାଇଁ ଏକପ୍ରକାର ମୃତ୍ୟୁସ୍ଥଳ ପାଲଟିଛି। କାରଣ ପ୍ରାୟ ପ୍ରତିଦିନ ପୁରୀ ବେଳାଭୂମିରେ ଅଲିଭ ରିଡ୍‌ଲେଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ସମୟରେ ଗଭୀର ସମୁଦ୍ରରୁ ଅଲିଭ ରିଡ୍‌ଲେଗୁଡ଼ିକ ବେଳାଭୂମିକୁ ଆସି ଅଣ୍ଡାଦାନ କରିଥାନ୍ତି। ତେବେ ଅଣ୍ଡାଦାନ ପାଇଁ ଆସୁଥିବାବେଳେ ସମୁଦ୍ର ମଧ୍ୟରେ ବେଆଇନ ଭାବେ ଚଳାଚଳ କରୁଥିବା ଟ୍ରଲରଗୁଡ଼ିକର ମାଡ଼ରେ ଶହ ଶହ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ଘଟୁଛି। ପ୍ରଶାସନର ନିୟମକୁ ଅନେକ ମତ୍ସ୍ୟଜୀବୀ ଅଣଦେଖା କରି ନିଷିଦ୍ଧାଞ୍ଚଳରେ ଟ୍ରଲର ସାହାଯ୍ୟରେ ମାଛ ମାରୁଛନ୍ତି। ଏହା ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ଓ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୁରୀ ସମେତ ଅସ୍ତରଙ୍ଗ ଓ ଚନ୍ଦ୍ରଭାଗା ବେଳାଭୂମି ସବୁଠି ପ୍ରତିଦିନ ଶହ ଶହ ମୃତ କଇଁଛ ମରି ପଡୁଛନ୍ତି। ଏ ନେଇ ଅନେକ ସମୟରେ ବନ ବିଭାଗ ନିକଟରେ ଖବର ରହୁନାହିଁ। ମୃତ କଇଁଛଙ୍କ ଚାରିପାଖରେ କାଉମାନେ ବସି ସେଗୁଡ଼ିକର ମାଂସ ଖାଉଥିବା ଦେଖିବାକୁ ମିଳୁଛି। ଏପରିକି ବୁଲା କୁକୁର ମଧ୍ୟ ମୃତ କଇଁଛର ମାଂସ ଖାଇବାକୁ ନିକଟରେ ଘୂରି ବୁଲୁଛନ୍ତି। ପୁରୀ ଏକ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ଶ୍ରୀମନ୍ଦିର ଓ ବେଳାଭୂମି ☞ପୃଷ୍ଠା-୪

# ୬ ଗୁଣ ବଢ଼ିଛନ୍ତି ଭୋଟର

## ଜାନୁୟାରୀ ୧ରେ ଭାରତର ମତଦାତାଙ୍କ ସଂଖ୍ୟା ୯୪.୫ କୋଟି

ନୂଆଦିଲ୍ଲୀ,୫ା୨

ଦେଶରେ ଭୋଟରଙ୍କ ସଂଖ୍ୟା ବଢ଼ିଛି। ୧୯୫୧ ପରଠାରୁ ମତଦାତାଙ୍କ ସଂଖ୍ୟା ଜାନୁୟାରୀ ୧ ସୁଦ୍ଧା ୯୪.୫୦ କୋଟିରେ ପହଞ୍ଚିଛି। ତେବେ ଦେଶରେ ମତଦାତାଙ୍କ ସଂଖ୍ୟା ୬ ଗୁଣ ବୃଦ୍ଧି ପାଇଥିବା ନିର୍ବାଚନ ଆୟୋଗ (ଇସି) ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଦେଶରେ ଭୋଟରଙ୍କ ସଂଖ୍ୟା ବଢ଼ିବା ସତ୍ତ୍ୱେ ଗତ ଲୋକ ସଭା ନିର୍ବାଚନରେ ଏହାର ଏକତୃତୀୟାଂଶ ମତଦାତା ନିଜ ନିର୍ବାଚନ ମଣ୍ଡଳୀରୁ ଦୂରରେ ଥିବା କାରଣରୁ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି। ୧୯୫୧ରେ ଦେଶରେ ପ୍ରଥମ ଭୋଟର ତାଲିକା ପ୍ରକାଶ ପାଇଥିଲା। ୧୭.୩୨ କୋଟି ଲୋକଙ୍କ ନାମକୁ ଏହି ସୂଚୀରେ ଅନ୍ତର୍ଭୁକ୍ତ



କରାଯାଇଥିବାବେଳେ ୪୫.୬୭% ଲୋକ ମତଦାନ କରିଥିଲେ। ତା' ପରଠାରୁ ନିୟମିତ ଭାବେ ଏହି ସଂଖ୍ୟାରେ ବୃଦ୍ଧି ପରିଲକ୍ଷିତ ହେବାରେ ଲାଗିଛି। ୧୯୫୭ ମସିହା ସାଧାରଣ ନିର୍ବାଚନରେ ଦେଶରେ ୧୯.୫୭ କୋଟି ପଞ୍ଜୀକୃତ ଭୋଟର ରହିଥିଲେ। ଏଥିରୁ ୪୭.୭୪% ମତଦାନ କରି ସେମାନେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଲୋକ ସଭାକୁ ଯିବାର ସୁଯୋଗ ଦେଇଥିଲେ। ଅନ୍ୟପକ୍ଷେ ୨୦୧୯ ଲୋକ ସଭା ନିର୍ବାଚନରେ ୩୦ କୋଟି ଭୋଟର ମତଦାନ କରି ନାହାନ୍ତି। ସହରାଞ୍ଚଳରେ ରହୁଥିବା ଲୋକେ, ଯୁବପିଢ଼ି ଓ ପ୍ରବାସୀ ମତଦାନ ପାଇଁ ଅନିଚ୍ଛା ପ୍ରକାଶ କରୁଥିବାବେଳେ ନିକଟରେ ଶେଷ ହୋଇଥିବା ହିମାଞ୍ଚଳ ପ୍ରଦେଶ ଓ ଗୁଜରାଟ ବିଧାନସଭା ନିର୍ବାଚନରେ ଭୋଟରଙ୍କ ମଧ୍ୟରେ ଏ ପ୍ରକାର ମନୋଭାବ ଦେଖିବାକୁ ମିଳିଛି। ଯେଉଁ ପ୍ରବାସୀମାନେ ନିଜ ☞ପୃଷ୍ଠା-୪



ଆଗାମୀ ତ୍ରିପୁରା ବିଧାନସଭା ନିର୍ବାଚନ ପାଇଁ ଟିପ୍ରହା ଇଣ୍ଡିଜେନିଅସ୍ ପ୍ରୋଗ୍ରେସିଭ୍ ରିଜିଓନାଲ ଆଲିଆନ୍ସ (ଟିଆଇପିଆର୍‌ଏ) ମୁଖ୍ୟ ପ୍ରଦ୍ୟୋତ ବିକ୍ରମ ମାଣିକ୍ୟ ଦେବବର୍ମା ଓ ଅନ୍ୟ ନେତାମାନେ ଅଗରତାଲାରେ ଦଳର ଇସ୍ତାହାର ଉନ୍ମୋଚନ କରୁଛନ୍ତି।

# ରାଜ୍ୟରେ ଗୃହ ବିଭାଗ ଠିକ୍‌ଭାବେ କାମ କରୁନାହିଁ : ଧର୍ମେନ୍ଦ୍ର

## ନବ ଦାସ ହତ୍ୟା ପ୍ରସଙ୍ଗ



**ଭୁବନେଶ୍ୱର,୫।୨(ବ୍ୟୁରୋ):** ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନିଜ ଦାୟିତ୍ୱ ସୁଚାରୁରୂପେ ପାଳନ କରନ୍ତୁ। ଲୋକତନ୍ତ୍ରରେ ଜନମତକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି। ଦାୟିତ୍ୱ ମିଳିଛି, ଜାଗିର ନୁହେଁ। ଆମେ ଯାହା ଚାହିଁବୁ, ତାହା କରିବୁ। ଯାହାକୁ ଚାହିଁବୁ ସେମିତି ବ୍ୟବହାର କରିବୁ, ଏପରି ହେବା ଅନୁଚିତ ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟରେ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ହତ୍ୟା ହୋଇଛି। ରାଜନୀତିରେ ହିଂସାର ସ୍ଥାନ ନାହିଁ। ମାତ୍ର ଜଣେ କର୍ତ୍ତବ୍ୟରତ ପୋଲିସ ଅଧିକାରୀ ସରକାରୀ ବନ୍ଧୁକରେ ମନ୍ତ୍ରୀଙ୍କୁ ଅତି ନିକଟରୁ ହତ୍ୟା କରିବା ଏବଂ ଘଟଣାର ସପ୍ତାହେ ପରେ ବି ପୋଲିସ ଡିଜି ତଦନ୍ତ ପ୍ରକ୍ରିୟାର ପ୍ରଶ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଭରସା ବୋଲି କହିବା ରାଜ୍ୟବାସୀଙ୍କୁ ଚକିତ କରିଛି। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୀରବତା ଅବଲମ୍ବନ କରିବା ଏବଂ ପୋଲିସ ଡିଜି ମହାପ୍ରଭୁଙ୍କ ନାଁ ନେଇ ହତ୍ୟା ଘଟଣାରୁ ଖସିଯିବା ଭଳି ଉଦ୍ୟମ କରିବା ଦୁର୍ଭାଗ୍ୟଜନକ। ତଦନ୍ତରେ କମିଶନ ଆକ୍ଟରେ ସମ୍ମାନନୀୟ ନ୍ୟାୟାଧୀଶଙ୍କୁ ନିଯୁକ୍ତ କରାଯାଇନାହିଁ। ତେବେ ଘଟଣାର ତଦନ୍ତ ପାଇଁ ଦାୟିତ୍ୱ ନେଇଥିବା ଅବସରପ୍ରାପ୍ତ ନ୍ୟାୟାଧୀଶଙ୍କ ଅଧିକାର ନେଇ କୌଣସି ସ୍ୱଷ୍ଟତା ନାହିଁ। କ୍ରାଇମବ୍ରାଞ୍ଚର ତଦନ୍ତ ବିଶ୍ୱସନୀୟ ନ ଥିବା ଭଳି ରାଜ୍ୟବାସୀ ଅନୁଭବ କରୁଛନ୍ତି। ପ୍ରତିଦିନ ରାଜ୍ୟରେ ଜାରି ହେଉଥିବା ନୂଆ ନୂଆ ଭିଡିଓ ରାଜ୍ୟର ଶାସନକର୍ତ୍ତା କିଏ ତାହାର ପ୍ରମାଣ ଦେଉଛି।

ମନ୍ତ୍ରୀଙ୍କ ହତ୍ୟାର ତଦନ୍ତ ନେଇ ସରକାର ଗମ୍ଭୀର ନୁହନ୍ତି। ତଦନ୍ତର ପ୍ରାଥମିକ ପ୍ରକ୍ରିୟା ଅସାମଞ୍ଜସ୍ୟ ଭଳି ମନେହେଉଛି। ନୈତିକତା ଦୃଷ୍ଟିରୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ୩ୟ ପକ୍ଷକୁ ଦିଆଯାଉ। ଲୋକକଥାରେ ଅଛି 'ତୁ ଗୁହାରି କରିବୁ ଯାହାକୁ, ମୁଁ ଗେରସ୍ତ କରିଛି ତାହାକୁ'। ପୋଲିସ ପ୍ରତି ମାଫିଆଙ୍କ ଡ଼ର ଛାଡ଼ିଗଲାଣି। ପୋଲିସକୁ ରାଜନୈତିକ ହାତ ବାରିସି କରିବାକୁ ଚେଷ୍ଟା ହେଉଛି। ଓଡ଼ିଶା ବଡ଼ ଗମ୍ଭୀର ସ୍ଥିତିରେ ଅଛି। ଓଡ଼ିଶାର ଶାସନ ବ୍ୟବସ୍ଥା କାହା ହାତରେ ଅଛି ଏବଂ ଓଡ଼ିଶାକୁ କିଏ ଚଳାଉଛି, ତାହା ରାଜ୍ୟବାସୀଙ୍କ ମଧ୍ୟରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଗୃହ ବିଭାଗର ମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ନୀରବତା, ଅପରାଧିକ ମାମଲାରେ ରାଜ୍ୟ ପୋଲିସର ନିଷ୍କ୍ରିୟତା ବିରୋଧରେ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ ଆମ ଦଳ ରାଜ୍ୟରେ ଜନ ଜାଗରଣ ସୃଷ୍ଟି କରିବ ବୋଲି ଧର୍ମେନ୍ଦ୍ର ମତବ୍ୟକ୍ତ କରିଛନ୍ତି।

# ଏସ୍‌ଆଇଟି ତଦନ୍ତ କରାଯାଉ: ନରସିଂହ

## ମନ୍ତ୍ରୀ ନବ ଦାସ ହତ୍ୟା ଘଟଣା



ବିଧାୟକ ନରସିଂହ ମିଶ୍ର ।

**ବଲାଙ୍ଗୀର ଅଫିସ, ୫।୨** ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାକୁ ନେଇ ବରିଷ୍ଠ କଂଗ୍ରେସ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ପୋଲିସ ଏବଂ ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଏହା ଏକ ସଙ୍ଗିନ ମାମଲା ହୋଇଥିବାବେଳେ ରାଜ୍ୟ ସରକାର ଏବଂ ପୋଲିସ ବିଭାଗ ଏହି ଘଟଣାକୁ ନେଇ ଯେତିକି ତତ୍ପରତା ଦେଖାଇବା କଥା ତାହା ଦେଖାଉନାହିଁ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ମନ୍ତ୍ରୀ ଦାସ ହତ୍ୟା ମାମଲା ହାଇକୋର୍ଟ ଅବସରପ୍ରାପ୍ତ ଜଣେ ଜଜ୍‌ଙ୍କ ନିରୀକ୍ଷଣରେ ସ୍ୱତନ୍ତ୍ର ଅନୁସନ୍ଧାନ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇ ଏହାର ତଦନ୍ତ କରାଯାଉ। ତଦନ୍ତକାରୀ ପୋଲିସ ଟିମ୍ ସମ୍ମୁଖରେ ଅଭିଯୁକ୍ତ ମନ୍ତ୍ରୀ ଦାସଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଯଦି ଅଭିଯୁକ୍ତ ପୋଲିସ ସମ୍ମୁଖରେ ସ୍ୱୀକାର କଲେ, ତେବେ କୋର୍ଟଚାଲାଣ ବେଳେ ଜଜ୍‌ଙ୍କ ସମ୍ମୁଖରେ ଅଭିଯୁକ୍ତଙ୍କ ବୟାନ ରେକର୍ଡ କରିବାକୁ ପୋଲିସ କାହିଁକି କୋର୍ଟକୁ ଅନୁରୋଧ କଲେନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ, ମନ୍ତ୍ରୀ ଦାସ ତାଙ୍କ ଗାଡ଼ିରୁ ଓହ୍ଲାଉଥିବାବେଳେ ତାଙ୍କ ଛାତିକୁ ଗୁଳି କରାଯାଇଥିଲା। ଗୁଳିଟି ଛାତିରେ ବାଜି ପିଠି କଣା କରି ବାହାରି ଯାଇଥିଲା। କାର୍ ଭିତରେ ଗୁଳି ନ ଖୋଜି ତଦନ୍ତକାରୀ ଅଧିକାରୀ ରାସ୍ତାରେ ଖୋଜୁଛନ୍ତି। ପୋଲିସ ଉକ୍ତ ଗାଡ଼ିକୁ କାହିଁକି ଜବତ କଲାନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ଗୁଳି ମିଳିନାହିଁ। ବ୍ୟବଚ୍ଛେଦ ରିପୋର୍ଟରେ କୁହାଯାଇଛି ଯେ, ମନ୍ତ୍ରୀ ଦାସଙ୍କ ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍‌ରେ ଗୁଳି ବାଜିଛି। ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌ରେ ଯଦି ଗୁଳି ବାଜିଲା ତେବେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିବ। ତେବେ ତାଙ୍କୁ ଭୁବନେଶ୍ୱର ହସ୍ପିଟାଲକୁ ନିଆଗଲା କାହିଁକି। କାରଣ ମୃତବ୍ୟକ୍ତିଙ୍କ ଶରୀରରେ ତ ଅସ୍ତ୍ରୋପଚାର କରାଯାଏ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅତି ଅସ୍ୱାଭାବିକ ଭାବେ ମନ୍ତ୍ରୀ ଦାସଙ୍କୁ ଭୁବନେଶ୍ୱର ଅଣାଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆପୋଲୋ ହସ୍ପିଟାଲରେ ପହଞ୍ଚିଥିଲେ। ଏଥିରୁ ପ୍ରମାଣିତ ହେଉଛି ଯେ, ଝାରସୁଗୁଡାରେ ମନ୍ତ୍ରୀ ଦାସଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ମୃତ୍ୟୁକୁ ନେଇ ସନ୍ଦେହ ଘନୀଭୂତ ହେଉଥିବାରୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଉତ୍ତରଦାୟୀ। ଜଣେ ମନ୍ତ୍ରୀଙ୍କୁ ହତ୍ୟା ଘଟଣାରେ ବି କିଛି ଅଫିସରଙ୍କୁ ବଦଳି କରାଯାଇଛି। ବଦଳିଟା ଗୋଟିଏ ଶାସ୍ତି ନୁହେଁ। ଏହି ଘଟଣାରେ ଏସ୍‌ପି, ଡିଜି, ଏଭଳି କି ଥାନା ଆଇଆଇସି ନିଲମ୍ବିତ ହୋଇନାହାନ୍ତି। କାହାରି ଉପରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହା ଏକ ଷଡ଼ଯନ୍ତ୍ର ବୋଲି ମୁଁ ପୂର୍ବରୁ କହିସାରିଛି। ଏ ଦିଗରେ ମୁଖ୍ୟମନ୍ତ୍ରୀ ପାଟି ଖୋଲିବା କଥା, ସେ ଚୁପ୍ ପଡିଛନ୍ତି। ଓଡ଼ିଶାରେ ଜଣେ ଡିଜି ଅଛନ୍ତି ତାହା କେହି ଅନୁଭବ କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ଏହି ଘଟଣାର ଉତ୍ତରଦାୟୀ। ସେ ଯଦି କାହାରି ବିରୋଧରେ କିଛି କରିପାରୁନାହାନ୍ତି ତେବେ ସେ ନିଜେ ଇସ୍ତଫା ଦିଅନ୍ତୁ, କିମ୍ବା ଜଣେ ଦକ୍ଷ ବ୍ୟକ୍ତିଙ୍କୁ ଗୃହମନ୍ତ୍ରୀ କରନ୍ତୁ ବୋଲି ବିଧାୟକ ମିଶ୍ର କହିଛନ୍ତି। ଏହି ଅବସରରେ ସେ ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ଉପରେ ଟିପ୍ପଣୀ ଦେଇ ବିରୋଧୀଦଳ ନେତା ପଦବୀ ଏକ ସାମ୍ବିଧାନିକ ପଦ। ତାଙ୍କ ସୁରକ୍ଷା ରାଜ୍ୟ ସରକାରଙ୍କ ଦାୟିତ୍ୱ। ଗୋଟିଏ ପୋଲିସ ଯଦି ହତ୍ୟା କରନ୍ତି ତେବେ କ'ଣ ସବୁ ପୋଲିସ ଦୋଷୀ ହୋଇଯିବେ ବୋଲି ପ୍ରଶ୍ନ କରିବା ସହ ଏହି ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ବିଧାୟକ ମିଶ୍ର କହିଛନ୍ତି।

# ଧର୍ମେନ୍ଦ୍ରଙ୍କ ଉଦ୍ଦେଶ୍ୟ ଆପରାଧିକ ମାମଲାର ରାଜନୀତୀକରଣ : ସସ୍ମିତ

## ନିର୍ଦ୍ଦିଷ୍ଟ ପ୍ରଶାସକଙ୍କୁ ଖୁସି କରିବାକୁ କହୁଛନ୍ତି ସସ୍ମିତ: ଲଳିତେନ୍ଦୁ

**ଭୁବନେଶ୍ୱର, ୫।୨(ବ୍ୟୁରୋ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖବରଦାତାଙ୍କ ସହ ଆଲୋଚନା ସମୟରେ ଆଇନ ଶୃଙ୍ଖଳା ବିଷୟରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ହାସ୍ୟାସ୍ପଦ। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ମଦଜନିତ ଦୁର୍ଘଟଣା କିମ୍ବା ପୋଲ ଭୁଶୁଡ଼ିବା ହେଉ ବା ଅନେକ ଲୋକଙ୍କ ମୃତ୍ୟୁ ତଥା ମହିଳାଙ୍କ ପ୍ରତି ହେଉଥିବା ଅପରାଧ ରହିଛି। ଅଧିକାଂଶ କ୍ଷେତ୍ରରେ ଲୋକମାନେ ନ୍ୟାୟିକ ତଦନ୍ତ ଦାବି କରିଥିଲେ ମଧ ତାହା କେବେ ହୋଇନାହିଁ ବୋଲି ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି।

ରବିବାର ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ରଙ୍କ ମନ୍ତବ୍ୟର ଜବାବ ଦେବାକୁ ଯାଇ ସସ୍ମିତ କହିଛନ୍ତି, ଧର୍ମେନ୍ଦ୍ରଙ୍କ ଏକମାତ୍ର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଆପରାଧିକ ମାମଲାର ରାଜନୀତୀକରଣ କରିବା ଏବଂ ରାଜନୈତିକ କାହାଣୀ ସୃଷ୍ଟି କରିବା। ନବ ଦାସ ହତ୍ୟା ଘଟଣାରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଅତ୍ୟନ୍ତ ସ୍ୱଚ୍ଛ ଏବଂ ଏହି ମାମଲାର ତଦାରଖ ପାଇଁ ଜଣେ ହାଇକୋର୍ଟ ବିଚାରପତିଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିରେ ଆମ ପାଇଁ ଲୁଚାଇବାର କିଛିନାହିଁ। ହାଇକୋର୍ଟର ଜଣେ ବିଚାରପତିଙ୍କ ମନିଟରିଂ ଉପରେ ଧର୍ମେନ୍ଦ୍ର ଏବେ ସନ୍ଦେହ କରୁଛନ୍ତି। ଏହା କ'ଣ କେବଳ ରାଜନୈତିକ ଉଦ୍ଦେଶ୍ୟ ହାସଲ କରିବାକୁ କି ବୋଲି ସସ୍ମିତ ପ୍ରଶ୍ନ କରିଛନ୍ତି। ଆପଣଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ସମସ୍ତ ମାମଲା ସମ୍ପୃକ୍ତ ଅଦାଲତରେ ଅଛି। ହତ୍ୟା ସମେତ ୧୪ଟି ଆପରାଧିକ ମାମଲା ଥିବା ଜଣେ ବରିଷ୍ଠ ଭାଜପା ନେତା ଆପଣଙ୍କ ଦ୍ୱାରା ଓଡ଼ିଶା ବିଧାନସଭାରେ ବିରୋଧୀ ଦଳର ନେତା ଭାବରେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଆପଣ ଯେଉଁ ଚେଷ୍ଟା କରୁଛନ୍ତି ସେଥିରେ ସଫଳ ହେବେ ନାହିଁ ବୋଲି ସସ୍ମିତ କହିଛନ୍ତି।

ସସ୍ମିତଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଭାଜପା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି, ଶାସକ ବିଜେଡି ନେତାଙ୍କୁ ମିଛ, ଦୋଷାରୋପ, ବିଭ୍ରାନ୍ତ, ପ୍ରତାରଣା ବ୍ୟତୀତ ଆଉ କିଛି ଜାଣାନାହିଁ। ସେମାନଙ୍କୁ ପ୍ରଶ୍ନ ଗୋଟିଏ କଲେ ଉତ୍ତର ଅଲଗା ଦେବେ। ରାଜ୍ୟର ବିପର୍ଯ୍ୟସ୍ତ ଓ ଗମ୍ଭୀର ଆଇନଶୃଙ୍ଖଳା ସ୍ଥିତି ପାଇଁ ରାଜ୍ୟ ପୋଲିସ ପ୍ରଶାସନ ଏବଂ ରାଜ୍ୟ ସରକାର ଦାୟୀ। ବିଜେଡିର ରାଷ୍ଟ୍ରୀୟ ପ୍ରବକ୍ତା ସସ୍ମିତ ପାତ୍ର ବୋଧ ହୁଏ ଧର୍ମେନ୍ଦ୍ର ପ୍ରଧାନଙ୍କ ବକ୍ତବ୍ୟକୁ ଭଲ ଭାବେ ଶୁଣିନାହାନ୍ତି। ନ ହେଲେ ନିଜ ଦଳର ମୁଖିଆ ଏବଂ କିଛି ନିର୍ଦ୍ଦିଷ୍ଟ ପ୍ରଶାସକଙ୍କୁ ଖୁସି କରାଇବା ଉଦ୍ଦେଶ୍ୟରେ ଏଭଳି ନିମ୍ନ ମାନର ବକ୍ତବ୍ୟ ଦେଇ ନ ଥାନ୍ତେ ବୋଲି ଲଳିତେନ୍ଦୁ କହିଛନ୍ତି।

# ଶ୍ରୀଜଗନ୍ନାଥଙ୍କ ଉପରେ ସବୁ ଛାଡ଼ିଦେଲେ ହେବନି: ଶରତ

**ଭୁବନେଶ୍ୱର,୫।୨(ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ପୋଲିସର ଭୂମିକା, କ୍ରାଇମବ୍ରାଞ୍ଚର ତଦନ୍ତ ନିରପେକ୍ଷତା ଓ ମୁଖ୍ୟମନ୍ତ୍ରୀ ନୀରବ ରହିବା ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିବା ବେଳେ ଶାସକ ଦଳ ପକ୍ଷରୁ ସେଭଳି କିଛି ଉତ୍ତର ରଖାଯାଉ ନାହିଁ। ଏହି ମାମଲାର ତଦନ୍ତ ପ୍ରକ୍ରିୟାକୁ ନେଇ ପିସିସି ସଭାପତି ଶରତ ପଟ୍ଟନାୟକ ରବିବାର ରାଜ୍ୟସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଏହି ମାମଲାରେ ମୁଖ୍ୟମନ୍ତ୍ରୀ ନୀରବ କାହିଁକି ଜଣାପଡୁନାହିଁ। କ୍ରାଇମବ୍ରାଞ୍ଚ ଉପରେ କାହାର ଭରସା ନାହିଁ। ସିଟିଂ ଜଜ୍‌ଙ୍କ ତତ୍ତ୍ୱାବଧାନ କିମ୍ବା ସିବିଆଇ ତଦନ୍ତ ହେଲେ ଘଟଣା କ'ଣ ଜଣାପଡ଼ିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ସବୁ ଛାଡ଼ିଦେଲେ ଚଳିବନାହିଁ। ନବଙ୍କ ହତ୍ୟା ପଛରେ ବିରାଟ ଷଡ଼ଯନ୍ତ୍ର ରହିଛି। ପାଇଖାନା ଟାଙ୍କିରୁ ନଷ୍ଟହୋଇ ନ ଥିବା ଚିଠି ବାହାରିବା ଗପ ଭଳି ଲାଗୁଛି। ହତ୍ୟା ମାମଲା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପାଟି ଖୋଲନ୍ତୁ। ନଚେତ୍ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

# ଲୋକଙ୍କ ପାଖକୁ ଯାଇ ବିଆର୍‌ଏସ୍ ନୀତି ଆଦର୍ଶ ବିଷୟରେ କହିବୁ

## ବିଆର୍‌ଏସ୍ ନେତାଙ୍କ ଖବରଦାତା ସମ୍ମିଳନୀ

**ଭୁବନେଶ୍ୱର, ୫।୨(ବ୍ୟୁରୋ):** ଆମ ଚିହ୍ନ କାର୍। ଆମେ ଲୋକମାନଙ୍କ ପାଖକୁ କାର୍‌ରେ ଯିବୁ। ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନୀତି ଆଦର୍ଶ ସମ୍ପର୍କରେ କହିବୁ। ଚାଷୀ, ଦଳିତଙ୍କ ସମେତ ସମାଜର ପ୍ରତିଟି ବର୍ଗଙ୍କୁ କିପରି ସାମାଜିକ ନ୍ୟାୟ ମିଳିପାରିବ କହିବୁ। ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଯେଉଁ ତେଲଙ୍ଗାନା ମଡେଲ ହୋଇଛି ତାହାର ସୂଚନା ଦେବୁ। ଲୋକଙ୍କ ସମର୍ଥନ ହାସଲ କରି ଓଡ଼ିଶାରେ ସରକାର ଗଢ଼ିବୁ। ରବିବାର ବିଆର୍‌ଏସ୍ ନେତାମାନେ ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଜୟରାମ ପାଙ୍ଗୀ କହିଛନ୍ତି, ବିଆର୍‌ଏସ୍ ନୀତି ଆଦର୍ଶରେ ପ୍ରଭାବିତ ହୋଇ ତେଲଙ୍ଗାନା ଯାଇ ସେଥିରେ ଯୋଗଦେଇଛୁ।

# କିଷାନ ସରକାରର ଆହ୍ୱାନ ଦେଲେ କେସିଆର

## ତେଲଙ୍ଗାନା ବାହାରେ ବିଆର୍‌ଏସ୍‌ର ପ୍ରଥମ ରାଲି



ନାଣ୍ଡେଡରେ ବିଆର୍‌ଏସ୍‌ର ଏକ ରାଲିକୁ କେ. ଚନ୍ଦ୍ରଶେଖର ରାଓ ସମ୍ବୋଧିତ କରୁଛନ୍ତି ।

**ନାଣ୍ଡେଡ,୫।୨ :** ଜାତୀୟ ରାଜନୀତି ଉପରେ ଆଖି ପକାଇଥିବା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ତାଙ୍କ ଦଳର ନାଁ ବଦଳାଇ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ରଖିଥିଲେ। ଏହି ଦଳ ପ୍ରଥମ ଥର ପାଇଁ ତେଲଙ୍ଗାନା ବାହାରେ ରାଲି କରିଛି। ମହାରାଷ୍ଟ୍ରର ନାଣ୍ଡେଡ୍‌ରେ ଆୟୋଜିତ ରାଲିରେ କେସିଆର୍ ଯୋଗଦେଇ 'ଆସନ୍ତା ଥର କୃଷକ ସରକାର' ବୋଲି ସ୍ଲୋଗାନ ଦେଇଛନ୍ତି। ଏହି ସୀମାନ୍ତ ରାଜ୍ୟର କେତେକ ଗ୍ରାମ ତେଲଙ୍ଗାନାରେ ମିଶିବା ପାଇଁ ଅନୁମତି ଦେବାକୁ ପୂର୍ବରୁ ଦାବି କରିଥିଲେ। ମହାରାଷ୍ଟ୍ରର ସମସ୍ତ ଆସନରେ ବିଆର୍‌ଏସ୍ ନିର୍ବାଚନ ଲଢ଼ିବ ବୋଲି କେସିଆର୍ କହିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ଚାଷୀମାନେ ଦେଶର ଶାସନ ଡୋରି ହାତକୁ ନେବାର ସମୟ ଆସିଛି ବୋଲି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଥିଲେ, ଆମେ ଏକାଠି ହୋଇପାରିଲେ କିଛି ଅସମ୍ଭବ ନୁହେଁ। ଜନସଂଖ୍ୟାର ୪୨ ପ୍ରତିଶତରୁ ଊର୍ଦ୍ଧ୍ୱ ହେଉଛନ୍ତି କୃଷକ। ସେମାନଙ୍କ ସହ କୃଷି ଶ୍ରମିକଙ୍କୁ ମିଶାଇଲେ ଏହି ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ହେବ, ଯାହା ସରକାର ଗଢ଼ିବା ପାଇଁ ଯଥେଷ୍ଟ ବୋଲି କେସିଆର୍ କହିଥିଲେ।

# ଆଦାନୀ ପ୍ରସଙ୍ଗ ଆଜି ରାସ୍ତାକୁ ଓହ୍ଲାଇବ କଂଗ୍ରେସ

**ନୂଆଦିଲ୍ଲୀ,୫।୨** ଆଦାନୀ ପ୍ରସଙ୍ଗକୁ ନେଇ କଂଗ୍ରେସ ସୋମବାର ଦେଶବ୍ୟାପୀ ବିକ୍ଷୋଭ କରିବ। ସମସ୍ତ ଏଲ୍‌ଆଇସି କାର୍ଯ୍ୟାଳୟ ଏବଂ ଷ୍ଟେଟ୍ ବ୍ୟାଙ୍କ ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଦିଲ୍ଲୀରେ ପାର୍ଲାମେଣ୍ଟ ଥାନା ନିକଟ ବ୍ୟାଙ୍କ ବାହାରେ ଏନ୍‌ଏସ୍‌ୟୁଆଇ-ଯୁବ କଂଗ୍ରେସ କର୍ମୀମାନେ ଆନ୍ଦୋଳନ କରିବାକୁ ଥିବାବେଳେ ପାର୍ଲାମେଣ୍ଟ ପରିସର ଗାନ୍ଧୀ ମୂର୍ତ୍ତି ନିକଟରେ କଂଗ୍ରେସ ଏମ୍‌ପିମାନେ ବିକ୍ଷୋଭ କରିବେ। ଆଦାନୀ ଗ୍ରୁପ୍‌ର ଅନିୟମିତତା ସମ୍ପର୍କରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ କରିବା ପରେ ଏହାର ନିରପେକ୍ଷ ତଦନ୍ତ ସୁପ୍ରିମକୋର୍ଟ କିମ୍ବା ଯୁଗ୍ମ ସଂସଦୀୟ କମିଟି ତତ୍ତ୍ୱାବଧାନରେ କରାଯିବା ଦାବିରେ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ହଙ୍ଗାମା କରିଥିଲେ। ଆଦାନୀ ଗ୍ରୁପ୍‌ରେ ଏଲ୍‌ଆଇସି ଏବଂ ଏସ୍‌ବିଆଇ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପୁଞ୍ଜିନିବେଶ କରିଥିଲେ। ଏହାର ଶେୟାର ହ୍ରାସ ଅର୍ଥ ସାଧାରଣ ଲୋକଙ୍କ ଅର୍ଥକୁ ନେଇ ଦୁର୍ନୀତି ବୋଲି କଂଗ୍ରେସ କହିଛି।

ଆଦାନୀ ଗ୍ରୁପ୍ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ନୀରବତାରୁ ଗୋପନ ବୁଝାମଣାର ଗନ୍ଧ ଆସୁଛି ବୋଲି କଂଗ୍ରେସ କହିଛି। ଏନେଇ କଂଗ୍ରେସ ରବିବାର ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦୈନିକ ୩ଟି ପ୍ରଶ୍ନ ପଚାରିବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। କଳାଧନ ଉପରେ ନଜର ରଖିବା ଲାଗି ଏକାଧିକ ତଦନ୍ତକାରୀ ଗ୍ରୁପ୍‌କୁ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ନିର୍ଦ୍ଦେଶ ଦେଇଥିବା ୨୦୧୬ ଏପ୍ରିଲ ୪ରେ ପାନାମା ପେପର ଲିକ୍ ଘଟଣାର ଜବାବରେ ଅର୍ଥ ମନ୍ତ୍ରଣାଳୟ କହିଥିଲା। ୨୦୧୬ରେ ଚାଇନାରେ ଜି୨୦ ସମିଟ୍‌ରେ ଆର୍ଥିକ ଅପରାଧୀଙ୍କ ନିରାପଦ ଭୂସ୍ୱର୍ଗକୁ ଧ୍ୱଂସ କରାଯିବା ଆବଶ୍ୟକ ବୋଲି ମୋଦି କହିଥିଲେ। ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ସହ ଦୁର୍ନୀତିକୁ ଲୁଚାଉଥିବା ଅତ୍ୟଧିକ ବ୍ୟାଙ୍କ ଗୋପନୀୟତା ଏବଂ ଜଟିଳ ଅନ୍ତର୍ଜାତୀୟ ନିୟମାବଳୀକୁ ରଦ୍ଦ କରିବା ପାଇଁ ମୋଦି ଆହ୍ୱାନ ଦେଇଥିଲେ। ଏବେ 'ଆମେ ଆଦାନୀଙ୍କର କିଏ' କହି ମୋଦି ସରକାର ଉପରୋକ୍ତ ପ୍ରଶ୍ନକୁ ଏଡ଼ାଇଯାଇପାରିବେ ନାହିଁ ବୋଲି ଜୟରାମ କହିଛନ୍ତି।



# ଆର୍ମସ୍ ଆଣ୍ଡ୍ ଆମ୍ୟୁନିସନ ଇସ୍ୟୁ ରେଜିଷ୍ଟର ଯାଞ୍ଚ

**ନବ ଦାସ ହତ୍ୟା ମାମଲା**

- ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଗୋପାଳଙ୍କୁ ଜେରା
- ସିଏଫ୍ଏସ୍ଏଲ୍ ଟିମ୍ ଦ୍ୱାରା ପରୀକ୍ଷା ଜାରି
- ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ରିପୋର୍ଟକୁ ଅପେକ୍ଷା

କଟକ ଅଫିସ,୫।୨

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଅଭିଯୁକ୍ତ ଏଏସ୍ଆଇ ଗୋପାଳ ଦାସଙ୍କ ଦ୍ୱିତୀୟ ପର୍ଯ୍ୟାୟ ୪ ଦିନିଆ ରିମାଣ୍ଡ ରବିବାରଠାରୁ ଆରମ୍ଭ ହୋଇଛି। ପୂର୍ବଭଳି କ୍ରାଇମବ୍ରାଞ୍ଚ ପକ୍ଷରୁ ଝାରସୁଗୁଡ଼ାଠାରେ ଗୋପାଳଙ୍କୁ ମାରାଥନ ଜେରା କରାଯାଇ ମନ୍ତ୍ରୀଙ୍କ ହତ୍ୟା ରହସ୍ୟ ଉନ୍ମୋଚନ କରିବାକୁ ଉଦ୍ୟମ ଚାଲିଛି।

ଝାରସୁଗୁଡ଼ା ଏୟାରପୋର୍ଟ ଥାନା ପାଇଖାନା ସେପ୍ଟିକ ଟାଙ୍କିରୁ ଉଦ୍ଧାର କରାଯାଇଥିବା କାଗଜଖଣ୍ଡଗୁଡ଼ିକୁ ଯାଞ୍ଚ ଓ ପରୀକ୍ଷଣ ନିମନ୍ତେ ଶନିବାର ହସ୍ତଲେଖା ବ୍ୟୁରୋକୁ ପଠାଯାଇଛି। ଅପରପକ୍ଷରେ ନୂଆଦିଲ୍ଲୀରୁ ଆସିଥିବା ସେଣ୍ଟ୍ରାଲ ଫୋରେନ୍ସିକ ସାଇନ୍ସ ଲାବରେଟୋରୀ(ସିଏଫ୍ଏସ୍ଏଲ୍)ର ବିଶେଷଜ୍ଞମାନେ ଝାରସୁଗୁଡ଼ାରେ ଅଭିଯୁକ୍ତଙ୍କ ଫୋରେନ୍ସିକସାଇକୋଲୋଜିକାଲଆସେସ୍ମେଣ୍ଟ ଓ ଲେୟାର୍ଡ ଭଏସ୍ ଆନାଲିସିସ୍(ଏଲ୍ଭିଏ) ଟେଷ୍ଟ କରୁଛନ୍ତି। ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଗଠନ ହୋଇଥିବା ସ୍ୱତନ୍ତ୍ର ମେଡିକାଲ ବୋର୍ଡର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ଅଭିଯୁକ୍ତଙ୍କ ମାନସିକ ସ୍ଥିତିକୁ ଯାଞ୍ଚ କରିଛନ୍ତି। ସେମାନଙ୍କ ରିପୋର୍ଟକୁ କ୍ରାଇମବ୍ରାଞ୍ଚ ଅପେକ୍ଷା କରିଛି। ସେହିପରି ଗୋପାଳଙ୍କ ଆର୍ମସ୍ ଆଣ୍ଡ୍ ଆମ୍ୟୁନିସନ ଇସ୍ୟୁ ରେଜିଷ୍ଟର ଓ ଆନୁଆଲ ରେଞ୍ଜ କୋର୍ସ ରେକର୍ଡକୁ ମଧ୍ୟ ଯାଞ୍ଚ କରାଯାଉଛି। ମନ୍ତ୍ରୀଙ୍କୁ ହତ୍ୟା ସମ୍ପର୍କିତ କାଗଜପତ୍ର ଓ ସଂଗୃହୀତ ପ୍ରମାଣଗୁଡ଼ିକୁ ଯାଞ୍ଚ କରାଯିବା ସହ ବିଭିନ୍ନ ଦିଗକୁ ଆଧାର କରି ବିଶ୍ଳେଷଣ ମଧ୍ୟ କରାଯାଉଛି। ହତ୍ୟାର ଉଦ୍ଦେଶ୍ୟକୁ ଉନ୍ମୋଚନ କରିବା ପାଇଁ କ୍ରାଇମବ୍ରାଞ୍ଚ ସମସ୍ତ କୌଶଳ ପ୍ରୟୋଗ କରୁଛି। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଶନିବାର ଜଷ୍ଟିସ ଜେ.ପି. ଦାସଙ୍କୁ ସାକ୍ଷାତ୍ କରିବା ପରେ ପୁନର୍ବାର ଝାରସୁଗୁଡ଼ା ଫେରି ପ୍ରତ୍ୟକ୍ଷ ଭାବେ ତଦନ୍ତ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଛନ୍ତି।

## ଅସ୍ଥି ବିସର୍ଜନ ପାଇଁ ଆଲ୍ଲାହାବାଦ ଗଲେ ନବଙ୍କ ପୁଅ



ନବଙ୍କ ପୁତ୍ର ବିଶାଳ ଦାସ ଅସ୍ଥି ବିସର୍ଜନ ଲାଗି ଯାଉଛନ୍ତି।

**ବ୍ରଜରାଜନଗର, ୫।୨(ଡି.ଏନ୍.ଏ.):** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ୮ଦିନ ବିତିଯାଇଛି। ହିନ୍ଦୁ ପରମ୍ପରା ଅନୁଯାୟୀ ଅସ୍ଥି ବିସର୍ଜନ ଉଦ୍ଦେଶ୍ୟରେ ରବିବାର ନବଙ୍କ ପୁତ୍ର ବିଶାଳ ଦାସ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆଲ୍ଲାହାବାଦ ଯାଇଥିବା ଜଣାପଡିଛି।

## ନବଙ୍କ ହତ୍ୟା ପରେ ସାମାଜିକ ଗଣମାଧ୍ୟମରେ ଭିନ୍ନ ଚର୍ଚ୍ଚା

**ଭୁବନେଶ୍ୱର, ୫।୨(ବ୍ୟୁରୋ):** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ଭିନ୍ନ ଖୋରାକ୍ ଯୋଗାଇଛି। ଜିଲା ଓ ରାଜ୍ୟସ୍ତରରେ ପ୍ରଭାବ ବିସ୍ତାର କରିଥିବା ଏହି ନେତାଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ କୁହାଯାଉଥିବା ନିଲମ୍ବିତ ପୋଲିସ ଏଏସ୍ଆଇ ଗୋପାଳ ଦାସଙ୍କୁ କେତେକ ବ୍ୟକ୍ତି ବିଭିନ୍ନ ନିଉଜର କମେଣ୍ଟରେ, ଫେସ୍ବୁକ୍, ୟୁଟ୍ୟୁବର କମେଣ୍ଟରେ ପ୍ରଶଂସା କରୁଥିବା ଦେଖାଯାଉଛି। କିଏ ଗୋପାଳଙ୍କୁ ସାବାସ୍ ପୋଲିସ କହୁଥିବାବେଳେ କିଏ ନବ ମରିଗଲେ ଭଲ ହେଲା ବୋଲି କହୁଛନ୍ତି। ଏକ ନିଉଜ ଚ୍ୟାନେଲ କମେଣ୍ଟରେ ପ୍ରଦୀପ ଦାସ ନାମକ ଜଣେ ବ୍ୟକ୍ତି ମରିଗଲେ ଭଲ ହେଲା ଉଲ୍ଲେଖ କରିଛନ୍ତି। ଝାରସୁଗୁଡ଼ାର ମୀନତି ବହିଦାର ନାମକ ଜଣେ ବୃଦ୍ଧା କହିଛନ୍ତି କାମ ଯେମିତି ଫଳ ସେମିତି। ନବଙ୍କ ମୃତ୍ୟୁରେ ସେ ଖୁସି ବୋଲି ମନ୍ତବ୍ୟ ଦେଇଛନ୍ତି। ବୀରେନ୍ଦ୍ର କର୍ମୀ ନାମକ ଜଣେ ବ୍ୟକ୍ତି ଗୋପାଳଙ୍କୁ ଧନ୍ୟବାଦ ଦେଇ ସେ ସମାଜର ଟିକେ ମଇଳା ସଫା କରିଦେଲେ ବୋଲି କମେଣ୍ଟ କରିଛନ୍ତି। ଗୁନା କୁମାର ନାମକ ଜଣେ ଫେସବୁକ୍ ୟୁଜର୍ସ କହିଛନ୍ତି, ଗୋପାଳଙ୍କୁ ପଦୋନ୍ନତି ଦିଆଯାଉ। ଚୋରି, ନାରୀ ଭଳି ନିର୍ଯାତନା କମିଯିବ। ସେହିପରି ମନୋଜ କୁମାର ନାମକ ଅନ୍ୟ ଜଣେ ଫେସବୁକ୍ ୟୁଜର୍ସ କହିଛନ୍ତି, ଦୁରାଚାରୀ ନେତାଙ୍କୁ ଗୋପାଳଙ୍କ ଗୁଳିମାଡ ଚେତାବନୀ ସଦୃଶ। ଅନ୍ୟ ଜଣେ ବ୍ୟକ୍ତି ଜୟରାମ ବକ୍ସି ନିଜ ସୋସିଆଲ ମିଡିଆ କମେଣ୍ଟରେ ଲେଖିଛନ୍ତି ଗୋପାଳ ଓଡ଼ିଶା ପୋଲିସର ହିରୋ ଅଫିସର। ପ୍ରଭାବଶାଳୀ ମନ୍ତ୍ରୀ ନବ ଦାସଙ୍କୁ ସର୍ବ ସମ୍ମୁଖରେ ଗୁଳିମାଡ କରି ହତ୍ୟା କରିବା ଭାରତୀୟ ରାଜନେତାଙ୍କ ପାଇଁ ଏକ ଶିକ୍ଷା। ଭାଗବତ ବେହେରା ନାମକ ଜଣେ ବ୍ୟକ୍ତି କମେଣ୍ଟରେ ଲେଖିଛନ୍ତି ସାଲ୍ୟୁଟ ଏଏସ୍ଆଇ ସାର୍। ଏହିପରି ଶହଶହ କମେଣ୍ଟ ଦେଖିବାକୁ ମିଳୁଛି।

## ପୋଲିସ ବାରାକ୍ ଭିତରେ କ୍ରାଇମବ୍ରାଞ୍ଚ ଜେରା

**ବ୍ରଜରାଜନଗର, ୫।୨(ଡି.ଏନ୍.ଏ.):** ରବିବାର ଦ୍ୱିତୀୟ ରିମାଣ୍ଡର ପ୍ରଥମ ଦିନ ଗୋପାଳଙ୍କୁ ପୋଲିସ ବାରକ୍ ଭିତରେ କ୍ରାଇମବ୍ରାଞ୍ଚ ଜେରା କରିଛି। କଟକ ଏସ୍ସିବିରୁ ଏକ ୪ଜଣିଆ ଡାକ୍ତର ଦଳ ଆସି ଗୋପାଳଙ୍କ ଲେବରାଲ ଭଏସ ଆନାଲିସିସ କରିଛନ୍ତି। ତାଙ୍କ ସହିତ ମନସ୍ତତ୍ତ୍ୱବିତ ଡାକ୍ତରମାନେ ମଧ୍ୟ ଅଛନ୍ତି। ଦିନ ତମାମ କ୍ରାଇମବ୍ରାଞ୍ଚ ପଚରାଉଚରା ଜାରିରଖିଛି। ତା'ସହିତ ସେଣ୍ଟ୍ରାଲ ଫୋରେନସିକ ଟିମ୍ ମଧ୍ୟ ଆସି ପହଞ୍ଚି ସାରିଛନ୍ତି। ଏହି ପରୀକ୍ଷା ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ କରାଯାଉଛି। ଏହି ପରୀକ୍ଷା ଦ୍ୱାରା ଅଭିଯୁକ୍ତଙ୍କୁ ସାଦାସିଧା ପ୍ରଶ୍ନ ପଚରାଯାଇଥାଏ। ପରେ ଘଟଣା ସମ୍ପର୍କରେ ପଚରା ଯାଏ। ତାରି ଭିତରୁ ପ୍ରଥମେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଓ ପରେ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ କେତେ ତାଳମେଳ ରହୁଛି, ଅଭିଯୁକ୍ତ କେତେ ସତ କହୁଛନ୍ତି କହିବାର ଶୈଳୀରୁ ଜଣାପଡିଯାଇଥାଏ। ଏହି ପରୀକ୍ଷା ପରେ କ୍ରାଇମବ୍ରାଞ୍ଚକୁ ସଫଳତା ମିଳିବ ବୋଲି ଆଶା କରାଯାଉଛି। କାରଣ ପ୍ରଥମେ ପାଟଣାଗଡ଼ ବୋମା ବିସ୍ଫୋରଣ ଘଟଣାରେ ପୁଞ୍ଜିଲାଲ ମେହେରକୁ ଏହି ପରୀକ୍ଷା କରାଯାଇଥିଲା ଯେଉଁଥିରେ କ୍ରାଇମବ୍ରାଞ୍ଚକୁ ସଫଳତା ମିଳିଥିଲା।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନ୍ୟ ସଉତୁଣୀ ପାଳି ନାଳି ନିଏ,**
**ଭଉଣୀ ସଉତୁଣୀ ବିଷ ଦେଇ ମାରେ ।**

ସାଧାରଣତଃ ଦୁଇ ସଉତୁଣୀଙ୍କ ମଧ୍ୟରେ ଅହି ନକୁଳ ସମ୍ପର୍କ ରହିଥାଏ । କେହି କାହାର ସୁଖଶିରୀ ଦେଖିପାରି ନ ଥାନ୍ତି । କିନ୍ତୁ ନିଜ ଭଉଣୀ ଯଦି ସଉତୁଣୀ ସାଜେ ତା'ହେଲେ ପରିସ୍ଥିତି ଆହୁରି ଅଧିକ ସଙ୍କଟାପନ୍ନ ହୋଇଯିବାର ସମ୍ଭାବନା ଥାଏ । ପରୋକ୍ଷରେ ଶତ୍ରୁ ଅପେକ୍ଷା ନିଜ ଲୋକର ଶତ୍ରୁତା ଅଧିକ ବେଶି ପ୍ରାଣଘାତୀ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅଳପ ଆୟୀ ବହୁତ ବ୍ୟୟୀ,**
**ଛୋଟ ପଣତ ପରାଏ ସେହି ।**

ସ୍ୱଳ୍ପ ଆୟ ମଣିଷର ସବୁ ଆବଶ୍ୟକତାକୁ ପୂରଣ କରିପାରି ନ ଥାଏ । ଏଭଳି ସ୍ଥିତିରେ ମଣିଷ ନିଜ ଆୟ ଦେଖି ବ୍ୟୟ କରିବା ଉଚିତ ହୋଇଥାଏ । ସ୍ୱଳ୍ପ ଆୟ ଛୋଟ ପଣତ ପରି ନିଅଣ୍ଟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ତୀର୍ଥଯାତ୍ରୀ ବସ୍‌କୁ ପିଟିଲା ଟ୍ୟାଙ୍କର, ଜଣେ ମୃତ

ସୋହେଲା, ୫।୨(ଡି.ଏନ୍.ଏ.)

ବରଗଡ଼ ଜିଲା ସୋହେଲା କଲେଜ ସମ୍ମୁଖରେ ଶନିବାର ବିଳମ୍ବିତ ରାତିରେ ଏକ ତୀର୍ଥଯାତ୍ରୀ ବସ୍ (ଜିଜେ ୦୫ ବିଏକ୍ସ ୩୪୨) ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଜଣେ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତକ ମଧ୍ୟପ୍ରଦେଶ ରାଜ୍ୟ ବୁରହନପୁର ଜିଲା ନେପାନଗର ନିବାସୀ ଅଶୋକ ଚିନ୍ଧୁ ଅତାର୍ଡ଼େ(୬୫) ବୋଲି ଚିହ୍ନଟ କରାଯାଇଛି । ଅନ୍ୟ ୬ ତୀର୍ଥଯାତ୍ରୀ ଗୁରୁତର ଆହତ ହୋଇଛନ୍ତି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଉପରୋକ୍ତ ତୀର୍ଥଯାତ୍ରୀ ବସ୍‌ରେ ୪୫ଜଣ ଯାତ୍ରୀ ଶ୍ରୀକ୍ଷେତ୍ର ଦର୍ଶନ ପାଇଁ ପୁରୀ ଯାଇଥିଲେ ।


ଦୁର୍ଘଟଣାଗ୍ରସ୍ତ ତୀର୍ଥଯାତ୍ରୀ ବସ୍

ଶ୍ରୀକ୍ଷେତ୍ର ଦର୍ଶନ ସାରି ସେମାନେ ମହାରାଷ୍ଟ୍ର ରାଜ୍ୟ ଜଳଗାଁଓକୁ ଫେରୁଥିଲେ । ଫେରିବା ବାଟରେ ଶନିବାର ରାତିରେ ସୋହେଲା କଲେଜ ସମ୍ମୁଖରେ ବସ୍ ଅଟକାଇ ଯାତ୍ରୀମାନେ ପରିସ୍ରା ପାଇଁ ବାହାରିଥିଲେ । ଉକ୍ତ ବସ୍ ସମ୍ମୁଖରେ ପୂର୍ବରୁ ଏକ ଟ୍ରକ ଛିଡ଼ା ହୋଇ ରହିଥିଲା । ଏହି ସମୟରେ ଅନ୍ୟ ଏକ ଟ୍ୟାଙ୍କର ଆସି ଯାତ୍ରୀବାହୀ ବସ୍‌କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଯାତ୍ରୀବାହୀ ବସ୍ ସମ୍ମୁଖରେ ରହିଥିବା ଟ୍ରକରେ ପିଟି ହୋଇ କ୍ଷତିଗ୍ରସ୍ତ ହୋଇଥିଲା । ସୋହେଲା ପୋଲିସ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା ।

# ଅଭୟାରଣ୍ୟ ଅଞ୍ଚଳରେ ବେଆଇନ ଇଟାଭାଟି


ବେଆଇନ ଚିମିନି ଇଟାଭାଟି ।

ନୀଳଗିରି, ୫।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଇକୋ ସେନସିଟିଭ୍ ଜୋନ୍ (ଜୈବ ସମ୍ବେଦନଶୀଳ ଅଞ୍ଚଳ) ଭିତରେ ଏକାଧିକ ବେଆଇନ ଇଟାଭାଟି ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି ।

ସୂଚନାଯୋଗ୍ୟ, ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ କୁଲଡ଼ିହା ଅଭୟାରଣ୍ୟ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କେନ୍ଦ୍ର ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୭ ଅଗଷ୍ଟ ୯ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ମୋଟ ୨୧୯.୧୮ବର୍ଗ କି.ମି. ଅଞ୍ଚଳକୁ କୁଲଡ଼ିହା ଇକୋ ସେନସିଟିଭ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଥିଲା । ପରେ ଏହି ସେନ୍‌ସିଟିଭ ଜୋନ ଓ ଅଭୟାରଣ୍ୟ ସୀମାନ୍ତରେ ୧୪ଟି ଚିମିନି ଭାଟି ଥିବା ବନବିଭାଗ ଜାଣିବାକୁ ପାଇଥିଲା । ବେଆଇନ ଇଟାଭାଟି ଯୋଗୁ ଅଭୟାରଣ୍ୟ ଓ ଏହା ମଧ୍ୟରେ ଥିବା ବନ୍ୟପ୍ରାଣୀଙ୍କ ପ୍ରତି ଘୋର ବିପଦ ସୃଷ୍ଟି ହୋଇଛି । ଅଭୟାରଣ୍ୟ ବାହାରେ ମଧ୍ୟ କିଛି ଇଟାଭାଟି ଚାଲିଥିବା ବେଳେ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ

## ସୁରକ୍ଷା ନେଇ ପ୍ରଶ୍ନବାଚୀ, ବଢୁଛି ଅସନ୍ତୋଷ

କରୁଥିଲା । ଏନେଇ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବିଧାନସଭାରେ ପ୍ରଶ୍ନ ଉଠାଇବା ପରେ ପ୍ରଶାସନ ଇଟାଭାଟି ଭାଙ୍ଗିବାକୁ ତତ୍ପର ହୋଇଉଠିଥିଲା । ବର୍ଷକ ତଳେ ତତ୍କାଳୀନ ଜିଲାପାଳ ଓ ଡିଏଫ୍‌ଓ ବେଆଇନ ଚିମିନି ଇଟାଭାଟି ଭାଙ୍ଗିଦେବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ପ୍ରଶାସନ ଇଟାଭାଟିଗୁଡ଼ିକୁ ଭାଙ୍ଗିବାକୁ ନେଇ ଦୁଇଥର ଚେଷ୍ଟା କରି ବିଫଳ ହୋଇଥିଲା । ଚିମିନି ଭାଟିରୁ ବାହାରୁଥିବା କୋଇଲା ଧୂଆଁରେ ପ୍ରଦୂଷଣ ବଢ଼ି ଚାଲିଥିବା ବେଳେ ଏଥିପ୍ରତି ପ୍ରଶାସନ ଅଙ୍କୁଶ ଲଗାଇ ପାରିନାହିଁ ।

ଏ ସମ୍ପର୍କରେ ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଏ ବିଷୟରେ ତହସିଲଦାରଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ । ସେହିପରି ବାଲେଶ୍ୱର ଡିଏଫ୍‌ଓ ସୁମିତ କୁମାର କର ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।

# ଶୋଇଥିବା ଅବସ୍ଥାରେ ଯୁବକଙ୍କୁ ହାଣିଦେଲେ

ବଲାଙ୍ଗୀର ଅଫିସ, ୫।୨

ଲାଙ୍ଗୀର ଜିଲା ପୁଇଁତଲା ଥାନା ଅଏଁଲାସାରି ଗ୍ରାମରେ ଶନିବାର ରାତିରେ ଜଣେ ଯୁବକଙ୍କୁ ଶୋଇଥିବା ଅବସ୍ଥାରେ ଖଣ୍ଡାରେ ହାଣି ହତ୍ୟା କରାଯାଇଛି । ମୃତକ ଅଏଁଲାସାରୀ ଗାଁର ଜନ୍ମ ଖୁଣ୍ଟୁଲି(୫୫) । ଜନ୍ମ ଘରେ ଶୋଇଥିବାବେଳେ ସେହି ଗାଁର ବିଭୂତି ଷାଣ୍ଢ ତାଙ୍କୁ ଆକ୍ରମଣ କରିଥିଲେ । ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ସ୍ତ୍ରୀ ଉଠି ପଡିବାରେ ଅଭିଯୁକ୍ତ ସେଠାରୁ ପଳାଇଯାଇଥିଲେ । ଗୁରୁତର ଅବସ୍ଥାରେ ଜନ୍ମଙ୍କୁ ବୁର୍ଲା ନିଆଯାଇଥିଲା । ହେଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଜାତି ସମାଜ କାର୍ଯ୍ୟକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚାର ବିଷୟ ହୋଇଛି । ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଛି । ଏନେଇ ଏସ୍‌ଡିପିଓ ତୋଫାନ ବାଗଙ୍କୁ ପଚାରିବାରୁ ଅଭିଯୁକ୍ତ ଫେରାର ଅଛନ୍ତି । ତାଙ୍କୁ ଖୋଜା ଯାଉଛି । ଘଟଣାସ୍ଥଳରୁ ଏକ ରକ୍ତଲଗା କୁରାଢ଼ି ମିଳିଛି ବୋଲି ସେ ସୂଚନା ଦେଇଛନ୍ତି ।

# ବଢ଼ିବ ତାପମାତ୍ରା

ଭୁବନେଶ୍ୱର, ୫।୨(ବ୍ୟୁରୋ)

ରାଜ୍ୟରେ ରବିବାର ରାତିରୁ ଧୀରେ ଧୀରେ ତାପମାତ୍ରା ୨ରୁ ୩ ଡିଗ୍ରୀ ଯାଏ ବୃଦ୍ଧି ହେବାର ସମ୍ଭାବନା ରହିଛି । ଏଥିସହିତ ଆସନ୍ତା ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ କୁହୁଡ଼ି ଦେଖାଦେବ । ସୋମବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ କଟକ ଏବଂ ମଙ୍ଗଳବାର ଯାଜପୁର, କଟକ, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଓ ବାଲେଶ୍ୱରରେ କୁହୁଡ଼ି ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ସେପଟେ ରବିବାର ରାଜ୍ୟର ବିଭିନ୍ନ ସହରରେ ଶୀତଲହରୀ ଅନୁଭୂତ ହୋଇଥିଲା । ରାଉରକେଲା, ଫୁଲବାଣୀ, ହୀରାକୁଦ ଓ ଝାରସୁଗୁଡ଼ାରେ ଶୀତଲହରୀ ଅନୁଭୂତ ହୋଇଥିଲା । ରବିବାର ୬ଟି ସହରରେ ତାପମାତ୍ରା ୯ ଡିଗ୍ରୀ ତଳେ ରହିଥିଲା । ଫୁଲବାଣୀରେ ସର୍ବନିମ୍ନ ୬ ଡିଗ୍ରୀ ତାପମାତ୍ରା ଥିବାବେଳେ କୋରାପୁଟ ୯, ସୁନ୍ଦରଗଡ଼ ୯, ରାଉରକେଲା ୯.୫, ଝାରସୁଗୁଡ଼ା ୯, ହୀରାକୁଦ ୯.୯ ଡିଗ୍ରୀ ରହିଥିଲା । ସେହିପରି ଭବାନୀପାଟଣା ୧୦, ସୋନପୁର ୧୦.୫, ଅନୁଗୋଳ ୧୧.୬, କେନ୍ଦୁଝର ୧୧.୪, ଢେଙ୍କାନାଳ ୧୨, ବରଗଡ଼ ୧୨, ନବରଙ୍ଗପୁର ୧୨, ସମ୍ବଲପୁର ୧୨, ବାରିପଦା ୧୨.୬ ଓ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ରେକର୍ଡ କରାଯାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରବିଙ୍କ ଦୃଷ୍ଟିରେ ସ୍ୱଗୃହୀ ଚନ୍ଦ୍ର ଥିବାରୁ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ଉତ୍ତମ ରହିବ । ଶନି କ୍ଷେତ୍ରସ୍ଥ ରବିଙ୍କ ଯୋଗୁ କୌଣସି ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାକୁ ବଢାଇ ଦେଇପାରେ । ଅତି ନିକଟତର ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ । ସହଧର୍ମିଣୀ ସୁପରାମର୍ଶଦାୟିନୀ ଭାବରେ ଆପଣଙ୍କର ଆଦରଣୀୟା ହେବେ ।

**ବୃଷ**
ପଡ଼ୋଶୀ କିମ୍ବା ସହକର୍ମୀ ଅଥବା ଭାଇଭଉଣୀ ଶ୍ରଦ୍ଧାନୁରକ୍ତ ହୋଇପାରନ୍ତି । ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ପ୍ରାପ୍ତିର ଆଶା ରଖିପାରନ୍ତି । କର୍ମକ୍ଷେତ୍ରରେ ମଧ୍ୟ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ । ସାମାଜିକ ସ୍ତରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅନୁତାପ କରିପାରନ୍ତି ।

**ମିଥୁନ**
ମୁଖ ଭାବରେ ଚନ୍ଦ୍ର ଆପଣଙ୍କୁ ଅର୍ଥନୈତିକ ଅଭିବୃଦ୍ଧି ସହ ଆନୁଷ୍ଠାନିକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ କରାଇବ । ନୀଚାଭିମୁଖୀ ବୁଧଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ । ନିଜ ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ । ବ୍ୟବସାୟିକ ସ୍ଥିତି ଭଲ ରହିବା ସହ ପରିବହନରେ ଲାଭବାନ ହେବେ ।

**କର୍କଟ**
ଆଜି ଚନ୍ଦ୍ରଙ୍କ ସୁପ୍ରଭାବରୁ ଉନ୍ନତ ଚିନ୍ତା ଓ ଯୋଜନା ସହ ପ୍ରତ୍ୟେକ କାର୍ଯ୍ୟକୁ ସମ୍ମାନର ସହ କରିପାରିବେ । ସ୍ୱାସ୍ଥ୍ୟରେ ଉନ୍ନତି, ଶତ୍ରୁମାନଙ୍କ ଅଧୋଗତି, ବିବାଦର ଅବସାନ, ଋଣ ପରିଶୋଧ ପ୍ରଭୃତିରୁ ଖୁସି ମିଳିବ । ବୁଧଙ୍କ ପ୍ରଭାବରୁ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ । ଯାନବାହନରେ ସତର୍କତା ଅବଲମ୍ବନ କରିବା ଭଲ ।

**ସିଂହ**
ଦ୍ୱାଦଶଚନ୍ଦ୍ର ମାନସିକ ସ୍ଥିତିକୁ ଅସ୍ଥିର କରାଇଲା ସମୟରେ ଆର୍ଥିକ ଦିଗରୁ ସମସ୍ୟାର ସମ୍ମୁଖୀନ ହେବେ । ଆଜିର ଯାତ୍ରା, ବିବାଦ, ଗୃହାରମ୍ଭ ସକାଶେ ବିଶେଷ ଅନୁକୂଳ ରହିବ ନାହିଁ । ପାରିବାରିକ ଜୀବନରେ ମଧ୍ୟ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ । ନିଜେ ଜଳି ଅନ୍ୟକୁ ଆଲୋକ ଦେଲାଭଳି ପରୋପକାରରୁ ପ୍ରଶଂସିତ ହେବେ ।

**କନ୍ୟା**
କେତୁଙ୍କ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସମାଲୋଚିତ ହେବେ । ପର କଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି ଏବଂ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ । ସ୍ୱାର୍ଥସାଧନ ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିବେ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବ୍ୟସ୍ତ ହେବେ ।

**ତୁଳା**
କୌଣସି ନୂତନ କର୍ମାରମ୍ଭ ସକାଶେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ । ଆକସ୍ମିକ ଭାବରେ ଜଣେ ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ । କିନ୍ତୁ ସକାଳ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହିବା ଭଲ ହେବ । ଅବଶ୍ୟ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ ।

**ବିଛା**
ପରିସ୍ଥିତି ସୁଧୁରିଯିବ ଏବଂ କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ । ଦ୍ୱିତୀୟସ୍ଥ ବୁଧ ହେତୁ ବିଭିନ୍ନ କ୍ଷେତ୍ରରେ ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ । ସାଧାରଣ ଘଟଣା, ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ ।

**ଧନୁ**
ପରିବାର ହେଉ କିମ୍ବା କର୍ମକ୍ଷେତ୍ର ସମସ୍ୟା ଲାଗି ରହିବ । ଦିନଟିରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ, ଯାହାକି ପରିସ୍ଥିତିକୁ ସରଗରମ କରିବ । ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଅନୁଭବ କରିବେ କିନ୍ତୁ କିଛି ଅସୁବିଧା ହେବନାହିଁ । ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ ।

**ମକର**
ଅଷ୍ଟମାଧିପତି ରାଶିରେ ରହିଥିବାରୁ ବିବାଦୀୟ ଘଟଣା ମନରେ ସ୍ଥାନ ପାଇବା ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ । ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ । ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ । ଆବଶ୍ୟକତାକୁ ଉପଲବ୍ଧି କରି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି ।

**କୁମ୍ଭ**
ତୃତୀୟସ୍ଥ ବୃହସ୍ପତି ଯୋଗୁ ଆଜି ପ୍ରତ୍ୟେକ କାମକୁ ଆତ୍ମୀୟତାର ସହ କରି ପ୍ରଶଂସିତ ହେବେ । ଶିଳ୍ପ, ବାଣିଜ୍ୟ ଓ ପରିବହନରୁ ଲାଭବାନ ହେବେ । ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଏବଂ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ଆନୁଷ୍ଠାନିକ କ୍ଷେତ୍ରରେ ବଦଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହୋଇପାରନ୍ତି ।

**ମୀନ**
ଦେବଗୁରୁଙ୍କ କୃପାରୁ ଆଜି ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ ଲାଭକରି ଖୁସି ହେବେ । ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ଅନର୍ଥ ସୃଷ୍ଟି କରିପାରେ । ଅତି ନିକଟରେ ରହୁଥିବା ବନ୍ଧୁଟିର କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି । କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ ।

ଆଜି ଫାଲଗୁନ କୃଷ୍ଣ ପ୍ରତିପଦା ସୋମବାର, ଫେବୃୟାରୀ ୬ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୦୬/୨୪ ଗତେ ଘ.୦୭/୪୮ ମଧ୍ୟେ, ଘ୧୦/୫୩ ଗତେ ଘ୦୧/୦୮ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ୦୭/୪୮ ଗତେ ଘ୦୯/୧୨ ମଧ୍ୟେ ରାହୁକାଳ ।

**ପ୍ରଥମ ପୃଷ୍ଠାରୁ...**

## ଅମୁନି ଅଲିଭ୍ ରିଡ୍ଲେଙ୍କ ...



ବୁଲିବାକୁ ଲକ୍ଷାଧିକ ଲୋକ ଏଠାକୁ ଆସିଥାନ୍ତି । ତେବେ ବେଳାଭୂମିରେ ଅଲିଭ୍ ରିଡ୍ଲେଙ୍କ ମୃତଦେହ ଦେଖି ସେମାନଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ । ଅଣ୍ଡା ଦେବାକୁ ପ୍ରାୟ ନଭେମ୍ବରରୁ କଇଁଛମାନେ ଗଭୀର ସମୁଦ୍ରରୁ ବାହାରି ବେଳାଭୂମି ଅଭିମୁଖେ ଆସିଥାନ୍ତି । ତେଣୁ ପ୍ରଶାସନ ପକ୍ଷରୁ ନଭେମ୍ବର ୧ରୁ ମେ ମାସ ପର୍ଯ୍ୟନ୍ତ ବେଳାଭୂମିର ୨୦ କିମି ପରିସରରେ ଟ୍ରଲର ଦ୍ୱାରା ମାଛ ମାରିବା ନିଷେଧ କରାଯାଇଥାଏ । ମାତ୍ର ପ୍ରଶାସନର ଏହି ନିର୍ଦ୍ଦେଶକୁ ବେଖାତିର କରି ଅନେକ ମତ୍ସ୍ୟଜୀବୀ ନିଷିଦ୍ଧାଞ୍ଚଳରେ ମାଛ ମାରୁଛନ୍ତି । ଫଳରେ ଅନେକ କଇଁଛ ଜାଲ ଓ ଟ୍ରଲରରେ ମାଡ଼ ହୋଇ ପ୍ରାଣ ହରାଉଛନ୍ତି । ଏ ନେଇ ପ୍ରଶାସନର ଢିଲା ମନୋଭାବକୁ ପରିବେଶବିତ୍‌ମାନେ ଦାୟୀ କରୁଛନ୍ତି । ପୁରୀ ସମୁଦ୍ର ଏବେ ଅଲିଭ୍ ରିଡ୍ଲେଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ମନେ ହେଉଛି । ମୃତ କଇଁଛଙ୍କୁ ପୋତିବା ଏବେ ବନ ବିଭାଗ କର୍ମଚାରୀଙ୍କ ଲାଗି ଏକପ୍ରକାର ନିତିଦିନିଆ କାମ ପାଲଟିଛି । ବିଲୁପ୍ତ ପ୍ରାୟ ଅଲିଭ୍ ରିଡ୍ଲେଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା କହୁଥିବାବେଳେ ବାସ୍ତବ ପଦକ୍ଷେପ କେବଳ କାଗଜକଲମରେ ସୀମିତ ରହୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ସରକାର ଏଥିପ୍ରତି ଧ୍ୟାନ ନ ଦେଲେ ଆଗାମୀ ଦିନରେ ଉକ୍ତ ପ୍ରଜାତିର କଇଁଛ ଦେଖିବା ସ୍ୱପ୍ନ ପାଲଟିବ ବୋଲି ଅନେକେ ମତ ଦେଉଛନ୍ତି । ଅନ୍ୟପକ୍ଷରେ ଡିଏଫ୍‌ଓ ଏନ୍.ରାମାସ୍ୱାମୀ କହିଛନ୍ତି, ଅଲିଭ୍ ରିଡ୍ଲେ କଇଁଛଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଜିଲାରେ ନଭେମ୍ବର ୧ରୁ ବେଳାଭୂମିରେ ୧୫ଟି କ୍ୟାମ୍ପ ଓ ହାଜରା କରାଯାଇଛି । ପ୍ରତ୍ୟେକ କ୍ୟାମ୍ପରେ ଦୁଇଜଣ ଲେଖାଏ କର୍ମଚାରୀ ନିୟୋଜିତ ରହିଛନ୍ତି । କୋଷ୍ଟ ଏରିଆକୁ କେତୋଟି କଇଁଛ ଅଣ୍ଡା ଦେବାକୁ ଆସୁଛନ୍ତି ଓ କେତୋଟି ମରି ପାଣିରେ ଭାସୁଛନ୍ତି ସେ ନେଇ ସେମାନେ ନଜର ରଖିବା ସହ ମନିଟରିଂ କରୁଛନ୍ତି । ସେହିଭଳି ସମୁଦ୍ରର ୨୦ କି.ମି. ଭିତରେ ଥିବା ନୋ ଫିସିଙ୍ଗ ଜୋନ୍‌ରେ ଟ୍ରଲର ମାଧ୍ୟମରେ ପାଟ୍ରୋଲିଂ କରାଯାଉଛି । ଯେଉଁମାନେ ନିୟମ ଉଲ୍ଲଂଘନ କରୁଛନ୍ତି, ସେମାନଙ୍କୁ ଧରାଯାଇ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଉଛି । ଅନେକ ସମୟରେ କଇଁଛଗୁଡ଼ିକ ବିଭିନ୍ନ କାରଣରୁ ଆଘାତ ପ୍ରାପ୍ତ ହୋଇ ସମୁଦ୍ରରେ ପ୍ରାଣ ହରାଉଛନ୍ତି । ସେଗୁଡ଼ିକୁ କର୍ମଚାରୀମାନେ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ପରେ ବେଳାଭୂମି ବାଲିରେ ଗାତ ଖୋଳି ପୋତି ଦେଉଛନ୍ତି ।

## ଇସିଜି କହୁଛି ମୃତ, ଚର୍ଚ୍ଚାରେ ...

ମଧ୍ୟ ରିପୋର୍ଟରୁ ଜଣାପଡୁଥିବା ଡାକ୍ତର ଜଣକ କହିଛନ୍ତି । ଅନ୍ୟପକ୍ଷରେ ନବ ଦାସଙ୍କୁ ଭୁବନେଶ୍ୱର ନେବା ନିମନ୍ତେ ଏୟାର ଆମ୍ବୁଲାନ୍ସର ଆବଶ୍ୟକତା ନ ଥିବାରୁ ପ୍ରଥମ ରିକ୍ୟୁଜିଶନକୁ କୁଆଡ଼େ ରଦ୍ଦ କରାଯାଇଥିଲା । ଦ୍ୱିତୀୟ ରିକ୍ୟୁଜିଶନ ପରେ ଏୟାରଲିଫ୍ଟ କରାଯାଇଥିବା ଆଲୋଚନା ହେଉଛି । ଡାକ୍ତରଙ୍କ କହିବା ମୁତାବକ ଯଦି ଇସିଜି କରାଯିବା ବେଳେ ନବଙ୍କ ମୃତ୍ୟୁ ଘଟିଥିଲା, ତେବେ ଏହାପରେ କିଏ ଏବଂ କାହିଁକି ତାଙ୍କୁ ଭୁବନେଶ୍ୱର ନେବା ପାଇଁ ପରାମର୍ଶ ଦେଇଥିଲେ ତାହା ତଦନ୍ତ ସାପେକ୍ଷ ।

ଅଭିଯୁକ୍ତଙ୍କୁ ଘଟଣାସ୍ଥଳରୁ ଧରାଯିବା ସହ ୮ଦିନ ଧରି କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚଳାଇଥିଲେ ମଧ୍ୟ ହତ୍ୟା ପଛର କାରଣ କୁହାଯାଉନାହିଁ । କ୍ରାଇମ୍‌ବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ନିକଟରେ କହିଥିଲେ, ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ ଦାସ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି । କିନ୍ତୁ ଗୋପାଳ କାହିଁକି ଗୁଳି କଲେ, ସେନେଇ ବୋଥ୍ରା ଏପର୍ଯ୍ୟନ୍ତ କିଛି କହୁନାହାନ୍ତି । ଏସବୁରୁ ସନ୍ଦେହ ବଢୁଥିବାରୁ ନାନା ଚର୍ଚ୍ଚା ମଧ୍ୟ ହୋଇ ଆସୁଛି । ବିଶେଷକରି ମନ୍ତ୍ରୀ ଦାସଙ୍କ ହତ୍ୟା ପଛରେ ଏକ ସୁଚିନ୍ତିତ ଯୋଜନା ଥିବା ପ୍ରଥମ ଦିନରୁ ହିଁ ଆଲୋଚନା ଜୋର ଧରିଛି । ସେହିପରି କର୍ପୋରେଟ ତଥା ବ୍ୟବସାୟିକ ଶତ୍ରୁତାରୁ ଏହି ଘଟଣାର ରୂପ ଦିଆଯାଇଥିବା ଏବଂ ଏଥିରେ ବହୁ ପ୍ରଭାବଶାଳୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପୃକ୍ତି ରହିଥିବା ଆଲୋଚନା ହେଉଛି । ଏଥିଯୋଗୁ ତଦନ୍ତ ବିଳମ୍ବ ଓ ବାଟମଣା ହେଉଥିବା ମଧ୍ୟ କୁହାଯାଉଛି । ଘଟଣା ଅତ୍ୟନ୍ତ ରହସ୍ୟଜନକ ଥିବାବେଳେ ପୋଲିସ ଡିଜି ସୁନୀଲ ବଂଶଲଙ୍କ 'ଘଟଣା ସମ୍ପର୍କରେ ଶ୍ରୀଜଗନ୍ନାଥ ଜାଣିଥିବେ' ମନ୍ତବ୍ୟ ମଧ୍ୟ ଏବେ ଖୁବ୍ ଚର୍ଚ୍ଚାରେ । ଏହି ମନ୍ତବ୍ୟରୁ ସାଧାରଣରେ ଆଲୋଚନା ହେଉଛି ଯେ, ଅଭିଯୁକ୍ତଙ୍କୁ ହେପାଜତରେ ରଖି ପୋଲିସ ଏତେ ଅସହାୟ କାହିଁକି ହୋଇପଡ଼ିଛି । ନବ ଦାସଙ୍କ ମୃତ୍ୟୁ ସମୟ, ସ୍ଥାନ, ଏୟାରଲିଫ୍ଟ, କ୍ରାଇମ୍‌ବ୍ରାଞ୍ଚର ମୌନ ବ୍ରତ ଏବଂ ଡିଜିପିଙ୍କ ଭଗବାନ ଭରସା ମନ୍ତବ୍ୟ ଘଟଣାକୁ ଅଧିକ ସନ୍ଦେହ ଘେରକୁ ନେଇଯାଇଛି ।

## ୨୩୨ ଚାଇନା ...

ଭାରତର ଆର୍ଥିକ ସ୍ଥିରତା ଓ ଜାତୀୟ ସୁରକ୍ଷା ପ୍ରତି ଏଗୁଡ଼ିକ ବିପଦ ଭାବେ ଉଭା ହୋଇଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି । ତେବେ ସେ ନିଷିଦ୍ଧ ଘୋଷିତ ଆପ୍‌ଗୁଡ଼ିକର ନାମ ପ୍ରକାଶ କରି ନାହାନ୍ତି । ପ୍ରକାଶ ଯେ, ସୂଚନା ଓ ପ୍ରଯୁକ୍ତି (ଆଇଟି) ଆଇନର ଧାରା ୬୯କୁ ଉଲ୍ଲଂଘନ କରିବା ଏବଂ ଭାରତର ସାର୍ବଭୌମତ୍ୱ ତଥା କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ବିପଦ ସାଜିବା ଭଳି ତଥ୍ୟ ରହିଥିବା ଚାଇନାର ଆପ୍‌ଗୁଡ଼ିକ ବିରୋଧରେ ଦେଶରେ ଲଗାତର ଭାବେ ଅଭିଯୋଗ ହୋଇଆସୁଥିଲା । ଏଭଳି ଆପ୍‌ଗୁଡ଼ିକ ଲୋକଙ୍କୁ ଋଣଜାଲରେ ଫସାଇ ସେମାନଙ୍କଠାରୁ ବିପୁଳ ଟଙ୍କା ଲୁଟିବା ପାଇଁ ଉଦ୍ଦିଷ୍ଟ । ଜଣେ ବ୍ୟକ୍ତି ଥରେ ଋଣ ନେଲେ ମୂଳ ଉପରେ ୩,୦୦୦% ପର୍ଯ୍ୟନ୍ତ ସୁଧ କଷାଯାଉଥିଲା । ଋଣଜାଲରେ ଛନ୍ଦିହୋଇଥିବା ଅନେକ ଲୋକ ମାନସିକ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିବା ନଜିର ମଧ୍ୟ ରହିଛି । ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ଋଣଗ୍ରହୀତମାନେ ସର୍ବସ୍ୱାନ୍ତ ହୋଇ ଚରମ ନିଷ୍ପତ୍ତି ନେବା ପରେ ଏହି ବିଷୟ ସାମ୍ନାକୁ ଆସିଥିଲା । ଅନ୍ୟପକ୍ଷେ ଚାଇନା ଆପ୍ ସର୍ଭର-ସାଇଡ୍ ସିକ୍ୟୁରିଟିର ଦୁରୁପଯୋଗ କରି ଗୁପ୍ତଚରଗିରି ଉପକରଣ ଜରିଆରେ ଅନେକ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଡେଟା ହାତେଇଛି । ସଂଗୃହୀତ ସମ୍ବେଦନଶୀଳ ତଥ୍ୟକୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ବ୍ୟବହାର କରାଯାଇପାରେ ବୋଲି ଆଶଙ୍କା ଉପୁଜିଛି । ତେଣୁ ଓଡ଼ିଶା ସମେତ ଅନେକ ରାଜ୍ୟର ସରକାର ଚାଇନା ଆପ୍ ଉପରେ କଟକଣା ପାଇଁ କେନ୍ଦ୍ରକୁ ସୁପାରିସ କରିଥିଲେ । ଫଳରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିଜ ଆଡୁ ଚାଇନାର ଲୋନ୍ ଆପ୍‌ଗୁଡ଼ିକ ଉପରେ ଗତ ୬ ମାସ ହେଲା ତଦନ୍ତ ଚଳାଇଥିଲା । ଇ-ଷ୍ଟୋର୍‌ରେ ଉପଲବ୍ଧ ୯୪ଟି ଆପ୍ ତୃତୀୟ ପକ୍ଷ (ଥାର୍ଡ ପାର୍ଟି) ଲିଙ୍କ୍ ଜରିଆରେ ଚାଲିଥିବା ତଦନ୍ତରୁ ଜଣାପଡ଼ିଛି । ଏପରି ଆପ୍‌ଗୁଡ଼ିକୁ ବ୍ୟାନ୍ କରିବା ପାଇଁ ନିକଟରେ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ କେନ୍ଦ୍ରକୁ ପରାମର୍ଶ ଦିଆଯାଇଥିଲା । ୨୦୨୨ରେ ସୁରକ୍ଷା କାରଣରୁ ସରକାର ୫୪ଟି ଚାଇନା ଆପ୍‌କୁ ବ୍ୟାନ୍ କରିଥିଲେ ।

## ଆମେରିକା ଖସାଇଲା ...

ପଠାଇଥିବା ଏକ କିମ୍ଭୁତକିମାକାର ଉପକରଣ ସଂଲଗ୍ନ ବେଲୁନ୍ ଉଡୁଥିଲା । ଏହାକୁ ନେଇ ଦେଶବାସୀଙ୍କ ମଧ୍ୟରେ କଳ୍ପନାଜଳ୍ପନା ଓ ଉତ୍ତେଜନା ପ୍ରକାଶ ପାଇଥିଲା । ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ଏନେଇ ପ୍ରଥମେ ସୂଚନା ଦେଇଥିଲା । ଜନବସତି ଉପରେ ପଡ଼ିଲେ ବିପଦ ଆଶଙ୍କା ଥିବାରୁ ଏହାକୁ ନ ଖସାଇବା ପାଇଁ ସାମରିକ ଅଧିକାରୀମାନେ ପୂର୍ବରୁ ପରାମର୍ଶ ଦେଇଥିଲେ । ତେବେ ଅନୁଧ୍ୟାନ ପରେ ପ୍ରତିରକ୍ଷା ସଚିବ ଲୟଡ୍ ଅଷ୍ଟିନ୍ ଏହାକୁ ଖସାଇବାକୁ କହିଥିଲେ । ନର୍ଦ୍ଦର୍ନ କମାଣ୍ଡ ଅତ୍ୟୁଚ୍ଚ ସର୍ଭିଲାନ୍ସ ବେଲୁନ୍‌କୁ ସାଉଥ୍ କ୍ୟାରୋଲିନାରେ ଖସାଇଦେଇଛି । ଆମେରିକାର ସମ୍ବେଦନଶୀଳ ତଥା ରଣନୈତିକ ଅଞ୍ଚଳରେ ଏହା ଜରିଆରେ ତଥ୍ୟ ସଂଗ୍ରହ ପାଇଁ ଚାଇନା ଉଦ୍ୟମ ଚଳାଇଥିଲା ବୋଲି ବାଇଡେନ୍ କହିଛନ୍ତି । ଅନ୍ୟପକ୍ଷେ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ଚାଇନା ଅସନ୍ତୋଷ ବ୍ୟକ୍ତ କରିଛି । ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ମାନବରହିତ ସିଭିଲିଆନ୍ ଏୟାରଶିପ୍‌କୁ ଆମେରିକା କ୍ଷେପଣାସ୍ତ୍ର ମାଡ଼ କରି ଖସାଇବା ଦୁର୍ଭାଗ୍ୟଜନକ । ଏହାର ଉଚିତ ଜବାବ ଦିଆଯିବ ।

## ପରଭେଜ୍ ମୁଶରଫଙ୍କ ...

ଶୋକ ପ୍ରକାଶ କରିଛନ୍ତି । ଦୁବାଇରୁ ମୁଶରଫଙ୍କ ମରଶରୀରକୁ ପାକିସ୍ତାନ ଆଣିବା ଲାଗି ତାଙ୍କ ପରିବାର ଦୁବାଇସ୍ଥିତ ପାକିସ୍ତାନ କନ୍‌ସୁଲେଟ୍‌ରେ ଆବେଦନ କରିଛନ୍ତି । ରାଓଲପିଣ୍ଡିର ନୁର୍ ଖାନ୍ ଏୟାରବେସ୍‌ରୁ ଏକ ସ୍ୱତନ୍ତ୍ର ବିମାନ ଦୁବାଇ ଯାଇ ପୂର୍ବତନ ସାମରିକ ଶାସକଙ୍କ ମୃତଦେହକୁ ପାକିସ୍ତାନ ଆଣିବ । ୧୯୪୩ରେ ଦିଲ୍ଲୀର ଏକ ମଧ୍ୟବିତ୍ତ ପରିବାରରେ ମୁଶରଫଙ୍କ ଜନ୍ମ । ୧୯୪୭ ଦେଶ ବିଭାଜନ ପରେ ତାଙ୍କ ପରିବାର ପାକିସ୍ତାନ ଚାଲିଯାଇଥିଲେ । ପାକିସ୍ତାନ ସେନାମୁଖ୍ୟ ଥିବାବେଳେ ୧୯୯୯ରେ ସେ କାର୍ଗିଲରେ ଦୁଃସାହସିକ ଅଭିଯାନ କରିଥିଲେ । ପରେ ସେହିବର୍ଷ ସେ ସାମରିକ ବିଦ୍ରୋହ ବଳରେ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍‌ଙ୍କୁ ଗାଦିଚ୍ୟୁତ କରି ୧୯୯୯ରୁ ୨୦୦୮ ପର୍ଯ୍ୟନ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ରାଷ୍ଟ୍ରପତି ଭାବେ ଦେଶର ଶାସନ କ୍ଷମତାରେ ରହିଥିଲେ । ୨୦୦୭ ଡିସେମ୍ବରରେ ତତ୍କାଳୀନ ବିରୋଧୀ ଦଳ ନେତ୍ରୀ ବେନଜିର ଭୁଟ୍ଟୋଙ୍କୁ ହତ୍ୟା ଘଟଣା ପରେ ୨୦୦୮ ନିର୍ବାଚନରେ ମୁଶରଫଙ୍କ ଦଳ ଶୋଚନୀୟ ପରାଜୟ ବରଣ କରିଥିଲା । ପାଖାପାଖି ୮ ବର୍ଷର ଶାସନ କାଳ ମଧ୍ୟରେ ମୁଶରଫ୍ ପାକିସ୍ତାନ ଅର୍ଥନୀତିରେ ସୀମିତ ସମୟ ପାଇଁ ଅଭିବୃଦ୍ଧି ଆଣିଥିଲେ । ସେ ୩ ଥର ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତିଯାଇଥିଲେ ।

## ୬ ଗୁଣ ବଢ଼ିଛନ୍ତି ...

ନିର୍ବାଚନୀ ମଣ୍ଡଳୀକୁ ଯାଇ ଭୋଟ ଦେବା ଲାଗି ଅସମର୍ଥ ସେମାନଙ୍କ ସୁବିଧା ନିମନ୍ତେ ଇସି ରିମୋଟ୍ ଭୋଟିଂ ଟେକ୍ନୋଲୋଜି ବ୍ୟବସ୍ଥା କରିବା ନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି । ଚଳିତ ବର୍ଷ ଏକାଧିକ ରାଜ୍ୟରେ ବିଧାନସଭା ନିର୍ବାଚନ ସାଙ୍ଗକୁ ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ହେବାକୁ ଥିବାବେଳେ ଲୋକମାନେ କିପରି ବହୁସଂଖ୍ୟାରେ ମତଦାନ କରିବେ ସେ ନେଇ ନିର୍ବାଚନ ଆୟୋଗ ପକ୍ଷରୁ ଯୋଜନାମାନ ପ୍ରସ୍ତୁତ କରାଯାଉଛି । ୨୯୬୨ରେ ପ୍ରଥମଥର ପାଇଁ ଦେଶର ନାଗରିକ ମତଦାନ ପ୍ରକ୍ରିୟାର ଉଲଂଘନ କରିଥିଲେ । ୨୧.୬୪ କୋଟି ଭୋଟରଙ୍କ ମଧ୍ୟରୁ ୫୫.୪୨% ଭୋଟଗ୍ରହଣରେ ଅଂଶଗ୍ରହଣ କରି ନ ଥିଲେ । କାରଣ ସେହି ବର୍ଷ ଦେଶରେ ପ୍ରବାସୀଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିଲା । ୨୦୦୯ରେ ୭୧.୭୦ କୋଟି ପଞ୍ଜୀକୃତ ମତଦାତାଙ୍କ ମଧ୍ୟରୁ ୫୮.୨୧% ମତଦାନ କରିଥିଲେ । ୨୦୧୪ ସାଧାରଣ ନିର୍ବାଚନରେ ୬୬.୪୪% ମତଦାତା ନିଜ ଭୋଟ ସମର୍ଥିତ ପ୍ରାର୍ଥୀଙ୍କୁ ଦେଇଥିଲେ । ୨୦୧୯ ସାଧାରଣ ନିର୍ବାଚନରେ ଭୋଟରଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିଲା । ସେହିବର୍ଷ ୯୧.୨୦ କୋଟି ଲୋକଙ୍କ ମଧ୍ୟରୁ ୬୭.୪୦% ମତଦାନ କରିଥିଲେ ।

## ସଂକ୍ଷେପରେ

### ଠେଙ୍ଗାରେ ପିଟି ଜଣକୁ ହତ୍ୟା

**ଅନୁଗୋଳ ଅଫିସ, ୫।୨:** ପୂର୍ବଶତ୍ରୁତାକୁ ନେଇ ସୃଷ୍ଟି ହୋଇଥିବା ଗଣ୍ଡଗୋଳରୁ ଗଡ଼ିଛି ମୁଣ୍ଡ। ପଡ଼ୋଶୀଙ୍କ ଠେଙ୍ଗା ମାଡ଼ରେ ଘଟଣାସ୍ଥଳରେ ଟଳି ପଡ଼ିଛନ୍ତି ଜଣେ ବ୍ୟକ୍ତି। ଅନୁଗୋଳ ସଦର ଥାନା ଅନ୍ତର୍ଗତ ଛେଳିଆପଡ଼ା ଗ୍ରାମରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଘଟିଥିବା ଏଭଳି ଲୋମଟାଙ୍କୁରା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ଯୁଧିଷ୍ଠିର ପ୍ରଧାନ। ମୃତକଙ୍କ ପୁଅ କ୍ଷୀରୋଦ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଠେଙ୍ଗା ମାଡ଼ରେ ହିଁ ଯୁଧିଷ୍ଠିରଙ୍କ ମୃତ୍ୟୁ ଘଟିଥିବା ପୋଲିସ ସ୍ପଷ୍ଟ କରିଛି। ଏହି ଘଟଣାରେ ଛେଳିଆପଡ଼ା ଅଞ୍ଚଳର ଜିତେନ୍ଦ୍ର ପ୍ରଧାନ (୨୬), ଉପମି ପ୍ରଧାନ (୩୫), ଦୌରପତି ପ୍ରଧାନ (୬୦)ଙ୍କୁ ପୋଲିସ ଗିରଫ କରିଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ପଡ଼ୋଶୀ ଜିତେନ୍ଦ୍ର ପ୍ରଧାନ ଓରଫ ଜିତୁଙ୍କ ସହ ଯୁଧିଷ୍ଠିରଙ୍କ ଶତ୍ରୁତା ଲାଗି ରହିଥିଲା। ରବିବାର ସକାଳେ କୌଣସି କଥାକୁ କେନ୍ଦ୍ରକରି ଗଣ୍ଡଗୋଳ ଆରମ୍ଭ ହୋଇ ପରେ ଉଗ୍ରରୂପ ନେଇଥିଲା। ଏଥିରେ ଜିତେନ୍ଦ୍ର ଉତ୍‌କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ଯୁଧିଷ୍ଠିରଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ସେ ଟଳି ପଡ଼ିଥିଲେ। ପରିବାର ଲୋକଙ୍କ ସହାୟତାରେ ତାଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଅତିରିକ୍ତ ଥାନାଧିକାରୀ ବି.ବି. ଜୟପୁରିୟାଙ୍କୁ ଏହାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

### ବ୍ରେକ୍‌ଫେଲ୍ ହୋଇ ନାଳକୁ ଓଲଟିଲା ଭ୍ୟାନ୍: ୩୦ ଗୁରୁତର



**ବଇଣ୍ଡା,୫।୨(ଡି.ଏନ.ଏ.):** ଅନୁଗୋଳ ଜିଲା ହଣ୍ଡପା ଥାନା ମଣ୍ଡାମ ନାଳ ତଳକୁ ରବିବାର ଏକ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳର ଫାନ୍ସି ଲାଖଡା, ନବୀନ ସୋୟା, ସୋରେନ ସୋୟା, ମୁନିୱାନା ସୋରେନ, ମାଟିଆ କେରକେଟା, ନାଥରୁ ବାର୍ଲା, ପାଣ୍ଡେଇ ଲୁଗନ, ବେବିନା ତେରାଙ୍କ ସମେତ ୩୦ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣାରୁ ଜଣାପଡ଼ିଛି, ରେଢାଖୋଲ ଅଞ୍ଚଳର ୩୦ ଜଣ ବ୍ୟକ୍ତି ଏକ ପିକଅପ୍ ଭ୍ୟାନ୍ (ନଂ. ଓଡି-୨୮-୦୩୬୫)ରେ ଏକ ନିର୍ବନ୍ଧ କାର୍ଯ୍ୟରେ ଯୋଗଦେବା ପାଇଁ ନାକିଚି ନିକଟବର୍ତ୍ତୀ ଉଡଲ ଅଞ୍ଚଳକୁ ଯାଉଥିଲେ। ଏହି ସମୟରେ ବ୍ରେକ୍‌ଫେଲ୍ ହୋଇଯିବାରୁ ଗାଡ଼ିଟି ନାଳକୁ ଖସି ପଡ଼ିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ସମସ୍ତଙ୍କୁ ବଇଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୧୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ରେଢାଖୋଲ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ହଣ୍ଡପା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

# 'ପାଣ୍ଠି ଅଭାବ, ପ୍ରଶାସନିକ ପ୍ରତିବନ୍ଧକ ଭାରତୀୟ ବିଜ୍ଞାନକୁ ପଛରେ ପକାଇଛି'

## ନୋବେଲ୍ ବିଜୟୀ ବୈଜ୍ଞାନିକ ଭେଙ୍କି ରାମକ୍ରିଷ୍ଣନଙ୍କ ମତ



ଚେନ୍ନାଇରେ ନୋବେଲ ବିଜୟୀ ବୈଜ୍ଞାନିକ ଭେଙ୍କଟରମଣ ରାମକ୍ରିଷ୍ଣନଙ୍କ ପୁସ୍ତକର ତାମିଲ ଅନୁବାଦର ଉନ୍ମୋଚନ ଅବସରରେ ତାଙ୍କ ସହ ହିନ୍ଦୁ ପବ୍ଲିସିଂ ଗ୍ରୁପ୍‌ର ନିର୍ଦ୍ଦେଶକ ଏନ୍. ରାମ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଚେନ୍ନାଇ,୫।୨**

ପର୍ଯ୍ୟାପ୍ତ ପାଣ୍ଠିର ଅଭାବ, ଅମଲାତାନ୍ତ୍ରିକ ପ୍ରତିବନ୍ଧକ ଏବଂ ଗବେଷଣାକୁ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରୁ କେନ୍ଦ୍ରୀୟ ଅନୁଷ୍ଠାନକୁ ସ୍ଥାନାନ୍ତର ଯୋଗୁ ଭାରତୀୟ ବିଜ୍ଞାନ ପଛରେ ପଡ଼ିଥିବା ଭାରତ ଜନ୍ମିତ ନୋବେଲ ବିଜୟୀ ରସାୟନ ବିଜ୍ଞାନୀ ଭେଙ୍କଟରମଣ ରାମକ୍ରିଷ୍ଣନ (ଭେଙ୍କି ରାମକ୍ରିଷ୍ଣନ) କହିଛନ୍ତି। ଭାରତର ଜିଡିପିର ଅତି ଅଳ୍ପ ଭାଗ ବିଜ୍ଞାନ ପାଇଁ ଖର୍ଚ୍ଚ ହେଉଛି, ଯାହା ଚାଇନା ତୁଳନାରେ ବହୁତ କମ୍। ଭାରତରେ ଅମଲାତାନ୍ତ୍ରିକ ନାଲିଫିତା ଅନ୍ୟତମ ବଡ଼ ପ୍ରତିବନ୍ଧକ। ଏଥିପାଇଁ କୌଣସି ପ୍ରକଳ୍ପ ମଞ୍ଜୁରୀ ପାଇଁ ଦୀର୍ଘ ସମୟ ଲାଗିଥାଏ ଏବଂ ଅର୍ଥ ବିନିଯୋଗ ମଧ୍ୟ ବିଳମ୍ବିତ ହୋଇଥାଏ। ଏଠାରେ ବୈଜ୍ଞାନିକମାନଙ୍କୁ ପ୍ରତିକୂଳ ସ୍ଥିତିରେ କାର୍ଯ୍ୟ କରିବାକୁ ହୋଇଥାଏ ବୋଲି ରାମକ୍ରିଷ୍ଣନ ଚେନ୍ନାଇରେ ଶୁକ୍ରବାର ଏସିଆନ୍ କଲେଜ ଅଫ୍ ଜର୍ନାଲିଜମ୍‌ରେ ନିଜ ପୁସ୍ତକ 'ଜିନ୍ ମେଶିନ: ଦି ରେସ୍ ଟୁ ଡେସିଫର ଦି ସିକ୍ରେଟ୍ସ ଅଫ୍ ଦି ରିବୋସମ୍'ର ତାମିଲ ଅନୁବାଦର ଉନ୍ମୋଚନ ଅବସରରେ କହିଥିଲେ।

୧୯୭୧ରେ ରାମକ୍ରିଷ୍ଣନ ଭାରତ ଛାଡ଼ିଥିଲେ। ଏହା ପରଠାରୁ ବିଜ୍ଞାନରେ କିଭଳି ଅଗ୍ରଗତି ହୋଇଛି ବୋଲି ହିନ୍ଦୁ ପବ୍ଲିସିଂ ଗ୍ରୁପ୍‌ର ନିର୍ଦ୍ଦେଶକ ଏନ୍. ରାମଙ୍କ ଏକ ପ୍ରଶ୍ନର ଉତ୍ତରରେ ରାମକ୍ରିଷ୍ଣନ କହିଥିଲେ, ସ୍ୱାଧୀନତା ପୂର୍ବରୁ ଭାରତ ବିଶ୍ୱଶ୍ରେଣୀର ବିଜ୍ଞାନ ସୃଷ୍ଟି କରିଥିଲା। ସେତେବେଳେ ସି.ଭି. ରମଣ, ଜେ.ସି. ବୋଷ, ମେଘନାଦ ଶାହା, ଏସ୍.ଏନ୍. ବୋସ୍ ଏବଂ ହୋମି ଭାବାଙ୍କ ଭଳି ବିଶ୍ୱସ୍ତରୀୟ ବୈଜ୍ଞାନିକ ଭାରତ ସୃଷ୍ଟି କରିଥିଲା। ସ୍ୱାଧୀନତା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ବିଜ୍ଞାନ ପ୍ରତି ଆଗ୍ରହ ଥିଲା ଓ ସେ କେତେକ ଅନୁଷ୍ଠାନ ସ୍ଥାପନ କରିଥିଲେ। ଏହା ପରେ ଭାରତୀୟ ବିଜ୍ଞାନର ଗତି ଅନେକ ବର୍ଷ ଯାଏ ଅଟକି ଯାଇଥିଲା। ପରେ ସି.ଏନ୍.ଆର୍. ରାଓଙ୍କ ଭଳି କେତେଜଣ ବିଜ୍ଞାନରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିଥିଲେ। ଏହି ଉଦ୍ୟମ ଜାରି ରହିଥିଲେ ମଧ୍ୟ ଆହୁରି ଅନେକ ବାଟ ଯିବାକୁ ଅଛି ବୋଲି ଭେଙ୍କି ରାମକ୍ରିଷ୍ଣନ କହିଛନ୍ତି।

ମାଡ୍ରାସ, ବରୋଦା, ବମ୍ବେ ଭଳି ରାଜ୍ୟ ବିଶ୍ୱବିଦ୍ୟାଳୟରେ ବିଜ୍ଞାନ ଗବେଷଣା ପୁଣିଥରେ ଆରମ୍ଭ ହୋଇଛି ଏବଂ ଆଇଆଇଟି, ଆଇଆଇଏସ୍‌ସି ଭଳି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତଥା କେନ୍ଦ୍ର ଅନୁଦାନପ୍ରାପ୍ତ ଅନୁଷ୍ଠାନକୁ ଗବେଷକମାନେ ଆସିବାରେ ଲାଗିଛନ୍ତି। ୧୯୭୧ରେ ବରୋଦା ୟୁନିଭର୍ସିଟିରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ପରେ ରାମକ୍ରିଷ୍ଣନ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ଆମେରିକା ଯାଇଥିଲେ। ଏହା ପରେ ୩ ଦଶନ୍ଧି ପର୍ଯ୍ୟନ୍ତ ଭାରତୀୟ ବିଜ୍ଞାନ ସହ ତାଙ୍କର କୌଣସି ସମ୍ପର୍କ ନ ଥିଲା। ୨୦୦୨ରେ ଚେନ୍ନାଇରେ ପ୍ରଥମ ଜି.ଏନ୍. ରାମଚନ୍ଦ୍ରନ ସ୍ମାରକୀ ବକ୍ତୃତା ପାଇଁ ତାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସେତେବେଳେ ସେ ଭାରତୀୟ ବୈଜ୍ଞାନିକମାନଙ୍କୁ ଭେଟିଥିଲେ ଏବଂ ବେଙ୍ଗାଲୁରୁର ଆଇଆଇଏସ୍‌ସିରେ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ବୋଲି କହିଛନ୍ତି।

# ୨ ଛୁଆ ସହ ମା' ଭାଲୁ ମୃତ

## ରାସ୍ତା ପାର୍ ବେଳେ ଚଢ଼ିଗଲା ଗାଡ଼ି

**ନୀଳଗିରି, ୫।୨(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ଅଧୀନ ଅଯୋଧ୍ୟା-ମିତ୍ରପୁର ରାସ୍ତାର ପାଟଣାଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ଛୁଆ ସହ ମା' ଭାଲୁର ମୃତ୍ୟୁ ହୋଇଛି। ରବିବାର ଭୋର୍ ସମୟରେ ୩ଟି ଭାଲୁ ରାସ୍ତା ପାର୍ ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ମା' ଭାଲୁଠାରୁ ଛୁଆ ଦୁଇଟି ଦୂରକୁ ଛିଟିକି ପଡ଼ିଥିଲେ। ଖବରପାଇ ନୀଳଗିରି ବନ ବିଭାଗର ରେଞ୍ଜର ଆଇଶା ଅକତାରି ନିଶା ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ଭାଲୁଗୁଡ଼ିକର ମୃତଦେହକୁ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇ ସଜନାଗଡ଼ ନିକଟ ବନବିଭାଗ ଅଧୀନ ନର୍ସରୀରେ ପୋତି ଦିଆଯାଇଥିବା ନୀଳଗିରି ବନ ବିଭାଗର ରେଞ୍ଜର ସୂଚନା ଦେଇଛନ୍ତି।


ରାସ୍ତାରେ ଛିଟିକି ପଡ଼ିଥିବା ମା' ଓ ୨ ଛୁଆ ଭାଲୁ।

# ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

**ପୁରୀ ଅଫିସ, ୫।୨**

ଶ୍ରୀମନ୍ଦିରରେ ରବିବାର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସକାଳେ ମଙ୍ଗଳ ଆଳତି ପରେ ଭକ୍ତମାନେ ଶ୍ରୀମନ୍ଦିର ଭିତରକାଠ ନିକଟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ଜଣେ ବୃଦ୍ଧା ଭିତରକାଠ ନିକଟରେ ଛେପ ପକାଇ ଦେଇଥିଲେ। ଏହା ଦୃଷ୍ଟିକୁ ଆସିବା ପରେ ତୁରନ୍ତ ଦର୍ଶନ ଓ ନୀତି ବନ୍ଦ ରଖାଯାଇଥିଲା। କବାଟ ବନ୍ଦ କରାଯାଇ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ଚୂନପାଣି ପଡ଼ି ମଇଲମ ପରେ ସିଂହାସନ, ଭିତରକାଠ ଧୁଆଯାଇଥିଲା। ଏହାପରେ ସକାଳ ୭ଟା ୫୦ରେ ମହାସ୍ନାନ ନୀତି ଆରମ୍ଭ ହୋଇ ୮ଟା ୫ରେ ସରିଥିଲା। ଏଥିପାଇଁ ଅନ୍ୟ ନୀତି ପ୍ରାୟ ୧ଘଣ୍ଟା ବିଳମ୍ବ ହୋଇଥିଲା। ମହାସ୍ନାନ ନୀତି ସରିବା ପରେ ପୁଣି ନୀତିକାନ୍ତି ଆଗେଇଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଭିତରକାଠ ନିକଟରେ କେହି ଭକ୍ତ ବାନ୍ତି କରିଦେବାରୁ ବଡ଼ ମହାସ୍ନାନ ନୀତି ହୋଇଥିଲା।

# ଶ୍ରୀରାମ କାହାଣୀ କହିଲେ ଅରୁଣ ଗୋଭିଲ୍

## 'ରାମ ନାମ'ରେ କମ୍ପିଲା ଉତ୍କଳ ମଣ୍ଡପ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ଶ୍ରୀ ରାମ ଓ ମୁଁ ପର୍ଯ୍ୟାୟକ୍ରମେ ପରିପୂରକ। ମୁଁ ତାଙ୍କ ନାମ ନିଏ, ଆଉ ସେ ମୋତେ କୃପା କରନ୍ତି। ସବୁ ସମୟରେ ଆମେ ରାମଙ୍କୁ ଖୋଜନ୍ତି। ଆଗକୁ ଯାଇ ଆମକୁ ସବୁକିଛି ମିଳିଲା ପରେ ବି ପୁଣି ଯେଉଁ ଅବସୋସ ରହିଯାଏ, ତାହା 'ରାମ' ବୋଲି ରବିବାର ଉତ୍କଳ ମଣ୍ଡପଠାରେ ଆୟୋଜିତ 'ଶୁନୋ ଶ୍ରୀ ରାମ କାହାଣୀ'ରେ ଯୋଗଦେଇ ଅଭିନେତା ଅରୁଣ ଗୋଭିଲ୍ ଏହା କହିଛନ୍ତି। ନୀଳିମା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପ୍ରଥମଥର ପାଇଁ ଶ୍ରୀରାମଙ୍କୁ ନେଇ ଏହି ବିଶାଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଗୋଭିଲ୍‌ଙ୍କ ମୁହଁରୁ ଶ୍ରୀରାମଙ୍କ କାହାଣୀ ଶୁଣିବାକୁ ପ୍ରବଳ ସମାଗମ ହୋଇଥିଲା। ଢୋଲ, ମୃଦଙ୍ଗ, ହୁଳହୁଳି, ରାମ ନାମରେ କମ୍ପି ଉଠିଥିଲା ମଣ୍ଡପ। ସୃଷ୍ଟି ହୋଇଥିଲା ଏକ ଭକ୍ତିମୟ ଆଧ୍ୟାତ୍ମିକ ପରିବେଶ। ସେହି ମର୍ଯ୍ୟାଦା ପୁରୁଷ ରାମଙ୍କ ଭକ୍ତିରେ, ପ୍ରେମରେ ସମସ୍ତେ ମଜି ଯାଇଥିଲେ, ଭିଜି ଯାଇଥିଲେ, ଆଉ ହଜି ବି ଯାଇଥିଲେ। ଲୋକପ୍ରିୟ ଧାରାବାହିକ 'ରାମାୟଣ'ର ଶ୍ରୀରାମ ଚରିତ୍ରରେ ଅଭିନୟ କରି ସମସ୍ତଙ୍କ ହୃଦୟରେ ଶ୍ରୀରାମ ଅବତାର ସାଜିଥିବା ଅଭିନେତା ଗୋଭିଲ ଶ୍ରୀରାମ କଥାମୃତ ଆରମ୍ଭ କରିଥିଲେ। ମଝିରେ ମଝିରେ ପ୍ରାୟ ୧୪ ଜଣରୁ ଅଧିକ ନାମୀଦାମୀ କଳାକାର ମଣ୍ଡପରେ ରାମାୟଣ ମହାପୁରାଣର ବିଭିନ୍ନ କଥାବସ୍ତୁକୁ ଅଭିନୟ, ସଙ୍ଗୀତ ଓ ଦୃଶ୍ୟ ଚିତ୍ରଣ ମାଧ୍ୟମରେ ପରିବେଷଣ କରିଥିଲେ। କଳାକାରମାନେ ରାମଙ୍କ ଜନ୍ମ, ଶିକ୍ଷା, ବାଲ୍ୟକାଳ, ବିବାହ, ବନବାସ ଆଦିକୁ ଦର୍ଶକଙ୍କ ପାଖରେ ନିଆରା ଢଙ୍ଗରେ ଉପସ୍ଥାପନ କରିଥିଲେ। ଏହି ସାରସ୍ୱତ ଓ ଆଧ୍ୟାତ୍ମିକ ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ୨ହଜାରରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ ଅତିଥି ଯୋଗଦେଇଥିଲେ। ଟ୍ରଷ୍ଟର ଟ୍ରଷ୍ଟି ଗୌରବ ରାଲହନ, ବାସୁଦେବ ଭଟ୍ଟ, ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ, ସଞ୍ଜୟ ମହାନ୍ତି ଓ ରନି ଦାଶ, ପ୍ରସନ୍ନ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଭୁବନେଶ୍ୱରର ଉତ୍କଳ ମଣ୍ଡପରେ ରବିବାର ଆୟୋଜିତ 'ଶୁନୋ ଶ୍ରୀ ରାମ କାହାଣୀ' କାର୍ଯ୍ୟକ୍ରମରେ ଉପସ୍ଥିତ ଦର୍ଶକ।

# ମାଟ୍ରିକ୍ ପରୀକ୍ଷା ନେଇ ଛାତ୍ରୀଛାତ୍ର ତତ୍ପର

## ମାର୍ଚ୍ଚ ୧୦ରୁ ୨୦ ପର୍ଯ୍ୟନ୍ତ ପରୀକ୍ଷା

**କଟକ ଅଫିସ,୫।୨**

ଆସନ୍ତା ମାର୍ଚ୍ଚ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ସମ୍ମେଟିଭ-୨ ପରୀକ୍ଷା ଅନୁଷ୍ଠିତ ହେବ। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ହାଇସ୍କୁଲ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଏହାକୁ ନେଇ ଛାତ୍ରୀଛାତ୍ରମାନେ ତତ୍ପର ହୋଇପଡିଛନ୍ତି। ପୂର୍ବ ଅପେକ୍ଷା ପାଠପଢ଼ାରେ ଏବେ ଅଧିକ ସମୟ ଦେଉଛନ୍ତି। ମନରେ କୌଣସି ଦ୍ୱନ୍ଦ୍ୱ ଥିଲେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପଚାରି ଦୂର କରୁଛନ୍ତି।

ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୦ଟାରେ ସରିବ। ହେଲେ ଗଣିତ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ୧୫ ମିନିଟ୍ ସମୟ ମିଳିବ। ପରୀକ୍ଷା ସୂଚୀ ଅନୁଯାୟୀ, ମାର୍ଚ୍ଚ ୧୦ ତାରିଖରେ ପ୍ରଥମ ଭାଷା ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲୁଗୁ, ଅଲ୍‌ଟର୍‌ନେଟିଭ ଇଂଲିଶ, ୧୩ ତାରିଖରେ ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ମୂକ ଓ ବଧିରଙ୍କ ପାଇଁ ପରିବେଶ ଓ ଜନସଂଖ୍ୟା, ୧୪ରେ ତୃତୀୟ ଭାଷା ହିନ୍ଦୀ, ଓଡ଼ିଆ, ପାର୍ସୀ, ସଂସ୍କୃତ, ୧୬ରେ ସାଧାରଣ ବିଜ୍ଞାନ, ୧୮ରେ ସାମାଜିକ ବିଜ୍ଞାନ ଓ ୨୦ ତାରିଖରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ଭୋକେଶନାଲ ଟ୍ରେଡ୍ ପ୍ରାକ୍ଟିକାଲ ପରୀକ୍ଷା ନିଜ ସ୍କୁଲରେ ଆସନ୍ତା ୧୫ରୁ ୧୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଭୋକେଶନାଲ୍ ଟ୍ରେଡ୍ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୮୦ ନମ୍ବର ପରୀକ୍ଷା କରାଯିବ। ଏଥିରେ ୫୦ ନମ୍ବର ସଂକ୍ଷିପ୍ତ ଉତ୍ତରମୂଳକ(ଏମ୍‌ସିକ୍ୟୁ) ପ୍ରଶ୍ନ ରହିବ। ଏହାର ଉତ୍ତରକୁ ଓଏମ୍‌ଆର୍ ସିଟ୍‌ରେ ପୂରଣ କରାଯିବ। ଅବଶିଷ୍ଟ ୩୦ ନମ୍ବର ସବ୍‌ଜେକ୍ଟିଭ୍ ପ୍ରଶ୍ନ ରହିବ ଓ ଏହାର ଉତ୍ତର ପ୍ରଶ୍ନପତ୍ର ବୁକ୍‌ଲେଟ୍‌ରେ ଲେଖିବାକୁ ପଡ଼ିବ।

ସେହିପରି ମଧ୍ୟମା ପରୀକ୍ଷା ସୂଚୀ ଅନୁସାରେ, ମାର୍ଚ୍ଚ ୧୦ ତାରିଖରେ ପେପର-୪ (ଓଡ଼ିଆ), ୧୩ରେ ପେପର-୮ (ଇଂଲିଶ), ୧୪ରେ ପେପର-୨ (ସଂସ୍କୃତ ସାହିତ୍ୟମ୍), ୧୫ରେ ପେପର-୧ (ସଂସ୍କୃତ ବ୍ୟାକରଣ ଓ ଦର୍ଶନ), ୧୬ରେ ପେପର-୬ (ସାଧାରଣ ବିଜ୍ଞାନ), ୧୭ରେ ପେପର-୩(ପ୍ରୟୋଗାତ୍ମକ ସଂସ୍କୃତ), ୧୮ରେ ପେପର-୭(ସାମାଜିକ ବିଜ୍ଞାନ) ଓ ୨୦ ତାରିଖରେ ପେପର-୫ (ଗଣିତ) ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ସୂଚୀ ଅନୁସାରେ ମାର୍ଚ୍ଚ ୧୦ ତାରିଖରେ ଓଡ଼ିଆ, ତେଲୁଗୁ, ଉର୍ଦ୍ଦୁ, ହିନ୍ଦୀ, ୧୧ରେ ହୋମ୍ ସାଇନ୍ସ,୧୩ରେ ଇଂଲିଶ ,୧୪ରେ ଭାରତୀୟ ସଂସ୍କୃତି ଓ ଐତିହ୍ୟ, ୧୫ରେ ହୋମ୍ ସାଇନ୍ସ ପ୍ରାକ୍ଟିକାଲ, ୧୬ରେ ବିଜ୍ଞାନ, ୧୭ରେ ଚିତ୍ରାଙ୍କନ ଥିଓରି, ୧୮ରେ ସାମାଜିକ ବିଜ୍ଞାନ, ୧୯ରେ ଚିତ୍ରାଙ୍କନ ପ୍ରାକ୍ଟିକାଲ ଓ ୨୦ରେ ଗଣିତ ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ ଜଣାପଡିଛି।

# ୧୫ ଉଚ୍ଚ ଶିକ୍ଷାନୁଷ୍ଠାନ ପାଇଁ ୩ କୋଟି ଅର୍ଥ ରାଶି ଅନୁମୋଦନ

## 'ମୋ କଲେଜ' ଅଭିଯାନ

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

'ମୋ କଲେଜ' ଅଭିଯାନ ଅନ୍ତର୍ଗତ ପ୍ରକଳ୍ପ ଅନୁଦାନ କାର୍ଯ୍ୟକ୍ରମରେ ରବିବାର ୧୫ଟି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ମୋଟ ୩ କୋଟି ୬୦ ଲକ୍ଷ ୩୪ ହଜାର ୫୫୪ ଟଙ୍କାର ଅର୍ଥ ରାଶି ଅନୁମୋଦନ କରାଯାଇଛି। ଏଥିରେ ଭୁବନେଶ୍ୱରର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସହ ୧୩ଟି ମହାବିଦ୍ୟାଳୟ ରହିଛି। ରମାଦେବୀ ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ରିପୋଗ୍ରାଫିକ ସେଣ୍ଟର ସଂସ୍ଥାପନ, ହିନ୍ଦୀ ବିଭାଗର ୧୦୦ ଛାତ୍ରୀଙ୍କ ପାଇଁ ସ୍ମାର୍ଟ କ୍ଲାସ୍ ରୁମ ଓ ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଇଁ ଶିକ୍ଷା ସୁବିଧା ସୁଯୋଗର ବୃଦ୍ଧି କରାଯିବ। ସେହିପରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଡକ୍ଟର ନାରାୟଣୀ ପଣ୍ଡା ଆଇଟି କୌଶଳ ସେଣ୍ଟରର ନିର୍ମାଣ କରାଯିବ। ଅନ୍ୟପକ୍ଷରେ ସମ୍ପୃକ୍ତ ମହାବିଦ୍ୟାଳୟଗୁଡ଼ିକ ହେଲା ଯାଜପୁର ଧର୍ମଶାଳା ମହାବିଦ୍ୟାଳୟ, ପିପିଲି ମହାବିଦ୍ୟାଳୟ, ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ମୟୂରଭଞ୍ଜର ରୋହିଦାସ ସୋରେନ ଡିଗ୍ରୀ ମହାବିଦ୍ୟାଳୟ, ସମ୍ବଲପୁରର ବୁର୍ଲା ଏନ୍‌ଏସି (ଡିଗ୍ରୀ) ମହାବିଦ୍ୟାଳୟ, ବରଗଡର ମହାତ୍ମା ଡିଗ୍ରୀ ମହାବିଦ୍ୟାଳୟ, ଗଞ୍ଜାମର ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଗଞ୍ଜାମ ମହାବିଦ୍ୟାଳୟ, କଟକ ବାଙ୍କିର ରାଣୀ ସୁକଦେଇ ମହିଳା ଡିଗ୍ରୀ ମହାବିଦ୍ୟାଳୟ, ଜଗତସିଂହପୁରର ଅଳକା ଡିଗ୍ରୀ ମହାବିଦ୍ୟାଳୟ, କେନ୍ଦୁଝରର ପିପିଲିଆ ସ୍ଥିତ ଲକ୍ଷ୍ମୀ ନାରାୟଣ ଡିଗ୍ରୀ ମହାବିଦ୍ୟାଳୟ, ଅନୁଗୋଳର ଷୋଳପଡ଼ା ଡିଗ୍ରୀ ମହାବିଦ୍ୟାଳୟ ଏବଂ ବୋଇଣ୍ଡା ସ୍ଥିତ ଜନତା କଲେଜ। ଏ ସମସ୍ତ ମହାବିଦ୍ୟାଳୟରେ କେଉଁ ସବୁ କାର୍ଯ୍ୟ କରାଯିବ ସେ ସବୁର ମଧ୍ୟ ଚୂଡ଼ାନ୍ତ ଚିଠା ପ୍ରସ୍ତୁତ ହୋଇସାରିଛି। କେଉଁଠି ଶ୍ରେଣୀଗୃହ ତ' ଆଉ କେଉଁଠି କମ୍ପ୍ୟୁଟର ଲ୍ୟାବ୍, ଖେଳପଡ଼ିଆ, ଲାଇବ୍ରେରୀ, ସ୍ମାର୍ଟ କ୍ଲାସ୍‌ରୁମ୍, ବେଞ୍ଚ ଏବଂ ଡେସ୍କର କ୍ରୟ, ବଗିଚାର ସୌନ୍ଦର୍ଯ୍ୟକରଣ, ସମ୍ମିଳନୀ କକ୍ଷ ପାଇଁ ବିଭିନ୍ନ ଉପକରଣର ମରାମତି ଆଦି କାର୍ଯ୍ୟ କରାଯିବ।

# ୪ ଅନାଥ ଶିଶୁଙ୍କ ପାଇଁ ଗାଁରେ ବସିଲା କୋର୍ଟ

- ସରକାରୀ ଅଧିକାରୀଙ୍କୁ ଡକାଇଲେ ବିଚାରପତି
- ପିଲାଙ୍କ ଭବିଷ୍ୟତ ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ରାଜନଗର,୫।୨(ଡି.ଏନ.ଏ.)**

ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିବା ବେଳେ ବାପାଙ୍କୁ ଦୁର୍ବୃତ୍ତମାନେ ମାରିଦେଲେ। ଗାଁରେ ମା'ଙ୍କ ପାଖରେ ଥିବା ୪ ଶିଶୁ ବାପଛେଉଣ୍ଡ ହେଲେ। ତଥାପି ଭାଗ୍ୟକୁ ଆଦରି ମା'ଙ୍କ ସହିତ ପିଲାମାନେ ରହୁଥିଲେ। ହେଲେ ଜନ୍ମକଲା ମା' ୪ ଶିଶୁଙ୍କୁ ଛାଡି କେଉଁଆଡ଼େ ଚାଲିଯିବା ପରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇପଡିଛି। ଏବେ ସେହି ୪ ଶିଶୁ ଜେଜେମା' ଓ ଜେଜେବାପାଙ୍କ ପାଖରେ ରହୁଛନ୍ତି। ଏ ସଂକ୍ରାନ୍ତରେ ଗତ ୩ ତାରିଖ ଧରିତ୍ରୀରେ '୪ ପିଲାଙ୍କ ଭାଗ୍ୟ ଜେଜେମା', ଜେଜେଙ୍କ କାନ୍ଧରେ' ଶୀର୍ଷକରେ ଖବର ପ୍ରକାଶ ପାଇବା ପରେ ଜିଲା ଆଇନ ସେବା ପ୍ରାଧିକରଣର ବିଚାରପତି ସୁମିତ୍ରା ସାହୁ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ଚାରିଘରିଆ ଗାଁରେ ପହଞ୍ଚିଥିଲେ। ଏହି ଘଟଣା ଉପରେ ସେ ପରିବାର ଲୋକ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ବିଚାରପତି ସରକାରୀ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଡକାଇ ୪ ଅନାଥ ଶିଶୁଙ୍କ ଭବିଷ୍ୟତ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଗାଁର ରାସ୍ତା କଡ଼ରେ କୋର୍ଟ ବସିବା ଘଟଣା ରାଜ୍ୟରେ ପ୍ରଥମ ବୋଲି କୁହାଯାଇଛି।

ସୂଚନା ଅନୁଯାୟୀ, ଚାରିପୋଖରିଆ ଗାଁର ଅମର ବାରିକ ହାଇଦ୍ରାବାଦରେ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ସତ୍ୟଭାମା ନାମ୍ନୀ ଜଣେ ଯୁବତୀଙ୍କୁ ଭଲପାଇ ବିବାହ କରିଥିଲେ। ଏହାପରେ ସତ୍ୟଭାମା କୋଳକୁ ଆସିଥିଲେ ୩ ଝିଅ, ଗୋଟିଏ ପୁଅ। ବଡ଼ ଝିଅ ଲକ୍ଷ୍ମୀପ୍ରିୟା (୯), ମଝିଆ ଝିଅ ଦେବିକା (୭), ସାନଝିଅ ଆରତୀ (୬) ଓ ପୁଅ ରୁଦ୍ରମୋହନ (୩)। ହସଖୁସିରେ ତାଙ୍କ ସଂସାର ଚାଲିଥିଲା। ହେଲେ ଦେଢବର୍ଷ ତଳେ ହାଇଦ୍ରାବାଦରେ ଅମରଙ୍କୁ କେହି ଅତି ନିର୍ମମ ଭାବେ ହତ୍ୟା କଲେ। ଅମରଙ୍କ ମୃତ୍ୟୁ ପରେ ସତ୍ୟଭାମା ନିଜର ୪ ପିଲାଙ୍କୁ ଧରି ଗାଁକୁ ଚାଲି ଆସିଥିଲେ। ଆର୍ଥିକ ଅନଟନ ମଧ୍ୟରେ ଶାଶୁ ଶ୍ୱଶୁରଙ୍କ ପାଖରେ ସେ ନିଜ ପିଲାମାନଙ୍କ ସହ ମୁଣ୍ଡ ଗୁଞ୍ଜିଥିଲେ। ହେଲେ ଆଜକୁ ୬ମାସ ତଳେ ସତ୍ୟଭାମା ୪ ପିଲାଙ୍କୁ ଛାଡି କେଉଁଆଡେ ପଳାଇଛନ୍ତି। ଏପରି ପରିସ୍ଥିତିରେ ପିଲାମାନେ କିପରି ବଞ୍ଚିବେ, ସେମାନଙ୍କ ଭବିଷ୍ୟତ ସଂକ୍ରାନ୍ତରେ ଚିନ୍ତାରେ ଅଛନ୍ତି ଜେଜେବାପା ବ୍ରହ୍ମାନନ୍ଦ ବାରିକ ଓ ଜେଜେମା' ମୁକ୍ତାମଣି।

ସମସ୍ତ ଘଟଣା ଜାଣିବା ପରେ ଜିଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତିଙ୍କ ନିର୍ଦ୍ଦେଶରେ ବିଚାରପତି ସାହୁ ଗାଁରେ ପହଞ୍ଚି ଥିଲେ। ସେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଦଲ ଦାସଙ୍କୁ ଡାକି ୪ ପିଲାଙ୍କ ପାଇଁ କି କି ସରକାରୀ ସାହାଯ୍ୟ ଦେଇହେବ ସେ ନେଇ ପଚାରିଥିଲେ। ୪ ଶିଶୁ ଯେପରି ଶାନ୍ତିରେ ଚଳିପାରିବେ ଓ ଭବିଷ୍ୟତ ଗଢ଼ିପାରିବେ, ତା'ର ବ୍ୟବସ୍ଥା କରିବା ପାଇଁ କହିଥିଲେ। ସରକାରଙ୍କ ମିଶନ ବାତ୍ସଲ୍ୟ ଯୋଜନା ଅନୁସାରେ ଏହି ପରିବାରର ଦୁଇ ଶିଶୁଙ୍କୁ ମାସିକ ୪ ହଜାର ଟଙ୍କା ହିସାବରେ ୮ ହଜାର ଟଙ୍କା ମିଳିବ। ବର୍ତ୍ତମାନ ସେମାନେ ୨ ହଜାର ହିସାବରେ ୪ ହଜାର ଟଙ୍କା ପାଇବେ। ଏପ୍ରିଲ ପରେ ବକେୟା ଟଙ୍କା ମଧ୍ୟ ମିଳିବ। ତାଙ୍କ ରାଶନକାର୍ଡରେ ମାତ୍ର ୨ଜଣଙ୍କୁ ୫ କେଜି ଲେଖାଏ ଚାଉଳ ମିଳୁଥିଲା। ସେମାନେ ସମସ୍ତେ କିପରି ରାଶନ ସାମଗ୍ରୀ ପାଇବେ, ସେ ନେଇ ସେମାନଙ୍କ କାଗଜପତ୍ର ନିଆଯାଇ ଜିଲା ଯୋଗାଣ ଅଧିକାରୀଙ୍କୁ ଦିଆଯାଇଛି। ଘଟଣାସ୍ଥଳକୁ ସ୍ଥାନୀୟ ରିଟେଲରଙ୍କୁ ଡାକି ବିଚାରପତି କଥା ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ୪ଶିଶୁଙ୍କ ଜେଜେବାପାଙ୍କୁ ୬୪ ବର୍ଷ ହୋଇଥିଲେ ବି ସେ ଭତ୍ତା ପାଉନାହାନ୍ତି। ସେ ବ୍ୟାଙ୍କ ଅଫ୍ ବରୋଦାରେ ଆକାଉଣ୍ଟ ଖୋଲିଥିଲେ ବି ତାଙ୍କ ପାସ୍‌ବୁକ୍ ମିଳି ନାହିଁ। ଏଥିସହ ୪ମାସ ତଳେ ସେ ଆବେଦନ କରିଥିଲେ ବି ଭତ୍ତା ପାଇ ନ ଥିବା କହିଥିଲେ। ବିଚାରପତି ବ୍ୟାଙ୍କ ଅଫ୍ ବରୋଦା ଚାନ୍ଦିବାଉଁଶମୂଳର ପରିଚାଳକଙ୍କ ସହ କଥା ହୋଇ ତୁରନ୍ତ ତାଙ୍କୁ ପାସ୍‌ବୁକ୍ ପ୍ରଦାନ କରିଥିଲେ। ବିଚାରପତି ସାହୁ ଘଟଣାସ୍ଥଳକୁ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଭଗବତୀ ପ୍ରସାଦ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସଙ୍କୁ ଡକାଇ ଏହି ୪ଶିଶୁଙ୍କ ଭବିଷ୍ୟତ ନେଇ ଆଲୋଚନା କରିଥିଲେ। ସେମାନେ ଭୂମିହୀନ ହୋଇଥିବାରୁ ଘରଡିହ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବା ସମ୍ପର୍କରେ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ବିଚାରପତି ସୁମିତ୍ରା ସାହୁ ଗ୍ରାମବାସୀ ଓ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

> ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ । ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର । କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ । କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ । **–ଶ୍ରୀଅରବିନ୍ଦ**



# ଯୋଗାଡ଼ିଆ

ଭାରତ ଆଗାମୀ ଦିନରେ ବିଶ୍ୱର ନେତୃତ୍ୱ ନେବ ବୋଲି ଦେଶର ଶୀର୍ଷ ନେତା କହୁଛନ୍ତି । କହୁଛନ୍ତି ଭାରତ ହେବ ବିଶ୍ୱଗୁରୁ । ଆହୁରି ମଧ୍ୟ କୁହାଯାଉଛି ସ୍ୱାଧୀନତା ପରେ ଯାହା କରାଯାଇପାରି ନ ଥିଲା, ବିଗତ ୯ ବର୍ଷ ମଧ୍ୟରେ ତାହାଠାରୁ ଯଥେଷ୍ଟ ଅଧିକ ହୋଇପାରିଛି । ବର୍ତ୍ତମାନ ସମୟର ସ୍ଥିତି ଦେଖିଲେ ଶାସକ ଉପରଠାଉରିଆ ଭାବେ ଏଭଳି ବାହୁସ୍ଫୋଟ ମାରିଲେ ମଧ୍ୟ କେହି ପ୍ରତିବାଦ କରୁନାହାନ୍ତି । କିନ୍ତୁ ବାସ୍ତବତା ସମସ୍ତେ ଅନୁଭବ କରୁଛନ୍ତି । ଏଠାରେ ବିଜ୍ଞାନକୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଭାବେ ନିଆଯାଇ ଆଲୋଚନା କରାଯାଉ ।

୨୦୦୯ରେ ରସାୟନ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଥିବା ଭେଙ୍କଟରମଣ (ଭେଙ୍କି) ରାମକ୍ରିଷ୍ଣନ୍ ନିକଟରେ ତାମିଲନାଡୁର ଚେନ୍ନାଇଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଭାରତୀୟ ବିଜ୍ଞାନ ଉପରେ ଦେଇଥିବା ମନ୍ତବ୍ୟ ଏଠାରେ ପ୍ରଣିଧାନଯୋଗ୍ୟ । ସେ କହିଛନ୍ତି, ବିଜ୍ଞାନ ପ୍ରତି ପାଣ୍ଠି ଯୋଗାଣରେ ଅଭାବ ଓ ଅମଲାତାନ୍ତ୍ରିକ ବାଧା ଯୋଗୁ ଭାରତୀୟ ବିଜ୍ଞାନ ପଛରେ ପଡ଼ିଛି । ତାଙ୍କ ପୁସ୍ତକ 'ଜିନ୍ ମେଶିନ୍'ର ତାମିଲ ଅନୁବାଦ ଲୋକାର୍ପଣ ଅବସରରେ ସେ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଆଗ୍ରହ ଯୋଗୁ ବିଶିଷ୍ଟ ବୈଜ୍ଞାନିକ ସି. ଭି. ରମଣ, ଜଗଦୀଶ ଚନ୍ଦ୍ର ବୋଷ, ଏସ୍.ଏନ୍. ବୋଷ, ମେଘନାଦ ଶାହା ଓ ହୋମି ଭାବାଙ୍କ କାର୍ଯ୍ୟ ଗୁରୁତ୍ୱ ପାଇପାରିଥିଲା । ନେହେରୁ ବିଜ୍ଞାନ ପାଇଁ ଅଧିକ ପାଣ୍ଠି ଦେବା ଓ ଗବେଷଣା ଅନୁଷ୍ଠାନ ପ୍ରତିଷ୍ଠା ଫଳରେ ବିଜ୍ଞାନର ଜୟଯାତ୍ରା ହୋଇଥିଲା । ହେଲେ ଏବେ ଦୀର୍ଘମିଆଦୀ ବିଶେଷକରି ୨୦ ବର୍ଷ ଲାଗି ଏଥିସକାଶେ ଭିଜନ୍ ରଖା ନ ଯାଇ ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖାଯାଇ ପଦକ୍ଷେପ ନିଆଯାଉଛି । ତେଣୁ ରାଜନୈତିକ ବ୍ୟକ୍ତିମାନେ ଏ ବିଷୟରେ ଭାବିବା ଦରକାର ବୋଲି ରାମକ୍ରିଷ୍ଣନ୍ କହିଛନ୍ତି । ତାଙ୍କ ଭାଷଣକୁ ତର୍ଜମା କଲେ ବହୁ ଦିଗକୁ ଏହା ଇଙ୍ଗିତ କରୁଛି । ସ୍ୱାଧୀନତା ପରେ ପୂର୍ବ ସରକାରଗୁଡ଼ିକ ଯାହା କରି ନ ଥିଲେ ବୋଲି ଯାହା ବାରମ୍ବାର ଦୋହରାଯାଉଛି, ତାହା ସତ୍ୟ ନୁହେଁ ବୋଲି ରାମକ୍ରିଷ୍ଣନ୍‌ଙ୍କ ଭାଷଣରୁ ସ୍ପଷ୍ଟ ହେଉଛି ।

୧ ଫେବୃୟାରୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ସାଧାରଣ ବଜେଟରେ ବିଜ୍ଞାନ କ୍ଷେତ୍ରକୁ ଗତବର୍ଷ ତୁଳନାରେ ମାତ୍ର ୨,୦୦୦ କୋଟି ଟଙ୍କା ଅଧିକ ବ୍ୟୟବରାଦ କରିଛନ୍ତି । ୨୦୨୨-୨୩ରେ ଏହାର ପରିମାଣ ୧୪,୨୧୭ କୋଟି ଟଙ୍କା ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ୧୬,୩୬୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୧୭-୧୮ଠାରୁ ଗବେଷଣା କ୍ଷେତ୍ରରେ ଭାରତ ସରକାରଙ୍କ ଧ୍ୟାନ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୦.୭ ପ୍ରତିଶତ କିମ୍ବା ଟିକେ ଅଧିକ ରହିଆସିଛି । ଏଥିରେ ଭାରତୀୟ ନେତୃତ୍ୱ ଗବେଷଣା ଓ ଅଭିନବତ୍ୱ କ୍ଷେତ୍ରରେ କେତେ ଦୃଷ୍ଟି ଦେଉଛନ୍ତି ବୁଝିହେଉଛି । ଉକ୍ତ ପ୍ରତିଶତ ଇସ୍ରାଏଲ, ଦକ୍ଷିଣ କୋରିଆ, ଜାପାନ, ଜର୍ମାନୀ, ଆମେରିକା, ଫ୍ରାନ୍ସ, ବ୍ରିଟେନ୍ ଓ କାନାଡାର ଗବେଷଣା କ୍ଷେତ୍ରରେ ବ୍ୟୟ ହେଉଥିବା ଅର୍ଥଠାରୁ ଯଥେଷ୍ଟ କମ୍ । ଉଲ୍ଲେଖଯୋଗ୍ୟ, ଇସ୍ରାଏଲ୍‌ରେ ତା' ଜିଡିପିର ୪.୭ ପ୍ରତିଶତ ବ୍ୟୟ କରାଯାଉଥିବା ବେଳେ ଭାରତରେ ସେହି ପରିମାଣ ଅତି ନଗଣ୍ୟ । ଏତିକି ଆର୍ଥିକ ସମ୍ବଳ ଧରି ଭାରତ ଗବେଷଣା କ୍ଷେତ୍ରରେ ଆଗକୁ ଯିବ ବୋଲି ଭାବିବା କଷ୍ଟକର । ହୁଏତ ସେଥିପାଇଁ ଭାରତୀୟମାନେ ବିଦେଶ ଯାଇ ଅନେକ ନୂତନ ଆବିଷ୍କାର କରୁଥିବା ବେଳେ ତାହାର ସୁନାମ କିମ୍ବା ସୁବିଧା ଭାରତ ହାସଲ କରିପାରୁନାହିଁ । ଏଥିରେ ହୁଏତ ଗୋଟେ ଜାତିର ମାନସିକତା ସହିତ ଗଭୀର ସମ୍ପର୍କ ରହିଛି । ଭାରତରେ ସମସ୍ତେ ତତ୍କ୍ଷଣାତ୍ ସୁବିଧା ଉଠାଇବାକୁ ଚେଷ୍ଟା କରିଥାଆନ୍ତି । କିନ୍ତୁ ଗବେଷଣା ଓ ବିକାଶ (ଆର୍ ଆଣ୍ଡ୍ ଡି) ହେଉଛି ଦୀର୍ଘମିଆଦୀ ଦାୟିତ୍ୱ । ବହୁଳ ଅର୍ଥ ଖର୍ଚ୍ଚ ହେବା ସହିତ ଅନେକ ସମୟ ଏଥିପାଇଁ ଲାଗିଥାଏ । କୋଭିଡ୍ ମହାମାରୀ ସମୟରେ ଏହାର ଏକ ସୁନ୍ଦର ଉଦାହରଣ ଦେଖିବାକୁ ମିଳିଥିଲା । କେବଳ ଭାରତ ନୁହେଁ, ସବୁ ଦେଶରେ ନିଜର ଟିକା ପ୍ରସ୍ତୁତ କରିବା ପାଇଁ ଦୌଡ଼ ଆରମ୍ଭ ହେଲା । ଏବେ ଭାରତରେ ପ୍ରସ୍ତୁତ କୋଭାକ୍‌ସିନ୍‌ର ପ୍ରଭାବ ଅତ୍ୟନ୍ତ ଗୌଣ ଥିବାବେଳେ ଆମେରିକା ଭଳି ଦେଶରେ ଫାଇଜର ଏବଂ ମଡେର୍ନା ପରି ଟିକା ନେଇଥିବା ଲୋକଙ୍କ ଆକସ୍ମିକ ହୃଦ୍‌ରୋଗରେ ମୃତ୍ୟୁ ଘଟୁଛି ଓ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଏବେ ଉପୁଜୁଛି ବୋଲି ରିପୋର୍ଟ ଆସୁଛି । ଗବେଷଣା ଓ ବିକାଶ ଦିଗରେ ଅଧିକ ଅର୍ଥ ବରାଦ କରାଯାଇ ବିଧିବଦ୍ଧ ପ୍ରୟାସ ହେବା ଦରକାର । ପଡ଼ୋଶୀ ଚାଇନା ତା' ଜିଡିପିର ୨.୫ ପ୍ରତିଶତରୁ ଅଧିକ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ବ୍ୟୟ କରୁଛି । ତଥାପି ସେହି ଚାଇନାକୁ ଅଧିକାଂଶ ବୈଜ୍ଞାନିକ ଜ୍ଞାନକୌଶଳ ଆମେରିକାର ବିଭିନ୍ନ ବିଶ୍ୱବିଦ୍ୟାଳୟଠାରୁ ଚୋରି କରିବାକୁ ପଡୁଛି । ନିଜସ୍ୱ ଜ୍ଞାନ କୌଶଳରେ ଚାଇନା ଦ୍ୱାରା ପ୍ରସ୍ତୁତ କୋଭିଡ୍ ଟିକା ସମ୍ପୂର୍ଣ୍ଣ ଭାବେ ଅକାମୀ ବୋଲି ଏବେ ପ୍ରମାଣିତ ହୋଇଛି । ଭାରତୀୟମାନେ ଦେଶପ୍ରେମରେ ଉତ୍ସାହିତ ହୋଇ ସରକାରଙ୍କ ଅସତ୍ୟ ପ୍ରଚାରକୁ ବିଶ୍ୱାସ କରି ଭାବୁଛନ୍ତି ଯେ, ଏହି ଦେଶର ସବୁପ୍ରକାର ଜ୍ଞାନ ପୂର୍ବରୁ ରହିଆସିଛି । ଆମକୁ ବୁଝାଇ ଦିଆଯାଇଛି ଯେ ରାବଣ ତାଙ୍କ 'ବ୍ୟୋମଯାନ'ରେ ସୀତାଙ୍କୁ ଅପହରଣ କରିନେଇଥିଲେ । ତାହା ଯଦି ସତ୍ୟ ହୋଇଥିଲା ତେବେ ଆଜି ପର୍ଯ୍ୟନ୍ତ ଭାରତ ତା'ର ନିଜସ୍ୱ ବିମାନ ତିଆରି କରୁ ନ ଥିବା ବେଳେ ବ୍ରାଜିଲ ଭଳି ଦେଶ ଏମ୍ବ୍ରାଏର୍ ପରି ଏକ ଅତ୍ୟାଧୁନିକ ଉଡାଜାହାଜ ତିଆରି କରିପାରୁଛି, ଯାହାର କି ସମଗ୍ର ବିଶ୍ୱ ବଜାରରେ ଚାହିଦା ରହିଛି । ସେଥିପାଇଁ କୌତୂହଳରେ କୁହାଯାଏ ରାବଣଙ୍କ ବ୍ୟୋମଯାନ ଭାରତ ନୁହେଁ, ଶ୍ରୀଲଙ୍କା ଜ୍ଞାନକୌଶଳରେ ନିର୍ମିତ ହୋଇଥିଲା ।

ଏଭଳି ପ୍ରଚ୍ଛଦପଟରେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦି ଯାଇ ଇସ୍ରୋରେ ବୈଜ୍ଞାନିକଙ୍କ ମେଳରେ ପଶି ତାଳି ମାରନ୍ତି, ସେତେବେଳେ ଭାରତୀୟ ଗଣମାଧ୍ୟମ କେବଳ ପ୍ରଧାନମନ୍ତ୍ରୀଙ୍କ ନାମ ଉଲ୍ଲେଖ କରିବା ବ୍ୟତୀତ ସେହି ଫଟୋରେ ଥିବା ଅନେକ ବୈଜ୍ଞାନିକଙ୍କୁ ଅଣଦେଖା କରିଥାଏ । ଏହା ଫଳରେ ଆମ ଦେଶର ବୈଜ୍ଞାନିକମାନେ ସାଧାରଣ ସ୍କୁଲ ଛାତ୍ରୀଛାତ୍ରଙ୍କ ଜ୍ଞାତସାରରେ ରହି ନ ଥାଆନ୍ତି । ଏଭଳି ଦେଶରେ କେବଳ ରାଜନେତା ଚିହ୍ନା ପଡ଼ନ୍ତି ଓ ଅନ୍ୟସବୁ ବୈଜ୍ଞାନିକ, ଗବେଷକ, ବିଶେଷଜ୍ଞ ଏବଂ ପ୍ରଯୁକ୍ତିବିତ୍ ଲୁଚିଯାଆନ୍ତି । ସେଥିପାଇଁ ଆମ ଦେଶରେ ମାନସିକତାରେ ପରିବର୍ତ୍ତନ ନ ହେବା ଯାଏ କୌଣସି ଉଦ୍ଭାବନ ଓ ଇନୋଭେଶନ ଘଟିପାରିବ ନାହିଁ । ଭାରତ କେବଳ ଏକ 'ଯୋଗାଡ଼ିଆ' ଦେଶ ଭାବେ ବିଶ୍ୱବ୍ୟାପୀ ଚିହ୍ନା ପଡୁଛି ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 4 | | 2 | | 7 | | |
| | | | 6 | | 3 | | | 1 |
| | | | | | | | 5 | |
| | | | 3 | | 5 | | | 8 |
| 8 | | | 1 | | | | 4 | 9 |
| | 1 | 5 | | | 8 | | | 2 |
| | | | 7 | | | | | 3 |
| 4 | | 6 | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 5 | 9 | 1 | 6 | 8 | 3 | 2 |
| 3 | 6 | 9 | 7 | 8 | 2 | 5 | 4 | 1 |
| 2 | 1 | 8 | 4 | 3 | 5 | 7 | 6 | 9 |
| 9 | 2 | 3 | 5 | 7 | 1 | 4 | 8 | 6 |
| 1 | 5 | 4 | 6 | 9 | 8 | 3 | 2 | 7 |
| 7 | 8 | 6 | 2 | 4 | 3 | 9 | 1 | 5 |
| 6 | 3 | 7 | 8 | 2 | 9 | 1 | 5 | 4 |
| 8 | 9 | 2 | 1 | 5 | 4 | 6 | 7 | 3 |
| 5 | 4 | 1 | 3 | 6 | 7 | 2 | 9 | 8 |

ଗତକାଲିର ଉତ୍ତର

# ଆର୍ଥିକ ଅନ୍ତର୍ଦୃଷ୍ଟି ଏବଂ ବିତ୍ତୀୟ ନିଅଣ୍ଟ



ଅମିୟ କୁମାର ମହାପାତ୍ର

ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି । ଏବେ ତାହାର ପ୍ରାସଙ୍ଗିକତା ଏବଂ ଉପାଦେୟତା ଉପରେ ସମୀକ୍ଷା, ଆଲୋଚନା ଏବଂ ସମାଲୋଚନା ଚାଲିଛି । କୌଣସି ଦେଶର ବଜେଟ କେବଳ ସରକାରଙ୍କ ଆୟ-ବ୍ୟୟର ଚିଠା ଅବା ଆର୍ଥିକ ବିବରଣୀ ନୁହେଁ, ବରଂ ଏହା ଏକ ଶକ୍ତିଶାଳୀ ସାଧନ, ଯାହା ଦେଶର ଭାଗ୍ୟ ଏବଂ ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ । ଦେଶର ଅର୍ଥନୈତିକ ଏବଂ ସାମାଜିକ ପରିବର୍ତ୍ତନ, ସମାବେଶୀ ବିକାଶ ଏବଂ ଆଞ୍ଚଳିକ ବିକାଶରେ ବଜେଟ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଆଇସବର୍ଗ ବିଶ୍ଳେଷଣ ପରି, ବଜେଟର ବିଭିନ୍ନ କ୍ଷେତ୍ର ଓ ବିଭାଗ ଉପରେ ପ୍ରଭାବକୁ ଏବଂ ବିଶେଷ ଭାବରେ ଦେଶର ଦୀର୍ଘକାଳୀନ ଅଭିବୃଦ୍ଧିରେ ଅବଦାନକୁ ବୁଝିବାକୁ ହେବ । ଏହାସହ ପ୍ରତ୍ୟେକ ଖର୍ଚ୍ଚକୁ କେବଳ ଆବଣ୍ଟନ ପରିମାଣ ହିସାବରେ ବିଚାର ନ କରି ଏହାର ଗୁଣକ ତଥା ସମାବେଶୀ ପ୍ରଭାବକୁ ବିଚାର କରିବା ଉଚିତ । ବଜେଟର ଉପାଦେୟତା ଏହାର ଦକ୍ଷତା ଏବଂ ଦୀର୍ଘକାଳୀନ ପ୍ରଭାବ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥାଏ ।

ଅର୍ଥନୈତିକ ଦୃଷ୍ଟିକୋଣରୁ ବଜେଟର ପ୍ରଭାବକୁ ମୁଖ୍ୟତଃ ବିତ୍ତୀୟ ନିଅଣ୍ଟ, ପୁଞ୍ଜିବ୍ୟୟ, ଉଦ୍ୟୋଗ ଏବଂ ମୁଦ୍ରାସ୍ଫୀତି ଜରିଆରେ ସମୀକ୍ଷା କରାଯାଇଥାଏ । ବିତ୍ତୀୟ ନିଅଣ୍ଟ (ଫିସ୍କାଲ ଡେଫିସିଟ) ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ସରକାରଙ୍କ ମୋଟ ଋଣର ଆବଶ୍ୟକତାକୁ ପ୍ରତିଫଳିତ କରିଥାଏ । ଏହା ଆର୍ଥିକ ଅନୁଶାସନ ମାପିବା ସଙ୍ଗେ ସଙ୍ଗେ ଦେଶର ବର୍ତ୍ତମାନର ଆବଶ୍ୟକତା ଏବଂ ଭବିଷ୍ୟତର ସ୍ଥିତି ସମୀକ୍ଷା କରିବାରେ ସାହାଯ୍ୟ କରେ । ବିତ୍ତୀୟ ନିଅଣ୍ଟରେ ଲଗାତର ବୃଦ୍ଧି ହେଲେ ଦେଶ ଋଣ ଜାଲରୁ ମୁକୁଳିପାରିବ ନାହିଁ ଏବଂ ଏହାଦ୍ୱାରା ଆର୍ଥିକ ସଙ୍କଟ ଏବଂ ଅନିଶ୍ଚିତତା ଦେଖାଦେବ । ବିତ୍ତୀୟ ନିଅଣ୍ଟ ବଢ଼ିଲେ ମୁଦ୍ରାସ୍ଫୀତି ହେବାର ସମ୍ଭାବନା ଅଛି । ବର୍ଷ ୨୦୨୧-୨୨ ସଂଶୋଧିତ ବିତ୍ତୀୟ ନିଅଣ୍ଟ (ଫିସ୍କାଲ ଡେଫିସିଟ) ଜିଡିପିର ୬.୯ ପ୍ରତିଶତ ଥିବାବେଳେ ବର୍ଷ ୨୦୨୨-୨୩ ବଜେଟରେ ୬.୪ ପ୍ରତିଶତ ସ୍ଥିର କରାଯାଇଥିଲା । ବର୍ଷ ୨୦୨୩-୨୪ ବଜେଟରେ ୫.୯ ପ୍ରତିଶତ ସ୍ଥିର କରାଯାଇଛି । ବିତ୍ତୀୟ ଦାୟିତ୍ୱ ଏବଂ ବଜେଟ ପରିଚାଳନା ନିୟମ-୨୦୦୩ ଅନୁଯାୟୀ ବିତ୍ତୀୟ ନିଅଣ୍ଟ ଜିଡିପିର ୩ ପ୍ରତିଶତରୁ ଅଧିକ ହେବା ଉଚିତ ନୁହେଁ । ଏହି ହିସାବରେ ୫.୯ ପ୍ରତିଶତ ଅଧିକ । ହେଲେ କରୋନା ପ୍ରଭାବିତ ଭାରତୀୟ ଅର୍ଥନୀତି ଏବଂ ବିଶ୍ୱ ଅର୍ଥନୈତିକ ମନ୍ଥରତା, ରୁଷ-ୟୁକ୍ରେନ ଯୁଦ୍ଧର ପ୍ରଭାବକୁ ବିଚାରକୁ ନେଲେ ୫.୯ ପ୍ରତିଶତ ଅତି ଜରୁରୀ । ହେଲେ ବି ଚିନ୍ତାର କାରଣ ହୋଇ ରହିବ । ତଥାପି ଆନୁମାନିକ ନିଅଣ୍ଟରୁ ବିଚ୍ୟୁତ ନ ହେବାକୁ ସରକାରଙ୍କୁ ନିଶ୍ଚିତ କରିବାକୁ ପଡିବ ନଚେତ୍ ଅର୍ଥନୈତିକ ସଙ୍କଟ ବୃଦ୍ଧି ହେବ ।



ବିତ୍ତୀୟ ନିଅଣ୍ଟର କୁପ୍ରଭାବକୁ ହ୍ରାସ କରିବା ପାଇଁ ସରକାର ଅଧିକ ପୁଞ୍ଜି ଖର୍ଚ୍ଚର ବ୍ୟବସ୍ଥା କରିଛନ୍ତି, ଯାହା କି ଗତ ବର୍ଷ ହିସାବରେ ୩୩ ପ୍ରତିଶତ ଅଧିକ ଓ ଜିଡିପିର ୩.୩ ପ୍ରତିଶତ । ଲଗାତର ତୃତୀୟ ବର୍ଷ ପାଇଁ ପୁଞ୍ଜି ବିନିଯୋଗର ଖର୍ଚ୍ଚ କ୍ରମାଗତ ଭାବରେ ବୃଦ୍ଧି କରାଯାଇଛି । ବର୍ଦ୍ଧିତ ପୁଞ୍ଜି ବିନିଯୋଗ ପରିବହନ ଓ ରେଲୱେ ସହିତ ଭିତ୍ତିଭୂମିକୁ ମଜଭୁତ କରିବ । ତାହା ରୋଜଗାର ଏବଂ ଅଭିବୃଦ୍ଧି ଉପରେ ଅଧିକ ଗୁଣନକାରୀ ପ୍ରଭାବ ପକାଇବ ଓ ପୁଞ୍ଜି ବିନିଯୋଗଜନିତ ବୃଦ୍ଧି ଆମ ଅର୍ଥନୀତିକୁ ବିଶ୍ୱ ମନ୍ଥରତାରୁ ସୁରକ୍ଷା ଦେବ । ୧୦ ଲକ୍ଷ କୋଟି ପୁଞ୍ଜିବ୍ୟୟ ଦେଶର ଉତ୍ପାଦନ ଏବଂ ରୋଜଗାର ଓ ରପ୍ତାନି ବଢାଇବାରେ ଆଧାର ହେବ । ଭିତ୍ତିଭୂମିରେ ପୁଞ୍ଜି ବିନିଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ୧.୩ ଲକ୍ଷ କୋଟି ଟଙ୍କାର ଉଲ୍ଲେଖନୀୟ ବୃଦ୍ଧି ସହିତ ରାଜ୍ୟ ସରକାରଙ୍କୁ ୫୦ ବର୍ଷ ପାଇଁ ସୁଧମୁକ୍ତ ଋଣ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

ରାଜସ୍ୱ ନିଅଣ୍ଟ ବିତ୍ତୀୟ ନିଅଣ୍ଟର ଏକ ମୁଖ୍ୟ ଅଂଶ । ତେଣୁ ବିତ୍ତୀୟ ନିଅଣ୍ଟକୁ କମ୍ କରିବାକୁ ହେଲେ ରାଜସ୍ୱ ନିଅଣ୍ଟକୁ କମ୍ କରିବାକୁ ପଡିବ । ସେଥିପାଇଁ ସରକାର ଯୋଜନାବଦ୍ଧ ଭାବରେ ରାଜସ୍ୱ ଆୟ ବୃଦ୍ଧି କରବା ସହ ରାଜସ୍ୱ ଖର୍ଚ୍ଚରେ ନିୟନ୍ତ୍ରଣ କରି ଗତବର୍ଷ ୩.୮ ପ୍ରତିଶତ ତୁଳନାରେ ତାହାକୁ କେବଳ ୨.୯ ପ୍ରତିଶତ ରଖିଛନ୍ତି, ଯାହାକି ଆର୍ଥିକ ସ୍ଥିରତା ଏବଂ ଏକୀକରଣ ପାଇଁ ଏକ ଉତ୍ତମ ପଦକ୍ଷେପ । ବଜେଟର ରାଜସ୍ୱ ସ୍ରୋତକୁ ବିଶ୍ଳେଷଣ କଲେ ଦେଖାଯିବ, ସର୍ବାଧିକ ୩୪ ପ୍ରତିଶତ ରସିଦ ଋଣରୁ ଆସିଛି, ଯାହା ପ୍ରକୃତରେ ଚିନ୍ତାଜନକ । ଅନ୍ୟପକ୍ଷରେ, ଖର୍ଚ୍ଚ ପକ୍ଷରୁ ସର୍ବାଧିକ ୨୦ ପ୍ରତିଶତ ଖର୍ଚ୍ଚ ସୁଧଦେୟ ପାଇଁ ପ୍ରାବଧାନ କରାଯାଇଛି । ଏହାର ଏକପ୍ରକାର ଅର୍ଥ ହେଉଛି କି ଦେଶ ଯାହା ଋଣ କରୁଛି ତାହା ମୁଖ୍ୟତଃ ସୁଧ ଦେବାରେ ଯାଉଛି । ଏହାଫଳରେ ଦେଶର ପୁଞ୍ଜିବ୍ୟୟ, ଭିତ୍ତିଭୂମି ବିକାଶ, କଲ୍ୟାଣକାରୀ ଯୋଜନା ଓ ରୋଜଗାର ପନ୍ଥା ବାଧାପ୍ରାପ୍ତ ହୋଇପାରେ । ଅପରପକ୍ଷେ ଯୁକ୍ତିସଙ୍ଗତ ବ୍ୟୟ ଓ ଅନାବଶ୍ୟକ ସବ୍‌ସିଡିକୁ ହ୍ରାସ ଦ୍ୱାରା ସରକାର ଆର୍ଥିକ ସ୍ଥିରତା ଆଣିବାକୁ ଚେଷ୍ଟା କରିଛନ୍ତି ।

ଏହି ବଜେଟରେ ସବୁ ରାଜ୍ୟମାନଙ୍କୁ ଅଧିକ ଆର୍ଥିକ ସ୍ୱାଧୀନତା ପ୍ରଦାନ କରାଯାଇଛି ଏବଂ ସେହି ଅନୁଯାୟୀ ପ୍ରତ୍ୟେକ ରାଜ୍ୟକୁ ଘରୋଇ ଉତ୍ପାଦର ୩.୫ ପ୍ରତିଶତ ବିତ୍ତୀୟ ନିଅଣ୍ଟ ପାଇଁ ଅନୁମତି ଦିଆଯାଇଛି । ରାଜ୍ୟମାନଙ୍କୁ ଆର୍ଥିକ ସହାୟତା ଯୋଜନାରେ ବ୍ୟୟ ବୃଦ୍ଧି ଉତ୍ପାଦକତା ଏବଂ ପୁଞ୍ଜି ବିନିଯୋଗ ପାଇଁ ସରକାର ସ୍ଥିର କରିଛନ୍ତି । ତେଣୁ ସହଜ ବ୍ୟବସାୟ ୨.୦, ବିଶ୍ୱାସ ଆଧାରିତ ସୁଶାସନ, ବେସରକାରୀ ବିନିଯୋଗକୁ ପ୍ରୋତ୍ସାହନ ଏବଂ ସହରୀ ଯୋଜନାରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସ୍ଥିର କରିଛନ୍ତି ।

ଉତ୍ପାଦନ-ଲିଙ୍କ୍ ପ୍ରୋତ୍ସାହନ ଯୋଜନା ଅଧୀନରେ ସରକାର ୮୦୦୦ କୋଟି ପାଣ୍ଠି ଆବଣ୍ଟନ କରିଛନ୍ତି । ଏହି ଯୋଜନାରେ ବୃହତ୍ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ପାଇଁ ୪୬୪୫ କୋଟି, ଫାର୍ମାସ୍ୟୁଟିକାଲ୍ସ ପାଇଁ ୧୨୦୦ କୋଟି, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ୧୫୩୦ କୋଟି ପାଣ୍ଠି ଆବଣ୍ଟନ କରାଯାଇଅଛି । ଏହା ଆମ ଶିଳ୍ପ କ୍ଷେତ୍ରକୁ ମଜଭୁତ କରିବା ସଙ୍ଗେ ସଙ୍ଗେ ରୋଜଗାର ସୃଷ୍ଟି କରି ନିଶ୍ଚିତ ଭାବରେ ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ।

ଅର୍ଥନୈତିକ ବିକାଶ, ଅଧିକ ରୋଜଗାର ଏବଂ ନିଯୁକ୍ତି ପାଇବା ପାଇଁ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗମାନଙ୍କର ଯୋଗଦାନ ଅତ୍ୟନ୍ତ ଜରୁରୀ । ଏହି ବଜେଟରେ ଦରକାରୀ ସହାୟତା, ଋଣ ଏବଂ ସବ୍‌ସିଡି ଦିଆଯାଇଛି । ଏହି କ୍ଷେତ୍ର ପାଇଁ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ଜରିଆରେ ୯୦୦୦ କୋଟି ପ୍ରାବଧାନ ରଖାଯାଇଛି । ଏହା ଦ୍ୱାରା ଉତ୍ପାଦନ ବଢ଼ିବ ଏବଂ ରପ୍ତାନିରେ ବୃଦ୍ଧି ହେବ । ଯୁବଗୋଷ୍ଠୀମାନେ ମଧ୍ୟ ନିଜର ଷ୍ଟାର୍ଟଅପ୍ କରି ରୋଜଗାରକ୍ଷମ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିପାରିବେ । ଏହା ଆତ୍ମନିର୍ଭର ଭାରତ ଲକ୍ଷ୍ୟପଥକୁ ସୁଗମ କରିବ ।

ଉକ୍ତ ବଜେଟ ମାଧ୍ୟମରେ ଭିତ୍ତିଭୂମି, ବିନିଯୋଗ, ଅଭିନବ ଏବଂ ଅନ୍ତର୍ଭୁକ୍ତୀକରଣ ଉପରେ ସରକାରଙ୍କ ଧ୍ୟାନ ଏବଂ ପ୍ରତିବଦ୍ଧତା ପରିଲକ୍ଷିତ ହୋଇଛି । ଏହି ବଜେଟ ୨୦୨୩-୨୪, ଭାରତ@୧୦୦ ବର୍ଷର ଦୀର୍ଘମିଆଦୀ ଦର୍ଶନ ସହିତ ଉପସ୍ଥାପିତ କରାଯାଇଛି । ଅର୍ଥ ବ୍ୟବସ୍ଥା ଉପରେ ପ୍ରଭାବ ଦୃଷ୍ଟିକୋଣରୁ ଏହା ଏକ ଦୀର୍ଘକାଳୀନ ଦୂରଦୃଷ୍ଟି ବଜେଟ ।

**ପ୍ରଫେସର, ଜୟପୁରିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ, ଇନ୍ଦୋର**
**ମୋ: ୮୩୮୩୦୬୨୬୬୧**

# ପୁଷ୍ଟିଶସ୍ୟର ଜୟଯାତ୍ରା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଆମ ରାଜ୍ୟ ତଥା ଭାରତରେ ବହୁ ପୂର୍ବରୁ ବହୁଳ ମାତ୍ରାରେ ପୁଷ୍ଟିଶସ୍ୟର ଉତ୍ପାଦନ କରାଯାଉଥିଲା । ଏପରିକି ଚାଷୀମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା ନିଜ ଇଚ୍ଛାକୃତ ଶସ୍ୟ ଉତ୍ପାଦନ କରିବା ପାଇଁ । ମାତ୍ର କ୍ରମେ ସରକାରୀ ପ୍ରତିବନ୍ଧକ ଯୋଗୁ ଚାଷୀମାନେ କେବଳ ଲାଭଦାୟକ ଏବଂ ସରକାରୀ ସାହାଯ୍ୟ ମିଳୁଥିବା ଶସ୍ୟ ଉତ୍ପାଦନ କରିବା ପାଇଁ ଏକପ୍ରକାର ବାଧ୍ୟ ହେଲେ । କିଛି ନିର୍ଦ୍ଦିଷ୍ଟ ଶସ୍ୟ ଯେପରିକି ଧାନ, ଗହମ, ତୈଳବୀଜ ଆଦିର ଉତ୍ପାଦନ ପାଇଁ ଉନ୍ନତ ଚାଷ ପ୍ରଣାଳୀ, ଜଳସେଚନର ସୁବିଧା, ଉତ୍କୃଷ୍ଟ ବିହନ ଓ ସାର, ରୋଗପୋକ ନିୟନ୍ତ୍ରଣ ପାଇଁ ଔଷଧ ଯୋଗାଇବା ଦ୍ୱାରା ଅନ୍ୟ ଶସ୍ୟ ଉତ୍ପାଦନ କରୁଥିବା ଚାଷୀ ସେଗୁଡ଼ିକୁ ବାଦ୍ ଦେଇ କେବଳ ସରକାରୀ ଅର୍ଥ ସାହାଯ୍ୟ ମିଳୁଥିବା ଶସ୍ୟ ଅମଳ ଦିଗରେ ଆଗ୍ରହ ପ୍ରକାଶ କଲେ । ପରିଣାମ, ୧୯୭୬ ପରଠାରୁ ମାଣ୍ଡିଆ, ଯଅ, ସୁଆଁ, ବାଜରା ଭଳି ପୁଷ୍ଟିଶସ୍ୟର ସ୍ଥାନ ନେଲେ ଧାନ ଓ ଗହମ । ସୂଚନା ରହିଛି- ମାଣ୍ଡିଆ, ବାଜରା ଆଦି ଶସ୍ୟ ଯଦିଓ ପ୍ରତିଦିନ ଖାଦ୍ୟ ଭିତରେ ଅନ୍ତର୍ଭୁକ୍ତ ଥିଲା, ଏହାର ବ୍ୟବସାୟ ଭାରତ ଭିତରେ ସେତିକି ମାତ୍ରାରେ ପ୍ରସାରିତ ହୋଇ ନ ଥିଲା । ଫଳରେ ଧୀରେ ଧୀରେ ଏହାର ଗ୍ରାହକ ଏବଂ ଚାଷୀସଂଖ୍ୟା କମିବାରେ ଲାଗିଲା ।

ମାତ୍ର ଏବେ ମାଣ୍ଡିଆକୁ ନିତିଦିନ ଖାଦ୍ୟରେ ସାମିଲ କରିବା ପାଇଁ ସରକାର ଚଳଚଞ୍ଚଳ ହୋଇ ଉଠିଛନ୍ତି । ଅବଶ୍ୟ ଏହା ପଛରେ ବି ଗୂଢ଼ ରହସ୍ୟ ରହିଛି । ମାଣ୍ଡିଆ ଆଦି ପୁଷ୍ଟିଶସ୍ୟକୁ ବାଦ୍ ଦେଇ ଧାନର ବ୍ୟବହାର ଦ୍ୱାରା ଚାଷୀ ଲାଭପାଇଲା ସତ, ମାତ୍ର କ୍ରମେ ଏହାର ପ୍ରଭାବରେ ଦେଶରେ ଏକ ବଡ଼ଭାଗ ମହିଳା ଓ ଶିଶୁମାନେ ପୁଷ୍ଟିହୀନତା, ଆୟୋଡିନ୍, ଭିଟାମିନ୍-ଏ, ଲୌହଜନିତ ଅଭାବ ଭୋଗିବା ଆରମ୍ଭ କରିବା ଦେଖାଗଲା । ଗୋଟିଏ ପୁରୁଣା ଲୋକକଥା ବି ଏହାକୁ ନେଇ ଶୁଣାଯାଇଛି ଯେ, 'ଖାଦ୍ୟ ଅଭାବରେ ମରିବାକୁ ଯାଉଥିବା ଜଣେ ବ୍ୟକ୍ତିର ଜୀବନ ବଞ୍ଚେଇବା ପାଇଁ ଗୋଟିଏ ଡେଙ୍ଗ ପୁଷ୍ଟିଶସ୍ୟ ଯଥେଷ୍ଟ ।'

ମାଣ୍ଡିଆ ଉତ୍ପାଦନ ହ୍ରାସର ଆଉ ଗୋଟିଏ ବଡ଼ କାରଣ ହେଲା, ଏହାର କମୁଥିବା ଚାହିଦା । ଯଦି ଲୋକ ଖାଇବେ ନାହିଁ, କିଣିବେ କାହିଁକି ? ଯଦି ଲୋକ କିଣିବେ ନାହିଁ, ତେବେ ଚାଷୀ ମାଣ୍ଡିଆ ଚାଷ କରିବ କାହା ପାଇଁ ? ଆଉ ଲୋକ ଖାଇବା ପାଇଁ ମାଣ୍ଡିଆ ସବୁଠି ସହଜ ଓ ସୁଲଭ ମୂଲ୍ୟରେ ମିଳିବା କଥାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ! ଯେମିତିକି ଧାନ ଉଭୟ ବଜାରରେ ଏବଂ ସରକାରୀ ସୂତ୍ରରୁ ସହଜଲବ୍ଧ ଏବଂ ରିହାତି ମୂଲ୍ୟରେ ବିକ୍ରି ହେଉଥିବାରୁ ଗ୍ରାହକମାନଙ୍କ ଦ୍ୱାରା ବେଶୀ ଗ୍ରହଣୀୟ ହୋଇପାରିଲା । ମାତ୍ର ସେଇ ଅନୁପାତରେ ମାଣ୍ଡିଆର ବିକ୍ରି ହେଲା ନାହିଁ, ତେଣୁ ଏହାର ଚାହିଦା କମିବା ସ୍ୱାଭାବିକ ।

ତେବେ ପ୍ରସଙ୍ଗ ହେଉଛି, ଏବେ ଏତେ ବର୍ଷ ପରେ ପୁଣି କାହିଁକି ପୁଷ୍ଟିଶସ୍ୟ ପାଇଁ ଶ୍ରଦ୍ଧା ଓ ପ୍ରେମ । ଏହା ଯେ ଶରୀର ପାଇଁ ହିତକାରୀ ଆମ ପରିବେଶବିତ୍, ସ୍ୱାସ୍ଥ୍ୟବିତ୍, ବିଶେଷଜ୍ଞ ଓ ବୁଦ୍ଧିଜୀବୀମାନେ ସେବେ ବି ଜାଣିଥିଲେ ଆଉ ଆଜି ମଧ୍ୟ ସେ କଥାଟି ଖାଣ୍ଟି ସତ । ଆମେ ଏବେ ଗତି କରୁଥିବା ଜଳବାୟୁ ସଙ୍କଟ ଦ୍ୱାରା ଧାନଚାଷ ବିଶେଷ ଭାବରେ ପ୍ରଭାବିତ ହୋଇଛି । ଧାନଚାଷୀ ପରିବର୍ତ୍ତିତ ଜଳବାୟୁ ଦ୍ୱାରା ପ୍ରଭାବିତ ହୋଇ କ୍ଷତି ସହିବାରୁ ପୁଣିଥରେ ମାଣ୍ଡିଆ ଚାଷ ଆଡ଼କୁ ମନ ବଳାଇଛି । ଖାଦ୍ୟ ସମସ୍ୟା ସମାଧାନର ବିକଳ୍ପ ବ୍ୟବସ୍ଥା ରୂପେ ପୁଷ୍ଟିଶସ୍ୟ ହିଁ ଏକମାତ୍ର ସାହା ଭରସା ବୋଲି ଧରିନିଆଗଲାଣି ।



ଅପରପକ୍ଷେ, ମାଣ୍ଡିଆ ଆଦି ଶସ୍ୟଗୁଡ଼ିକର ଚାଷ ପାଇଁ ଖୁବ୍ କମ୍ ଜଳ ଆବଶ୍ୟକ ଥିବା ବେଳେ ଅନୁର୍ବର ମାଟିରେ ୬୦-୯୦ ଦିନ ଭିତରେ ଏହା ଅମଳ କରାଯାଇଥାଏ । ମାଣ୍ଡିଆ ଚାଷ ସମୟରେ ରୋଗ ଓ ପୋକ ଆକ୍ରମଣର ଆଶଙ୍କା କମ୍ ଥିବା ବେଳେ ଥରେ ଅମଳ ହେଲାପରେ ବହୁବର୍ଷ ପାଇଁ ଗଚ୍ଛିତ କରି ରଖାଯାଇପାରେ । ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ସହ ଲଢ଼ିବା ପାଇଁ ଏହାକୁ ଏକ ଅସ୍ତ୍ର ରୂପେ ବ୍ୟବହାର କରାଗଲାଣି, ଯାହାର ପ୍ରମୁଖ ବିନ୍ଧାଣି ସାଜିଛନ୍ତି ମହିଳା ଚାଷୀମାନେ । ମହିଳାମାନଙ୍କୁ ଏହାର ଦାୟିତ୍ୱ ନେବାର ଆହ୍ୱାନ କରାଯାଇ ନାରୀ ସଶକ୍ତୀକରଣର ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ାଯିବାର ପ୍ରୟାସ କରାଯାଇଛି ।

ମାଣ୍ଡିଆ ଚାଷ ଯେ କେବଳ ଆର୍ଥିକ ସହାୟତା ଯୋଗାଇଛି ତା' ନୁହେଁ, ଏହା ଆମର ପରମ୍ପରା ଓ ସଂସ୍କୃତିର ନୂତନ ପରିଚାୟକ ସାଜିବାରେ ସକ୍ଷମ ହୋଇଛି । ସୁସ୍ଥ ଜୀବନ ବଞ୍ଚିବା ଏବଂ ଉନ୍ନତ ଭବିଷ୍ୟତ ଦେଖିବାର ସ୍ୱପ୍ନ, କିଛିବର୍ଷ ତଳେ ପାସୋରା ଯାଇଥିବା ମାଣ୍ଡିଆ ଯୋଗୁ ହିଁ ସମ୍ଭବ ହୋଇପାରିଛି । ଆମ ଭିତରେ ବି ଅନେକ 'ମାଣ୍ଡିଆ' ଶବ୍ଦର ବ୍ୟବହାର କିଛି ନିକୃଷ୍ଟ ଦ୍ରବ୍ୟ ବା ବ୍ୟକ୍ତି ସହିତ କରନ୍ତି । ଲୋକଙ୍କର ଧାରଣା ଥିଲା ଯେ ମାଣ୍ଡିଆ, ଯଅ, ସୁଆଁ, ବାଜରା ଆଦି ଶସ୍ୟ ଅଭାବୀ ଓ ଗରିବ ଶ୍ରେଣୀର ଲୋକ ଖାଆନ୍ତି । ମାତ୍ର ଏବେ ସମୟ ଆସିଯାଇଛି ସବୁ ପ୍ରକାର ପୁଷ୍ଟିଶସ୍ୟକୁ ସମ୍ମାନର ସହ ପ୍ରତିଦିନ ଆମ ଖାଇବା ଥାଳିରେ ସ୍ଥାନ ଦେବା । ସମୟ ଥାଉ ଥାଉ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଖାଦ୍ୟ ଅଭାବ ଭଳି ସମସ୍ୟା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ 'ମିଲେଟ୍ ମିଶନ'ର ଆବଶ୍ୟକତା ଦେଶର ବୁଦ୍ଧିଜୀବୀମାନେ ଅନୁଭବ କରିପାରିଛନ୍ତି ।

ମୂଳକଥା ହେଉଛି ମାଣ୍ଡିଆକୁ ନେଇ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ତିଆରି ହେବା ପରଠୁ, ଏହା ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିଛି । ଖାଲି ଛତୁଆ, ଯାଉରେ ଏହା ସୀମିତ ନ ରହି ଏଥିରୁ ନାନା ରକମର ସ୍ନାକ୍ସ, ଜଳଖିଆ, ପିଠା ତିଆରି ହୋଇପାରୁଛି । ସେହିପରି ବାଜରା, ଯଅ, ସୁଆଁ ଭଳି ଆହୁରି ଅନେକ ପ୍ରକାର ପୁଷ୍ଟିଶସ୍ୟକୁ ବ୍ୟବହାର କରି ସୁସ୍ୱାଦୁ ଓ ଶରୀରପକ୍ଷେ ହିତକାରୀ ଖାଦ୍ୟର ପ୍ରସ୍ତୁତି ଲୋକଙ୍କୁ ଆକୃଷ୍ଟ କରୁଛି । ଏମିତିରେ ସୁସ୍ଥ ଜୀବନ ବଞ୍ଚିବା ପାଇଁ ପୁଷ୍ଟିଶସ୍ୟର ଜୟଯାତ୍ରା ଆଗକୁ ଜାରି ରହିବ ବୋଲି ଆଶା କରାଯାଇପାରେ ।

**ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮**

## ଏଇ ଭାରତରେ

ବନ୍ଧୁତାର କୌଣସି ଧର୍ମ ନାହିଁ । କିନ୍ତୁ ବନ୍ଧୁତାର କିଛି କାହାଣୀ ଉଦାହରଣ ପାଲଟିଯାଏ । ଯେତେବେଳେ ଧର୍ମ ନାମରେ ଘୃଣା ବିସ୍ତାର କରିବାର ପ୍ରୟାସ ଦେଖାଯାଇଥାଏ ସେତେବେଳେ ଏଭଳି ଉଦାହରଣଗୁଡ଼ିକ ସମାଜର ଠିକାଦାରଙ୍କୁ ଉପଯୁକ୍ତ ଉତ୍ତର ଦେବାକୁ ସକ୍ଷମ ହୋଇଥାଏ । ସାଧାରଣତଃ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କ ଦ୍ୱାରା ସମାଜରେ ଘୃଣା ବିସ୍ତାର ପାଇଁ ପ୍ରୟାସ କରାଯାଏ । କିନ୍ତୁ ଅନନ୍ୟ ବନ୍ଧୁତା ଏବଂ ଭଲ ପାଇବା ନୂଆ ଧାରା ସୃଷ୍ଟି କରିବାରେ ଆଗୁଆ ରହିଥାଏ, ଯାହା ଦେଖାଯାଇଛି ଗୟାରେ । ସେଠାରେ ଏକ ହିନ୍ଦୁ-ମୁସଲମାନ ବନ୍ଧୁତା ଧର୍ମ ନାମରେ ପରିବେଶକୁ ନଷ୍ଟ କରୁଥିବା ଲୋକଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ସ୍ଥିତି ସମ୍ପର୍କରେ ସଚେତନ କରିଛି । ଗୟା ମ୍ୟୁନିସିପାଲିଟି କର୍ପୋରେଶନ ଅଞ୍ଚଳର ୱାର୍ଡ ନମ୍ବର ୨୬ରୁ ଅବର ଅହମ୍ମଦ ଗତ ୨୦୦୨ରୁ ୱାର୍ଡ କାଉନ୍‌ସିଲର ଭାବରେ କାର୍ଯ୍ୟ କରୁଛନ୍ତି । ଏବେ ନିର୍ବାଚନରେ ନିଗମର ପୂର୍ବତନ ଡେପୁଟି ମେୟର ମୋହନ ଶ୍ରୀବାସ୍ତବ ୱାର୍ଡ ନମ୍ବର ୧୧ରୁ ନିଜ ଭାଗ୍ୟ ଚେଷ୍ଟା କରୁଥିଲେ, କିନ୍ତୁ ଜନସାଧାରଣ ତାଙ୍କୁ ଚୟନ କରି ନ ଥିଲେ । ଫଳରେ ସେ ନିର୍ବାଚନରେ ହାରି ଯାଇଥିଲେ । ଅନ୍ୟପକ୍ଷରେ ଡେପୁଟି ମେୟର ମୋହନ ଶ୍ରୀବାସ୍ତବଙ୍କର ଅନ୍ତରଙ୍ଗ ବନ୍ଧୁଥିବା ଅବର ଅହମ୍ମଦ ନିଜ ୱାର୍ଡରୁ ମୋହନ ଶ୍ରୀବାସ୍ତବଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ କାଉନସିଲର ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ବନ୍ଧୁ ମୋହନ ଶ୍ରୀବାସ୍ତବଙ୍କୁ ନିଗମକୁ ପଠାଇବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି । ଅବର କହିଛନ୍ତି ଶ୍ରୀବାସ୍ତବ ତାଙ୍କଠାରୁ ଭଲ କାମ କରିବେ ।

## ୨୫ ବର୍ଷ ତଳର ଧରିତ୍ରୀ

୬ ଫେବୃୟାରୀ ୧୯୯୮

- ପଞ୍ଜାବ ପ୍ରଦେଶର ରାଜଧାନୀ ଲାହୋରଠାରେ ପାକିସ୍ତାନ ପୋଲିସଙ୍କ ଗୁଳିମାଡ଼ରେ ଦେଶର କୁଖ୍ୟାତ ଅପରାଧୀ ମଝାଉ ଡିବି ନିହତ ।
- ମଧ୍ୟପ୍ରଦେଶର ସାଗର ଜିଲ୍ଲା ଅନ୍ତର୍ଗତ ସାଗର-ନରସିଂହଗଡ଼ ରୋଡରେ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିବା ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡ଼ିବା ଫଳରେ ୩୪ ପିଲାଙ୍କ ମୃତ୍ୟୁ ।

## ପାଠକ ଶ୍ରେଷ୍ଠ ବିଚାରକ

### ଛଟେଇର ପ୍ରଭାବ ପଡ଼ିବ

ମହାଶୟ,

ଆଲ୍‌ଫ୍ରେଡ୍ ନୋବେଲ ବିଂଶ ଶତାବ୍ଦୀ ଆରମ୍ଭରେ ପାଞ୍ଚଟି ପୁରସ୍କାର ବିଶ୍ୱର ଶାନ୍ତି, ସାହିତ୍ୟ, ରସାୟନ ବିଜ୍ଞାନ ଔଷଧ ଶାସ୍ତ୍ର ଓ ପଦାର୍ଥ ବିଜ୍ଞାନ ନିମନ୍ତେ ପ୍ରଦାନ କରିବାକୁ ୧୮୯୬ରେ ଉଇଲ କରିଥିଲେ । ଏକ ଟ୍ରଷ୍ଟ ଡିସେମ୍ବର ୧୦ରେ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରି ଆସୁଛନ୍ତି । ପ୍ରଥମ ପୁରସ୍କାର ଶାନ୍ତି ନିମନ୍ତେ ରେଡକ୍ରସ୍ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟ, ସାହିତ୍ୟରେ ସୁଲି ପ୍ରୋଧୁମ୍ ତଥା ବିଜ୍ଞାନର ତିନୋଟି ପୁରସ୍କାର ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିଲା । ୧୯୬୯ରେ ନୂତନ ଭାବେ ଅର୍ଥନୀତିକୁ ନୋବେଲରେ ସାମିଲ କରାଗଲା । ସମ୍ପ୍ରତି ଚଉବନ ବର୍ଷ ଧରି ଏହି ପୁରସ୍କାର ପ୍ରଦାନ କରାଯାଇଛି । ପ୍ରଥମ ପଚିଶ ବର୍ଷରେ ପଞ୍ଚତିରିଶ ଜଣ ଏ ପୁରସ୍କାର ପାଇଥିଲେ । ପ୍ରଥମ ୩୫ଜଣଙ୍କ ମଧ୍ୟରୁ ୨୧ ଜଣ ଥିଲେ ଆମେରିକୀୟ । ଆମେରିକାର ଅର୍ଥନୀତି ବିଶ୍ୱରେ ଶୀର୍ଷ ସ୍ଥାନ ଅଧିକାର କରିବା ସହ 'କୁବେରଦେଶ' ବୋଲି ପରିଚୟ ହୋଇ ଆସୁଥିଲା ଓ ଏବେ ତାହା ଦାବି କରୁଛି । ସମ୍ପ୍ରତି ଆଇଟି ଉଦ୍ୟୋଗରୁ ହଜାର ହଜାର ଛଟେଇ ହେତୁ ଆମେରିକାର ଅର୍ଥନୀତିରେ ପରିବର୍ତ୍ତନ ହେବାର ସୂଚନା ମିଳେ । ଆମେରିକା ଆଡାମ୍ସ୍ମିଥ୍‌ଙ୍କ ଦେଶ । ଛଟେଇ ଯୋଗୁ ଘରବାହୁଡ଼ା ଦେବା କର୍ମଚାରୀଗଣ ନିଜ ଦେଶରେ ଅସୁବିଧାର ସମ୍ମୁଖୀନ ହେବେ । ଫଳରେ ବିଶ୍ୱ ଅର୍ଥନୀତିରେ ମଧ୍ୟ ଏହାର ପ୍ରଭାବ ପଡ଼ିବ ।

**–ପ୍ରତାପ ଚନ୍ଦ୍ର ପାଢ଼ୀ, ନିଗମ ନଗର, ଆଙ୍କୋଲି, ବ୍ରହ୍ମପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପରାଣପ୍ରିୟା, ହୃଦୟରାଣୀ
ଆସ ଗୋ ମୋର ଚଳ-ଚାହାଣି,
ଦୁଃଖ ସୁଖର ଛନ୍ଦବାଣୀ ସଙ୍ଗୀତ
ଗନ୍ଧ ମୋର, ପରଶ ମୋର ଇଙ୍ଗିତ ।
–(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଧାୟକଙ୍କ ନାଁରେ ମାମଲା

## ଜିଲା ପରିଷଦ ସଭ୍ୟାଙ୍କୁ ଦୁର୍ବ୍ୟବହାର ଘଟଣା

**କେନ୍ଦୁଝର,୫।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ନାମରେ ଜିଲା ପରିଷଦ ସଭ୍ୟାଙ୍କୁ ଗାଳିଗୁଲଜ ଓ ଧମକ ଚମକ ଦେବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ଆନନ୍ଦପୁର ଥାନାରେ (ନଂ. ୨୪/୨୦୨୩), ଦଫା ୨୯୪ ଓ ୫୦୬ରେ ଏହି ମାମଲା ରୁଜୁ ହୋଇଛି। ହାଇକୋର୍ଟଙ୍କ ଆଦେଶ କ୍ରମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରିଣୀ ଦେବକୀ ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ୨୦୨୨ ଅଗଷ୍ଟ ୩୦ରେ ଆନନ୍ଦପୁର ପଞ୍ଚାୟତ ସମିତି ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା ସମୟରେ ୩ ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ତଥା ଭାଜପା ନେତ୍ରୀ ଅସୀମା ମିଶ୍ର କାମର ଅଗ୍ରଗତି ସମ୍ପର୍କରେ ପଚାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଧାୟକ ସେଠୀ ତାଙ୍କୁ ଗାଳିଗୁଲଜ କରିବା ସହ ସଭାରୁ ବାହାରି ଯିବାକୁ ଧମକ ଦେଇଥିଲେ। ଏଠାରେ ତୁମର କୌଣସି ପ୍ରଶ୍ନ ପଚାରିବାର ଅଧିକାର ନାହିଁ ବୋଲି କହିଥିଲେ ବୋଲି ଜିଲା ପରିଷଦ ସଭ୍ୟା ଅଭିଯୋଗ କରିଥିଲେ। ସେହିପରି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ପ୍ରଥମେ ଆନନ୍ଦପୁର ଥାନା ଓ ପରେ କେନ୍ଦୁଝର ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର ନ୍ୟାୟ ନ ପାଇବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବୋଲି ସେ କହିଛନ୍ତି। ଏନେଇ ବିଧାୟକ ସେଠୀ କହିଛନ୍ତି, ସେ କୌଣସି ଗାଳିଗୁଲଜ କିମ୍ବା ଧମକଚମକ କରିନାହାନ୍ତି। ଗୃହ ମଧ୍ୟରେ ବୈଠକ ଚାଲିଥିଲା। ବହୁ ସଭ୍ୟାସଭ୍ୟ ତଥା ଅଧିକାରୀ ଉପସ୍ଥିତ ଥିଲେ। ଏଣୁ ପୋଲିସ ତଦନ୍ତ କଲେ ସତ୍ୟାସତ୍ୟ ଜାଣିପାରିବ।

# ‘ଓଡ଼ିଆ ଭାଷା ସାହିତ୍ୟରେ ସମାଲୋଚନାତ୍ମକ ଦିଗ ପ୍ରତି ଧ୍ୟାନ ଦିଆଯାଉ’



ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ଷଷ୍ଠ ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ‘ବର୍ଣ୍ଣାଳୀ’କୁ ଉନ୍ମୋଚନ କରୁଛନ୍ତି।

## ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ୬ଷ୍ଠ ବାର୍ଷିକ ଉତ୍ସବ ରବିବାର ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, କବିଗୁରୁଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ନିକେତନ ଭାରତୀୟ ଭାଷାର ସମୃଦ୍ଧି ଓ ସୁରକ୍ଷା କ୍ଷେତ୍ରରେ ସର୍ବଦା ଅଗ୍ରଗଣ୍ୟ। ପ୍ରାକ୍ତନୀର ମୁଖ୍ୟ ଉପଦେଷ୍ଟା ତଥା ଶାସ୍ତ୍ରୀୟଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧିରେ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ କହିଲେ, ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ସୃଜନାତ୍ମକ ଧାରା ଅବିରତ ରହିଥିବାବେଳେ ସମାଲୋଚନାତ୍ମକ ତଥା ଗବେଷଣାତ୍ମକ ଦିଗ ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ। ଅନୁଷ୍ଠାନର ଉପସଭାପତି ଡ. ମିହିର କୁମାର ସାହୁ ଆଗକୁ ହେବାକୁ ଥିବା ବିଭିନ୍ନ ସୃଜନାତ୍ମକ ଓ ଗବେଷଣାତ୍ମକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମମତା ଷଡ଼ଙ୍ଗୀ ସମ୍ପାଦକୀୟ ବିବରଣୀ ପାଠ ଓ ପ୍ରାକ୍ତନୀ ସଭାପତି ଡ. କ୍ଷୀରୋଦ ଚନ୍ଦ୍ର ବେହେରା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଫେସର କୈଳାସ ପଟ୍ଟନାୟକ ଓ ପ୍ରଫେସର ରବୀନ୍ଦ୍ରନାଥ ମିଶ୍ରଙ୍କୁ ‘ବିଶ୍ୱଭାରତୀ ପ୍ରାକ୍ତନୀ ଅଧ୍ୟାପକ ସମ୍ମାନ’, ଡ. ଇତିରାଣୀ ସାମନ୍ତଙ୍କୁ ‘ପ୍ରାକ୍ତନୀ ସୃଜନୀ ସମ୍ମାନ’, ୧୯୭୧-୧୯୭୫ ମସିହା ମଧ୍ୟରେ ବିଶ୍ୱଭାରତୀରେ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ରଙ୍କୁ ‘ବିଶ୍ୱଭାରତୀ ଛାତ୍ର ଗୌରବ ସମ୍ମାନ’ ଓ ମମତାମୟୀ ଦାସଙ୍କୁ ‘ଡ. ମାନସ ରଞ୍ଜନ ସ୍ମୃତି ସମ୍ମାନ’, ଏସ୍‌ଏସ୍‌ବି ଏବଂ ଓପିଏସ୍‌ସି ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ‘ଛାତ୍ର ପ୍ରତିଭା ସମ୍ମାନ’ ପ୍ରଦାନ କରାଯାଇଥିଲା। ଡ. ରଶ୍ମିତା ତ୍ରିପାଠୀ ଓ ଡ. ଦିବ୍ୟଶକ୍ତି ସାମନ୍ତ ରାୟଙ୍କ ସମ୍ପାଦନାରେ ପ୍ରବନ୍ଧ ଓ ସମାଲୋଚନାତ୍ମକ ପୁସ୍ତକ ‘ବର୍ଣ୍ଣାଳୀ’ର ଲୋକାର୍ପିତ ହୋଇଥିଲା। ଡ. ଦେବାନନ୍ଦ ଦାସ ଓ ଗୀତା ପଣ୍ଡା ସଂଯୋଜନା କରିଥିବାବେଳେ ଗୋପୀନାଥ କର ଧନ୍ୟବାଦ ଦେଇଥିଲେ। ଡ. ନୀହାର ରଞ୍ଜନ ସାହୁ, ରବୀନ୍ଦ୍ର ବେହେରା, ଡ ଅନନ୍ତ କିଶୋର ଜେନା, ଡ. ରଶ୍ମିତା ତ୍ରିପାଠୀ, ଡ. ଶଙ୍କର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ



## ଖିରି, ଅମାଲୁ ଭୋଗ ଲାଗିହେଲା

**ପୁରୀ ଅଫିସ, ୫।୨:** ମାଘ ପୂର୍ଣ୍ଣିମା ଅବସରରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ଦ୍ୱିପ୍ରହର ଧୂପ ପରେ ମହାପ୍ରଭୁଙ୍କୁ ପତନି ଲାଗି କରାଯାଇଥିଲା। ତିନି ବାଡ଼ରେ ସର୍ବାଙ୍ଗ ନୀତି ବା ଚନ୍ଦନ ଲାଗି କରାଯାଇଥିଲା। ଶ୍ରୀଦେବୀଙ୍କୁ ଦକ୍ଷିଣୀ ଘର ଖଟ ଉପରେ ବିଜେ କରାଯିବା ପରେ ମହାପ୍ରଭୁଙ୍କ ବେଶ ସମ୍ପନ୍ନ ହୋଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ଚତୁଃହସ୍ତ ଏବଂ ସୁଭଦ୍ରା ଦୁଇଭୁଜ ବିଶିଷ୍ଟ ହୋଇଥିଲେ। ଶ୍ରୀଜଗନ୍ନାଥ ଉଡୟନରତ ଭଙ୍ଗୀରେ ଥିବା ଗରୁଡ଼ ଉପରେ ପଦ୍ମାସନ ମୁଦ୍ରାରେ ବସିଥିଲେ। ସେ ମହାଲକ୍ଷ୍ମୀଙ୍କୁ କୋଳରେ ଧାରଣ କରିଥିଲେ। ତାଙ୍କ ଚାରିହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଉଥିଲା। ସେହିପରି ବଳଭଦ୍ର ଊର୍ଦ୍ଧ୍ୱ ଦୁଇ ହସ୍ତରେ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୁଷଳ ଧାରଣ କରିଥିଲେ। କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ସୁଭଦ୍ରା ଛିଡ଼ା ହୋଇଥିଲେ। ସେ ପଦ୍ମକଳିକା ଧରିଥିଲେ। ତିନି ଠାକୁର ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତି ଭୂଷିତ ହୋଇଥିଲେ। ମୁଖ୍ୟତଃ କାଠ, ଶୋଲ ଓ ଜରିରେ ଏହି ବେଶ ନିର୍ମିତ ହେବା ସହ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥିଲା। ଗୋଟିଏ ହସ୍ତୀ ବଳଭଦ୍ର ଏବଂ ଅନ୍ୟଟି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖ ପୋଖରିଆରେ ରଖାଯାଇଥିଲା। ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ହସ୍ତୀଟି ଆର୍ତ୍ତ ହରଣ ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗୀରେ ରହିଥିଲା। ତା'ର ପାଦଗୁଡ଼ିକ ମଧ୍ୟରେ ଆକ୍ରମଣ କରୁଥିବା କୁମ୍ଭୀରର ପିତୁଳା ଥିଲା ଓ ଟେକି ହୋଇଥିବା ଶୁଣ୍ଢରେ ସେ ପଦ୍ମଫୁଲ ଧରିଥିଲା। ପରେ ସନ୍ଧ୍ୟା ଧୂପରେ ଠାକୁରଙ୍କୁ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ରାତ୍ରରେ ବେଶ ଓଲାଗି କରାଯାଇ ବଡ଼ସିଂହାର ନୀତି ପରେ ପହୁଡ଼ ହୋଇଥିଲା। ପୌରାଣିକ କଥାବସ୍ତୁ ଅନୁଯାୟୀ, ଏକଦା ବରୁଣ ହ୍ରଦରେ ଗଜରାଜ ସ୍ନାନ କରୁଥିବା ବେଳେ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ଗଜରାଜ କ୍ଷତବିକ୍ଷତ ଅବସ୍ଥାରେ ବିକଳ ହୋଇ ଉଦ୍ଧାର ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ। ଭକ୍ତର ଡାକ ଶୁଣି ଠାକୁର କୁମ୍ଭୀର କବଳରୁ ଗଜରାଜଙ୍କୁ ଉଦ୍ଧାର କରିଥିଲେ। ସେହି ସ୍ମୃତିରେ ଠାକୁରଙ୍କ ଏହି ବେଶ ପାଳିତ ହୋଇଆସୁଛି।

# ଧର୍ମରାଷ୍ଟ୍ରର ମାର୍ଗଦର୍ଶନ ଦେଲେ ଶଙ୍କରାଚାର୍ଯ୍ୟ

## ଜୟପୁରରେ ସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ

**ଜୟପୁର, ୫।୨ (ନି.ପ୍ର.)**

ପୁରୀ ଗୋବର୍ଦ୍ଧନ ମଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଜୟପୁର ଦଶହରା ପଡିଆଠାରେ ରବିବାର ଆୟୋଜିତ ଏକ ଧର୍ମସଭାରେ ଯୋଗ ଦେଇ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଆଧ୍ୟାତ୍ମିକ ମାର୍ଗଦର୍ଶନ ଦେଇଛନ୍ତି। ରବିବାର ପୂର୍ବାହ୍ନରେ ଶଙ୍କରାଚାର୍ଯ୍ୟ ଦଶହରା ପଡିଆଠାରେ ବିଶାଳ ଧର୍ମ ସଭାରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ପ୍ରବଚନ ଦେଇଥିଲେ। ଏଠାରେ ଶଙ୍କରାଚାର୍ଯ୍ୟଙ୍କ ସହ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଜୀ, ମହନ୍ତ ସଚ୍ଚିଦା ନନ୍ଦ ଦାସଜୀ ମହାରାଜ, ସ୍ୱାମୀ ବିଶ୍ୱମିତ୍ରା ନନ୍ଦ ଜୀ, ଆଚାର୍ଯ୍ୟ ବିନୟ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୫ଟାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ଧର୍ମ ରାଷ୍ଟ୍ର ଓ ଆଧ୍ୟାତ୍ମିକତାକୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ସୋମବାର ପୂର୍ବାହ୍ନ ୧୧ଟାରେ ଜଗଦ୍‌ଗୁରୁ ନିବାସରେ


ଧର୍ମସଭାରେ ଯୋଗ ଦେଇଥିବା ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ଅନ୍ୟ ସାଧୁସନ୍ଥ।

ବିଚାର ସଂଗୋଷ୍ଠୀରେ ଯୋଗଦେଇ ଦୀକ୍ଷା ପ୍ରଦାନ କରିବେ। ପରେ ସେ ଅପରାହ୍ନ ୪ଟାରେ ବୋରିଗୁମ୍ମା, କୋଟପାଡ଼ ଦେଇ ଛତିଶଗଡ଼ର ଜଗଦଲପୁର ଯିବାର କାର୍ଯ୍ୟକ୍ରମ ରହିଛି। ଶଙ୍କରାଚାର୍ଯ୍ୟଙ୍କ ଏହି ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏହି ସମୟରେ ସ୍ୱାଗତ କମିଟିର ପ୍ରକାଶ ନାୟକ, ନରେଶ ମାଟାନିଆ, ବରୁଣ ଜୈନ, ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଭାଜପାର ଗୌତମ ସାମନ୍ତରାୟ, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।

# ପେଟ୍ରୋଲ ପମ୍ପରୁ ଡକାୟତି ଯୋଜନା ବେଳେ ୫ ଗିରଫ

**ଚଣ୍ଡିଖୋଲ/ଛତିଆ,୫/୨(ଡି.ଏନ.ଏ.)**

ପେଟ୍ରୋଲ୍‌ପମ୍ପରୁ ଡକାୟତି ଯୋଜନା ବେଳେ ଯାଜପୁର ପୋଲିସ ୫ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ୨ ଦେଶୀ ବନ୍ଧୁକ, ଭୁଜାଲି, ଛୁରି, ୨ ବାଇକ୍ ଓ ୫ ମୋବାଇଲ ଫୋନ୍ ଜବତ କରାଯାଇଛି। ଏସ୍‌ଡିପିଓ ସଞ୍ଜୟ କୁମାର

## ବନ୍ଧୁକ, ମାରଣାସ୍ତ୍ର, ବାଇକ୍ ଜବତ

ପଟ୍ଟନାୟକ ରବିବାର କହିଛନ୍ତି, ବୈରୀ ଥାନା ଅଧୀନ ଛତିଆ ନିକଟସ୍ଥ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ନେଳିଆ ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଅଭିଯୁକ୍ତମାନେ ଯୋଜନା କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଅମରାବତୀ ନିକଟ ଏକ ପଡ଼ିଆରେ ଚଢ଼ାଉ କରିଥିଲା। ସେଠାରୁ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ନିତ୍ୟାନନ୍ଦପୁର ଗ୍ରାମର ବିଜୟ ମଲ୍ଲିକ ଓରଫ୍ ମଣ୍ଟୁ, କଟକ ଜିଲା ମାହାଙ୍ଗା ଥାନା ଘିସୁଆ ଗ୍ରାମର କୁନା ସାହୁ, କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଚାଟରାଚକଡା ଗ୍ରାମର ଚିତ୍ତରଞ୍ଜନ ମଲ୍ଲିକ ଓରଫ୍ ବଳିଆ, ଯାଜପୁର ଜିଲା ଧର୍ମଶାଳା ଥାନା କ୍ଷେତ୍ରପାଳ ଗ୍ରାମର ଶଶାଙ୍କ ସେନାପତି ଓରଫ୍ ମିଟୁ ଓ ବଡ଼ଚଣା ଥାନା ଶୁକାଦେଇପୁର ଗ୍ରାମର ପର୍ଶୁରାମ ବାରିକ। ଏନେଇ ଥାନାରେ ନଂ.୨୯/୨୩ରେ ମାମଲା ରୁଜୁ ହୋଇଛି। ଆଉ କେତେଜଣ ଅଭିଯୁକ୍ତ ଖସିଯାଇଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଧରାଯିବ। ଗିରଫ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଏସ୍‌ଡିପିଓ କହିଛନ୍ତି।

# ଅଚିହ୍ନା ମୃତଦେହ ଜବତ

**ଭୁବନେଶ୍ୱର,୫।୨(ବ୍ୟୁରୋ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ଇନ୍ଦ୍ରଧନୁ ମାର୍କେଟ୍‌ରୁ ରବିବାର ପୂର୍ବାହ୍ନ ୧୦ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତାଙ୍କ ପରିଚୟ ମିଳି ନ ଥିବାବେଳେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୋଲିସ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମୃତ ବ୍ୟକ୍ତିଙ୍କ ବୟସ ୫୦ ବର୍ଷ ହେବ ଏବଂ ସେ ଶ୍ରମିକ ଭାବେ କାମ କରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୧୫ ଦିନର ଶିଶୁପୁତ୍ରକୁ ଛାଡ଼ି ମା', ବାପା ଫେରାର

**ଜଗତ୍‌ସିଂହପୁର ଅଫିସ, ୫।୨:** ଜଗତ୍‌ସିଂହପୁର ସଦର ମହକୁମା ଚର୍ଚ୍ଚିକା ବଜାର ନିକଟ ମୁଣ୍ଡା ସାହିରେ ରହୁଥିବା ଜଣେ ଅନୁସୂଚିତ ଜନଜାତିର ବ୍ୟକ୍ତି ତାଙ୍କ

## ଉଦ୍ଧାର କଲା ଚାଇଲ୍ଡଲାଇନ୍ ଟିମ୍

୧୫ ଦିନର ଶିଶୁ ପୁତ୍ରକୁ ପୋକପୁରର ଜଣେ ବ୍ୟକ୍ତିଙ୍କୁ ଦେଇ ସ୍ତ୍ରୀ ଏବଂ ଆଉ ଏକ ପୁଅଙ୍କ ସହ କୁଆଡ଼େ ଚାଲିଯାଇଛନ୍ତି। ବିଶେଷ ସୂତ୍ରରୁ ଏ ସମ୍ପର୍କରେ ସୂଚନାପାଇ ଜଗତ୍‌ସିଂହପୁର ଥାନା ପୋଲିସ ଓ ଚାଇଲ୍ଡଲାଇନ୍ କର୍ମଚାରୀମାନେ ସେଠାରେ ପହଞ୍ଚି ରବିବାର ଶିଶୁପୁତ୍ରକୁ ଉଦ୍ଧାର କରିଛନ୍ତି। ଏଥିସହ ଶିଶୁକୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରାଯାଇଛି। ସିଡବ୍ଲ୍ୟୁସି ପକ୍ଷରୁ ତୁରନ୍ତ ଉକ୍ତ ଶିଶୁକୁ ସ୍ଥାନୀୟ ଶିଶୁ ଆଶ୍ରମ ଏସ୍‌ଏଏ (ସ୍ପେଶିଆଲାଇଜ ଆଡପ୍‌ଶନ ଏଜେନ୍ସି)ରେ ରଖିବା ପାଇଁ ବ୍ୟବସ୍ଥା କରିଛି। ତାକୁ ବିକ୍ରି କରାଯାଇଥିବା ନେଇ ଚର୍ଚ୍ଚା ହେଉଥିବାରୁ ସ୍ଥାନୀୟ ପୋଲିସ ଏହି ଘଟଣାର ଅନୁଧ୍ୟାନ କରୁଛି।

# ସମୀକ୍ଷା କଲେ ନୟାଗଡ଼ ଜିଲାପାଳ

## କମ୍ପ୍ରେସର ଫାଟି ୨ ଶ୍ରମିକ ମୃତ୍ୟୁ ଘଟଣା

- କ୍ଷତିପୂରଣ ଶୀଘ୍ର ଦେବାକୁ ନିର୍ଦ୍ଦେଶ
- ଶ୍ରମିକଙ୍କ ଗାଁକୁ ପଠାଯିବ ମୃତଦେହ

**ନୟାଗଡ଼ ଅଫିସ,୫।୨**

ନୟାଗଡ଼ ଜିଲା ଇଟାମାଟି ଥାନା ସୁନାଳଟି ନିକଟରେ ଶନିବାର ସନ୍ଧ୍ୟାରେ ଗ୍ୟାସ୍ ପାଇପ ଲାଇନ୍ କାମ ଚାଲିଥିବାବେଳେ କମ୍ପ୍ରେସର ଫାଟି ୨ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ୩ଜଣ ଶ୍ରମିକ ଆହତ ହୋଇଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ରବିବାର ସମୀକ୍ଷା କରି ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ଶୀଘ୍ର ଆଇନ ଅନୁସାରେ କ୍ଷତିପୂରଣ ଓ ସହାୟତା ରାଶି ଯୋଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୨ ମୃତଦେହକୁ ସେମାନଙ୍କ ଘରକୁ ମାଗଣାରେ ପଠାଇବାର ବ୍ୟବସ୍ଥା କରାଇବାକୁ କହିଛନ୍ତି। ଉକ୍ତ ବୈଠକରେ ଆଡଭାନ୍ସ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡର ପ୍ରକଳ୍ପ ପ୍ରବନ୍ଧକ କହିଛନ୍ତି, ଗ୍ୟାସ ପାଇପ୍ ଲାଇନ୍‌ର ସଫେଇ ପାଣିରେ ହେଉଥିଲା। ପାଇପ ଲାଇନ୍‌ରେ ଥିବା ମାଟି କାଦୁଅ ଓ ଅନ୍ୟାନ୍ୟ ଆବର୍ଜନା କ୍ଷିପ୍ର ଗତିରେ ନିଷ୍କାସିତ ହୋଇ ଯାଇଥିଲା, ଯାହାକି ଶ୍ରମିକମାନେ ଜାଣି ନ ପାରିବାରୁ ଅଘଟଣ ଘଟିଗଲା। କମ୍ପାନୀ ତରଫରୁ ମୃତ ଶ୍ରମିକଙ୍କ ପରିବାରକୁ ସରକାରୀ ଆଇନ ଅନୁସାରେ କ୍ଷତିପୂରଣ ଓ ସହାୟତା ରାଶି ଯୋଗାଇ ଦିଆଯିବ। ମହାରାଷ୍ଟ୍ରର ମୃତ ଶ୍ରମିକଙ୍କ ନାମ ସୋନୁ ୱାଙ୍ଗଡେ ଓ ବିଜୟ ସିଭାରୀ ଗାଙ୍ଗୁଲଙ୍କ ମୃତଦେହକୁ ନିଜ ଗାଁକୁ ପଠାଇ ଦିଆଯିବ। ସେହିପରି ଆହତ ଶ୍ରମିକ ସୁନିଲ କୁମାର ଯାଦବ, ରାମ ସିଂ ଉତ୍ତମ ସିଂ ମୋରୋ ଓ ଆୟୁନ କରିମ ପଟେଲ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବୈଠକରେ ନୟାଗଡ ଉପଜିଲାପାଳ ଶକ୍ତିକାନ୍ତ ରାୟ, ଗେଲ ଇଣ୍ଡିଆ ଲିମିଟେଡର ସାଧାରଣ ପରିଚାଳକ, ଜିଲା ସହକାରୀ ଶ୍ରମ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଗ୍ୟାସ ପାଇପ୍‌ଲାଇନର କାର୍ଯ୍ୟ ଚାଲୁ ରଖିବାକୁ ଜିଲାପାଳ ଗେଲ ଇଣ୍ଡିଆ ଲିମିଟେଡର ସାଧାରଣ ପରିଚାଳକ ଓ ଆଡଭାନ୍ସ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲିମିଟେଡକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଶ୍ରମିକମାନଙ୍କ ସୁରକ୍ଷା ଦିଗ ପ୍ରତି ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି।

# ‘ସରଳ ଜୀବନଯାପନ ମହିମା ଧର୍ମର ଆଦର୍ଶ’


ଯୋରନ୍ଦା ଗାଦି ମନ୍ଦିରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଶୀର୍ବାଦ ଭିକ୍ଷା କରୁଛନ୍ତି।

## ଯୋରନ୍ଦା, ଅଙ୍ଗାରବନ୍ଧ ମାଘମେଳାରେ କେନ୍ଦ୍ରମନ୍ତ୍ରୀ

**ଅନୁଗୋଳ ଅଫିସ/ଢେଙ୍କାନାଳ ଅଫିସ, ୫।୨**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମା ଗାଦି ଏବଂ ଅନୁଗୋଳ ଅଙ୍ଗାରବନ୍ଧସ୍ଥିତ ମହିମା ପୀଠ ପରିଦର୍ଶନ କରି ସାଧୁସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଅଙ୍ଗାରବନ୍ଧରେ ଶୂନ୍ୟଦିଅଁଙ୍କ ଦର୍ଶନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର କହିଲେ, ସରଳ ଜୀବନଯାପନ ମହିମା ଧର୍ମର ଆଦର୍ଶ। ସମାଜରେ ଭ୍ରାତୃଭାବ ସୁଦୃଢ଼ କରିବା, ଈଶ୍ୱରଙ୍କ ପାଖରେ ସମର୍ପିତ ହେବା ଏହି ଧର୍ମର ମୌଳିକ ଆଧାର ବୋଲି ସେ କହିଥିଲେ। ଏହି ଅବସରରେ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ତରଫରୁ ଆୟୋଜିତ ‘ଫଟୋଚିତ୍ର ପ୍ରଦର୍ଶନୀ’କୁ କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

ଏହାପରେ କେନ୍ଦ୍ରମନ୍ତ୍ରୀ ଯୋରନ୍ଦା ଗସ୍ତ କରି ବିଶ୍ୱପ୍ରସିଦ୍ଧ ମାଘମେଳାରେ ସାମିଲ ହୋଇଥିଲେ। ସେ ବଲ୍କଲଧାରୀ, କୌପୀନଧାରୀ ମହିମା ସନ୍ନ୍ୟାସୀଙ୍କ ସହ ଆଲୋଚନା କରିଥିଲେ। ଶୂନ୍ୟବାଦର ପୂଣ୍ୟପୀଠ ମହିମାଗାଦି ଯୋରନ୍ଦା। ଏଠାରେ ହେଉଥିବା ପ୍ରସିଦ୍ଧ ମାଘମେଳା ବିଶ୍ୱକଲ୍ୟାଣ ପାଇଁ ପୂଜ୍ୟ ମହିମା ସାଧୁଙ୍କ ଏକତା ଓ ସମୂହ ପ୍ରାର୍ଥନା ମେଳା। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ଅମୂଲ୍ୟ ବାର୍ତ୍ତା ଏବଂ ମହାନ ପ୍ରଚାରକ ସନ୍ଥକବି ଭୀମ ଭୋଇ ତାଙ୍କ ମାର୍ମିକ ସାହିତ୍ୟ ମାଧ୍ୟମରେ ଦେଇଥିବା ଜଗତ କଲ୍ୟାଣ ବାର୍ତ୍ତା ଆମ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମା, ସତ୍ୟନାରାୟଣ ଭୁଇଁଆ ପ୍ରମୁଖ ଉପସ୍ଥିତ ଥିଲେ।

No. W-74

ACCESS TO JUSTICE FOR ALL

**ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩**

ତା ୧୧.୦୨.୨୦୨୩ ରିଖ (ଦ୍ୱିତୀୟ ଶନିବାର)

ବିଶେଷ ସୂଚନା

୧ ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?

୨ ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।

୩ ତା ୧୧.୦୨.୨୦୨୩ ରିଖ (ଦ୍ୱିତୀୟ ଶନିବାର) ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।

୪ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ ଓ ଜଳ ପୈଠ ବିଲ୍ ସମ୍ବନ୍ଧୀୟ ମାମଲା, ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

୫ କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ଗୁଡିକ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ, ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ହୋଇପାରିବ।

୬ ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ।

୭ ଯଦି କୌଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।

୮ ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।

୯ ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ,
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ :
ମୋ-୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍- oslsa2020@gmail.com

OIPR-18008/11/0018/2223

Government of Odisha No.A-1102:
Department Of Water Resources
**OFFICE OF THE SUPERINTENDING ENGINEER**
**JARAKA IRRIGATION DIVISION, JARAKA**
E-mail Id:eeidjaraka@yahoo.com
**“e” Procurement Notice**
**Bid Identification No.- JKID-06/2022-23**

1. Name of the Work: Irrigation Project Works as per DTCN.
2. Total No. of Works: 18 (Eighteen) nos. Work.
3. Estimated Cost: Varies of Rs. 7.39 Lakh to Rs.47.56 Lakh
4. Period of Completion: Sl.No. (1) to Sl.No.(18) 90 Days.
5. Date & Time of Availability of Bid Document in the Portal: 11.00 A.M. of Dt. 07.02.2023 up to 05.00P.M. of Dt. 21.02.2023.
6. Last Date & Time for Receipt of Bids in the Portal: Up to 05.00 P.M. of Dt.21.02.2023
7. Date of Opening of Bids : Dt. 22.02.2023 at 11.00 A.M. onwards.
8. Name and Address of the Officer inviting Tender :Superintending Engineer, Jaraka Irrigation Division, Jaraka.
9. Further details can be seen from the e-Procurement Portal “https://tendersodisha.gov.in”.

Sd./- Superintending Engineer
OIPR-32098/11/0011/2223 Jaraka Irrigation Division, Jaraka

GOVT. OF ODISHA No.A-1105
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
DRAINAGE CIRCLE, CUTTACK, GANDARPUR-753003
**e-Procurement Notice No. ACEDC-CTC-08/2022-23**
email Id: sedrainagecirclectc@gmail.com

| | | |
|---|---|---|
| 1 | Name of works | : 1. Improvement to Subalatamila Drainage Cut and Link drain of Gorigila Thakurpatna DC with Construction of Slope Protection work under DOAB No.-II.<br>2. Renovation of Nahanga Saradeipur DC outfalling to Bisibilapatna Sedujore DC of Gobari drainage system.<br>3. Renovation of Kurujanga Drainagecut of Gobari Drainage system under DOB-II.<br>4. Improvement to Gola Drainage cut under DIP. |
| 2 | Total number of packages | : 04 Nos. of individual package. |
| 3 | Bid Identification No. | : 1. ACEDC-CTC / DD-KPD- 19/ 2022-23<br>2. ACEDC-CTC / DD-KPD- 20/ 2022-23<br>3. ACEDC-CTC / DD-KPD- 21/ 2022-23<br>4. ACEDC-CTC / DD-JSPR- 22/ 2022-23 |
| 4 | Estimated cost | : 1. Rs.131.32 Lakhs<br>2. Rs.131.58 Lakhs<br>3. Rs.126.81 Lakhs<br>4. Rs.188.82 Lakhs |
| 5 | Period of completion | : 12 (Eleven) calendar months |
| 6 | Availability of tender Online | : From 10.02.2023 at 16.30 hours to 27.02.2023 upto 17.30 hours |
| 7 | Date of opening of technical bid | : 28.02.2023 at 10.00 hours in the O/o the Additional Chief Engineer, Drainage Circle, Cuttack |
| 8 | Class of contractor | : ‘B’ & ‘A’ class |
| 9 | Cost of tender paper | : Rs.10,000/- |
| 10 | EMD required | : As per DTCN |
| 11 | Procurement Officer | : Additional Chief Engineer, Drainage Circle, Gandarpur, Cuttack - 753003 |

● **Tender will be accepted if registered in the CDMS Portal.** Further details can be seen from the Govt. website www.tendersorissa.gov.in. Addendum / corrigendum/ cancellation if any required will be published only in Govt. website www.tendersorissa.gov.in

Sd./- Additional Chief Engineer, Drainage Circle, Cuttack
OIPR-32174/11/0021/2223

## ୭୨ କେଜି ଗଞ୍ଜେଇ ଜବତ, ୨ ଗିରଫ

କଟକ ଅଫିସ: ଜିଲା ଅବକାରୀ ବିଭାଗ ପକ୍ଷରୁ ଜଗତ୍‌ପୁର ଗୋଲେଇ ନିକଟରେ ରବିବାର ଚଢ଼ାଉ କରାଯାଇ ଏକ କାର୍ ସହିତ ୭୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଗଞ୍ଜାମ ଅଞ୍ଚଳର ବିନାୟକ ତରିଣି ଓ ବଳରାମ ଭୋଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଏକ ମାମଲା(ନଂ.୬୦୩/୨୨-୨୩) ରୁଜୁ ହୋଇଛି। ଜବତ ଗଞ୍ଜେଇ ଗଞ୍ଜାମରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲାବେଳେ ଅବକାରୀ ଟିମ୍ ଚଢ଼ାଉ କରି ଜବତ କରିଥିଲା।

## ସଂକ୍ଷେପରେ

### ୭ରେ ରମାଦେବୀ ପ୍ରେକ୍ଷାଳୟ ଉଦ୍‌ଘାଟନ

ଭୁବନେଶ୍ୱର, ୫।୨(ବ୍ୟୁରୋ)- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ନବ ନିର୍ମିତ 'ରମାଦେବୀ ପ୍ରେକ୍ଷାଳୟ'କୁ ଆସନ୍ତା ୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏହି ଅତ୍ୟାଧୁନିକ ପ୍ରେକ୍ଷାଳୟରେ ୧ ହଜାର ଦର୍ଶକ ବସିବା ପରି ବ୍ୟବସ୍ଥା ହୋଇଥିବାବେଳେ ସୁରକ୍ଷା ଏବଂ ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ରହିଛି। ପ୍ରେକ୍ଷାଳୟ ନିର୍ମାଣ ପାଇଁ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଥିବାବେଳେ ସିପିଡବ୍ଲ୍ୟୁ ଏବଂ ପିଏଚ୍‌ସି ଦ୍ୱାରା କାର୍ଯ୍ୟ ଶେଷ ହୋଇଛି। ଏଥିପାଇଁ ପ୍ରାୟ ୧୭କୋଟି ଟଙ୍କା ବ୍ୟୟ ହୋଇଛି। ଏହି ଅର୍ଥ ରୁଷା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ମଞ୍ଜୁର କରାଯାଇଥିଲା। ୭ତାରିଖ ଅପରାହ୍ନ ୫ଟାରେ ଏହାର ଉଦ୍‌ଘାଟନ କରାଯିବ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏବଂ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ଗୋଚର ଜମି ଦଖଲକୁ ନେଇ ଦୋହରା ମାନଦଣ୍ଡ

କଟକ ସଦର,୫।୨(ଡି.ଏନ୍.ଏ.): କିଶନନଗର ତହସିଲ ଅନ୍ତର୍ଗତ କେଶନଗର ଗ୍ରାମର ଚିନ୍ତାମଣି ବିଦ୍ୟାପୀଠ ସମ୍ମୁଖ ଏକ ଗୋଚର ଜମିରେ ହେଉଥିବା ସ୍ଥାୟୀ ନିର୍ମାଣ ଉପରେ ଶନିବାର ତହସିଲଦାର ରୋକ୍ ଲଗାଇବା ସହ ୧୪୪ ଧାରା ଜାରି କରିଥିଲେ। ଫଳରେ ସ୍ଥାନୀୟ ପୋଲିସ ଉକ୍ତ ଜମି ଉପରକୁ କେହି ନ ଯିବା ପାଇଁ ବାରଣ କରିଛି। ମାତ୍ର ନିଷେଧାଦେଶ ଜାରି ସ୍ଥାନର ଅଳ୍ପ ଦୂରରେ ଅନ୍ୟ ଏକ ଗୋଚର ଜମିରେ ସ୍ଥାୟୀ ନିର୍ମାଣ ଚାଲିଛି। ବିଶ୍ୱ ଗୋସୁରକ୍ଷା ବାହିନୀ ପକ୍ଷରୁ ୨ ମାସ ତଳେ ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଏ ନେଇ ଅଭିଯୋଗ କରାଯିବା ପରେ ମଧ ରାଜସ୍ୱ ବିଭାଗ ନିର୍ମାଣ ଉପରେ କାହିଁକି ଅଙ୍କୁଶ ଲଗାଉ ନାହିଁ ବୋଲି ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା ଅଭିଯୋଗ କରିଛନ୍ତି। ଗୋଟିଏ କିସମ ଜମି ଜବରଦଖଲକୁ ନେଇ ରାଜସ୍ୱ ବିଭାଗର ଏପରି ଦୋହରା ମାନଦଣ୍ଡ କାହିଁକି ବୋଲି ତହସିଲ ପ୍ରଶାସନକୁ ପଣ୍ଡା ପ୍ରଶ୍ନ କରିଛନ୍ତି। ଫରକ ଏତିକି ହେଲା ବର୍ତ୍ତମାନର ନିର୍ମାଣକୁ ଗ୍ରାମବାସୀ ଚାନ୍ଦା ଆଦାୟ କରି କରୁଥିଲେ। ମାତ୍ର ପୂର୍ବ ନିର୍ମାଣକୁ ସରକାରଙ୍କ ଏକ ବିଭାଗ ପକ୍ଷରୁ କରାଯାଉଛି। ଅଭିଯୋଗ ସମ୍ପର୍କରେ କିଶନନଗର ତହସିଲଦାର ମଧୁସୂଦନ ନାୟକଙ୍କୁ ପଚାରିବାରୁ ବର୍ତ୍ତମାନ ଘଟଣାରେ ୨ ଗୋଷ୍ଠୀ ମୁହାଁମୁହିଁ ହେବାରୁ ୧୪୪ ଧାରା ଜାରି କରାଗଲା ବୋଲି କହିଥିଲେ। ମାତ୍ର ପୂର୍ବ ନିର୍ମାଣ ଉପରେ ସେ କୌଣସି ମନ୍ତବ୍ୟ ଦେଇ ନ ଥିଲେ।

### ଡା. ଗୌରୀଶଙ୍କର ଆଚାର୍ଯ୍ୟଙ୍କ ପରଲୋକ

କଟକ ଅଫିସ,୫।୨: ପ୍ରଫେସର ଡା. ଗୌରୀଶଙ୍କର ଆଚାର୍ଯ୍ୟ(୮୬)ଙ୍କର ରବିବାର ସକାଳ ୬ଟା ୧୦ ମିନିଟ୍‌ରେ କଟକର ଏକ



ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ବିଚିତ୍ରା ଆଚାର୍ଯ୍ୟ, ପୁତ୍ର ଗୌତମ କୁମାର ଆଚାର୍ଯ୍ୟ, ପୁତ୍ରବଧୂ ସସ୍ମିତା ଆଚାର୍ଯ୍ୟ, ଝିଅଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। କଟକ ସତିଚୌରା ନିକଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଗୌତମ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସୁନାମଧନ୍ୟ କବିରାଜ ଡା. ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟଙ୍କର ଜ୍ୟେଷ୍ଠପୁତ୍ର ଥିଲେ ଗୌରୀଶଙ୍କର। ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଡାକ୍ତରୀ ପାସ୍ କରିବା ପରେ ଇଂଲଣ୍ଡରେ ଉଚ୍ଚଶିକ୍ଷା ଲାଭ କରି ଓଡ଼ିଶାରେ ପ୍ରଥମ କରି ସୂକ୍ଷ୍ମ ଛୁଞ୍ଚି ଦ୍ୱାରା ତତ୍‌କ୍ଷଣାତ କର୍କଟରୋଗର ଠିକ୍ ନିରୂପଣ ଆରମ୍ଭ କରିଥିଲେ। ଡା. ଆଚାର୍ଯ୍ୟ ବିଭିନ୍ନ ସଙ୍ଗଠନର ଉଚ୍ଚ ପଦବୀରେ ରହି ନିଜର ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଥିଲେ। ଏଥିପାଇଁ ସେ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଥିଲେ।

# ଲୁଟେରା ଗ୍ୟାଙ୍ଗ୍‌ର ୫ ମହିଳା ଗିରଫ

### ଭକ୍ତ ସମ୍ମିଳନୀରେ ସୁନାଗହଣା, ପର୍ସ ଓ ମୋବାଇଲ୍ ଲୁଟ୍

କଟକ ଅଫିସ,୫।୨

କଟକ ଉପର ବାଲିଯାତ୍ରା ପଡ଼ିଆରେ ଶନିବାରଠାରୁ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଆରମ୍ଭ ହୋଇଛି। ଏଠାରେ ବହୁ ସଂଖ୍ୟକ ଭକ୍ତ ଯୋଗଦାନ କରିଛନ୍ତି। ହେଲେ ଏଠାରେ ଲୁଟେରାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ସମ୍ମିଳନୀରେ ଭିଡ଼ର ସୁଯୋଗ ନେଇ ଶ୍ରଦ୍ଧାଳୁଙ୍କଠାରୁ ସୁନାଚେନ୍, ମନିପର୍ସ ଓ ମୋବାଇଲ ଲୁଟ୍ କରୁଛନ୍ତି ମହିଳା ଲୁଟେରା। ଏଭଳି ଏକ ମହିଳା ଲୁଟେରା ଗ୍ୟାଙ୍ଗର ୫ ଜଣଙ୍କୁ କ୍ୟାଣ୍ଟନମେଣ୍ଟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲା ବେନ୍ଦିଲ ଅଞ୍ଚଳର ଈଶ୍ୱରୀ ନାଇଡୁ, ଚିନ୍ନି ମୁଦିୟାର, ପଦ୍ମିନୀ ମୁଦିୟାର, ମାଲାମା ମୁଦିୟାର ଓ ଭେଙ୍କଟି ମୁଦିୟାର। ସେମାନଙ୍କଠାରୁ ୭ ଗ୍ରାମର ଏକ ସୁନାଚେନ୍ ଜବତ ହୋଇଛି। ସେମାନେ ଭିଡ଼ର ସୁଯୋଗ ନେଇ ଶ୍ରଦ୍ଧାଳୁଙ୍କ ପକେଟ୍‌ମାର କରିବା ସହ ସୁନାଚେନ୍ ଲୁଟ୍ କରୁଥିଲେ। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ବିଷ୍ଣୁମୋହନ ମହାରଣା ନାମକ ଜଣେ ଶ୍ରଦ୍ଧାଳୁଙ୍କ ଶାଶୁ ପ୍ରସାଦ ପାଇବା ପାଇଁ ଧାଡ଼ିରେ ଠିଆ ହୋଇଥିଲାବେଳେ ତାଙ୍କର ସୁନାଚେନ୍ ଚୋରି ହୋଇଯାଇଥିଲା। ଏ ନେଇ ବିଷ୍ଣୁ ଥାନାରେ ଏତଲା ଦେଇଥିଲେ। ସାଦା ପୋଷାକରେ ପୋଲିସ ଅଧିକାରୀ ସମ୍ମିଳନୀ ସ୍ଥଳରେ ନଜର ରଖିବା ସହିତ ସିସିଟିଭି ଯାଞ୍ଚ କରିଥିଲେ। ଶେଷରେ ଏହି ମହିଳା ଲୁଟେରା ଗ୍ୟାଙ୍ଗର ସଦସ୍ୟଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ସମ୍ମିଳନୀରୁ ଲୁଟ୍ କରିଥିବା ସୁନା ଅଳଙ୍କାରକୁ କଟକ ରେଳଷ୍ଟେଶନ ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କୁ ବିକ୍ରି କରିଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରିବାକୁ ଉଦ୍ୟମ ଚଳାଇଛି।



ରାଷ୍ଟ୍ରପତି ଭବନରେ ଚିତ୍ରଶିଳ୍ପୀ ଖିତିଶ୍ ଦାସ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ସହ ଏକ ଚିତ୍ରକଳା ପ୍ରଦାନ କରିଛନ୍ତି। ତାଙ୍କ ସହ ପୁରୀ ରଘୁରାଜପୁରର ଅନ୍ୟ ପଟ୍ଟଚିତ୍ର ଶିଳ୍ପୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିଥିଲେ।

## ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ୮୦ ପ୍ରକଳ୍ପ ପ୍ରଦର୍ଶିତ

କଟକ ଅଫିସ,୫।୨

ବିଦ୍ୟା ବିକାଶ ସମିତିର ୧୭ତମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଖାନ୍‌ନଗରସ୍ଥିତ ସାଇ ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଥିଲେ, ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ଭାରତ ବିଶ୍ୱଶକ୍ତିରେ ପରିଣତ ହୋଇପାରିବ। ଏଥିରେ ସମ୍ମାନିତ ଅତିଥି ଭାବେ ବିଦ୍ୟା ବିକାଶ ସମିତିର ଉପଦେଷ୍ଟା ତଥା ମୋକାମ ମହାବିଦ୍ୟାଳୟର ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ଓ ଅଧ୍ୟାପିକା ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମିତିର ପ୍ରତିଷ୍ଠାତା ସଦସ୍ୟ ତାରାକାନ୍ତ ଅଗସ୍ତି ଅଧ୍ୟକ୍ଷତା କରିଥିଲେ। ସମିତିର ସଙ୍ଗଠନ ସମ୍ପାଦକ ନରହରି ସେନ୍ ଅତିଥି ପରିଚୟ ଓ ସମ୍ପାଦକ ଯୋଗେନ୍ଦ୍ରନାଥ ବସ୍ତିଆ ବିଜ୍ଞାନ ମେଳାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୮୦ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ସମିତିର ଯୁଗ୍ମ ସମ୍ପାଦକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇବାର ତଦନ୍ତ ଆରମ୍ଭ

କଟକ ସଦର,୫।୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ପାରାବିଲ ଗ୍ରାମରେ ୧୫ ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇବା ଘଟଣାର ତଦନ୍ତ ରବିବାର ଆରମ୍ଭ ହୋଇଛି। ବ୍ଲକ ଯୋଗାଣ ନିରୀକ୍ଷକ କେଦାର ପ୍ରଧାନୀ ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ପତ୍ରରେ ନାମ ଥିବା ୧ ନମ୍ବର ଅଭିଯୋଗକାରୀ ବିଜୟ କୁମାର ବେହେରାଙ୍କ ଦସ୍ତଖତକୁ ଜାଲ୍ କରାଯାଇଥିବା ଜଣାପଡ଼ିଛି। ଏହାଛଡା ୫ ଜଣଙ୍କ ନାମରେ ରାଶନ କାର୍ଡ ନ ଥିବା ଜଣାପଡିଥିଲା। ମାତ୍ର ବାକି ବ୍ୟକ୍ତିଙ୍କ ନାମରେ ଥିବା ଅଭିଯୋଗର ତଦନ୍ତବେଳେ କିଛି ମାତ୍ରାରେ ସତ୍ୟତା ଥିବା ସୂଚନା ମିଳିଥିଲା। ତେଣୁ ଗାଡ଼ି, ସ୍ଥାୟୀ ଜମା, କୋଠାଘର ସମ୍ପର୍କରେ ସ୍ୱୀକାରୋକ୍ତିକୁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ସତ୍ୟପାଠ ଜରିଆରେ ଦାଖଲ କରିବା ପାଇଁ ବାକି ଲୋକଙ୍କୁ ପ୍ରଧାନୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପତ୍ରସଂଖ୍ୟା ୨୮୬୭/୧୧।୧୧।୨୦୨୨ରେ ସମ୍ପୃକ୍ତ ୧୫ ଜଣ ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇବା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ପ୍ରଧାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଉରାଳି ପ୍ରିମିୟର ଲିଗ୍, ନ୍ୟୁ ଷ୍ଟାର୍ ଟିମ୍ ଚାମ୍ପିୟନ




ଅତିଥିଙ୍କ ଗହଣରେ ଖେଳାଳିମାନେ।

ଫୁଲନଖରା,୫।୨(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ଉରାଳିଠାରେ ୫ ଦିନ ଧରି ଚାଲିଥିବା ଉରାଳି ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୨ଟି ଟିମ ଭାଗ ନେଇଥିଲା। ସିଡିଏର ଲାୟନ୍ସ ଟିମ୍ ଓ ଫୁଲନଖରା ନୂଆ ପାଟଣା ଅଞ୍ଚଳର ନ୍ୟୁ ଷ୍ଟାର୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଲାୟନ୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭର୍ ରେ ୧୦୯ ରନ୍ ସଂଗ୍ରହ କରିଥିଲା। ଜବାବରେ ନ୍ୟୁ ଷ୍ଟାର୍ ଟିମ୍ ୮.୩ ଓଭର୍‌ରେ ୧୧୩ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଉରାଳି କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଚାମ୍ପିୟନ ଟିମ୍‌କୁ ୪୫ ହଜାର ଓ ରନର୍ସ ଅପ୍ ଟିମ୍‌କୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବୁଲୁ ବେହେରା, ମ୍ୟାନ୍ ଅଫ୍ ଦି ସିରିଜ୍ କାଳିଆ ରାଉତ, ବେଷ୍ଟ ବ୍ୟାଟ୍ସମ୍ୟାନ୍ ବୁଦ୍ଧିଆ ବେହେରା ଓ ବେଷ୍ଟ ବୋଲର ନିରଞ୍ଜନ ବେହେରା ହୋଇଥିଲେ। ସାମାଜିକ କର୍ମୀ ସଞ୍ଜୀବ ସିଂହ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ହିତେଶ ଦାସ, ଉରାଳି ସରପଞ୍ଚ ଇଂ. ଅଭିଷେକ ବେହେରା, ବୁଲୁ ଜେନା, ସମ୍ବିତ୍ ଲେଙ୍କା, କାଳିଆ ଭୋଇ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ମନୋଜ ମିଶ୍ର, ରାଜୀବ ପରିଡା, ଦେବାଶିଷ ବେହେରା କ୍ରୀଡା ପରିଚାଳନା କରିଥିଲେ।

## ଶ୍ରୀଲୋକନାଥଙ୍କ ଜାଗର ଯାତ୍ରା: ରାତି ୩ରେ ଉଠିବ ମହାଦୀପ

ପୁରୀ ଅଫିସ,୫।୨

ଫାଲ୍ଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ଅବସରରେ ବିଭିନ୍ନ ଶୈବପୀଠରେ ପଙ୍କୋଦ୍ଧାର ଏକଦଶୀ ନୀତି ପାଳନ କରାଯିବ। ସେହିପରି ଚତୁର୍ଦ୍ଦଶୀରେ ମହାଶିବରାତ୍ରୀ ବା ଜାଗର ଯାତ୍ରା ପାଳନ ହେବ। ତିଥି ଅନୁଯାୟୀ, ଚଳିତ ମାସ ୧୬ ତାରିଖରେ ପଙ୍କୋଦ୍ଧାର ଏକାଦଶୀ ଓ ୧୮ ତାରିଖରେ ମହାଶିବରାତ୍ରୀ ବା ଜାଗର ପଡୁଛି। ଏଥିପାଇଁ ଶ୍ରୀଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଏକାଦଶୀ ଏବଂ ମହାଶିବରାତ୍ରୀର ନୀତି ନିର୍ଘଣ୍ଟ ହୋଇଛି। ଏ ନେଇ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ପଙ୍କୋଦ୍ଧାର ଏକାଦଶୀ ପୂର୍ବଦିନ ଅର୍ଥାତ ୧୫ ତାରିଖ ରାତି ୨ଟାରେ ପହୁଡ଼ ଦ୍ୱାର ଖୋଲାଯିବ। ରାତ୍ର ୩ଟାରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ସମ୍ପନ୍ନ କରାଯିବ। ଭୋର ୪ଟାରୁ ସକାଳ ୬ଟା ମଧ୍ୟରେ ଶ୍ରୀଲୋକନାଥ ଦେବଙ୍କ ସକାଳ ଧୂପ, ୭ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୭ଟାରୁ ୮ଟା ମଧ୍ୟରେ ଏକାଦଶୀ ଦର୍ଶନ ଏବଂ ୮ଟାରୁ ପଙ୍କୋଦ୍ଧାର କାର୍ଯ୍ୟକ୍ରମ କରାଯାଇ ମାଘସ୍ନାନ ନୀତି ଅନୁଷ୍ଠିତ ହେବ। ନୀତି ପରଠାରୁ ରାତ୍ର ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ। ରାତ୍ର ୯ଟାରୁ ୧୧ଟା ମଧ୍ୟରେ ଧୂପ, ଅନ୍ୟାନ୍ୟ ନୀତି ଓ ବଡ଼ସିଂହାର ନୀତି ହୋଇ ରାତ୍ର ପହୁଡ଼ କରାଯିବ। ସେହିପରି ଜାଗର ଯାତ୍ରାର କାର୍ଯ୍ୟସୂଚୀ ଅନୁଯାୟୀ, ରାତ୍ର ୧୨ଟା ୩୦ରେ ପହୁଡ଼ ଦ୍ୱାର ଖୋଲାଯିବ। ରାତ୍ର ୧ଟାରୁ ଭୋର ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ଓ ସୂର୍ଯ୍ୟପୂଜା ଇତ୍ୟାଦି ସମ୍ପନ୍ନ ହେବ। ଭୋର ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ। ଶ୍ରୀଲୋକନାଥ ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀଜଗନ୍ନାଥ ମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ସମ୍ପାଦନ କରି ରାତ୍ର ୧୧ଟା ୩୦ରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିବେ। ରାତ୍ରି ୧୦ଟାରୁ ରାତ୍ର ୨ଟା ମଧ୍ୟରେ ଲୋକନାଥଙ୍କ ବିଭିନ୍ନ ନୀତି ହେବ। ରାତ୍ର ୨ଟାରୁ ୩ଟା



ପର୍ଯ୍ୟନ୍ତ ହରିହର ପୂଜା ଭୋଗ ସମ୍ପନ୍ନ, ଚତୁର୍ଦ୍ଦଶୀ ଭୋଗ, ବଡ଼ ସିଂହାର ବେଶ କରାଯାଇ ରାତି ୩ଟାରେ ମହାଦୀପ ପ୍ରଜ୍ୱଳନ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ଭିତରେ ପ୍ରବେଶ କରିବେ। ଠାକୁରଙ୍କୁ ଦର୍ଶନ ପରେ ଅନ୍ୟ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଭକ୍ତଙ୍କ ସୁରକ୍ଷା, ପାନୀୟ ଜଳ, ଆଲୋକ, ପରିମଳ, ଶୌଚାଳୟ ଏବଂ ବ୍ୟାରିକେଡ ବ୍ୟବସ୍ଥା କରାଯିବ। ଗମ୍ଭୀରା ଭିତରେ ଦୀପ ଜାଳିବା ପାଇଁ ଭକ୍ତଙ୍କୁ ଅନୁମତି ଦିଆଯିବ ନାହିଁ। ଜାଗର ପଡ଼ିଆରେ ପୋଲିସ ନିୟନ୍ତ୍ରଣ କକ୍ଷ, ଆଶୁ ଚିକିତ୍ସା ଶିବିର, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରଦର୍ଶନୀ, ପୌରସଂସ୍ଥା ଶିବିର, ଜଳ ଯୋଗାଣ କେନ୍ଦ୍ର, ଅଗ୍ନିଶମ ନିୟନ୍ତ୍ରଣ କେନ୍ଦ୍ର ଖୋଲାଯିବ। ଗହଳି ନିୟନ୍ତ୍ରଣ ପାଇଁ ବ୍ୟାପକ ପ୍ଲାଟୁନ ପୋଲିସ ସହ ଅଧିକାରୀମାନେ ମୁତୟନ ହେବେ।

## ସମ୍ମିଳିତ କର୍ମଜୀବୀ ଖବରଦାତା ସଂଘର ବାର୍ଷିକୋତ୍ସବ

କୋଣାର୍କ,୫।୨(ଡି.ଏନ୍.ଏ.)

ପୁରୀ ଜିଲା ସମ୍ମିଳିତ କର୍ମଜୀବୀ ଖବରଦାତା ସଂଘ (ସହ ବନ୍ଧିତ ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ଖବରଦାତା ସଂଘ)ର ବାର୍ଷିକ ଉତ୍ସବ ଓ ଆଲୋଚନା ଚକ୍ର କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ, ଜାତୀୟ ସଭାପତି ପୀତବାସ ମିଶ୍ର, ରାଜ୍ୟ ସଭାପତି ଭାଗବତ ସେଠୀ, ରାଜ୍ୟ ସମ୍ପାଦକ ଅର୍ଜୁନ ମୁଦୁଲି, ଆଇନଜୀବୀ ରମା ପାତ୍ର, ଜଳସେଚନ ଅଧିକାରୀ ରତ୍ନାକର ଦଳ, ପୁରୀ ଜିଲା ସଭାପତି ପ୍ରସନ୍ନ ଦାସ, ସମ୍ପାଦକ ଜୟକୃଷ୍ଣ ଦାସ, ଶିବ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସମାଜ ସଂସ୍କାରରେ ଗଣମାଧ୍ୟମର ଭୂମିକା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଖବରଦାତାଙ୍କର ବିଭିନ୍ନ ଦାବି, ମୌଳିକ ଅଧିକାର, ସୁରକ୍ଷା ପ୍ରତି ଦୃଷ୍ଟି ଦେବା ପାଇଁ ଆଲୋଚନା ମାଧ୍ୟମରେ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏତତ୍ ବ୍ୟତୀତ ଚଳିତବର୍ଷ ୧ ହଜାରରୁ ଊର୍ଦ୍ଧ୍ୱ ସଭ୍ୟ ସଂଘରେ ସାମିଲ ହୋଇପାରନ୍ତି ବୋଲି ଜାତୀୟ ସଭାପତି ମିଶ୍ର ପ୍ରକାଶ କରିଥିଲେ। ପୁରୀ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଖବରଦାତା ଏଥିରେ ଅଂଶଗ୍ରହଣ କରିବା ସହ ନୂତନ ସଭ୍ୟ ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ସମାଜ ପ୍ରତି ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିତ୍ୱ ତଥା ନିଃସ୍ୱାର୍ଥ ପରିବାର, ଗୋପ ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ, ଶିକ୍ଷାବିତ୍ କବି ପୁନେଶ ସେନାପତି, ନାଟ୍ୟକାର ନିରଞ୍ଜନ ସ୍ୱାଇଁ, ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ ଏବଂ ସଂଘର ସଭ୍ୟଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ମହାନ୍ତି, ଉପସଭାପତି ସନ୍ତୋଷ ଗୋଛାୟତ, ସଚ୍ଚିଦାନନ୍ଦ ଗୋଛାୟତ, ଯୁଗ୍ମ ସମ୍ପାଦକ ମାନସ ସାମଲ, ସୌମ୍ୟ ରଞ୍ଜନ ମହାରଣା ଓ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଜୀବନକୁ ଶୃଙ୍ଖଳିତ କରିବ ରାଜଯୋଗ'

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବା କେନ୍ଦ୍ରର ବାର୍ଷିକ ଉତ୍ସବ

କଟକ ଅଫିସ,୫।୨

ନିୟମିତ ରାଜଯୋଗ ଓ ଧ୍ୟାନ ଦ୍ୱାରା ଜୀବନକୁ ଶୃଙ୍ଖଳିତ କରିହେବ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେକ୍ଟର-୬ ସେବାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ଜଷ୍ଟିସ ଡ. ବି.ପି. ଚୌଧୁରୀ ଏହି ମତବ୍ୟକ୍ତ କରିଛନ୍ତି। ବ୍ରହ୍ମାକୁମାରୀ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉପକ୍ଷେତ୍ର ନିର୍ଦ୍ଦେଶିକା ବିକେ କମଳେଶଙ୍କ ଅଧ୍ୟକ୍ଷତାରେ ସିଡିଏସ୍ଥିତ ୱିଣ୍ଡସ୍‌ର ପ୍ଲେସଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଓ ବିଶିଷ୍ଟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗ ଦେଇଥିଲେ। ଉପକ୍ଷେତ୍ର ଅତିରିକ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ସୁଲୋଚନା ସଂସ୍ଥାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ଅରୁଣ ପଣ୍ଡା ଏବଂ ଯନ୍ତ୍ରୀ ଫକୀର ମୋହନ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଇଂ. ପ୍ରଭାସ ମାଝୀ, ବି.କେ. ସୁଧାଂଶୁ, ବି.କେ ତ୍ରିବେଣୀ, ଆଲୋକ ସାହୁ ଯୋଗଦେଇଥିଲେ। କେନ୍ଦ୍ର ସଞ୍ଚାଳିକା ବି.କେ. ରଶ୍ମି ସ୍ୱାଗତ ଭାଷଣ, ବି. କେ. ବିଦ୍ୟାଧର ଧନ୍ୟବାଦ ଦେଇଥିଲେ।



ସିଡିଏସ୍ଥିତ ୱିଣ୍ଡସ୍‌ର ପ୍ଲେସଠାରେ ଆୟୋଜିତ ଉତ୍ସବରେ ମଞ୍ଚାସିନ ଅତିଥିବୃନ୍ଦ।

## ବାଇକକୁ ପିଟିଲା କାର, ଚଢ଼ିଗଲା ଟ୍ରକ

### ଯୁବକ ମୃତ, ଅନ୍ୟ ଜଣେ ଗୁରୁତର

ଭୁବନେଶ୍ୱର,୫।୨ (ବ୍ୟୁରୋ) : ବାଣୀବିହାର ଓଭରବ୍ରିଜ ଉପରେ ସୋମବାର ରାତି ପ୍ରାୟ ୧୨ଟା ୧୫ରେ ଏକ ଦୁର୍ଘଟଣା ଘଟିଛି। ଖଣ୍ଡଗିରି ଆଡକୁ ଯାଉଥିବା ବାଇକକୁ ପଛରୁ ଏକ କାର ଧକ୍କାଦେବାରୁ ବାଇକ୍ ଚାଳକ ରାସ୍ତାର ଅପରପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ଫଳରେ ଜୟଦେବ ବିହାରପଟୁ ଆସୁଥିବା ଏକ ଟ୍ରକ ତାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ଯୁବକଙ୍କର ମୃତ୍ୟୁ ଘଟିଥିଲା। ତେବେ ବାଇକରେ ବସିଥିବା ଅନ୍ୟଜଣେ ଯୁବକ ମଧ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତର ଆହତ ଯୁବକଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଉଭୟ କଟକ ଜିଲା ସାଲେପୁର ଅଞ୍ଚଳର ହୋଇଥିବାବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ଉଭୟଙ୍କ ପରିଚୟ ମିଳିପାରି ନାହିଁ।



ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ କଟକ ବକ୍ସିବଜାରସ୍ଥିତ ରାଧାନାଥ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

## ଗୀତା ଆବୃତ୍ତି ପ୍ରତିଯୋଗିତା

କଟକ ଅଫିସ,୫।୨

କଟକ ଜଗତପୁରସ୍ଥିତ ନିମପୁରରେ ଥିବା ଚିନ୍ମୟ ମିଶନ୍ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡା. ଅଶୋକ କୁମାର ସାହୁ ଓ ସ୍ୱାଦିଷ୍ଟ ମସଲାର ନିର୍ଦ୍ଦେଶକ ସନ୍ଦୀପ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାମାଜିକ କର୍ମୀ ଡା. କିଶନଲାଲ ଭରତିଆ ଓ ଜଗତପୁର ମିଶନର ବରିଷ୍ଠ ସଭ୍ୟ ଡା. ବୀର କିଶୋର ସିଂଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ଅରୂପାନନ୍ଦ ସରସ୍ୱତୀ ପ୍ରତିଯୋଗିତାକୁ ସଂଯୋଜନା କରିଥିଲେ।

## ସ୍ୱେଚ୍ଛାସେବୀ ଆଗଧାଡ଼ିର ଯୋଦ୍ଧା

### ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୫।୨ (ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ତ୍ରିଦିବସୀୟ ଆନ୍ତଃଜିଲାସ୍ତରୀୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ଆଗଧାଡ଼ିର ଯୋଦ୍ଧା। ସମ୍ବେଦନଶୀଳ ଲୋକମାନଙ୍କ ପ୍ରତି ସହାୟତାର ହାତ ବଢ଼ାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥାନ୍ତି ବୋଲି କୁଳପତି ଆଚାର୍ଯ୍ୟ ପ୍ରକାଶ କରିଥିଲେ। ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉଚ୍ଚଶିକ୍ଷା ବିଭାଗ ଉପ ଶାସନ ସଚିବ ଡ.ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ନେତୃତ୍ୱର ଉଦ୍ଦେଶ୍ୟ ଓ ସାମାଜିକ ଦାୟିତ୍ୱ ସମ୍ପାଦନ ଉପରେ ବକ୍ତବ୍ୟ ରଖିଥିଲେ। ସ୍ୱେଚ୍ଛାସେବୀ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇବା ସହ ବିକାଶମୂଳକ କାର୍ଯ୍ୟରେ ସହାୟକ ହୋଇପାରୁଛନ୍ତି ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ଜାତୀୟ ସେବା ଯୋଜନା ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ସରିତା ପଟେଲ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଭାବେ ଛାତ୍ରୀଛାତ୍ରମାନେ ନିଜର ଜୀବନକୁ ଗଢିବା ସହିତ ସମାଜର ବିକାଶରେ ସମର୍ପିତ ହେବାକୁ ଆହ୍ୱାନ ଦେଇଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ବ୍ରଜ ନାରାୟଣ ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. କୀର୍ତ୍ତିରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୯ଟି ଜିଲାର ୧୨୦ ଜଣ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ତଥା ୧୫ ଜଣ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଛନ୍ତି। ଖୋର୍ଦ୍ଧା ଜିଲା ଜାତୀୟ ସେବା ଯୋଜନା ଆଞ୍ଚଳିକ କେନ୍ଦ୍ରର ଯୁବ ଅଧିକାରୀ ନକୁଳ ଚନ୍ଦ୍ର ଦେହୁରୀ, ଜିଲା ସଂଯୋଜକ ଜୟଶ୍ରୀବାଳା ମଲ୍ଲିକ, ରବି ନାରାୟଣ ପାତ୍ର, ଅଧ୍ୟାପକ ରଘୁନାଥ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

ମାହାଙ୍ଗା,(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତସ୍ଥିତ ଗୁଣୁପୁର ଗୋପାଳସାହି ଓ କଂସାରୀ ସାହିର ମିଳିତ ଆନୁକୂଲ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ କର୍ତ୍ତାଭାବେ ସୁମନ୍ତ ଦାସ ପୂଜା କାର୍ଯ୍ୟରେ ବସିଥିବାବେଳେ ବରିଷ୍ଠ ପଣ୍ଡିତ ପିତାମ୍ବର ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବସରରେ ୬ ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ପରମାନନ୍ଦ ଦାସ, ବିବେକାନନ୍ଦ ସାହୁ, ସନ୍ତୋଷ ଦାସ, ପ୍ରକାଶ ଦାସ, ବିପ୍ରବର ସାହୁ,ଶଙ୍କର୍ଷଣ ଦାସ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ‘ରାଧାନାଥଙ୍କ ଅବଦାନ ଜନମାନସରେ ଚିରସ୍ମରଣୀୟ’

## ଜନ୍ମଭୂମିରୁ କର୍ମଭୂମି ସାଇକେଲ ଯାତ୍ରା

**ଆଠଗଡ/ ବାଙ୍କୀ, ୫।୨(ସ୍ୱ.ପ୍ର):**

ଆଠଗଡ଼ର ପୂର୍ବତନ ବିଧାୟକ, ଦୈନିକ ସମାଜର ପୂର୍ବତନ ସମ୍ପାଦକ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି । ଏହିଅବସରରେ ତାଙ୍କର ଜନ୍ମଭୂମି ଆଠଗଡ଼ ସହରସ୍ଥିତ ରାଧାନାଥପୁର ଶାସନ ପୈତୃକ ବାସଭବନରୁ କର୍ମଭୂମି ସମାଜ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଛି । ଲୋକସେବକ ମଣ୍ଡଳ ପରିଚାଳିତ ଗୋପବନ୍ଧୁ ଆର୍ଯ୍ୟଜ୍ଞାନ ଓ ଗବେଷଣା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ । ଲୋକ ସେବକ ମଣ୍ଡଳର ସର୍ବଭାରତୀୟ ଉପସଭାପତି ନିରଞ୍ଜନ ରଥ ଅଧ୍ୟକ୍ଷତା କରିଥିଲେ । ଆଠଗଡ଼ ଉପ ଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଆଠଗଡ଼ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ଶୁଭ୍ରଶଙ୍କର ଜ୍ୟୋତି, ସ୍ଥାନୀୟ କାଉନସିଲର ସିପ୍ରା ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ସାଇକେଲ ଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରିଥିଲେ । ମନ୍ତ୍ରୀ ସ୍ୱାଇଁ ନିଜେ ସାଇକେଲ ଚଳାଇ ଶୋଭାଯାତ୍ରାରେ ଯାଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ ।

ସେହିପରି ବାଙ୍କୀରେ ଡ.ରାଧାନାଥ ରଥଙ୍କ ୨୫ତମ ଶ୍ରାଦ୍ଧ ଦିବସ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନରେ ପାଳିତ ହୋଇଯାଇଛି । ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ, ସହ ସମ୍ପାଦକ ବିଭୁପ୍ରସାଦ ସାମଲ, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ରାଜକିଶୋର ରାଉତ, ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ରାଧାନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତ ରଥ ଜଣେ ବିଶିଷ୍ଟ ଜନନାୟକ ଥିଲେ । ରାଧାନାଥଙ୍କ ଅବଦାନ ଜନମାନସରେ ଚିରସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ ।


କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସାଇକେଲ ଶୋଭାଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି ।

# ଦିଲ୍ଲୀ ମହାସମାବେଶ ସଫଳ ପାଇଁ ଅଭିଯାନ ଚଳାଇବାକୁ ଆହ୍ୱାନ

## ଜିଲାସ୍ତରୀୟ କନ୍‌ଭେନ୍‌ସନ

**କଟକ ଅଫିସ, ୫।୨:**

ଆସନ୍ତା ଏପ୍ରିଲ ୫ରେ ଦିଲ୍ଲୀରେ ଶ୍ରମିକ-କୃଷକ-କୃଷି ଶ୍ରମିକମାନଙ୍କର ମହାସମାବେଶ ଅନୁଷ୍ଠିତ ହେବ । ଉକ୍ତ ମହାସମାବେଶର ସଫଳତା ପାଇଁ ସିଆଇଟିୟୁ କୃଷକ ସଭା ଓ ମଜଦୁର ୟୁନିୟନର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ କନ୍‌ଭେନ୍‌ସନ ଯୋବ୍ରା ରୋଡସ୍ଥିତ ଏସ୍.ଏନ୍. ସରକାର ସ୍ମୃତି ସଦନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ରବି ନାରାୟଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆଇଟିୟୁ ଜିଲା ସମ୍ପାଦକ ଅଭୟ କୁମାର ସ୍ୱାଇଁ ଯୋଗଦେଇ ୧୫ ଦଫା ଦାବି ସମ୍ବଳିତ ପତ୍ର ଉପସ୍ଥାପନ କରିଥିଲେ । ବିଶେଷକରି ଅତ୍ୟାବଶ୍ୟକ ସାମଗ୍ରୀରୁ ଜିଏସ୍‌ଟି ପ୍ରତ୍ୟାହାର, ବେକାରିଙ୍କୁ ସ୍ଥାୟୀ ନିଯୁକ୍ତି, କୃଷି ଋଣ ଛାଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବର୍ଷକୁ ୨୦୦ ଦିନ କାମ, ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ପୁରୁଣା ପେନ୍‌ସନ୍ ପ୍ରଣୟନ ଇତ୍ୟାଦି ଦାବି ରହିଛି । ଏହି ସମ୍ମିଳନୀରେ ଦେବେନ୍ଦ୍ର ପାତ୍ର, କୃଷକ ସଭା ଜିଲା ସମ୍ପାଦକ ଡମ୍ବରୁଧର ସାହୁ, ଡ. ସନ୍ତୋଷ ମହାପାତ୍ର, ବଦ୍ରିନାରାୟଣ ଦାଶ, ମନୋଜ ରାଉତ, ବିଷ୍ଣୁ ବେହେରା ପ୍ରମୁଖ ଯୋଗଦେଇ ଦିଲ୍ଲୀ ସମାବେଶ ସଫଳତା ପାଇଁ ବ୍ୟାପକ ପ୍ରଚାର ଅଭିଯାନ ଚଳାଇବାକୁ ଆହ୍ୱାନ ଦେଇଥିଲେ ।

# ‘ସମାଜ ଉତ୍ଥାନରେ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ’


ବସନ୍ତ ମିଳନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ ।

## ରାଷ୍ଟ୍ରଦୀପର ବସନ୍ତ ମିଳନ

**କଟକ ଅଫିସ,୫।୨:**

ସାପ୍ତାହିକ ଖବରକାଗଜ ରାଷ୍ଟ୍ରଦୀପର ବସନ୍ତ ମିଳନ ଉତ୍ସବ କଳାବିକାଶ କେନ୍ଦ୍ରରେ ରବିବାର ପାଳିତ ହୋଇଯାଇଛି । ରାଷ୍ଟ୍ରଦୀପ ପରିଚାଳନା ସମିତି ସଭାପତି ଅନୁପ କୁମାର ବୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ. ସଂଯୁକ୍ତା ପାଢ଼ୀ ଯୋଗଦେଇ ସମାଜର ଉତ୍ଥାନରେ ରାଷ୍ଟ୍ରଦୀପ ଭଳି ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସହସେବା ପ୍ରମୁଖ ରାଜକୁମାର ମାଟାଲେ ଯୁବପିଢ଼ିଙ୍କ ମଧ୍ୟରେ ରାଷ୍ଟ୍ରୀୟ ଭାବନା ଜାଗ୍ରତ କରିବାରେ ରାଷ୍ଟ୍ରଦୀପର ବହୁ ଯୋଗଦାନ ରହିଥିବା କହିଥିଲେ । ଏହି ଅବସରରେ ସ୍ତମ୍ଭକାର ଆର୍ତ୍ତ ମିଶ୍ର, ଅନିଲ ବିଶ୍ୱାଳ, ଗାଳ୍ପିକ ରବିନାରାୟଣ ଦାଶ, କବି ଜୟଦେବ ସିଠ, ସାମ୍ବାଦିକ ସୁଶୀଳ କୁମାର ମହାନ୍ତି, ପ୍ରସାରକ ହମ୍‌ସା ଚୌଧୁରୀ ଓ ପୂର୍ବତନ ପରିଚାଳକ ଧ୍ରୁବ ଚରଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମିତିର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଚିତ୍ତରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଓ ସହ ସମ୍ପାଦିକା ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ମାନପତ୍ର ପାଠ କରିଥିଲେ । ପରିଚାଳକ ଜ୍ୟୋତିପ୍ରକାଶ ମିଶ୍ର ଦୀପମନ୍ତ୍ର ପାଠ ଓ ହରିଶଙ୍କର ମାଝି ସଙ୍ଗୀତ ଗାନ କରିଥିଲେ ।

## ସଂକ୍ଷେପରେ

### ପ୍ରଜ୍ଞା ଅନ୍ୱେଷଣ ଅଭିଯାନ

କଟକ ଅଫିସ,୫।୨: ସାମାଜିକ ଅନୁଷ୍ଠାନ ‘ସୁନାଦୂବ’ ଆନୁକୂଲ୍ୟରେ ଜିଲାସ୍ତରୀୟ ପ୍ରତିଯୋଗିତା ପ୍ରଜ୍ଞା ଅନ୍ୱେଷଣ ଅଭିଯାନ-୨୦୨୩ ସ୍ଥାନୀୟ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସନ୍ନାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ । ଏଥିରେ କୁଟୀରର ତତ୍ତ୍ୱାବଧାରକ ସୁଭାଷ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାଗୁଡ଼ିକରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସୁକାନ୍ତି ମହାନ୍ତି, ମୁଲତା ଜେନା, ଇନ୍ଦିରା ନାୟକ, କୋକିଳେଶ୍ୱରା ପାତ୍ର, ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ସଂଘମିତ୍ରା ପ୍ରହରାଜ ଓ ସାଗରିକା ଜେନା ବିଚାରକ ଭାବେ ଯୋଗ ଦେଇଥିଲେ । ଆସନ୍ତା ମଙ୍ଗଳବାର ସନ୍ଧ୍ୟା ୬ଟାରେ ଗାନ୍ଧୀଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡିଛି ।

### ଓଡ଼ିଶୀ ନୃତ୍ୟମଣ୍ଡଳ ପକ୍ଷରୁ ଚିଲିକା ବଞ୍ଚାଅ ପ୍ରଦର୍ଶିତ

କଟକ ଅଫିସ,୫।୨: କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଓଡ଼ିଶୀ ନୃତ୍ୟମଣ୍ଡଳ ପକ୍ଷରୁ ସଚେତନ ବାର୍ତ୍ତା ବହନ କରୁଥିବା ନୃତ୍ୟବ୍ୟାଲେ ‘ଚିଲିକା ବଞ୍ଚାଅ’ ରବିବାର ପ୍ରଦର୍ଶିତ ହୋଇଯାଇଛି । ସାମାଜିକ କର୍ମୀ ପ୍ରିୟରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାମ୍ବାଦିକ ଅରୁଣ କୁମାର ପଣ୍ଡା ଉଦ୍‌ଘାଟନ କରି କହିଥିଲେ, ଚିଲିକା ଆଜି ପ୍ରଦୂଷିତ ହୋଇ ବିଲୁପ୍ତ ହେବାରେ ଲାଗିଛି । ଏହି ନୃତ୍ୟବ୍ୟାଲେ ଏକ ସଫଳତାର ବାର୍ତ୍ତା ବହନ କରି ଲୋକାଭିମୁଖୀ ହେବ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ କହିଥିଲେ, ଏଭଳି କାର୍ଯ୍ୟକ୍ରମ ରାଜ୍ୟର ଅନେକ ସ୍ଥାନରେ ପରିବେଷଣ ହେବାର ଆବଶ୍ୟକତା ରହିଛି । ଏଥିରେ ମୁଖ୍ୟବକ୍ତା ଭାବେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ସମ୍ମାନିତ ଅତିଥି ଭାବେ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଯୋଗ ଦେଇଥିଲେ । ବିଶିଷ୍ଟ ଗୀତିକାର ଅଲେଖ ଚନ୍ଦ୍ର ବିଶ୍ୱାଳଙ୍କ ରଚନା, ଭାରତୀକୃଷ୍ଣଙ୍କ ସଙ୍ଗୀତ ନିର୍ଦ୍ଦେଶନା ସହ ଏହାର ସଂଯୋଜନା କରିଛନ୍ତି ଗୁରୁ ଆଶିଷ କୁମାର ଦାସ। ଗୁରୁ ସସ୍ମିତା ପଣ୍ଡାଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟମଣ୍ଡଳର ୬୦ ଜଣ ଶିଳ୍ପୀ ଏହି ନୃତ୍ୟବ୍ୟାଲେରେ ଅଂଶଗ୍ରହଣ କରିଥିଲେ । ଏନ୍. କାଜଲ ରାଓ, ହେମନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ଚୌଦ୍ୱାର,୫।୨(ଡି.ଏନ୍.ଏ.): ସ୍ଥାନୀୟ ବିଆଇପିଏଫ୍ ସ୍କୁଲରେ ସୁପର ମମ୍ ବ୍ୟାଡ୍‌ମିଣ୍ଟନ୍ ଚମ୍ପିୟନ୍‌ସିପ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ସହିତ ଅଭିଭାବକମାନଙ୍କ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଛାତ୍ରୀଛାତ୍ରଙ୍କ ମା’ମାନେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ ଭୂୟାଁ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । କ୍ରୀଡ଼ା ଶିକ୍ଷକ ପ୍ରଣବ ସରକାରଙ୍କ ପରିଚାଳନାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଇତିଶ୍ରୀ ତିୱାରୀ ଚମ୍ପିୟନ୍ ଓ ସୁମିତ୍ରା ବରଜ ରନର୍ସଅପ୍ ହୋଇଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୟୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ନମଶ୍ରୀ ପତି ସ୍ୱାଗତ ଭାଷଣ ଦେଇଥିଲେ ।

### ରାଜ୍ୟସ୍ତରୀୟ ସାଲେପୁର କପ୍ ଉଦ୍‌ଘାଟନୀ ମ୍ୟାଚ୍‌ରେ ଚାନ୍ଦ କ୍ଲବ୍ ବିଜୟୀ

ସାଲେପୁର,୫।୨(ଡି.ଏନ୍.ଏ.): ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ସାଲେପୁର କପ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ସ୍ପୋଟସ୍ ଏକାଡେମୀର ଅଧ୍ୟକ୍ଷ ଗୋଲଖ ଚନ୍ଦ୍ର ପରିଡ଼ାଙ୍କ ସହଯୋଗରେ ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି । ଉଦ୍‌ଘାଟନୀ ମ୍ୟାଚ ଉତ୍କଳ ସ୍ପୋର୍ଟିଂ ଜଟଣୀ ଓ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ମଧ୍ୟରେ ଖେଳାଯାଇଥଲା । ନିର୍ଦ୍ଧାରିତ ସମୟରେ ଚାନ୍ଦ କ୍ଲବ ୩-୦ ଗୋଲରେ ଉତ୍କଳ ସ୍ପୋର୍ଟିଂକୁ ହରାଇ ବିଜୟୀ ହୋଇଛି । ସାମାଜିକ କର୍ମୀ ଅଲେଖ ଚନ୍ଦ୍ର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ସାଲେପୁର ଆଇଆଇସି. ଗିରିଜା ନନ୍ଦନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅକ୍ଷୟ ଦାଶ, ସେକ୍ ରହିମ୍ ବକ୍ସ, ପାର୍ଥବୀର ଭୂୟାଁ, ମିହିର ଜେନା, ଅନୁଷ୍ଠାନର ସମ୍ପାଦକ କିରଣ ଭୂୟାଁ, କୋଷାଧ୍ୟକ୍ଷ ମାନସ ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ସାଗର ପୁନେଟ ଅଭିଯାନ



ସାଗର ପୁନେଟ ଅଭିଯାନ ସାମିଲ ହୋଇଥିବା ଏନ୍‌ସିସି କ୍ୟାଡେଟ୍ ମାନେ ।

**ବାଙ୍କି,୫।୨-(ସ୍ୱ.ପ୍ର.) :**

ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରୁଷ ଏନ୍‌ସିସି ଆନୁକୂଲ୍ୟରେ ସାଗର ପୁନେଟ ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନକୁ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପୁରୁଷ ଏନ୍‌ସିସି କ୍ୟାଡେଟ୍‌ମାନେ ମହାନଦୀ କୂଳର ରଣପୁର ଘାଟରୁ କଲେଜ ରୋଡର ମହାନଦୀ କୂଳ ପର୍ଯ୍ୟନ୍ତ ଅଳିଆ ଆବର୍ଜନାକୁ ସଫା କରିଥିଲେ । ଏଥିସହ ନଦୀକୂଳରେ ବସବାସ କରୁଥିବା ଜନସାଧାରଣଙ୍କୁ ନଦୀକୂଳକୁ ସଫା ସୁତରା ରଖିବା ପାଇଁ ଅନୁରୋଧ କରିଥିଲେ । ଏନ୍‌ସିସି ଅଧିକାରୀ କ୍ୟାପଟେନ ଗୁରୁବାରୀ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମେଧାବୃତ୍ତି ପରୀକ୍ଷା

**ମାହାଙ୍ଗା,୫।୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ପଞ୍ଚାୟତସ୍ଥିତ ନରହରି ବାରିକ ସ୍ମୃତି ସଂସଦ ଆନୁକୂଲ୍ୟରେ ଝାଡେଶ୍ୱରପୁର ଉଚ୍ଚ ବିଦ୍ୟାଳୟର ପ୍ରବୀଣ ଗଣିତ ଶିକ୍ଷକ ସ୍ୱର୍ଗତ ଗୁଣନିଧି ଲେଙ୍କା, ଚୌଧୁରୀ ସୁରେନ୍ଦ୍ରନାଥ ପ୍ରହରାଜ ଓ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ଗୋତରା ପରିସରରେ ମେଧାବୃତି ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ମାହାଙ୍ଗା, ନିଶ୍ଚିନ୍ତକୋଇଲି ଓ ସାଲେପୁର ଅଞ୍ଚଳର ୨୫ ବିଦ୍ୟାଳୟର ୬୫ ଜଣ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଗଣିତ, ବିଜ୍ଞାନ, ଇଂଲିଶ୍, ସମାଜିକ ବିଜ୍ଞାନ ଓ ସାଧାରଣ ଜ୍ଞାନ ବିଷୟ ଉପରେ ମେଧା ଅନ୍ୱେଷଣ ପରୀକ୍ଷା ଦେଇଥିଲେ । ଇଂ.ମନୋରଞ୍ଜନ ଲେଙ୍କା, ମୃତ୍ୟୁଞ୍ଜୟ ଶତପଥୀ, ଅଜୟ କୁମାର ସାହୁ,ଶଶୀଭୂଷଣ ପ୍ରହରାଜ, ସଫିକ ଅହେମ୍ମଦ ଖାଁ, ଶରତ ସାହୁ , ପ୍ରଦ୍ୟୁମ୍ନ ବାରିକ, ଖଗେଶ୍ୱର ପ୍ରଧାନ,ଅକ୍ଷୟ ଘଡାଇ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ।

# ଦୁର୍ନୀତିମୁକ୍ତ ବିକଶିତ ପଞ୍ଚାୟତ ଗଠନ ପାଇଁ ଆହ୍ୱାନ


ବିଜେଡି ମିଶ୍ରଣ ପର୍ବରେ ଯୋଗଦେଇଥିବା ନେତୃମଣ୍ଡଳୀ ଓ ଦଳୀୟ କର୍ମୀମାନେ ।

**ନିଶ୍ଚିନ୍ତକୋଇଲି, ୫।୨ (ସ୍ୱ.ପ୍ର):**

ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଓ ଲୋକାଭିମୁଖି କାର୍ଯ୍ୟ ପାଇଁ ଦଳ ଦିନକୁ ଦିନ ସମୃଦ୍ଧ ଓ ଲୋକାଦୃତ ହେଉଛି । ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ଉଚିତ ସମୟରେ ପହଞ୍ଚାଇ ଦୁର୍ନୀତିମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି । କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତରେ ରବିବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ସହ ବହୁ କର୍ମକର୍ତ୍ତା ବିରୋଧୀ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣୀତ ହୋଇ ଜୟରାମପୁର ସରପଞ୍ଚ ସ୍ୱାତୀ ସୁଚରିତା ରାଉତ ଓ ସମିତି ସଭ୍ୟ ଲକ୍ଷ୍ମୀପ୍ରିୟା ଦାସଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି । ଉଜ୍ଜଳ ଆଲୋକୀକରଣ ଯୋଜନାରେ ୨୦୦ ଷ୍ଟ୍ରିଟ ଲାଇଟ ଲଗାଯିବା ନିମନ୍ତେ ବିଧାୟକ ଜେନା ପ୍ରତିଶ୍ରୁତି ଦେଇଥିଲେ । ଆୟୋଜିତ ଉତ୍ସବରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ଦଳ ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ଜିଲା ବିଜେଡି ଉପସଭାପତି ଗିରିଶ ରଞ୍ଜନ ମହାପାତ୍ର, ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ବ୍ଲକ ଛାତ୍ର ବିଜେଡି ସଭାପତି ସୁଶାନ୍ତ ନାୟକ, ଯୁବ ନେତା ଆବୁତାଲି, ଉପେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ନସିମା ବିବି ପ୍ରମୁଖ ଉପସ୍ଥିତ ଥିଲେ ।

## ବାପୁଜୀ କପ୍ ଫୁଟ୍‌ବଲ: ଭୁବନେଶ୍ୱର ବିଜୟୀ

**ବଡ଼ମ୍ବା,୫।୨(ଡି.ଏନ.ଏ.):**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀସ୍ଥିତ ବାପୁଜୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେରେ ସ୍ଥାନୀୟ ପଡିଆରେ ରବିବାର ରାଜ୍ୟସ୍ତରୀୟ ବାପୁଜୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ ୟୁନାଇଟେଡ କ୍ଲବ ଭୁବନେଶ୍ୱର ଓ ବାପୁଜୀ ଫୁଟବଲ ଆସୋସିଏଶନ ମଧ୍ୟରେ ଖେଳାଯାଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ । ଫଳରେ ଟାଇବ୍ରେକର ଜରିଆରେ ଭୁବନେଶ୍ୱର ବିଜୟୀ ହୋଇଛି । ମ୍ୟାଚରେ ମୁଖ୍ୟ ଅତିଥିଭାବେ ଶଙ୍ଖାମେରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ଜ୍ୟୋସ୍ନାମୟୀ ବିଶ୍ୱାଳ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମାନସ ମୁଦୁଲି ଯୋଗ ଦେଇଥିଲେ । ମୁଖ୍ୟ ରେଫରୀ ଭାବେ ବାଦଲ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ । ଶକ୍ତି ମହାପାତ୍ର ଓ ଧନେଶ୍ୱର ସର୍ଦ୍ଦାର ସହଯୋଗ କରିଥିଲେ ।

# ବଡ଼କ୍ଷୀରକୁ ହରାଇ ହାଇଡା ଚାମ୍ପିୟନ



ବିଧାୟକ ପ୍ରତାପ ଜେନା ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି ।

## ପୌଲସ୍ତି କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ନିଶ୍ଚିନ୍ତକୋଇଲି, ୫।୨ (ସ୍ୱ.ପ୍ର):**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡ଼ା ପଞ୍ଚାୟତ ପୌଲସ୍ତି କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ବଡ଼କ୍ଷୀର କ୍ରିକେଟ କ୍ଲବକୁ ହରାଇ ହାଇଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚରେ ହାଇଡା କ୍ରିକେଟ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୭ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା । ଜବାବରେ ବଡ଼କ୍ଷୀର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରି ମାତ୍ର ୧୨୩ କରିବା ପାଇଁ ସକ୍ଷମ ହୋଇଥିଲା । ହାଇଡା ଟିମ୍‌ର ମାଫିଦ ଅହମ୍ମଦ ‘ମ୍ୟାନ ଅଫ ଦି ମ୍ୟାଚ’ ଓ ବଡକ୍ଷୀର ଟିମର ରମାକାନ୍ତ ନାୟକ ‘ମ୍ୟାନ ଅଫ ଦି ସିରିଜ’ ବିବେଚିତ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ କ୍ରିକେଟ ଖେଳର ଲୋକପ୍ରିୟତା ଉପରେ ଅଭିଭାଷଣ ରଖିବା ସହ ଶୃଙ୍ଖଳିତ ଭାବେ କାର୍ଯ୍ୟକଲେ ସଫଳତା ମିଳେ ବୋଲି ପ୍ରକାଶ କରିଥିଲେ । ଏହି କ୍ରୀଡ଼ା ଉତ୍ସବରେ ଜ୍ୟୋତି ପ୍ରକାଶ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଗିରିଶ ମହାପାତ୍ର, ରମାକାନ୍ତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ ।

# ରେଙ୍ଗାଲି ପ୍ରକଳ୍ପର ନୂତନ ଡିଭିଜନ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁଙ୍କ ସହ ଅନ୍ୟ ଅତିଥିମାନେ ।

## ରାଜ୍ୟ ଜଳସମ୍ପଦ ମନ୍ତ୍ରୀଙ୍କ ଗସ୍ତ

**ବଡ଼ମ୍ବା, ୫।୨(ଡି.ଏନ.ଏ.) :**

ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ରବିବାର ଦିନିକିଆ ବଡ଼ମ୍ବା -ନରସିଂହପୁର ଅଞ୍ଚଳ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ରେଙ୍ଗାଲି କେନାଲର ନୂତନ ଡିଭିଜନର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ ହାଡୁଆ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରି ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଉପାଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ ଓ ବିଭାଗୀୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ହାଡୁଆ ପ୍ରକଳ୍ପ ଓ ରେଙ୍ଗାଲି ପ୍ରକଳ୍ପ ଦ୍ୱାରା ବଡ଼ମ୍ବା ନରସିଂହପୁର ଅଞ୍ଚଳର ବହୁ ଚାଷୀ ଉପକୃତ ହେବେ ବୋଲି ବିଧାୟକ ମିଶ୍ର ପ୍ରକାଶ କରିଛନ୍ତି ।

# ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ: ବ୍ଲୁ ଷ୍ଟାର ଯାଁଳା ଚାମ୍ପିୟନ

**ବାଙ୍କୀ,୫।୨(ସ୍ୱ.ପ୍ର.):**

ବାଙ୍କୀ ବ୍ଲକ ପଥୁରୀପଡା ମହାବେରଣା ବିଦ୍ୟାପୀଠ ଖେଳପଡିଆ ରେ ଚାଲିଥିବା ୩୪ତମ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବ୍ଲୁ ରକ୍ ଷ୍ଟାର ଦଳ ଯାଁଳା ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ ଯାଁଳା ଓ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ଖେଳାଯାଇଥିଲା ।

ଯାଁଳା ପ୍ରଥମେ ଟସ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ୍ ହରାଇ ୨୧୫ରନ ସଂଗ୍ରହ କରିଥିଲା । ଜବାବରେ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ୮ଉଇକେଟ୍ ହରାଇ ୧୮୬ରନ ସଂଗ୍ରହ କରି ପରାଜିତ ହୋଇଥିଲା । ଯାଁଳାର ରାକେଶ ସାହୁ ମ୍ୟାନ ଅଫ ଦି ମ୍ୟାଚ ଓ ଯାଁଳାର ସୁଧାକର ଜାନି ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ । ଆଜିର ଘୋଷକ ଥିଲେ ମନୋଜ ରାଉତ ଓ ହରିଶ୍ଚନ୍ଦ୍ର ତ୍ରିପାଠୀ ଏବଂ ସ୍କୋରରଭାବେ ସୌମ୍ୟରଞ୍ଜନ ତ୍ରିପାଠୀ ଦାୟିତ୍ୱ ସମ୍ପାଦନ କରିଥିଲେ ।

ସାମାଜିକ କର୍ମୀ ବିଜୟ କୁମାର ପ୍ରତିହାରୀ ଅଧ୍ୟକ୍ଷତା କରିଥିଲେ । ଉଦ୍‌ଘାଟକ ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଯାଁଳାକୁ ଚାମ୍ପିୟନ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ବାଙ୍କୀକୁ ରନର୍ସ ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ । ଏହି ଅବସରରେ ଅଶୋକ କୁମାର ମିଶ୍ର, ସୁରେଶ୍ୱର ବେହେରା, କେଶରୀ ଲଲାଟେନ୍ଦୁ ସାହୁ, ସୁଧାକର ମହାନ୍ତି, ରମାକାନ୍ତ ଭଞ୍ଜ, ମଧୁସୂଦନ ବେହେରା, ମାଧବାନନ୍ଦ ସ୍ୱାଇଁ, ଶ୍ରୀନିବାସ ମହାପାତ୍ର, ବଳଭଦ୍ର ଦାଶ ଓ ବିପିନ ବିହାରୀ ମହାନ୍ତି ପ୍ରମୁଖଙ୍କୁ ଦୁଃଖବନ୍ଧୁ ସାହୁ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସୋମନାଥ ଖଟୁଆ ମଞ୍ଚ ପରିଚାଳନା କରିଥିଲେ । ଶେଷରେ କ୍ଲବ ସମ୍ପାଦକ ସଦାଶିବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

## ସଂକ୍ଷେପରେ

### ଅବକାରୀ ଟିମର ଚଢ଼ାଉ, ୨ ଗିରଫ

ଭୁବନେଶ୍ୱର,୫।୨(ବ୍ୟୁରୋ) : ଶହୀଦନଗର ଥାନା ଅନ୍ତର୍ଗତ ବାଣୀବିହାର ଅଞ୍ଚଳରେ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ଚଢ଼ାଉ କରି ନିଶାଦ୍ରବ୍ୟ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଟକ ଜିଲାର ଜିତେନ୍ଦ୍ର କୁମାର ସାହୁ ଓ କନ୍ଧମାଳର ହିତେଶ କୁମାର ବେହେରା । ଅଭିଯୁକ୍ତ ଜିତେନ୍ଦ୍ରଙ୍କଠାରୁ ୧୨ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ହିତେଶଙ୍କଠାରୁ ୬ କେଜି ଭାଙ୍ଗ ଜବତ ହୋଇଛି । ଏନେଇ ଅବକାରୀ ଟିମ ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### କଲ୍ କରିବା ବାହାନାରେ ମୋବାଇଲ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫।୨(ବ୍ୟୁରୋ) : କଲ୍ କରିବା ବାହାନାରେ ମୋବାଇଲ ଚୋରି ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲାର ରାଜା ବିଶୋଇ । ଅଭିଯୋଗକାରୀ ଆମ୍ରେଶର ଆଚାର୍ଯ୍ୟଙ୍କ ଅଭିଯୋଗ କ୍ରମେ ସେ କିଟରୁ ଘରକୁ ଫେରୁଥିବା ବେଳେ ପଟିଆସ୍ଥିତ ମୋ ବସ ଡିପୋ ନିକଟରେ ଅଟକିଥିଲେ। ଠିକ ସେହି ସମୟରେ ରାଜା ଫୋନ କରିବା ପାଇଁ ଆମ୍ରେଶରଙ୍କୁ ମୋବାଇଲ ମାଗିଥିଲେ। ଆମ୍ରେଶର ବିଶ୍ୱାସ କରି ମୋବାଇଲ୍ ଦେବା ପରେ ରାଜା ମୋବାଇଲ ନେଇ ଚମ୍ପଟ ମାରିଥିଲେ ।

### ବନଦୁର୍ଗା କ୍ଲବର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୫।୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଗୋପକୁଦା ଗ୍ରାମସ୍ଥିତ ମା'ବନଦୁର୍ଗା କ୍ଲବର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଗୌରାଙ୍ଗ ପଲେଇଙ୍କ ନେତୃତ୍ୱରେ ଗୀତ, ନାଚ, କୁଇଜ ପ୍ରତିଯୋଗିତା ଜୁନିୟର ଓ ସିନିୟରଙ୍କ ହୋଇଥିଲା। ଏଥିରେ ୪୦ବିଦ୍ୟାଳୟର ପ୍ରତିଯୋଗୀ ଭାଗନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସଭାପତି ଦୁର୍ଗାଚରଣ ବିଶ୍ୱାଳ କହନ୍ତି, କୁନି କୁନି ପିଲାଙ୍କ ନିକଟରେ ଥିବା ପ୍ରତିଭା ବିକାଶ କରିବା ପ୍ରୟାସ। ବିଚାରକଭାବେ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ପ୍ରହ୍ଲାଦ ଜେନା, ଯୋଗେନ୍ଦ୍ର ପଲେଇ ଯୋଗଦେଇଥିଲେ। ସମ୍ପାଦକ ମାନସ ପଲେଇ, ସୌଭାଗ୍ୟ ବଲିୟାରସିଂହ, ପଦ୍ମ ଚରଣ ପଲେଇ, ମାନସ ପଲେଇ, ବିଦ୍ୟାଧର ପଲେଇ, ଟିଟୁ ପଲେଇ, ସନ୍ତୋଷ ବେହେରା ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ଡେଲାଙ୍ଗ,୫।୨(ଡି.ଏନ୍.ଏ.): ଡେଲାଙ୍ଗ ଷ୍ଟେଶନ ବଜାର ଭାରତୀ ବିହାରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ.ପୁଷ୍ପିତା ମହାପାତ୍ରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ଲାବନ୍ୟେନ୍ଦୁ ମହାନ୍ତି, ମୁଖ୍ୟ ବକ୍ତା ଓଡିଶା ଶିକ୍ଷା ବିକାଶ ସମିତିର ସଭାପତି ଡ.କିଶୋର ଚନ୍ଦ୍ର ମହାନ୍ତି, ଅତିଥିଭାବେ ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା, ଏବିଇଓ ଯୁଧିଷ୍ଠିର ପରିଡା, ରାଧାକାନ୍ତ ବିଦ୍ୟାପୀଠର ପୂର୍ବତନ ଶିକ୍ଷକ ଗନ୍ଧର୍ବ ଜେନା, ବିଦ୍ୟାଳୟ ସମ୍ପାଦକ କିଶୋର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର, ସହକାରୀ ଆଚାର୍ଯ୍ୟ ସର୍ବେଶ୍ୱର ବାରିକ୍ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ସେଠୀ ଧନ୍ୟବାଦ ଦେଇଥିଲେ।

# ଆଉ ୫ଦିନ ଅପେରା, ମିନାବଜାର

## ସରିଲା ଖଣ୍ଡଗିରି କୁମ୍ଭମେଳା

ଭୁବନେଶ୍ୱର,୫।୨ (ବ୍ୟୁରୋ)



ଗତ ୯ଦିନ ଧରି ଖଣ୍ଡଗିରି ପାହାଡ଼ରେ ଚାଲିଥିବା କୁମ୍ଭମେଳା ରବିବାର ଅଗ୍ନି ଉତ୍ସବ ସହ ଶେଷ ହୋଇଛି। ଅନନ୍ତ ଗୁମ୍ଫା ସମ୍ମୁଖରେ ଚାଲିଥିବା ମହାଯଜ୍ଞରେ ବିଳମ୍ବିତ ରାତିରେ ପୂର୍ଣ୍ଣାହୂତି ଦିଆଯାଇଥିଲା। ରବିବାର ହୋଇଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ଖଣ୍ଡଗିରିରେ ପହଞ୍ଚିଥିଲେ। ସାରା ଦେଶରୁ ଏଠାକୁ ଆସିଥିବା ସାଧୁ ସନ୍ନ୍ୟାସୀ ବିଦାୟ ନେବା ପୂର୍ବରୁ ସେମାନଙ୍କ ଦର୍ଶନ ତଥା ଆଶୀର୍ବାଦ ନେବା ପାଇଁ ପ୍ରବଳ ଭିଡ଼ ଜମିଥିଲା। ଲମ୍ବା ଧାଡ଼ିରେ ଅପେକ୍ଷା କରି ଲୋକମାନେ ସ୍ୱାସ୍ଥ୍ୟଗତ, ଆର୍ଥିକ, ବ୍ୟବସାୟିକ ଓ ପାରିବାରିକ ସମସ୍ୟା ସମ୍ପର୍କରେ ପରାମର୍ଶ ନେଇଥିଲେ। ଦିନସାରା ଏପରି ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଅଗ୍ନି ଉତ୍ସବ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ସେହିପରି ୯ଦିନ ଧରି ବାରଭୂଜା ପୀଠସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ନବାହ୍ନ ପାରାୟଣ ଉଦଯାପିତ ହେବା ସହ ରାମାଭିଷେକ ଅନୁଷ୍ଠିତ ହୋଇଥିଲା। ମହାଯଜ୍ଞ ପୂର୍ଣ୍ଣାହୂତି ପାଇଁ ହଜାର ହଜାର ସଂଖ୍ୟାରେ ନଡ଼ିଆ ଦାନ କରିଥିଲେ। ରାତିରେ ହିଁ ଅନେକ ସାଧୁ ସନ୍ନ୍ୟାସୀ ଖଣ୍ଡଗିରି ପୀଠରୁ ବାହୁଡ଼ିଯାଇଥିଲେ। ଭିଡ଼ ମୁକାବିଲା ପାଇଁ ପୋଲିସ୍ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା।

କୁମ୍ଭମେଳା ସରିଥିଲେ ମଧ୍ୟ ଆଉ ୫ଦିନ ଅପେରା ଦେଖାସହ ମୀନାବଜାର ବୁଲା ଜମିବ। ୧୦ ତାରିଖ ପର୍ଯ୍ୟନ୍ତ ଯାତ୍ରା ମହାସମର ଜାରି ଥିବାବେଳେ ରବିବାର କୋଣାର୍କ ଗଣନାଟ୍ୟ ଓ ଯାତ୍ରା ସ୍ୱର୍ଣ୍ଣମହଲ ସାମିଲ ହୋଇଛି। ପ୍ରଥମ ରାତିରେ କୋଣାର୍କ ଗଣନାଟ୍ୟ ପକ୍ଷରୁ ନାଟକ 'ତୋ ବିନା ମୁଁ ଅଧା ଅଧା' ଦର୍ଶକଙ୍କୁ ପ୍ରଶଂସା ସାଉଁଟିଥିଲା। ଯାତ୍ରା ସ୍ୱର୍ଣ୍ଣମହଲରେ 'ହାଟ ବସେଇଛି ହଟ ନାଗରୀ' ଦର୍ଶକଙ୍କ ମଧ୍ୟରେ ରୋମାଞ୍ଚ ଭରିଥିଲା। ତେବେ ଯାତ୍ରା ସ୍ୱର୍ଣ୍ଣମନ୍ଦିର, ଅପେରା ସାଇ ସମ୍ରାଟ ଦ୍ୱିତୀୟ ଦିନରେ ମଧ୍ୟ ନାଟକ ଦୋହରାଇଥିଲା। ଯାତ୍ରା ରଙ୍ଗମହଲରେ ୫ ରାତି ସମାନ ନାଟକ 'ଚାଲିବା ଆଗରୁ ବାଟ ସରିଲା' ପରିବେଷଣ ହେଉଥିଲେ ମଧ୍ୟ ଦର୍ଶକଙ୍କ ଭିଡ଼ କମୁ ନାହିଁ। ଶିବାନୀ ଗଣ ନାଟ୍ୟରେ ମଧ୍ୟ ପୁଣି ଥରେ ସମାନ ନାଟକ 'ଆଖି ତୋର ଲୁହ ମୋର' ଦର୍ଶକଙ୍କ ଆଖିରେ ଲୁହ ଭରିଥିଲା।

# ରାତି ୩ରେ ଉଠିବ ମହାଦୀପ

## ଶ୍ରୀଲୋକନାଥଙ୍କ ଜାଗରଯାତ୍ରା

ପୁରୀ ଅଫିସ,୫।୨

ଫାଲ୍ଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ଅବସରରେ ବିଭିନ୍ନ ଶୈବପୀଠରେ ପଙ୍କୋଦ୍ଧାର ଏକଦଶୀ ନୀତି ପାଳନ କରାଯିବ। ସେହିପରି ଚତୁର୍ଦ୍ଦଶୀରେ ମହାଶିବରାତ୍ରୀ ବା ଜାଗର ଯାତ୍ରା ପାଳନ ହେବ। ତିଥି ଅନୁଯାୟୀ, ଚଳିତ ମାସ ୧୬ ତାରିଖରେ ପଙ୍କୋଦ୍ଧାର ଏକାଦଶୀ ଓ ୧୮ ତାରିଖରେ ମହାଶିବରାତ୍ରୀ ବା ଜାଗର ପଡୁଛି। ଏଥିପାଇଁ ଶ୍ରୀଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଏକାଦଶୀ ଏବଂ ମହାଶିବରାତ୍ରୀର ନୀତି ନିର୍ଘଣ୍ଟ ହୋଇଛି। ଏ ନେଇ ଉପଜିଲାପାଳଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ପଙ୍କୋଦ୍ଧାର ଏକାଦଶୀ ପୂର୍ବଦିନ ଅର୍ଥାତ ୧୫ ତାରିଖ ରାତି ୨ଟାରେ ପହୁଡ଼ ଦ୍ୱାର ଖୋଲାଯିବ। ରାତ୍ର ୩ଟାରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ସମ୍ପନ୍ନ କରାଯିବ। ଭୋର ୪ଟାରୁ ସକାଳ ୬ଟା ମଧ୍ୟରେ ଶ୍ରୀଲୋକନାଥ ଦେବଙ୍କ ସକାଳ ଧୂପ, ୭ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୭ଟାରୁ ୮ଟା ମଧ୍ୟରେ ଏକାଦଶୀ ଦର୍ଶନ ଏବଂ ୮ଟାରୁ ପଙ୍କୋଦ୍ଧାର କାର୍ଯ୍ୟକ୍ରମ କରାଯାଇ ମାଘସ୍ନାନ ନୀତି ଅନୁଷ୍ଠିତ ହେବ। ନୀତି ପରଠାରୁ ରାତ୍ର ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ। ରାତ୍ର ୯ଟାରୁ ୧୧ଟା ମଧ୍ୟରେ ଧୂପ, ଅନ୍ୟାନ୍ୟ ନୀତି ଓ ବଡ଼ସିଂହାର ନୀତି ହୋଇ ରାତ୍ର ପହୁଡ଼ କରାଯିବ। ସେହିପରି ଜାଗର ଯାତ୍ରାର କାର୍ଯ୍ୟସୂଚୀ ଅନୁଯାୟୀ, ରାତ୍ର ୧୨ଟା ୩୦ରେ ପହୁଡ଼ ଦ୍ୱାର ଖୋଲାଯିବ। ରାତ୍ର ୧ଟାରୁ ଭୋର ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ଓ ସୂର୍ଯ୍ୟପୂଜା ଇତ୍ୟାଦି ସମ୍ପନ୍ନ ହେବ।

ଭୋର ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ। ଶ୍ରୀଲୋକନାଥ ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀଜଗନ୍ନାଥ ମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ସମ୍ପାଦନ କରି ରାତ୍ର ୧୧ଟା ୩୦ରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିବେ। ରାତ୍ରି ୧୦ଟାରୁ ରାତ୍ର ୨ଟା ମଧ୍ୟରେ ଲୋକନାଥଙ୍କ ବିଭିନ୍ନ ନୀତି ହେବ। ରାତ୍ର ୨ଟାରୁ ୩ଟା ପର୍ଯ୍ୟନ୍ତ ହରିହର ପୂଜା ଭୋଗ ସମ୍ପନ୍ନ, ଚତୁର୍ଦ୍ଦଶୀ ଭୋଗ, ବଡ଼ ସିଂହାର ବେଶ କରାଯାଇ ରାତି ୩ଟାରେ ମହାଦୀପ ପ୍ରଜ୍ୱଳନ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ଭିତରେ ପ୍ରବେଶ କରିବେ। ଠାକୁରଙ୍କୁ ଦର୍ଶନ ପରେ ଅନ୍ୟ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଭକ୍ତଙ୍କ ସୁରକ୍ଷା, ପାନୀୟ ଜଳ, ଆଲୋକ, ପରିମଳ, ଶୌଚାଳୟ ଏବଂ ବ୍ୟାରିକେଡ ବ୍ୟବସ୍ଥା କରାଯିବ। ଗମ୍ଭୀରା ଭିତରେ ଦୀପ ଜାଳିବା ପାଇଁ ଭକ୍ତଙ୍କୁ ଅନୁମତି ଦିଆଯିବ ନାହିଁ। ଜାଗର ପଡ଼ିଆରେ ପୋଲିସ ନିୟନ୍ତ୍ରଣ କକ୍ଷ, ଆଶୁ ଚିକିତ୍ସା ଶିବିର, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରଦର୍ଶନୀ, ପୌରସଂସ୍ଥା ଶିବିର, ଜଳ ଯୋଗାଣ କେନ୍ଦ୍ର, ଅଗ୍ନିଶମ ନିୟନ୍ତ୍ରଣ କେନ୍ଦ୍ର ଖୋଲାଯିବ। ଗହଳି ନିୟନ୍ତ୍ରଣ ପାଇଁ ବ୍ୟାପକ ପ୍ଲାଟୁନ ପୋଲିସ ସହ ଅଧିକାରୀମାନେ ମୁତୟନ ହେବେ।

# ରିଲିଜ୍ ହେଲା 'ଧିତାଙ୍ଗ ଧିତାଙ୍ଗ'




ଭୁବନେଶ୍ୱର,୫।୨(ବ୍ୟୁରୋ)

ଆଦିବାସୀ ଫ୍ୟୁଜନ ମ୍ୟୁଜିକ ଭିଡିଓ ଆଲବମ୍ 'ଧିତାଙ୍ଗ ଧିତାଙ୍ଗ' ରବିବାର କିଟ୍ ଅଡିଟୋରିୟମ୍‌ରେ ରିଲିଜ ହୋଇଛି। କୃଷି ସଚିବ ଡ. ଅରବିନ୍ଦ ପାଢ଼ୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ଗ୍ରୁପ୍‌ର ଅଧ୍ୟକ୍ଷା ଶାଶ୍ୱତୀ ବଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଏଥିରେ ଭୂମିଜ, କନ୍ଧ, ସାନ୍ତାଳ, ଦୂରୁଆ, ହୋ, ଗଦବା, ବଥୁଡ଼ି ଓ ଖଡ଼ିଆ ଆଦି ୮ଟି ଜନଜାତିଙ୍କୁ ନେଇ ୮ଟି ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତ ହୋଇଛି। ଅଧିକାଂଶ ଗୀତ ସୁସ୍ମିତା ଦାସ ଗାଇଥିବାବେଳେ ଅନ୍ୟ କେତେଜଣ ମଧ୍ୟ ଏଥିରେ କଣ୍ଠଦାନ କରିଛନ୍ତି। ସଚ୍ଚି ମହାନ୍ତି ଓ ସଂଗ୍ରାମ ମହାନ୍ତି ଗୀତଗୁଡ଼ିକୁ ଶବ୍ଦରୂପାନ୍ତର କରିଥିବାବେଳେ ସ୍ୱର୍ଗତ ସରୋଜ ପଟ୍ଟନାୟକ, ବିଭୂତି ଭୂଷଣ ଗଡ଼ନାୟକ, ଅଭିଜିତ୍ ମିଶ୍ର ଏବଂ ବିଶ୍ୱଜିତ୍ ମହାପାତ୍ର ସେମାନଙ୍କ ସ୍ୱର ସଂଯୋଜନା ମାଧ୍ୟମରେ ଏହିସବୁ ଲୋକକଳାକୁ ଜୀବନ୍ତ କରିବାକୁ ଚେଷ୍ଟା କରିଛନ୍ତି। ଏ ସମ୍ପର୍କରେ କଣ୍ଠଶିଳ୍ପୀ ଦାସ କହିଛନ୍ତି, ଟିଭି, ମୋବାଇଲ ଫୋନ୍ ଏବଂ ମନୋରଞ୍ଜନର ଅନ୍ୟାନ୍ୟ ଆଧୁନିକ ମାଧ୍ୟମ ସହିତ ବହୁ ପୁରୁଣା ଗୀତ, ନୃତ୍ୟ ଓ କଳା କ୍ରମାଗତ ଭାବରେ ମରିଯାଉଛି। ବିଲୁପ୍ତ ହେବା ପୂର୍ବରୁ ସେଗୁଡିକୁ ସଂରକ୍ଷଣ କରିବା ଆମର ନୈତିକ ଦାୟିତ୍ୱ। ଆଦିବାସୀ ଗୀତ ଆମ ବ୍ୟକ୍ତିସତ୍ତା ଓ ପରିଚୟର ଅଂଶ ହୋଇଥିବାରୁ ଏଭଳି ଏକ ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତି ପାଇଁ ପ୍ରୟାସ କରାଯାଇଥିବା ସେ କହିଛନ୍ତି।

## ଉତ୍ତମ ନାଗରିକ ଗଢ଼ିବାରେ ଶିକ୍ଷକଙ୍କର ପ୍ରମୁଖ ଭୂମିକା ରହିଛି

ଭୁବନେଶ୍ୱର,୫।୨ (ବ୍ୟୁରୋ)

ଶିକ୍ଷକ ରାଷ୍ଟ୍ର ଗଠନର ମହାନାୟକ। ଶ୍ରେଣୀ କକ୍ଷରେ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ଜ୍ଞାନ ଦେବା ସହ ଶୃଙ୍ଖଳା, ନୀତି, ଆଦର୍ଶ ଓ ମୂଲ୍ୟବୋଧ ଚେତନାକୁ ପରଶି ଦେଇ ଉତ୍ତମ ନାଗରିକ ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ନେଇଥାନ୍ତି। ଏହି ଆଦର୍ଶରେ ଅଧ୍ୟାପକ ନକୁଳ ଚନ୍ଦ୍ର ରାୟ ସମର୍ପିତ ଥିଲେ ବୋଲି ସ୍ୱର୍ଗତ ରାୟଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ବିଭିନ୍ନ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ଅଧ୍ୟାପକ ଭାବେ ସୁନାମ ଅର୍ଜନ କରିଥିବା ସ୍ୱର୍ଗତ ରାୟ କ୍ଷେତ୍ରବାସୀ ଡିଏଭି କଲେଜରୁ ଅବସର ନେଇଥିଲେ। ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟାପକ ବେଣୁଧର ଦାସ, ଖଲିକୋଟ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫୁଲ୍ଲ କୁମାର ମହାନ୍ତି, ସୁରେଶ ରଥ, ସୁରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା ଓ ବିଶ୍ୱଭୂଷଣ ରାୟ ଧନ୍ୟବାଦ ଦେଇଥିଲେ।

## ମଦ ଜବତ, ଯୁବକ ଗିରଫ

ଭୁବନେଶ୍ୱର,୫।୨(ବ୍ୟୁରୋ)

ବେଆଇନ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଜଣେ ନିଶାବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେଉଁଝରେ ଜିଲାର ଚନ୍ଦନ ମୁଣ୍ଡା। ତାଙ୍କଠାରୁ ୨୫.୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ରାମ୍ପ ଶୋ'ରେ ଚାଲିଲେ ଦିବ୍ୟାଙ୍ଗ

ଭୁବନେଶ୍ୱର,୫।୨(ବ୍ୟୁରୋ)



ସମାଜସେବା ସଙ୍ଗଠନ ରେଡ୍ ସ୍ୱସ୍ତିକ୍ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ବିଶ୍ୱ କର୍କଟ ଦିବସ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସଞ୍ଜୀବନି' ଭୁବନେଶ୍ୱରସ୍ଥିତ ଗଲ୍‌ଫ୍ କ୍ଲବ୍‌ଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଶାସନ ସଚିବ ଅସିତ୍ ତ୍ରିପାଠୀ, ଏସ୍‌ବିଆଇର ମୁଖ୍ୟ ସାଧାରଣ ପରିଚାଳକ ଚନ୍ଦ୍ର ଶେଖର ଶର୍ମା, କ୍ଲବର ସମ୍ପାଦକ ତପନ ମହାନ୍ତି, ସି.ଏ. ରାଜୀବ ସାହୁ, ଅଭିନେତା ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ସଭାପତି ବିଜୟ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋସାଇଟି ପକ୍ଷରୁ ୫ଜଣ କର୍କଟ ପିଡ଼ିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ପରିମାପ କରାଯାଇଥିବା ୩୦୦ରୁ ଉର୍ଦ୍ଧ ଭିନ୍ନକ୍ଷମ ମାନଙ୍କ ମଧ୍ୟରୁ ୧୦୦ଜଣଙ୍କୁ କୃତ୍ରିମ ଅଙ୍ଗପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଏକ ନିଆରା ରାମ୍ପ ସୋ ପ୍ରଦର୍ଶନ କରାଯାଇଥିଲା। ଭିନ୍ନକ୍ଷମମାନଙ୍କୁ ନେଇ ଏହି ଶୋ ଉପସ୍ଥିତ ଲୋକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋସାଇଟିର ସଦସ୍ୟ ସାଗର ମିଶ୍ର, ଗିତିକା ପଟ୍ଟନାୟକ, ରିମ୍‌ଝିମ୍ ପାତ୍ର, କୁନାଲ୍ କିଶୋର ଦାସ, ପ୍ରମୋଦ ପାତ୍ର, ସଂଯୁକ୍ତା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ସୁନାଚେନ୍ ଲୁଟ କରିବା ଅଭିଯୋଗରେ ୧ ଗିରଫ

ପୁରୀ ଅଫିସ ୫।୨

ସୁନା ଚେନ୍ ଛିନତାଇ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ରବିବାର କୋର୍ଟ ଚାଲଣ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛି ପୁରୀ ମେରାନଲାଇନ ଥାନା ଅନ୍ତର୍ଗତ ବାଲିଗୁଆଳି ଅଞ୍ଚଳରେ ରହୁଥିବା କଣାସର ସୁବ୍ରତ କୁମାର ବରାଳ (୨୮) ।ପୋଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ବାଇକ , ନଗଦ ୪୭୦୦ ଟଙ୍କା ଏବଂ ୪ ଗୋଟି ସୁନା ଚେନ୍ ଓ ଗୋଟିଏ ହଳ କାନ ଫୁଲ ଜବତ କରିଛି। ପୋଲିସ ଏ ନେଇ କେସ ନଂ ୧୭୪/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ ଗତ ଡିସେମ୍ବର ୧ ତାରିଖରେ ପଶ୍ଚିମବଙ୍ଗର ମାନସ ହାଲଦାର୍ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ କି ସେ ପୁରୀ ବୁଲିବା ପାଇଁ ଆସି ଗତ ୨୭ ତାରିଖରୁ ସମୁଦ୍ରକୂଳ ସ୍ଥିତ ଏକ ହୋଟେଲରେ ରହୁଥିଲେ। ତେବେ ସେ ବୁଲାବୁଲି କରି ୧ ତାରିଖ ସନ୍ଧ୍ୟାରେ କାରରୁ ହୋଟଲକୁ ଫେରୁଥିବା ବେଳେ ହୋଟେଲ ସମ୍ମୁଖରେ ଜଣେ ବ୍ୟକ୍ତି ତାଙ୍କ ବେକରୁ ସୁନାଚେନ୍‌କୁ ଛଡାଇ ନେଇ ପଳାଇଥିଲା।

# ପରଦା ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କଲେ ବୟନିକା ପରିଚାଳନା ନିର୍ଦ୍ଦେଶକ



ବୋଲଗଡ଼,୫।୨(ଡି.ଏନ୍.ଏ.)

ବୟନ ଶିଳ୍ପ କ୍ଷେତ୍ରରେ ଧଳାପଥର ପର୍ଦ୍ଦାକୁ ଜିଆଇ ମାନ୍ୟତା ମିଳିଥିଲେ ମଧ୍ୟ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି ପର୍ଦ୍ଦା ତିଆରି କାର୍ଯ୍ୟରୁ ବୁଣାକାରମାନେ ବିମୁଖ ହୋଇଥିଲେ। ତେବେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଧଳାପଥର ଗ୍ରାମର ଏହି ପର୍ଦ୍ଦା ଉତ୍କର୍ଷ କଳାକୃତିରେ ଫ୍ରେମ ତନ୍ତ ଚିଆଡ଼ି ସାହାର୍ଯ୍ୟରେ ହାତ ବନ୍ଧା ବଅ ବ୍ୟବହାର କରି ଆମ୍ପୁଡ଼ା ଓ ବୁଟି ଦ୍ୱାରା ବୁଦ୍ଧଦେବଙ୍କ ପ୍ରତିକୃତି ସ୍ଥାନିତ କରି ଗ୍ରାମର ବୁଣାକାର ସୁରେଶ କୁମାର ରାଉତ ୨୦୧୯-୨୦ ବର୍ଷ ପାଇଁ ରାଜ୍ୟ ହସ୍ତତନ୍ତ ଡିଜାଇନ କ୍ଷେତ୍ରରେ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଧଳାପଥରରେ ପର୍ଦ୍ଦା ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଛନ୍ତି ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର। ବୁଣାକାର ସୁରେଶ ଏବଂ ତାଙ୍କ ବାପା ବ୍ରଜବନ୍ଧୁ ଘରେ ତନ୍ତରେ ପ୍ରସ୍ତୁତି କରୁଥିବା ପର୍ଦ୍ଦାକୁ ଦେଖି ଖୁସି ହୋଇଥିଲେ। ବୁଣାଯାଉଥିବା ଧଳାପଥର ପର୍ଦ୍ଦା (ଡୋର ସ୍କ୍ରିନ)ର ବିକ୍ରି ପାଇଁ ବୟନିକା ସହଯୋଗ କରିବ ବୋଲି ପରିଚାଳନା ନିର୍ଦ୍ଦେଶକ ମିଶ୍ର କହିଥିଲେ। ତେବେ ଏହି ପର୍ଦ୍ଦାର ବଜାର ଚାହିଦା ଅନୁସାରେ ଆବଶ୍ୟକ ସଂଖ୍ୟକ ପର୍ଦ୍ଦା ତିଆରି ପାଇଁ ପୁଞ୍ଜିର ଅଭାବ ଏବଂ ନୂତନ ବୁଣାକାରଙ୍କୁ ତାଲିମ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ମିଳୁନଥିବାରୁ ଏହାକୁ ବ୍ୟାପକ କରାଯାଇ ପାରୁନାହିଁ ବୋଲି ସୁରେଶ କହିଛନ୍ତି ।

# ବୁଦ୍ଧ ନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜଟଣୀ,୫।୨(ଡି.ଏନ୍.ଏ.)

ବୁଦ୍ଧ ନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବୁଦ୍ଧନାରାୟଣ ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ହରିପୁର ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥିଭାବେ ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ ଯୋଗଦେଇଥିଲେ। ଅତିଥିଭାବେ ଉପାଧକ୍ଷ ଦୁବସା ନିଶଙ୍କ, ପ୍ରଜ୍ଞା ଛୋଟରାୟ, ଅଚ୍ୟୁତାନନ୍ଦ ବଳିୟାରସିଂ, ନାରାୟଣ ସ୍ୱାଇଁ, କିଶୋର ଛୋଟରାୟ, ମଳୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଶବର ସ୍ପୋର୍ଟିଂ ଏବଂ ନାଇଜର-୧୧ ମଧ୍ୟରେ ହୋଇଥିଲା। ଶବର ସ୍ପୋର୍ଟିଂ ୪-୦ ଗୋଲରେ ନାଇଜର-୧୧କୁ ପରାସ୍ତ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଦିଗ୍‌ବିଜୟ ଦାସ, ରମେଶ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

# 'ରାସାୟନିକ ପଦାର୍ଥର ବ୍ୟବହାର ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଆଣୁଛି'

ଭୁବନେଶ୍ୱର, ୫।୨ (ବ୍ୟୁରୋ)

ଆଧୁନିକ ଜୀବନଶୈଳୀରେ ବର୍ଦ୍ଧିତ ଚାହିଦା ପୂରଣ ନିମନ୍ତେ ଦୈନନ୍ଦିନ ଜୀବନରେ ଆମେ ପ୍ରାୟ ୫୦୦ ପ୍ରକାରର ରାସାୟନିକ ଯୌଗିକ ପଦାର୍ଥ ସଂସ୍ପର୍ଶରେ ଆସିଥାଉ। ଏଥିମଧ୍ୟରୁ ଅନେକ ଅପ୍ରାକୃତିକ, ସଂଶ୍ଳେଷିତ ଏବଂ ବିଷାକ୍ତ ପ୍ରକୃତିର ହୋଇଥାନ୍ତି। ବିଷାକ୍ତ ରସାୟନିକ ପଦାର୍ଥ ପ୍ରଭାବରୁ ମନୁଷ୍ୟ ଶରୀରରେ ଅଙ୍ଗଗୁଡ଼ିକର ଅକ୍ଷମତା, ଆଲର୍ଜିର ସୃଷ୍ଟି, ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସମସ୍ୟା, ପ୍ରତିରକ୍ଷା ପ୍ରଣାଳୀର ଦୁର୍ବଳତା, ହରମୋନଜନିତ ବ୍ୟାଘାତ, ପ୍ରଜନନ ସମସ୍ୟା ଏବଂ ଜନ୍ମଗତ ତ୍ରୁଟି, ଅଭିବୃଦ୍ଧି ସମ୍ବନ୍ଧୀୟ ସମସ୍ୟା ଏବଂ କର୍କଟ ରୋଗର ବୃଦ୍ଧି ଆଦି ଘଟିଥାଏ। ତେଣୁ ବିନାଶକାରୀ ରାସାୟନିକ ପଦାର୍ଥର ବ୍ୟବହାରକୁ ହ୍ରାସ କରିବା ସହ ସେସବୁ ସଂସ୍ପର୍ଶରେ ନ ଆସିବା ପାଇଁ ଆମକୁ ଯଥେଷ୍ଟ ଯତ୍ନବାନ ହେବାକୁ ପଡିବ ବୋଲି ମତ ପ୍ରକାଶ ପାଇଛି। ରବିବାର ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ 'ସ୍ୱାସ୍ଥ୍ୟ ଏବଂ ପରିବେଶକୁ କ୍ଷତି ପହଞ୍ଚାଉଥିବା ରାସାୟନିକ ପଦାର୍ଥ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗ ପ୍ରଫେସର ଡ. ଶ୍ରୀରୂପ ଗୋସ୍ୱାମୀ ମୁଖ୍ୟବକ୍ତା ଭାବେ ଯୋଗଦେଇ, ରାସାୟନିକ ପଦାର୍ଥର ବ୍ୟବହାର ମାନବଜାତିକୁ ଗୁରୁତର ସ୍ୱାସ୍ଥ୍ୟ ବିପର୍ଯ୍ୟୟ ମଧ୍ୟକୁ ଠେଲି ଦେଉଛି ବୋଲି କହିଥିଲେ। ଏଥିସହ କ୍ଷୀର ବୃଦ୍ଧି ପାଇଁ ଗାଈ, ଅଧିକ ଅଣ୍ଡା ପାଇଁ କୁକୁଡ଼ା ଏବଂ ବଡ଼ ଆକାର ଓ ସତେଜ ଦେଖାଯିବା ପାଇଁ ପନିପରିବାରେ ରାସାୟନିକ ପଦାର୍ଥ ଇଞ୍ଜେକ୍ସନ ରୂପେ ଦିଆଯାଉଛି। ସେହିପରି ମାଛ ସଂରକ୍ଷଣ ପାଇଁ ଫର୍ମାଲଡିହାଇଡ୍ ଏବଂ କ୍ଷୀରରେ ବର୍ଦ୍ଧିତ ପୁଷ୍ଟିସାର ଓ ଚର୍ବିର ଉପସ୍ଥିତି ଦେଖାଇବା ପାଇଁ ମେଲାମାଇନ୍ ଓ ୟୁରିଆ ବ୍ୟବହୃତ ହେଉଛି ବୋଲି କହିବା ସହ ଏନେଇ ସେ ଚିନ୍ତା ପ୍ରକଟ କରିଥିଲେ।

ପୂର୍ବତନ ପିସିସିଏଫ୍ (ବନ୍ୟଜୀବ) ଡ. ବିଜୟ କୁମାର ପଟ୍ଟନାୟକ ଏଥିରେ ଅଧକ୍ଷତା କରି ନିଷିଦ୍ଧ ହୋଇଥିବା କେତେକ ରାସାୟନିକ ପଦାର୍ଥର ବ୍ୟବହାରକୁ ରୋକିବା ନିମନ୍ତେ ଆଇନକୁ କଡାକଡି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣରେ ପ୍ରାକୃତିକ ଉତ୍ସରୁ ଉପଲବ୍ଧ ବିବିଧ ପଦାର୍ଥର ବ୍ୟବହାରକୁ ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି କହିଥିଲେ। ପ୍ରଫେସର ବି. ସୀତାରାମ ପାତ୍ର, ପ୍ରଫେସର ସଚ୍ଚିଦାନନ୍ଦ ତ୍ରିପାଠୀ, ପ୍ରଫେସର ସନ୍ଦୀପ କୁଣ୍ଡୁ, ଡ଼. ରେଖା ଦାସ ପ୍ରମୁଖ ନିଜର ମତ ରଖିଥିଲେ। ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଅତିଥି ପରିଚୟ ଓ ଡ. ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୨।୨୦୨୩

| | |
|---|---|
| ୮,୩୨,୮୫୧ ଟଙ୍କା | |
| ସୁନା | ୩.୧୦୦ ଗ୍ରାମ |
| ରୁପା | ୮.୯୦୦ ଗ୍ରାମ |

# ଫାର୍ମାସିଷ୍ଟଙ୍କୁ ନେଇ ଚାଲିଛି ସ୍ୱାସ୍ଥ୍ୟସେବା

### ବଳଙ୍ଗା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର

- ଡାକ୍ତର ଅଭାବ, ରୋଗୀ ହଇରାଣ
- ଆମରଣ ଅନଶନ ଚେତାବନୀ

ପିପିଲି, ୫।୨ (ଡି.ଏନ୍.ଏ.)

ରାଜ୍ୟ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ସରକାରୀ ଡାକ୍ତରଖାନାରେ କିନ୍ତୁ ଡାକ୍ତର ନାହାନ୍ତି। ଏଭଳି ଘଟଣା ପୁରୀ ଜିଲା ବଳଙ୍ଗା ସରକାରୀ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି। ଡାକ୍ତର ନ ଥିବାରୁ ସ୍ଥାନୀୟ ଆଖପାଖ ଅଞ୍ଚଳର ହଜାର ହଜାର ଲୋକେ ନାହିଁ ନ ଥିବା ସମସ୍ୟାରେ ପଡୁଛନ୍ତି। ଏନେଇ ରବିବାର ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ଓ ବଳଙ୍ଗା ବିକାଶ ମଞ୍ଚ ପକ୍ଷରୁ ବଳଙ୍ଗାରେ ଖବରଦାତା ସମ୍ମିଳନୀ କରି ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମାଧାନ ପାଇଁ ଦାବି କରିଛନ୍ତି। ବଳଙ୍ଗାର ପ୍ରାୟ ୧୨ଟି ପଞ୍ଚାୟତ ଉକ୍ତ ମେଡିକାଲ ଉପରେ ନିର୍ଭର କରନ୍ତି। ସେଠାରେ ଡାକ୍ତର ନ ଥିବାରୁ ଜଣେ ଫାର୍ମାସିଷ୍ଟ ଲୋକଙ୍କ ଭରସା ପାଲଟିଛନ୍ତି।




ଏଥିସହ ଲୋକେ ରାତ୍ରିକାଳୀନ ସେବା ଓ ଜରୁରିକାଳୀନ ସେବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଦୀର୍ଘ ୭୦ବର୍ଷ ପରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ୮୦ଲକ୍ଷ ଟଙ୍କା ବ୍ୟୟ କରାଯାଇ ଉକ୍ତ ମେଡିକାଲକୁ ନବୀକରଣ କରାଯାଇଛି। ହେଲେ ମେଡିକାଲରେ ଡାକ୍ତର ନ ଥିବାରୁ ବଳଙ୍ଗାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦଳିତ ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଅଭିଯୋଗ କରିଛନ୍ତି।

ପୂର୍ବରୁ ସ୍ଥାନୀୟ ବାସିନ୍ଦା ଏନେଇ ବାରମ୍ବାର କର୍ତ୍ତୃପକ୍ଷ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ତେବେ ବଳଙ୍ଗା ମେଡିକାଲରେ ୨୪ଘଣ୍ଟିଆ ଡାକ୍ତରୀ ସେବା ଯୋଗାଇ ଦେବା ସହ ମେଡିକାଲର ଆବଶ୍ୟକତା ଅନୁସାରେ ନର୍ସ, ଉନ୍ନତମାନର ମେଡିକାଲ ଯନ୍ତ୍ରପାତି, ଆମ୍ବୁଲାନ୍ସ ସେବା ଓ ମେଡିକାଲ ଶଯ୍ୟାରେ ଥିବା ରୋଗୀଙ୍କୁ ଖାଦ୍ୟ ଯୋଗାଇବା ଆଦି ବଳଙ୍ଗା ବିକାଶ ମଞ୍ଚ ସଭାପତି ରାଜୀବଲୋଚନ ପୃଷ୍ଟି ଓ ଉପଦେଷ୍ଟା କୃପାସିନ୍ଧୁ ଦତ୍ତ ଦାବି କରିଛନ୍ତି। ଆଗାମୀ ୧ ସପ୍ତାହ ମଧ୍ୟରେ ଯଦି ସମସ୍ୟାର ସମାଧାନ ନ ହୁଏ, ତେବେ ଆସନ୍ତା ୧୫ ତାରିଖରେ ବଳଙ୍ଗା ବିକାଶ ମଞ୍ଚ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ପକ୍ଷରୁ ଉକ୍ତ ମେଡିକାଲ ସମ୍ମୁଖରେ ଅମରଣ ଅନଶନ କରାଯିବ ଦଳିତ ମହାସଂଘ ରାଜ୍ୟ ସଭାପତି ସେଠୀ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଗୁଣାତ୍ମକ ଶିକ୍ଷା' ଶୀର୍ଷକ ଆଲୋଚନାଚକ୍ର

**ପୁରୀ ଅଫିସ, ୫।୨:** ନୀଳାଚଳ ନାରାୟଣ ଆୟୁର୍ବେଦ ଚତୁଷ୍ପାଠୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ 'ଗୁଣାତ୍ମକ ଶିକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅଧକ୍ଷା ମୀରାରାଣୀ ଖଣ୍ଡୁଆଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୀରାରାଣୀ ଉଦ୍‌ବୋଧନ ଦେଇ କହିଥିଲେ, ଅଭିଭାବକଙ୍କ ସହଯୋଗ, ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦ୍ୱାରା ଗୁଣାତ୍ମକ ଶିକ୍ଷା ମିଳିପାରିବ। ପ୍ରାରମ୍ଭରେ ବେଦ ପାଠ ସହ ଅଭିଲିପ୍ସା ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଡିଗ୍ରୀ କଲେଜର ବରିଷ୍ଠ ଅଧାପକ ଡ. ବଳରାମ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢ଼ି ତୋଳିବାରେ ଶିକ୍ଷକ ଓ ଅଭିଭାବକଙ୍କ ପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ଅନନ୍ତ ନାରାୟଣ ମିଶ୍ର, ନିକୁଞ୍ଜ କିଶୋର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ କ୍ଷେତ୍ରରେ ଅଭିଭାବକମାନେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଗୌରହରି କର, ଦୀପ୍ତିପ୍ରସାଦ ତ୍ରିପାଠୀ, ଶ୍ରୀନିବାସ ସାହୁ ଓ ସରୋଜ କୁମାର କାଠୁଆ ପ୍ରମୁଖ ଉପସ୍ଥିତ ଥିଲେ। ବିଭୂତି ଭୂଷଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଜନ୍ମଦିନରେ ସଫେଇ କାର୍ଯ୍ୟକ୍ରମ

**ପିପିଲି,୫।୨(ଡି.ଏନ୍.ଏ.):** ଗୋବର୍ଦ୍ଧନପୁର ଗତୀଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ୬୮ତମ ଜନ୍ମଦିନ ରବିବାର ସ୍ଥାନୀୟ ଗତୀଶ୍ୱର ମନ୍ଦିରରେ ପାଳନ ହୋଇଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବା ସହିତ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୩୦ରୁ ଊର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁ ସାମିଲ ହେବା ସହ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱଚ୍ଛତା ଉପରେ ଏକ ସଚେତନ ବାର୍ତ୍ତା ଦିଆଯାଇଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞ

**କଣାସ,୫।୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ସିରେଇ ଗ୍ରାମର ଗତୀଶ୍ୱର ଦେବ, ବେଣାଗାଁ ଗ୍ରାମର କପିଳେଶ୍ୱରଦେବ, ରାଇଗରପୁର ଗ୍ରାମର ସିଦ୍ଧେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଙ୍କୁରାରୋପଣ, କଳସଯାତ୍ରା, ଯଜ୍ଞାଧିବାସ, ପୁରୋଧାବରଣ, ସାଲା ସଂସ୍କାର, ସୂର୍ଯ୍ୟପୂଜା, ସୂର୍ଯ୍ୟାଗ୍ନି ସ୍ଥାପନ, ଷୋଡ଼ଷ ଉପଚାର ପୂଜା, ଯଜ୍ଞାହୁତି ପ୍ରଦାନ, ଶନିପାଠ, ପୂର୍ଣ୍ଣାହୁତି କରାଯାଇଥିଲା।




ଡେଲାଙ୍ଗ ଷ୍ଟେଶନ ବଜାର ଭାରତୀ ବିହାରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ଡେଲାଙ୍ଗ,୫।୨(ଡି.ଏନ୍.ଏ.)

ଡେଲାଙ୍ଗ ଷ୍ଟେଶନ ବଜାର ଭାରତୀ ବିହାରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ.ପୁଷ୍ପିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ ବିଡିଓ ଲାବନ୍ୟେନ୍ଦୁ ମହାନ୍ତି, ମୁଖ୍ୟ ବକ୍ତା ଓଡିଶା ଶିକ୍ଷା ବିକାଶ ସମିତିର ସଭାପତି ଡ.କିଶୋର ଚନ୍ଦ୍ର ମହାନ୍ତି, ଅତିଥି ଭାବେ ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା, ଏବିଇଓ ଯୁଧିଷ୍ଠିର ପରିଡା, ରାଧାକାନ୍ତ ବିଦ୍ୟାପୀଠର ପୂର୍ବତନ ଶିକ୍ଷକ ଗନ୍ଧର୍ବ ଜେନା, ବିଦ୍ୟାଳୟ ସମ୍ପାଦକ କିଶୋର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର, ସହକାରୀ ଆଚାର୍ଯ୍ୟ ସର୍ବେଶ୍ୱର ବାରିକ୍ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ କରିବାରେ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସୂର୍ଯ୍ୟକାନ୍ତ ସେଠୀ ଧନ୍ୟବାଦ ଦେଇଥିଲେ।

# ସାମାଜିକ, ଅର୍ଥନୈତିକ ପ୍ରଗତିର ପ୍ରମୁଖ ମାଧ୍ୟମ ପାଲଟିଛି ବିଜେଡି

### ବ୍ରହ୍ମଗିରିରେ ବିଜେଡିର ପ୍ରତିଷ୍ଠା ଦିବସ

ପୁରୀ ଅଫିସ, ୫।୨

ବ୍ରହ୍ମଗିରି ବ୍ଲକ ଛକଠାରେ ରବିବାର ବିଜୁ ଜନତା ଦଳ (ବିଜେଡି)ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଦାସବର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ, ଗତ ୨୫ବର୍ଷ ମଧ୍ୟରେ ବିଜେଡି ଓଡ଼ିଶାର ସାମାଜିକ–ଅର୍ଥନୈତିକ ପ୍ରଗତିର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଓଡ଼ିଶାବାସୀଙ୍କ ସେବାରେ ସମର୍ପିତ ବିଜେଡି ୨୫ବର୍ଷର ଯାତ୍ରା, ସଂଘର୍ଷ ଏବଂ ସଫଳତାର ମୂକସାକ୍ଷୀ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହିତ ଏକ ସଶକ୍ତ ଓଡ଼ିଶାର ପୁନଃନିର୍ମାଣ ଲାଗି ପ୍ରତିଜ୍ଞା କରିବା ପାଇଁ ସେ ବ୍ରହ୍ମଗିରି ବିଜୁ ପ୍ରେମୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ସଭା ମାଧ୍ୟମରେ ଦାସବର୍ମା ତାଙ୍କ ବିରୋଧୀ ତଥା ତାଙ୍କ ବିରୋଧରେ ଷଡଯନ୍ତ୍ର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ନିଶାନା ସାଧିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ବିଜେଡି ଉପସଭାପତି ସୁରପ୍ରସାଦ ମହାନ୍ତି, ସାଧାରଣ ସମ୍ପାଦକ କାର୍ତ୍ତିବିର୍ଯ୍ୟ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, କୃଷ୍ଣ ପ୍ରସାଦ ବ୍ଲକ ସଭାପତି ତଥା ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନମାଳା ବେହେରା, ଉପାଧକ୍ଷା ମାଳିନୀ ଦଳାଇ, କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷା ସରୋଜିନୀ ତରେଇ, ଉପାଧକ୍ଷା ଶକୁନ୍ତଳା ଗଡ୍ଡୁ, ପୁରୀ ସଦର ବ୍ଲକ ଅଧକ୍ଷ ଦିବାକର ପାତ୍ର, ଜିଲା ପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, ସନ୍ଦିପ କୁମାର ଜେନା, ବ୍ରହ୍ମଗିରି ବ୍ଲକର ପୂର୍ବତନ ଉପାଧକ୍ଷ ଯୁଧିଷ୍ଠିର ନାୟକ, ନେତା ଭଗବାନ ନାୟକ, ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ଆଇନଜୀବୀ ମନୋଜ କୁମାର ପଟ୍ଟନାୟକ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ରାଜେଶ କୁମାର ରଥ, ମହିଳା ସଭାପତି ପ୍ରତିମା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସମିତି ସଭ୍ୟ ରଘୁନାଥ ଜେନା ଧନ୍ୟବାଦ ଦେଇଥିଲେ।



ପୁରୀ ବଳଗଣ୍ଡି ହାଇସ୍କୁଲ ପରିସରରେ ରବିବାର ଓଡ଼ିଶା ମୋ ପରିବାର ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।

## ସୁନାଚେନ୍ ଲୁଟ: ଜଣେ ଗିରଫ

ପୁରୀ ଅଫିସ ୫।୨

ସୁନାଚେନ୍ ଲୁଟ୍ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ରବିବାର କୋର୍ଟ ଚାଲଣ କରିଛି। ସେ ହେଲେ ପୁରୀ ମେରାଇନଲାଇନ ଥାନା ଅନ୍ତର୍ଗତ ବାଲିଗୁଆଳି ଅଞ୍ଚଳରେ ରହୁଥିବା କଣାସର ସୁବ୍ରତ କୁମାର ବରାଳ (୨୮)। ତାଙ୍କ ନିକଟରୁ ଗୋଟିଏ ବାଇକ, ୪୭୦୦ ଟଙ୍କା, ୪ଟି ସୁନା ଚେନ୍ ଓ ଗୋଟିଏ ହଳ କାନ ଫୁଲ ଜବତ ହୋଇଛି। ପୋଲିସ ଏ ନେଇ କେସ୍ ନଂ. ୧୭୪/୨୨ ରୁଜୁ କରିଛି। ସୂଚନା ଅନୁଯାୟୀ ଗତ ଡିସେମ୍ବର ୧ରେ ପଶ୍ଚିମବଙ୍ଗର ମାନସ ହାଲଦାର୍ ଅଭିଯୋଗ କରିଥିଲେ, ସେ ପୁରୀ ବୁଲିବା ପାଇଁ ଆସି ଗତ ୨୭ତାରିଖରୁ ସମୁଦ୍ରକୂଳସ୍ଥିତ ଏକ ହୋଟେଲରେ ରହୁଥିଲେ। ସେ ବୁଲାବୁଲି କରି ୧ତାରିଖ ସନ୍ଧ୍ୟାରେ କାରରୁ ହୋଟଲକୁ ଫେରୁଥିବା ବେଳେ ହୋଟେଲ ସମ୍ମୁଖରେ ଜଣେ ବ୍ୟକ୍ତି ବାଇକ ଯୋଗେ ଆସି ତାଙ୍କ ବେକରୁ ସୁନାଚେନ୍‌କୁ ଛଡାଇ ନେଇ ପଳାଇଥିଲା।

# ପୁରୀକୁ ହରାଇ ଭୁବନେଶ୍ୱର ବିଜୟୀ




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଆୟୋଜକମାନେ।

### ରାଜ୍ୟସ୍ତରୀୟ ଶୀତକାଳୀନ ଭଲିବଲ୍ ଟୁର୍ନାମେଣ୍ଟ

ଅସ୍ତରଙ୍ଗ,୫।୨(ଡି.ଏନ୍.ଏ.)

କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ବୀରଭଦ୍ର ବିଦ୍ୟାପୀଠ ଖେଳପଡ଼ିଆରେ ବାଙ୍ଗୁରୀଗାଁ ଯୁବକ ସଂଘ ପକ୍ଷରୁ ରବିବାର ରାଜ୍ୟସ୍ତରୀୟ ଶୀତକାଳୀନ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ପୁରୀ ଓ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ଭୁବନେଶ୍ୱର ଟିମ୍ ବିଜୟୀ ହୋଇ ଟ୍ରଫି ହାତେଇ ଥିବାବେଳେ ପୁରୀ ରନର୍ସ ଅପ୍ ଟ୍ରଫି ହାସଲ କରିଥିଲା। ମୁଖ୍ୟ ଅତିଥି ଭାବେ ବୀରଭଦ୍ର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନ୍ତୋଷ ବେହେରା ଯୋଗଦେଇ ଉଦ୍‌ଘାଟନ କରିବା ସହିତ କ୍ରୀଡ଼ାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବାଙ୍ଗୁରୀଗାଁ ଶାଖା ପରିଚାଳକ ହିମାଦ୍ରି ଭୂଷଣ ସାହୁ, କ୍ରୀଡ଼ା ଶିକ୍ଷକ ମାନସ ବିଶ୍ୱାଳ ଓ ଜ୍ଞାନରଞ୍ଜନ ଦାଶ, ବାଙ୍ଗୁରିଗାଁ ସରପଞ୍ଚ ପାର୍ଥ ବେହେରା, ଯୁବନେତା ଉମାକାନ୍ତ ସାହୁ ଯୋଗଦେଇ କ୍ରୀଡ଼ା ସହିତ ସ୍ୱାସ୍ଥ୍ୟ ସମ୍ପର୍କକୁ ବର୍ଣ୍ଣନା କରିଥିଲେ। ପ୍ରତିଯୋଗିତାରେ ୧୦ଟି ଟିମ୍ ଯୋଗ ଦେଇଥିଲେ। ଯୁବକ ସଂଘ ପକ୍ଷରୁ ରାହୁଲ ସାହୁ, ରାକେଶ ସାହୁ, ରାଜେଶ ସାହୁ, ପବିତ୍ର ସାହୁ, ରିକୁନା, ଚନ୍ଦ୍ରକାନ୍ତ, ସତ୍ୟବ୍ରତ, ପ୍ରିୟରଞ୍ଜନ, ସୌମ୍ୟରଞ୍ଜନ, ରମାକାନ୍ତ ପ୍ରମୁଖ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ନୟାସବେରା ୟୁଥ୍ ଟ୍ରଷ୍ଟର ମନ୍ଦିର ସଫେଇ




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନୟାସବେରା ୟୁଥ୍ ଟ୍ରଷ୍ଟର ସଦସ୍ୟମାନେ।

ନିମାପଡ଼ା,୫।୨(ଡି.ଏନ୍.ଏ.)

ନିମାପଡ଼ା ଯୁବ ସ୍ୱେଚ୍ଛାସେବୀ ସଂଗଠନ ନୟାସବେରା ୟୁଥ୍ ଟ୍ରଷ୍ଟ ଆଗାମୀ ପବିତ୍ର ଜାଗର ଯାତ୍ରା ଅବସରରେ ମନ୍ଦିର ସଫେଇ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ଅବସରରେ ରବିବାର ନିମାପଡ଼ା ବ୍ଲକ ଅନ୍ତର୍ଗତ କୁଆଁସ ଗ୍ରାମର ଆରାଧ୍ୟଦେବତା ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରର ଚତୁଃର୍ପାଶ୍ୱ, ବେଢ଼ା ଆଦି ସଫେଇ କରାଯାଇଛି। ପରେ ଟ୍ରଷ୍ଟର ସଦସ୍ୟ ସ୍ୱଚ୍ଛ ଭାରତ, ନିର୍ମଳ ପରିବେଶ, ବୃକ୍ଷରୋପଣ, ବୃକ୍ଷ ହିଁ ଭଗବାନ, ଗାଁ ଗାଁରେ ଜଙ୍ଗଲ, ସବୁଜ ବନାନୀ ସୃଷ୍ଟି କରିବା, ପରିବେଶ ସୁରକ୍ଷା, ନିଶା ସେବନଠାରୁ ଦୂରରେ ରହିବା ଆଦି ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଟ୍ରଷ୍ଟ ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ, ସମ୍ପାଦକ ନିର୍ମଳ ପରିଜା, ପ୍ରଦୀପ ସ୍ୱାଇଁ, ସୋମିତା ଭାଟିଆ, ସୁଲଗ୍ନା ସାହୁ, ଶ୍ରଦ୍ଧାଞ୍ଜଳି ଓଝା, ସଙ୍ଗୀତା ଦାସ, ବର୍ଷା ବେହେରା, ଅଭିଜିତ୍ ବାରିକ୍, ଜ୍ୟୋତି ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବାର ମାସରେ ତେର ପର୍ବ ଭଳି ବିଭିନ୍ନ ଜନହିତକର ସେବାମୂଳକ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ମାନବ ସେବା ହିଁ ଈଶ୍ୱର ସେବା, ସେବା ହିଁ ଆମ ଟ୍ରଷ୍ଟର ମୂଳମନ୍ତ୍ର। ନିମାପଡ଼ାର ସାମଗ୍ରିକ ବିକାଶ, ଏକ ଦୁର୍ନୀତିମୁକ୍ତ, ସ୍ୱାଭିମାନ ନିମାପଡ଼ା ଗଠନ ପାଇଁ ଆମ ଟ୍ରଷ୍ଟ ଦୃଢ ସଂକଳ୍ପବଦ୍ଧ ଓ ସଦା ଚେଷ୍ଟିତ ବୋଲି ପରିଜା କରିଛନ୍ତି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ, ୫।୨

ନୀଳାଚଳ ନାରାୟଣ ଉଚ୍ଚ ମାଧ୍ୟମିକ (+୨) ବିଦ୍ୟାଳୟରେ ବାଳିକା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଅଭିଲିପ୍ସା ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧକ୍ଷା ଡ. ମୀରାରାଣୀ ଖଣ୍ଡୁଆଳଙ୍କ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ଡ. ବଳରାମ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ସିଏସ୍ କଲେଜର ଅଧକ୍ଷ ବିଟା ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ବାଳିକା ଆତ୍ମରକ୍ଷା ଶିବିର ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରବନ୍ଧିକ ସତ୍ୟନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ବିଜୟ ମିଶ୍ର, ଗଙ୍ଗାଧର ମହାନ୍ତି, ପଣ୍ଡିତ ଦୟାନିଧି ପଣ୍ଡା, କିଶୋର ଚନ୍ଦ୍ର ସିଂ ଯୋଗଦେଇ ଏହି କୌଶଳକୁ ସମାଜରେ ଉପଯୋଗ କରିବାକୁ ବାଳିକାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଅଧାପକ ଡ. ବଳରାମ ଦାଶଙ୍କ 'ସାରଳା ମହାଭାରତରେ ପ୍ରମୁଖ ଚରିତ୍ର' ଏବଂ ସତ୍ୟନାରାୟଣ ମିଶ୍ରଙ୍କ 'ଉତ୍କଳମଣି 'ପୁସ୍ତକ ଉନ୍ମୋଚିତ ହୋଇଥିଲା। ଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ବିଜୟ ପରିଡା ଧନ୍ୟବାଦ ଦେଇଥିଲେ ।

# କାକୁଡ଼ିଆ ବ୍ଲାକ୍ ଟାଇଗରକୁ ହରାଇ ଏମ୍‌ଡି ଲାୟନ ଚାମ୍ପିୟନ

### ବ୍ଲକସ୍ତରୀୟ ନିଜିଗଡ଼ କୁରୁଖି ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ

ପିପିଲି,୫।୨(ଡି.ଏନ୍.ଏ.)

ନିଜିଗଡ଼କୁ ରଖି ଶାନ୍ତିଦୂତ ଯୁବ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ବ୍ଲକସ୍ତରୀୟ ନିଜିଗଡ଼ କୁରୁଖି ପ୍ରିମିୟର ଲିଗ୍ (ଏନ୍‌ପିଏଲ୍) ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଶେଷ ମ୍ୟାଚ୍‌ରେ କାକୁଡ଼ିଆ ବ୍ଲାକ ଟାଇଗରକୁ ହରାଇ ବାଗିମୂଳ ଏମ୍‌ଡି ଲାୟନ ଟିମ୍ ଚାମ୍ପିୟନ ହୋଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ଏକ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ପିପିଲି ବ୍ଲକ ଆମ୍ବା ଅଧକ୍ଷ ପ୍ରକାଶ ଧଳ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଭିକାରୀ ଧଳ, ଖବରଦାତା ରାଜକିଶୋର ସ୍ୱାଇଁ, ପିପିଲି ସମ୍ବାଦ ସାହିତ୍ୟ ଘର ସମ୍ପାଦକ ନରେନ୍ଦ୍ର ମୁଦୁଲି, ଶିକ୍ଷକ ଦେବେନ୍ଦ୍ର ମୁଦୁଲି, ସାମାଜିକ କର୍ମୀ ଜନ୍ମେଶ୍ୱର ବେହେରା, କୈଳାସ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରିକେଟ୍ ଅଞ୍ଚଳରେ ଭାଇଚାରା ସୃଷ୍ଟି କରୁଥିବା କହିଥିଲେ। ବିଜେତା ଏମ୍‌ଡି ଲାୟନ ଟିମ୍‌କୁ ଅତିଥି ଟ୍ରଫି ସହ ଚେକ୍ ପ୍ରଦାନ କରି ପୁରସ୍କୃତ କରିଥିଲେ। ସେହିପରି ବ୍ଲାକ ଟାଇଗର ଟିମ୍‌କୁ ରନର୍ସ କପ୍ ପ୍ରଦାନ କରାଯାଇଥିଲା। ଉକ୍ତ ଅନୁଷ୍ଠାନର ଲକ୍ଷ୍ମୀଧର ବେହେରା, ସୁମନ ରଞ୍ଜନ ଗୁମାନ ସିଂ, ସୁନିଲ ମୁଦୁଲି, ଗୋପୀନାଥ ଜେନା, ସୂର୍ଯ୍ୟକାନ୍ତ ପାତ୍ର, ରଞ୍ଜିତ ପ୍ରଧାନ, ମନରଞ୍ଜନ ରାୟ, ସନ୍ତୋଷ ମହାନ୍ତି, ଧନେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ଓ ପୁରସ୍କାର ପ୍ରଦାନ କରୁଛନ୍ତି।

# ଶ୍ରୀଲୋକନାଥଙ୍କ ଜାଗର ଯାତ୍ରା: ରାତି ୩ରେ ଉଠିବ ମହାଦୀପ

ପୁରୀ ଅଫିସ,୫।୨

ଫାଲ୍ଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ଅବସରରେ ବିଭିନ୍ନ ଶୈବପୀଠରେ ପଙ୍କୋଦ୍ଧାର ଏକଦଶୀ ନୀତି ପାଳନ କରାଯିବ। ସେହିପରି ଚତୁର୍ଦ୍ଦଶୀରେ ମହାଶିବରାତ୍ରୀ ବା ଜାଗର ଯାତ୍ରା ପାଳନ ହେବ। ତିଥି ଅନୁଯାୟୀ, ଚଳିତ ମାସ ୧୬ ତାରିଖରେ ପଙ୍କୋଦ୍ଧାର ଏକାଦଶୀ ଓ ୧୮ ତାରିଖରେ ମହାଶିବରାତ୍ରୀ ବା ଜାଗର ପଡୁଛି। ଏଥିପାଇଁ ଶ୍ରୀଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଏକାଦଶୀ ଏବଂ ମହାଶିବରାତ୍ରୀର ନୀତି ନିର୍ଘଣ୍ଟ ହୋଇଛି। ଏ ନେଇ ଉପଜିଲାପାଳଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ପଙ୍କୋଦ୍ଧାର ଏକାଦଶୀ ପୂର୍ବଦିନ ଅର୍ଥାତ ୧୫ ତାରିଖ ରାତି ୨ଟାରେ ପହୁଡ଼ ଦ୍ୱାର ଖୋଲାଯିବ। ରାତ୍ର ୩ଟାରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ସମ୍ପନ୍ନ କରାଯିବ। ଭୋର ୪ଟାରୁ ସକାଳ ୬ଟା ମଧ୍ୟରେ ଶ୍ରୀଲୋକନାଥ ଦେବଙ୍କ ସକାଳ ଧୂପ, ୭ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୭ଟାରୁ ୮ଟା ମଧ୍ୟରେ ଏକାଦଶୀ ଦର୍ଶନ ଏବଂ ୮ଟାରୁ ପଙ୍କୋଦ୍ଧାର କାର୍ଯ୍ୟକ୍ରମ କରାଯାଇ ମାଘସ୍ନାନ ନୀତି ଅନୁଷ୍ଠିତ ହେବ।

ନୀତି ପରଠାରୁ ରାତ୍ର ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ। ରାତ୍ର ୯ଟାରୁ ୧୧ଟା ମଧ୍ୟରେ ଧୂପ, ଅନ୍ୟାନ୍ୟ ନୀତି ଓ ବଡ଼ସିଂହାର ନୀତି ହୋଇ ରାତ୍ର ପହୁଡ଼ କରାଯିବ। ସେହିପରି ଜାଗର ଯାତ୍ରାର କାର୍ଯ୍ୟସୂଚୀ ଅନୁଯାୟୀ, ରାତ୍ର ୧୨ଟା ୩୦ରେ ପହୁଡ଼ ଦ୍ୱାର ଖୋଲାଯିବ। ରାତ୍ର ୧ଟାରୁ ଭୋର ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ ଓ ସୂର୍ଯ୍ୟପୂଜା ଇତ୍ୟାଦି ସମ୍ପନ୍ନ ହେବ।

ଭୋର ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ। ଶ୍ରୀଲୋକନାଥ ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀଜଗନ୍ନାଥ ମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ସମ୍ପାଦନ କରି ରାତ୍ର ୧୧ଟା ୩୦ରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିବେ। ରାତ୍ରି ୧୦ଟାରୁ ରାତ୍ର ୨ଟା ମଧ୍ୟରେ ଲୋକନାଥଙ୍କ ବିଭିନ୍ନ ନୀତି ହେବ। ରାତ୍ର ୨ଟାରୁ ୩ଟା ପର୍ଯ୍ୟନ୍ତ ହରିହର ପୂଜା ଭୋଗ ସମ୍ପନ୍ନ, ଚତୁର୍ଦ୍ଦଶୀ ଭୋଗ, ବଡ଼ ସିଂହାର ବେଶ କରାଯାଇ ରାତି ୩ଟାରେ ମହାଦୀପ ପ୍ରଜ୍ୱଳନ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ଭିତରେ ପ୍ରବେଶ କରିବେ। ଠାକୁରଙ୍କୁ ଦର୍ଶନ ପରେ ଅନ୍ୟ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଭକ୍ତଙ୍କ ସୁରକ୍ଷା, ପାନୀୟ ଜଳ, ଆଲୋକ, ପରିମଳ, ଶୌଚାଳୟ ଏବଂ ବ୍ୟାରିକେଡ ବ୍ୟବସ୍ଥା କରାଯିବ। ଗମ୍ଭୀରା ଭିତରେ ଦୀପ ଜାଳିବା ପାଇଁ ଭକ୍ତଙ୍କୁ ଅନୁମତି ଦିଆଯିବ ନାହିଁ। ଜାଗର ପଡ଼ିଆରେ ପୋଲିସ ନିୟନ୍ତ୍ରଣ କକ୍ଷ, ଆଶୁ ଚିକିତ୍ସା ଶିବିର, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରଦର୍ଶନୀ, ପୌରସଂସ୍ଥା ଶିବିର, ଜଳ ଯୋଗାଣ କେନ୍ଦ୍ର, ଅଗ୍ନିଶମ ନିୟନ୍ତ୍ରଣ କେନ୍ଦ୍ର ଖୋଲାଯିବ। ଗହଳି ନିୟନ୍ତ୍ରଣ ପାଇଁ ବ୍ୟାପକ ପ୍ଲାଟୁନ ପୋଲିସ ସହ ଅଧିକାରୀମାନେ ମୁତୟନ ହେବେ।

## ସଂକ୍ଷେପରେ

### ୮୦ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ, ୫।୨:** ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି ଖୋର୍ଦ୍ଧା। ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ରୋକାଯାଇପାରୁନାହିଁ। ବାହାର ରାଜ୍ୟ ଓ ଜିଲାରୁ ବିଭିନ୍ନ ଗଳାବାଟ ଦେଇ ଏଠାରେ ବ୍ରାଉନ ସୁଗାର ପହଞ୍ଚୁଛି। ଏଠାରୁ ଗ୍ରାମାଞ୍ଚଳକୁ ତାହାକୁ ପଠାଯାଉଛି। ରବିବାର ଖୋର୍ଦ୍ଧା ଅବକାରୀ ପୋଲିସ (ଜିଲା ମୋବାଇଲ ୟୁନିଟ) ଦୁଇଟି ପୃଥକ ସ୍ଥାନରେ ଚଢ଼ାଉ କରି ୮୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ଜଣ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ଥାନା ଅଞ୍ଚଳର ଲୋକନାଥ ରାହୁଲ ଏବଂ କାମନାବର ସାହିର ରାହୁଲ ନାୟକ। ସୂଚନା ଅନୁଯାୟୀ, ଲୋକନାଥ ନୂଆ ବସଷ୍ଟାଣ୍ଡରେ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ଖବରପାଇ ମୋବାଇଲ ୟୁନିଟ୍‌ର ନିଲିମା ଜୟନ୍ତୀ ସ୍ୱାଇଁ ଏକ ଟିମ ସହ ଚଢ଼ାଉ କରିଥିଲେ। ଲୋକନାଥଙ୍କଠାରୁ ୨୬ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୯୦/୨୩) ରୁଜୁ ହୋଇଛି। ସେହିଭଳି ହାବେଳି ପଡିଆରେ ରାହୁଲ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷାରେ ଥିବା ଖବରପାଇ ମୋବାଇଲ ୟୁନିଟ୍‌ର ଏସ୍‌ଆଇ ବି. ମନୋଜ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଙ୍କଠାରୁ ୫୪ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୧୩୪/୨୩) ରୁଜୁ ହୋଇଛି।

### ନୂତନ ବସ୍‌ଷ୍ଟାଣ୍ଡ ପାଇଁ ସ୍ଥାନ ପରିଦର୍ଶନ

**ଗମ୍ଭାରୀମୁଣ୍ଡା,୫।୨(ଡି.ଏନ୍.ଏ.):** ରବିବାର ବରିଷ୍ଠ ପ୍ରଶାସିକା ଦୀପ୍ତି ମହାପାତ୍ର ଖୋର୍ଦ୍ଧା ଜିଲା ବାଣପୁର ଓ ଚିଲିକା ତହସିଲ ଗସ୍ତରେ ଆସି ପ୍ରସ୍ତାବିତ ନୂତନ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ମହାପାତ୍ର ପ୍ରଥମେ ବାଣପୁର ପହଞ୍ଚି ମା'ଭଗବତୀଙ୍କ ଦର୍ଶନ କରି ନୂତନ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନୀୟ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ତେବେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ପୂର୍ବରୁ ୫-ଟି ସଚିବଙ୍କୁ ଦିଆଯାଇଥିବା ପ୍ରସ୍ତାବିତ ସ୍ଥାନ ମଧ ପରିଦର୍ଶନ କରିଥିଲେ। ଏହାପରେ ସେ ନାଚୁଣୀ ଯାଇ ସେଠାରେ ଏକ ବସ ବେ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଥିଲେ। ଅନୁରୂପ ଭବେ ମହାପାତ୍ର ଚିଲିକା ତହସିଲ ଗସ୍ତ କରି ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

**ବାଲୁଗାଁ,୫।୨(ଡି.ଏନ୍.ଏ.):** ବାଲୁଗାଁ ନିକଟ ଧୂଆଁଳ ଗ୍ରାମ ସ୍ଥିତ ଧବଳେଶ୍ୱର ଦେବଙ୍କ ପୀଠରେ ୨୫ତମ ବିଶ୍ୱଶାନ୍ତି ମହାଯଜ୍ଞର ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଯାଇଛି। ଗତ ୩୧ତାରିଖରେ ଅଙ୍କୁରାରୋପଣ ଏବଂ ଜଳଯାତ୍ରାର ଶୁଭାରମ୍ଭ କରାଯାଇ ୨ ତାରିଖରେ ଯଜ୍ଞ ଆରମ୍ଭ ହୋଇଥିଲା। ବିଭିନ୍ନ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ଆହୁତି ପ୍ରଦାନ ଆଦି ଅନୁଷ୍ଠିତ ହେବା ପରେ ରବିବାର ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଧୂଆଁଳ, କୋତରୀ, କୁମ୍ଭୀରପଡ଼ା, ଆମ୍ବପଡ଼ା, ଶିଖରପଦର, ଦୀକ୍ଷିତପଡ଼ା, ଖଣତ, ବିଷ୍ଣୁଡ଼ିହ, ତେନ୍ତୁଳିଡ଼ିହ, କୁମ୍ଭାରସାହି ଗ୍ରାମବାସୀଙ୍କ ସମେତ ଯଜ୍ଞ କମିଟିର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟୁଟୁନି କ୍ୟାବିନ୍ ବିବାଦ: ଚିନ୍ତାରେ ବ୍ୟବସାୟୀ

**ଖୋର୍ଦ୍ଧା ଅଫିସ,୫।୨**

- କାଗଜକଲମରେ ସୀମିତ ଥଇଥାନ
- ନିର୍ବାଚନ ପରେ ନେତା ଭୁଲି ଯାଉଛନ୍ତି

ଖୋର୍ଦ୍ଧାର ବିକାଶରେ ବାଧକ ସାଜିଛି କ୍ୟାବିନ। ଦୀର୍ଘ ୨୦ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ କେବଳ ସରକାରୀ କାଗଜକଲମରେ ସୀମିତ ରହିଛି। ରାଜନୀତିର ପଶାପାଲିରେ ପେଷି ହେଉଛି କ୍ୟାବିନ ବିବାଦ। ବ୍ୟବସାୟୀମାନଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଛନ୍ତି ରାଜନେତା। ନିର୍ବାଚନ ବେଳେ ଥଇଥାନର ପ୍ରତିଶ୍ରୁତି ଦେଉଛନ୍ତି, ମାତ୍ର ନିର୍ବାଚନ ସରିବା ପରେ ପ୍ରତିଶ୍ରୁତି ଭୁଲି ଯାଉଛନ୍ତି। ଖୋର୍ଦ୍ଧାରେ ଟ୍ରାଫିକ ସମସ୍ୟା ବଢିଚାଲିଛି। ଏହାର ପ୍ରମୁଖ କାରଣ ହେଉଛି ରାସ୍ତାକଡ଼ ଉଠାଦୋକାନ, ଅବରୋଧ ଡ୍ରେନେଜ ଏବଂ ମନଇଚ୍ଛା ଗାଡ଼ି ପାର୍କିଂ। ଟ୍ରାଫିକ ସମସ୍ୟା ସୁଧାରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କିଛି ମାସ ତଳେ ଦୋକାନ ଗୃହ ଭାଙ୍ଗିବା ଲାଗି ମାରୱାଡ଼ିପଟ୍ଟି ଏବଂ ଡକ୍ଟର୍ସ ଲେନରେ ମାପଚୁପ କରାଯିବା ସହ ଡ୍ରେନଗୁଡିକୁ ଅବରୋଧମୁକ୍ତ ଲାଗି ନୋଟିସ କରାଗଲା। ତେବେ ବିରୋଧ, ପ୍ରତିବାଦ ପରେ ଜିଲା ପ୍ରଶାସନ ପଛକୁ ଘୁଞ୍ଚିଗଲା। କ୍ୟାବିନ ସମସ୍ୟା ବିଧାନସଭାରେ ଉଠିଲା। ଦୁଇ ବିଧାୟକ ରାଜେନ୍ଦ୍ର ସାହୁ ଓ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏନେଇ ପ୍ରଶ୍ନ କଲେ। ସହରବାସୀ ଆଶା କରିଥିଲେ, ଏଥର ବିବାଦ ତୁଟିବ। ତେବେ ଯଥା ପୂର୍ବମ୍ ତଥା ପରମ ଭଳି ସ୍ଥିତି ରହିଛି। ଏବେ ନିକଟରେ ପୌର ପ୍ରଶାସନ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଦୁଇ ବିଧାୟକ, ଶିକ୍ଷାବିତ, ବୁଦ୍ଧିଜୀବୀ, ବ୍ୟବସାୟୀ ସଂଘ ସଦସ୍ୟଙ୍କୁ ନେଇ ବୈଠକ ବସିଲା। ତେବେ ବୈଠକରେ କ'ଣ ନିଷ୍ପତ୍ତି ନିଆଗଲା, ତାହା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

ପ୍ରକାଶ ଯେ, ମାରୱାଡି ପଟ୍ଟି, ପୁରୁଣା ବସଷ୍ଟାଣ୍ଡ, ସମବାୟ ଛକଠାରୁ ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ପ୍ରାୟ ୫୪୦ କ୍ୟାବିନ ରହିଛି। ଅଧିକାଂଶ କ୍ୟାବିନ ଡ୍ରେନ ଉପରେ ରହିଛି। ଡ୍ରେନକୁ ଅବରୋଧମୁକ୍ତ କରିବାକୁ ହେଲେ କ୍ୟାବିନଗୁଡିକୁ ଉଚ୍ଛେଦ କରିବାକୁ ପଡିବ। ସେପଟେ କ୍ୟାବିନଗୁଡିକୁ ହଟାଗଲେ, ବ୍ୟବସାୟୀମାନେ କେଉଁଠିକି ଯିବେ ସେଇ ଚିନ୍ତା ସେମାନଙ୍କୁ ଘାରିଛି। ସହରର ସୌନ୍ଦର୍ଯ୍ୟକରଣରେ କ୍ୟାବିନ, ରାସ୍ତା ଓ ଡ୍ରେନ ଅବରୋଧ ବାଧକ ସାଜିଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ପୁରୁଣା ବସଷ୍ଟାଣ୍ଡ ଠାରୁ ଗୋଡି ପୋଖରୀ ଛକ ଏବଂ ଟ୍ରାଫିକ ଛକଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସହରର ସୌନ୍ଦର୍ଯ୍ୟକରଣ, ଡ୍ରେନ୍ ସମସ୍ୟା ଦୂର ଏବଂ ଟ୍ରାଫିକ ନିୟନ୍ତ୍ରଣ ଲାଗି ଡ୍ରେନ ଅବରୋଧମୁକ୍ତ ଏବଂ ଉଠାଦୋକାନୀଙ୍କୁ ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ଉପଜିଲାପାଳ ଦିପ୍ତିରଞ୍ଜନ ସେଠୀ କହିଛନ୍ତି।

ସୂଚନାଥାଉକି, ୨୦୦୩ରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଜିଲା ପ୍ରଶାସନ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ହାବେଳି ପଡ଼ିଆରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ଏଥିଲାଗି ପ୍ରତି ବ୍ୟବସାୟୀଙ୍କଠାରୁ ମୁଣ୍ଡପିଛା ୩ହଜାର ଟଙ୍କା ସଂଗ୍ରହ କରାଯାଇଥିଲା। ପ୍ରାୟ ୧୫ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ସଂଗୃହୀତ ହୋଇଥିଲା। ଚାରିପଟ ପାଚେରୀ ଏବଂ ପଡିଆକୁ ସମତୁଲ କରିବାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥିଲା। ୫୪୦ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପୌର ପକ୍ଷରୁ ୩୪ କୋଟି ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇଥିଲା। ମାତ୍ର ପରେ କାମ ତ୍ୱରାନ୍ୱିତ ହେଲାନାହିଁ। ଏନେଇ ବ୍ୟବସାୟୀ ମହାସଂଘର ସମ୍ପାଦକ ଜୟନ୍ତ ରାୟ କହିଛନ୍ତି, କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ନେଇ ହାଇକୋର୍ଟରେ କେସ୍ ଚାଲିଛି। ଥଇଥାନ ପରେ ଉଚ୍ଛେଦ କରାଯିବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ନିକଟରେ ଉପରୋକ୍ତ ପ୍ରସଙ୍ଗ ନେଇ ବୈଠକ ବସିଥିଲା। ସବୁ ଦିଗକୁ ତର୍ଜମା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଆଶା ପ୍ରକାଶ କରିଛନ୍ତି।

# ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବୈଠକ


ବୈଠକରେ ଉପସ୍ଥିତ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର କର୍ମକର୍ତ୍ତା।

**ଖୋର୍ଦ୍ଧା ଅଫିସ,୫।୨**

ବରୁଣେଇଙ୍କ ପୀଠରେ ରବିବାର ଖୋର୍ଦ୍ଧା ଜିଲା ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ରାଜ୍ୟ ସଙ୍ଗଠନ ଦ୍ୱାରା ଡାକରା ଯାଇଥିବା ଆନ୍ଦୋଳନରେ ଯୋଗ ନ ଦେବାକୁ ସ୍ଥିର କରାଯାଇଛି। ବୈଠକରେ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ଅଧକ୍ଷତା କରିଥିଲେ। ହେମନ୍ତ କୁମାର ଶତପଥୀ, ସମ୍ପାଦକ ପ୍ରଦୀପ ମଙ୍ଗରାଜ, କୋଷାଧକ୍ଷ ସୁଶାନ୍ତ ରାଉତ, ଜିତେନ୍ଦ୍ର ସାମନ୍ତରାୟ, ଅର୍ଜ୍ଜୁନ ମଙ୍ଗରାଜ, ସମୀର କୁମାର ରାଉତରାୟ, ଶ୍ରୀନିବାସ ଛୋଟରାୟ, ହିମାଂଶୁ ଭୁଷଣ ଚମ୍ପତିରାୟ, ଜଗନ୍ନାଥ ଜେନାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'କେନ୍ଦ୍ରର ଯୋଜନା ତୃଣମୂଳସ୍ତରରେ ପହଞ୍ଚାଅ'


କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଭାଜପା ନେତୃବୃନ୍ଦ।

**ଟାଙ୍ଗୀ(ଖୋର୍ଦ୍ଧା),୫।୨(ଡି.ଏନ୍.ଏ.)**

### ବ୍ୟାନରରେ ଥିବା ଫଟୋକୁ ନେଇ ବିବାଦ

ଟାଙ୍ଗୀ ବ୍ଲକ ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତା ଓ ପଦାଧିକାରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ସ୍ଥାନୀୟ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ତେବେ କାର୍ଯ୍ୟକ୍ରମ ଆରମ୍ଭରୁ ଦୁଇଟି ବ୍ୟାନରରେ ଥିବା ଫଟୋକୁ ନେଇ ବିବାଦ ଦେଖାଦେଇଥିଲା। ବ୍ୟାନରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ରଙ୍କ ଫଟୋ ରହିଥିଲା। ଯାହାକୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟଙ୍କ ସମର୍ଥକମାନେ ବିରୋଧ କରିଥିଲେ। ଭାଜପାର ବରିଷ୍ଠ କର୍ମକର୍ତ୍ତାଙ୍କ ହସ୍ତକ୍ଷେପ ପରେ ଉକ୍ତ ବ୍ୟାନର ହଟାଯାଇଥିଲା। ସେହିପରି ଅନ୍ୟ ଏକ ବ୍ୟାନରରେ ଥିବା ଏମ୍‌ପି ଷଡ଼ଙ୍ଗୀ ଓ ଏମ୍‌ପିଙ୍କ ପ୍ରତିନିଧି ହେମନ୍ତ ବେହେରାଙ୍କ ଫଟୋ ରହିଥିଲା। ଉକ୍ତ ବ୍ୟାନରକୁ ମଧ ହଟାଯାଇଥିଲା। ଏହା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ୍‌ପି ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟ, ପୂର୍ବତନ ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ଟାଙ୍ଗୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ, ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ ପାଲଟାସିଂ, ନିରାକାରପୁର ମଣ୍ଡଳ ସଭାପତି ଆଲୋକ ଛୋଟରାୟ, କୁହୁଡି ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନ, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି, ମଞ୍ଜୁଲତା ଇନ୍ଦ୍ରଜିତ, ରୋଜିନାରାଣୀ ଦାସ, ଭଗବାନ ସେଠ, ପ୍ରଶାନ୍ତ ବେହେରା, ନବୀନ ସାହୁ, ରମେଶ ମହାପାତ୍ରଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଟାଙ୍ଗୀ ପଞ୍ଚାୟତକୁ ଏନ୍‌ଏସି ଘୋଷଣା, ମଲାଗୁଣି ବ୍ୟାରେଜରୁ ଜଳ ନିଷ୍କାସନ ବନ୍ଦ କରିବା ପାଇଁ ଏମ୍‌ପିଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ବିଭିନ୍ନ ସ୍ଥାନରେ ଅଗ୍ନି ଉତ୍ସବ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୫।୨ (ଡି.ଏନ୍.ଏ.)**

ମାଘ ପୂର୍ଣ୍ଣମୀ ଅବସରରେ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଓ ଏହାର ଆଖପାଖ ଅଞ୍ଚଳ ମହୁଲ, ମଧୁପୁର, ଅରାଙ୍ଗ, ଟାଙ୍ଗିଆପଡା, କୁମାରବସ୍ତ, ପାଇକତିଗିରିଆ, ଠାକୁରପଡା, ହଳଦିଆ, କେରଙ୍ଗ, ଠାକୁରପଡା, ବରସାହି, ଗୁରୁଜଙ୍ଗ, ବାଜପୁର, ନିଆଳ, ମୁକ୍ତପୁର, ଆଦି ଗ୍ରାମରେ ପରମ୍ପରା ଅନୁଯାୟୀ ଏହି ଉତ୍ସବ ପାଳିତ ହୋଇଥିଲା। ଉଇଲକିଶନ ନଗର ଗାଁ ମୁଣ୍ଡ ଭାଗବତ ଦେବଙ୍କ ନିକଟ ପଡିଆରେ ନଡ଼ା କୁଟା ଏକତ୍ର ଗଦା କରାଯାଇଥିଲା। ପରେ ଭାଗବତ ଦେବଙ୍କ ପୀଠରୁ ବ୍ରାହ୍ମଣ ବିଶ୍ୱନାଥ ନନ୍ଦ ଓ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମ ପରିକ୍ରମା ସହିତ ନଡ଼ା ଓ ପାଳ ଏକତ୍ର ହୋଇଥିବା ସ୍ଥାନରେ ପହଞ୍ଚିଥିଲେ। ଅଗ୍ନି ଦେବତାକୁ ସ୍ମରଣ କରାଯାଇ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ସମୟରେ ଗ୍ରାମବାସୀ ନଡ଼ିଆ, ଆଳୁ, ବାଇଗଣ, ଆଦି ଅଗ୍ନିଦେବଙ୍କୁ ସମର୍ପଣ କରିଥିଲେ। ସେହିପରି ନିରାକାରପୁର, ଡିଆ, ଲେଣ୍ଡୋ, ରାମେଶ୍ୱର, ବଡ଼ପୋଖରିଆ ସମେତ ଆଖପାଖ ଅଞ୍ଚଳରେ ଅଗ୍ନି ଉତ୍ସବ ପାଳିତ ହୋଇଯାଇଛି। ସର୍ବପରି ନଡା ପାଳରେ ଅଗ୍ନି ସଂଯୋଗ କରାଯାଇ ସେଥିରେ ବିଭିନ୍ନ ଫଳ ଅଗ୍ନିଦେବତାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା।

# ଦୁର୍ଘଟଣା ଜୋନ୍ ପାଲଟିଛି ବାଲୁଗାଁ ବାଇପାସ୍ ରାସ୍ତା

**ବାଲୁଗାଁ/ଗମ୍ଭାରୀମୁଣ୍ଡା,୫।୨(ଡି.ଏନ୍.ଏ.)**

### ଟ୍ରକ୍ ପଛକୁ ପିଟିଲା ଟ୍ରକ୍: ୨ ଗୁରୁତର



୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ ରାସ୍ତା ଦୁର୍ଘଟଣା ଜୋନ୍ ପାଲଟିଛି। ନାଚୁଣୀଠାରୁ ନାଭାଲ ଛକ ପର୍ଯ୍ୟନ୍ତ ଦୀର୍ଘ ୨୦କିଲୋମିଟର ଏହି ବାଇପାସ୍ ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ଉଠି ରାସ୍ତାକୁ ସଙ୍କୁଚିତ କରୁଥିବାରୁ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି। ଶନିବାର ବିଳମ୍ବିତ ରାତିରେ ବେଲପଡ଼ା ଛକଠାରେ ଏକ ଟ୍ରକ୍ ପଛକୁ ଅନ୍ୟ ଏକ ଟ୍ରକ୍ ଧକ୍କା ଦେବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଲୁହାରଡ୍ ବୋଝେଇ ଟ୍ରକ୍ ଯାଉଥିବା ବେଳେ ଭାରସାମ୍ୟ ହରାଇ ଟ୍ରକ୍‌ଟି ଡିଭାଇଡରରେ ପିଟି ହୋଇ ଅଟକି ରହିଥିଲା। ଏହି ସମୟରେ ପଛରୁ ଆସୁଥିବା ଅନ୍ୟ ଏକ ଟ୍ରକ୍ ଅଟକି ରହିଥିବା ଲୁହା ବୋଝେଇ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ପଛ ଟ୍ରକ୍‌ର ଚାଳକ ଓ ହେଲପର ଚାପି ହୋଇ ଗୁରୁତର ହୋଇଥିଲେ। ଖବରପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ୟାସ୍ କଟର ସାହାଯ୍ୟରେ କାଟି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନା ନେଇଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଚଳାଇଛି। ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ରାସ୍ତାପାର୍ଶ୍ୱରୁ ଅନାବନା ଗଛଗୁଡ଼ିକୁ ସଫା କରିବା ସହ ଖାଲଖମା ମରାମତି ପାଇଁ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

# ସିରିଜ୍ ବୋମାମାଡ଼ ଘଟଣାରେ ୪ ଗିରଫ

**ଜଟଣୀ,୫।୨(ଡି.ଏନ୍.ଏ.)**

ଜଟଣୀ ଥାନା ଅଧୀନ କନ୍ତିଆ ଗ୍ରାମରେ ହୋଇଥିବା ସିରିଜ୍ ବୋମାମାଡ଼ ଘଟଣାରେ ରବିବାର ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କନ୍ତିଆ ଉପରସାହିର ଶ୍ରୀନିବାସ ପାଢଶାଣୀ ଓରଫ ନାଲୁ, ରମେଶ ପାଢଶାଣୀ ଓରଫ ଟୁଲୁ, କୁନା ପାଢଶାଣୀ ଏବଂ ଯଶୋଦା ପାଢଶାଣୀ। ସୂଚନା ମୁତାବକ, କନ୍ତିଆ ଉପରସାହିର ସାମନ୍ତରାୟ ଏବଂ ପାଢଶାଣୀ ପରିବାର ମଧ୍ୟରେ ଦୀର୍ଘ ଦିନଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଗତ ଶନିବାର ସକାଳେ ଜମିବାଡ଼ିକୁ ନେଇ ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ନେଇ ସ୍ଥାନୀୟ କୁକୁଡ଼ା ଫାର୍ମ ନିକଟରେ ଉପରୋକ୍ତ ଅଭିଯୁକ୍ତମାନେ ସଚ୍ଚିଦାନନ୍ଦ ସାମନ୍ତରାୟ, ବିଚିତ୍ରାନନ୍ଦ ସାମନ୍ତରାୟ ଏବଂ ରଚିତ୍ରାନନ୍ଦ ସାମନ୍ତରାୟଙ୍କ ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ସଚ୍ଚିଦାନନ୍ଦ ଓ ବିଚିତ୍ରାନନ୍ଦ ସାମାନ୍ୟ ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ରଚିତ୍ରାନନ୍ଦଙ୍କ ବାମଗୋଡ଼ ଛିଣ୍ଡିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ଏହା ପରେ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ରଚିତ୍ରାନନ୍ଦଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଗୁରୁତରଙ୍କ ସାନଭାଇ ଅଜିତ୍ ସାମନ୍ତରାୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୫/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।


ଗିରଫ ଅଭିଯୁକ୍ତ।

# ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

**ବାଲୁଗାଁ/ବାଣପୁର,୫।୨(ଡି.ଏନ୍.ଏ.)**

### ବିରଞ୍ଚି ନାରାୟଣ ଦେବଙ୍କ ପୀଠରେ ମାଘ ପୂର୍ଣ୍ଣିମା

ବାଲୁଗାଁ ନିକଟ ଦୀକ୍ଷିତପଡ଼ା ଗ୍ରାମସ୍ଥିତ ବିରଞ୍ଚି ନାରାୟଣ ଦେବଙ୍କ ପୀଠରେ ମାଘ ପୂର୍ଣ୍ଣିମା ଅବସରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଶ୍ରଦ୍ଧାଳୁମାନେ କଂସାରୀ ନଦୀରେ ବାରୁଣୀ ସ୍ନାନ କରି ଠାକୁରଙ୍କ ସାନ୍ନିଧ ଲାଭ କରିଥିଲେ। ଆଖପାଖ ଗ୍ରାମ ସମେତ ବିଭିନ୍ନ ପ୍ରାନ୍ତରୁ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମାନସିକ ରଖି ପୂଜାର୍ଚ୍ଚନା କରିଥିଲେ। ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦିକ୍ଷିତପଡ଼ା ଗ୍ରାମବାସୀଙ୍କ ପକ୍ଷରୁ ଏହି ପରମ୍ପରାକୁ ବଜାୟ ରଖାଯାଇଛି। ଏହି ଉତ୍ସବକୁ ମନ୍ଦିର ପରିଚାଳନା କମିଟି ସମେତ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ, କିଶୋର ସେବା ସଂଘ ଏବଂ ମା'ବ୍ରାହ୍ମଣୀ ଦେବୀ ୟୁଥ୍ କ୍ଲବ୍‌ର ସଭ୍ୟ ପରିଚାଳନା କରିଥିଲେ । ବାଲୁଗାଁ, ବାଣପୁର ଏବଂ ନାଚୁଣୀ ଥାନା ପୋଲିସ ସମେତ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ରହି ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ତେବେ ଶ୍ରଦ୍ଧାଳୁଙ୍କ ପାଇଁ ନଦୀରେ ଗାଧୁଆ ତୁଠ ଏବଂ ମନ୍ଦିର ରାସ୍ତାର ଆଲୋକୀକରଣ ନିମନ୍ତେ ଖୋର୍ଦ୍ଧା ଜିଲା ପରିଷଦ ଉପସଭାପତି ଗୋପିନାଥ ମହାରଣା ସମୀକ୍ଷା କରି ଖୁବଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଫାଇନାଲରେ କଟକର ଭୁଆସୁଣୀ କ୍ଲବ

**ଖୋର୍ଦ୍ଧା ଅଫିସ, ୫।୨**

### ସର୍ବଭାରତୀୟ ପ୍ରହରାଜ ଚାଲେଞ୍ଜ ସିଲ୍ଡ ଫୁଟ୍‌ବଲ ଟୁର୍ନାମେଣ୍ଟ

ଖୋରଧା ସ୍ପୋର୍ଟ୍ସ ଆସୋସିଏଶନ୍ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ପ୍ରହରାଜ ଚାଲେଞ୍ଜ ସିଲ୍ଡ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ ରବିବାର କଟକର ମା' ଭୁଆସୁଣୀ କ୍ଲବ୍ ଓ ଭଦ୍ରକର ୟୁନାଇଟେଡ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଆରମ୍ଭରୁ ଉଭୟ ଦଳର ଖେଳାଳି ଆକ୍ରମଣାତ୍ମକ ଢଙ୍ଗରେ ଖେଳିଥିଲେ। ଖେଳ ଶେଷ ହେବା ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ତେଣୁ ନିର୍ଣ୍ଣାୟକ ପାଇଁ ଟାଇ ବ୍ରେକରର ସହାୟତା ନିଆଯାଇଥିଲା। ମା' ଭୁଆଶୁଣୀ କ୍ଲବ ୭-୬ଗୋଲ୍ ବ୍ୟବଧାନରେ ଭଦ୍ରକ ଟିମକୁ ପରାସ୍ତ କରି ପ୍ରଥମଦଳ ଭାବେ ଫାଇନାଲ୍ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ମୁଖ୍ୟଅତିଥି ଭାବେ ଜାତୀୟ ସ୍ତରୀୟ ରେଫରି ଗଣେଶ୍ୱର ମହାପାତ୍ର ଯୋଗଦେଇଥିଲେ। ମ୍ୟାଚକୁ ଶେଖାୱତ୍ ଖାଁ, ପ୍ରଫୁଲ୍ଲ କୁମାର ବେହେରା, ବିଦେଶୀ ନାୟକ ଓ ମନୋରଞ୍ଜନ ଖୁଣ୍ଟିଆ ପରିଚାଳନା କରିଥିଲେ। ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ଓ ଢେଙ୍କାନାଳର ପପୁଲାର କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ଜଣାଇଛନ୍ତି।


ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

# 'ସଶକ୍ତ ଦେଶ ଗଠନରେ ବିଜ୍ଞାନ ସହାୟକ ହୁଏ'

**ଖୋର୍ଦ୍ଧା ଅଫିସ,୫।୨**

ଓଡ଼ିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ ଶିବିର ଖୋର୍ଦ୍ଧା ଟାଙ୍ଗିଆପଡ଼ାସ୍ଥିତ ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଆଇଆଇଟି ଡାଇରେକ୍ଟର ପ୍ରଫେସର ଶ୍ରୀପ୍ରସାଦ କର୍ମାଲକର ମୁଖ୍ୟଅତିଥି ଭାବେ ଯୋଗଦେଇ ସଶକ୍ତ ବିଜ୍ଞାନ ହିଁ ସଶକ୍ତ ଦେଶ ଗଠନର ଚାବିକାଠି ବୋଲି ପ୍ରକାଶ କରିଛନ୍ତି। ବିଜ୍ଞାନ ଓ ଇଞ୍ଜିନିୟରିଂ ଶିକ୍ଷା କିପରି ପ୍ରତ୍ୟେକ ଦେଶକୁ ଉତ୍କର୍ଷରେ ପହଞ୍ଚାଇପାରେ ସେ ବିଷୟରେ ଆଲୋକପାତ କରିଥିଲେ।

ବିପିୟୁଟିର ପୂର୍ବତନ କୁଳପତି ତଥା ଓଡ଼ିଶା ବିଜ୍ଞାନ ମଣ୍ଡଳର ସଭାପତି ଡ. ଚିତ୍ତରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ଭାବେ ନାଇଜରର ରେଜିଷ୍ଟ୍ରାର ଡ. ଅଭୟ ନାୟକ ଯୋଗଦେଇଥିଲେ। ଏହି ଅବସରରେ କର୍ମାଲକର, ଅଭୟ ନାୟକ, ଡ. ଧୀରେନ୍ଦ୍ର ନନ୍ଦ ଏବଂ ଡ. ଗୋପାଳକୃଷ୍ଣ ଚୌଧୁରୀଙ୍କୁ ଓଡ଼ିଶା ବିଜ୍ଞାନ ମଣ୍ଡଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜ୍ଞାନ ମଣ୍ଡଳର ରାଜ୍ୟ ସମ୍ପାଦକ ଡ. ବିକାଶ ଜେନା ଅତିଥି ପରିଚୟ ଏବଂ ରାଜ୍ୟ ସଙ୍ଗଠନ ସମ୍ପାଦକ ଇଂ. ଅରୁଣ କୁମାର ସାହୁ ଓଡ଼ିଶା ବିଜ୍ଞାନ ମଣ୍ଡଳର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନର ରାଜ୍ୟ ସଂଯୋଜକ ଡ. ଦିବ୍ୟ କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ। ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ ତଥା ସ୍ୱାଗତ ସମିତିର ଅଧକ୍ଷ ଧୀରେନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ମଣ୍ଡଳର ରାଜ୍ୟ କୋଷାଧକ୍ଷ ସଞ୍ଜୟ ପଟ୍ଟନାୟକ ଏବଂ ଡ. ଶ୍ରୁତି ତ୍ରିପାଠୀ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଶାନ୍ତ ଦାଶ, ଡ. ଦେବଲକାନ୍ତି ସିଂହ, ଡ. ଗଣେଶ୍ୱର ପାଢୀ, ତପନ, ଅମ୍ବି, ବିଶ୍ୱଜିତ ଓ ସ୍ମୃତି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିଜ୍ଞାନର ବିଭିନ୍ନ ବିଭାଗରେ ଲିଖିତ ପରୀକ୍ଷା ସହିତ ମୌଖିକ ପରୀକ୍ଷା ଏବଂ ଫିଜିକ୍ସ, କେମିଷ୍ଟ୍ରି, ବାୟୋଲୋଜି ଓ ଗଣିତ ବିଷୟରେ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏକ ୧୨ଜଣିଆ ପରୀକ୍ଷକ ମଣ୍ଡଳୀ ପିଲାମାନଙ୍କ ସମସ୍ତ ପରୀକ୍ଷାର ମୂଲ୍ୟାଙ୍କନ କରି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଗୋପାଳକୃଷ୍ଣ ଚୌଧୁରୀ ବିଜ୍ଞାନ ଭାରତୀ ତରଫରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ସୌଭାଗ୍ୟ ସ୍ୱାଇଁ, ଲିଙ୍ଗରାଜ ପ୍ରଧାନ ଏବଂ କିଶୋର ପାତ୍ର ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ।



ବିଜ୍ଞାନ ମନ୍ଥନ ଶିବିରରେ ଯୋଗଦେଇଥିବା ଅତିଥି, ଶିକ୍ଷକ ଏବଂ ଛାତ୍ରୀଛାତ୍ର।

### ରାଜ୍ୟସ୍ତରୀୟ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ ଶିବିର

## ସଂକ୍ଷେପରେ

### ଅବକାରୀ ଟିମର ଚଢ଼ାଉ, ୨ ଗିରଫ

ଭୁବନେଶ୍ୱର,୫।୨(ବ୍ୟୁରୋ) : ଶହୀଦନଗର ଥାନା ଅନ୍ତର୍ଗତ ବାଣୀବିହାର ଅଞ୍ଚଳରେ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ ଚଢ଼ାଉ କରି ନିଶାଦ୍ରବ୍ୟ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଟକ ଜିଲାର ଜିତେନ୍ଦ୍ର କୁମାର ସାହୁ ଓ କନ୍ଧମାଳର ହିତେଶ କୁମାର ବେହେରା । ଅଭିଯୁକ୍ତ ଜିତେନ୍ଦ୍ରଙ୍କଠାରୁ ୧୨ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ହିତେଶଙ୍କଠାରୁ ୬ କେଜି ଭାଙ୍ଗ ଜବତ ହୋଇଛି । ଏନେଇ ଅବକାରୀ ଟିମ ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଦେଶୀ ମଦ ଜବତ, ଯୁବକ ଗିରଫ

ଭୁବନେଶ୍ୱର,୫।୨(ବ୍ୟୁରୋ) : ବେଆଇନ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଜଣେ ନିଶାବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେଉଁଝର ଜିଲାର ଚନ୍ଦନ ମୁଣ୍ଡା। ତାଙ୍କଠାରୁ ୨୫.୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### କଲ୍ କରିବା ବାହାନାରେ ମୋବାଇଲ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫।୨(ବ୍ୟୁରୋ) : କଲ୍ କରିବା ବାହାନାରେ ମୋବାଇଲ ଚୋରି ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲାର ରାଜା ବିଶୋଇ । ଅଭିଯୋଗକାରୀ ଆଗ୍ନେଶର ଆଚାର୍ଯ୍ୟଙ୍କ ଅଭିଯୋଗ କ୍ରମେ ସେ କିଟରୁ ଘରକୁ ଫେରୁଥିବା ବେଳେ ପଟିଆସ୍ଥିତ ମୋ ବସ ଡିପୋ ନିକଟରେ ଅଟକିଥିଲେ। ଠିକ ସେହି ସମୟରେ ରାଜା ଫୋନ କରିବା ପାଇଁ ଆଗ୍ନେଶରଙ୍କୁ ମୋବାଇଲ ମାଗିଥିଲେ। ଆଗ୍ନେଶର ବିଶ୍ୱାସ କରି ମୋବାଇଲ୍ ଦେବା ପରେ ରାଜା ମୋବାଇଲ ନେଇ ଚମ୍ପଟ ମାରିଥିଲେ ।

### ସିରିଜ୍ ବୋମାମାଡ଼ ଘଟଣାରେ ୪ ଗିରଫ

ଜଟଣୀ,୫।୨(ଡି.ଏନ୍.ଏ.): ଜଟଣୀ ଥାନା ଅଧୀନ କନ୍ତିଆ ଗ୍ରାମରେ ହୋଇଥିବା ସିରିଜ୍ ବୋମାମାଡ଼ ଘଟଣାରେ ରବିବାର ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କନ୍ତିଆ ଉପରସାହିର ଶ୍ରୀନିବାସ ପାଟ୍ଟଶାଣୀ ଓରଫ ନାଲୁ, ରମେଶ ପାଟ୍ଟଶାଣୀ ଓରଫ ଟୁଲୁ, କୁନା ପାଟ୍ଟଶାଣୀ ଏବଂ ଯଶୋଦା ପାଟ୍ଟଶାଣୀ। ସୂଚନା ମୁତାବକ, କନ୍ତିଆ ଉପରସାହିର ସାମନ୍ତରାୟ ଏବଂ ପାଟ୍ଟଶାଣୀ ପରିବାର ମଧ୍ୟରେ ଦୀର୍ଘଦିନଧରି ଜମିବାଡ଼ିକୁ ନେଇ ବିବାଦ ଲାଗିରହିଥିଲା। ଗତ ଶନିବାର ସକାଳେ ଜମିବାଡ଼ିକୁ ନେଇ ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ନେଇ ସ୍ଥାନୀୟ କୁକୁଡ଼ା ଫାର୍ମ ନିକଟରେ ଉପରୋକ୍ତ ଅଭିଯୁକ୍ତମାନେ ସଚ୍ଚିଦାନନ୍ଦ ସାମନ୍ତରାୟ, ଚିତ୍ତରଞ୍ଜନ ସାମନ୍ତରାୟ ଏବଂ ରଚିତ୍ରାନନ୍ଦ ସାମନ୍ତରାୟଙ୍କ ଉପରକୁ ବୋମାମାଡ଼ କରିଥିଲେ। ଏଥିରେ ସଚ୍ଚିଦାନନ୍ଦ ଓ ଚିତ୍ତରଞ୍ଜନ ସାମାନ୍ୟ ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ରଚିତ୍ରାନନ୍ଦଙ୍କ ବାମଗୋଡ଼ ଛିଣ୍ଡିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ଏହା ପରେ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ରଚିତ୍ରାନନ୍ଦଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଗୁରୁତରଙ୍କ ସାନଭାଇ ଅଜିତ୍ ସାମନ୍ତରାୟଙ୍କ ଅଭଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୫/୨୩) ରୁଜୁ କରି ତଦନ୍ତ ଚଳାଇଥିଲା।

## ସରିଲା ଖଣ୍ଡଗିରି କୁମ୍ଭମେଳା
# ଆଉ ୫ଦିନ ଅପେରା, ମିନାବଜାର



ଭୁବନେଶ୍ୱର,୫।୨ (ବ୍ୟୁରୋ)

ଗତ ୯ଦିନ ଧରି ଖଣ୍ଡଗିରି ପାହାଡ଼ରେ ଚାଲିଥିବା କୁମ୍ଭମେଳା ରବିବାର ଅଗ୍ନି ଉତ୍ସବ ସହ ଶେଷ ହୋଇଛି। ଅନନ୍ତ ଗୁମ୍ଫା ସମ୍ମୁଖରେ ଚାଲିଥିବା ମହାଯଜ୍ଞରେ ବିଳମ୍ବିତ ରାତିରେ ପୂର୍ଣ୍ଣାହୂତି ଦିଆଯାଇଥିଲା। ରବିବାର ହୋଇଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ଖଣ୍ଡଗିରିରେ ପହଞ୍ଚିଥିଲେ। ସାରା ଦେଶରୁ ଏଠାକୁ ଆସିଥିବା ସାଧୁ ସନ୍ନ୍ୟାସୀ ବିଦାୟ ନେବା ପୂର୍ବରୁ ସେମାନଙ୍କ ଦର୍ଶନ ତଥା ଆଶୀର୍ବାଦ ନେବା ପାଇଁ ପ୍ରବଳ ଭିଡ଼ ଜମିଥିଲା। ଲମ୍ବା ଧାଡ଼ିରେ ଅପେକ୍ଷା କରି ଲୋକମାନେ ସ୍ୱାସ୍ଥ୍ୟଗତ, ଆର୍ଥିକ, ବ୍ୟବସାୟିକ ଓ ପାରିବାରିକ ସମସ୍ୟା ସମ୍ପର୍କରେ ପରାମର୍ଶ ନେଇଥିଲେ। ଦିନସାରା ଏପରି ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଅଗ୍ନି ଉତ୍ସବ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ସେହିପରି ୯ଦିନ ଧରି ବାରଭୂଜା ପୀଠସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ନବାହ୍ନ ପାରାୟଣ ଉଦଯାପିତ ହେବା ସହ ରାମାଭିଷେକ ଅନୁଷ୍ଠିତ ହୋଇଥିଲା। ମହାଯଜ୍ଞ ପୂର୍ଣ୍ଣାହୂତି ପାଇଁ ହଜାର ହଜାର ସଂଖ୍ୟାରେ ନଡ଼ିଆ ଦାନ କରିଥିଲେ। ରାତିରେ ହିଁ ଅନେକ ସାଧୁ ସନ୍ନ୍ୟାସୀ ଖଣ୍ଡଗିରି ପୀଠରୁ ବାହୁଡ଼ିଯାଇଥିଲେ। ଭିଡ଼ ମୁକାବିଲା ପାଇଁ ପୋଲିସ୍ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା।

କୁମ୍ଭମେଳା ସରିଥିଲେ ମଧ୍ୟ ଆଉ ୫ଦିନ ଅପେରା ଦେଖାସହ ମୀନାବଜାର ବୁଲା ଜମିବ। ୧୦ ତାରିଖ ପର୍ଯ୍ୟନ୍ତ ଯାତ୍ରା ମହାସମର ଜାରି ଥିବାବେଳେ ରବିବାର କୋଣାର୍କ ଗଣନାଟ୍ୟ ଓ ଯାତ୍ରା ସ୍ୱର୍ଣ୍ଣମହଲ ସାମିଲ ହୋଇଛି। ପ୍ରଥମ ରାତିରେ କୋଣାର୍କ ଗଣନାଟ୍ୟ ପକ୍ଷରୁ ନାଟକ 'ତୋ ବିନା ମୁଁ ଅଧା ଅଧା' ଦର୍ଶକଙ୍କୁ ପ୍ରଶଂସା ସାଉଁଟିଥିଲା। ଯାତ୍ରା ସ୍ୱର୍ଣ୍ଣମହଲରେ 'ହାଟ ବସେଇଛି ହଟ ନାଗରୀ' ଦର୍ଶକଙ୍କ ମଧ୍ୟରେ ରୋମାଞ୍ଚ ଭରିଥିଲା। ତେବେ ଯାତ୍ରା ସ୍ୱର୍ଣ୍ଣମନ୍ଦିର, ଅପେରା ସାଇ ସମ୍ରାଟ ଦ୍ୱିତୀୟ ଦିନରେ ମଧ୍ୟ ନାଟକ ଦୋହରାଇଥିଲା। ଯାତ୍ରା ରଙ୍ଗମହଲରେ ୫ ରାତି ସମାନ ନାଟକ 'ଚାଲିବା ଆଗରୁ ବାଟ ସରିଲା' ପରିବେଷଣ ହେଉଥିଲେ ମଧ୍ୟ ଦର୍ଶକଙ୍କ ଭିଡ଼ କମୁନାହିଁ। ଶିବାନୀ ଗଣନାଟ୍ୟରେ ମଧ୍ୟ ପୁଣିଥରେ ସମାନ ନାଟକ 'ଆଖି ତୋର ଲୁହ ମୋର' ଦର୍ଶକଙ୍କ ଆଖିରେ ଲୁହ ଭରିଥିଲା।

# ଟଚିଙ୍ଗ୍ ଦ ଡିଭାଇନ୍ ହାର୍ଟରେ ଭକ୍ତିର ସଙ୍ଗୀତ



ଆମେରିକୀୟ କଣ୍ଠଶିଳ୍ପୀ ମାଥ୍ୟୁ ଆଣ୍ଡ୍ରୁ ଓ ସ୍ୱେନର ମ୍ୟୁଜିକ୍ ସଂଯୋଜକ ରକଓ୍ୱେଲ ଜୋଭର ।

ଭୁବନେଶ୍ୱର,୫।୨(ବ୍ୟୁରୋ)

ସଙ୍ଗୀତ ମାଧ୍ୟମରେ ଈଶ୍ୱରଙ୍କ ପାଖେ ପହଞ୍ଚି ହେବ। ଭାଷା କି ଧର୍ମ ନୁହେଁ ନିଜର କଳା ଦ୍ୱାରା ଭଗବାନଙ୍କ ପାଖେ ସମର୍ପିତ ହେବା ହିଁ ଟଚିଙ୍ଗ ଦ ଡିଭାଇନ୍ ହାର୍ଟ। ସ୍ଥାନୀୟ ବ୍ଲୁ ଲାଇଟ ନୃତ୍ୟ ମନ୍ଦିରରେ 'ଟଚିଙ୍ଗ ଦ ଡିଭାଇନ ହାର୍ଟ' ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ଜନ୍ମେଜୟ ମହାନ୍ତିଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଆମେରିକୀୟ କଣ୍ଠଶିଳ୍ପୀ ମାଥ୍ୟୁ ଆଣ୍ଡ୍ରୁ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ମାଥ୍ୟୁ ଜଣେ ବିଦେଶୀ ହୋଇଥିଲେ ମଧ୍ୟ କଳା, ସଂସ୍କୃତି ସହ ଉପସ୍ଥିତ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। ସେହିପରି ସ୍ୱେନର ପିଆନୋ, ଡ୍ରମ ଏବଂ ସଙ୍ଗୀତ ସଂଯୋଜକ ରକଓ୍ୱେଲ ଯୋଭର ଯୋଗଦେଇଥିଲେ। ସେ ମଧ୍ୟ ମାଥ୍ୟୁଙ୍କ ସହ ତାଳଦେଇ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ନୃତ୍ୟ ମନ୍ଦିରରେ ସୂଚନା କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା।

# ରିଲିଜ୍ ହେଲା 'ଧିତାଙ୍ଗ ଧିତାଙ୍ଗ'




ମ୍ୟୁଜିକ ଭିଡିଓ ଆଲବମ୍ 'ଧିତାଙ୍ଗ ଧିତାଙ୍ଗ'ର ଉନ୍ମୋଚନ ଅବସରରେ କୃଷି ସଚିବ ଡ. ଅରବିନ୍ଦ ପାଢ଼ୀ, ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ ।

ଭୁବନେଶ୍ୱର,୫।୨(ବ୍ୟୁରୋ)

ଆଦିବାସୀ ଫ୍ୟୁଜନ ମ୍ୟୁଜିକ ଭିଡିଓ ଆଲବମ୍ 'ଧିତାଙ୍ଗ ଧିତାଙ୍ଗ' ରବିବାର କିଟ୍ ଅଡିଟୋରିୟମ୍‌ରେ ରିଲିଜ ହୋଇଛି। କୃଷି ସଚିବ ଡ. ଅରବିନ୍ଦ ପାଢ଼ୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ଗ୍ରୁପ୍‌ର ଅଧ୍ୟକ୍ଷା ଶାଶ୍ୱତୀ ବଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଏଥିରେ ଭୂମିଜ, କନ୍ଧ, ସାନ୍ତାଳ, ଦୁରୁଆ, ହୋ, ଗଦବା, ବଥୁଡ଼ି ଓ ଖଡ଼ିଆ ଆଦି ୮ଟି ଜନଜାତିଙ୍କୁ ନେଇ ୮ଟି ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତ ହୋଇଛି। ଅଧିକାଂଶ ଗୀତ ସୁସ୍ମିତା ଦାସ ଗାଇଥିବାବେଳେ ଅନ୍ୟ କେତେଜଣ ମଧ୍ୟ ଏଥିରେ କଣ୍ଠଦାନ କରିଛନ୍ତି। ସଚ୍ଚି ମହାନ୍ତି ଓ ସଂଗ୍ରାମ ମହାନ୍ତି ଗୀତଗୁଡ଼ିକୁ ଶବ୍ଦରୂପାନ୍ତର କରିଥିବାବେଳେ ସ୍ୱର୍ଗତ ସରୋଜ ପଟ୍ଟନାୟକ, ବିଭୂତି ଭୂଷଣ ଗଡ଼ନାୟକ, ଅଭିଜିତ୍ ମିଶ୍ର ଏବଂ ବିଶ୍ୱଜିତ୍ ମହାପାତ୍ର ସେମାନଙ୍କ ସ୍ୱର ସଂଯୋଜନା ମାଧ୍ୟମରେ ଏହିସବୁ ଲୋକକଳାକୁ ଜୀବନ୍ତ କରିବାକୁ ଚେଷ୍ଟା କରିଛନ୍ତି। ଏ ସମ୍ପର୍କରେ କଣ୍ଠଶିଳ୍ପୀ ଦାସ କହିଛନ୍ତି, ଟିଭି, ମୋବାଇଲ ଫୋନ୍ ଏବଂ ମନୋରଞ୍ଜନର ଅନ୍ୟାନ୍ୟ ଆଧୁନିକ ମାଧ୍ୟମ ସହିତ ବହୁ ପୁରୁଣା ଗୀତ, ନୃତ୍ୟ ଓ କଳା କ୍ରମାଗତ ଭାବରେ ମରିଯାଉଛି। ବିଲୁପ୍ତ ହେବା ପୂର୍ବରୁ ସେଗୁଡିକୁ ସଂରକ୍ଷଣ କରିବା ଆମର ନୈତିକ ଦାୟିତ୍ୱ। ଆଦିବାସୀ ଗୀତ ଆମ ବ୍ୟକ୍ତିସତ୍ତା ଓ ପରିଚୟର ଅଂଶ ହୋଇଥିବାରୁ ଏଭଳି ଏକ ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତି ପାଇଁ ପ୍ରୟାସ କରାଯାଇଥିବା ସେ କହିଛନ୍ତି।

## ବୁଦ୍ଧ ନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜଟଣୀ,୫।୨(ଡି.ଏନ୍.ଏ.)

ବୁଦ୍ଧ ନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବୁଦ୍ଧନାରାୟଣ ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ହରିପୁର ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥିଭାବେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ ଯୋଗଦେଇଥିଲେ। ଅତିଥିଭାବେ ଉପାଧ୍ୟକ୍ଷ ଦୁର୍ବସା ନିଶଙ୍କ, ପ୍ରଜ୍ଞା ଛୋଟରାୟ, ଅଚ୍ୟୁତାନନ୍ଦ ବଲିୟାରସିଂ, ନାରାୟଣ ସ୍ୱାଇଁ, କିଶୋର ଛୋଟରାୟ, ମଳୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଶବର ସ୍ପୋର୍ଟିଂ ଏବଂ ନାଇଜର-୧୧ ମଧ୍ୟରେ ହୋଇଥିଲା। ଶବର ସ୍ପୋର୍ଟିଂ ୪-୦ ଗୋଲରେ ନାଇଜର-୧୧କୁ ପରାସ୍ତ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରେବେଶ କରିଛି। ଦିଗ୍‌ବିଜୟ ଦାସ, ରମେଶ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ।

## ଉତ୍ତମ ନାଗରିକ ଗଢ଼ିବାରେ ଶିକ୍ଷକଙ୍କର ପ୍ରମୁଖ ଭୂମିକା ରହିଛି

ଭୁବନେଶ୍ୱର,୫।୨ (ବ୍ୟୁରୋ)

ଶିକ୍ଷକ ରାଷ୍ଟ୍ର ଗଠନର ମହାନାୟକ। ଶ୍ରେଣୀ କକ୍ଷରେ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ଜ୍ଞାନ ଦେବା ସହ ଶୃଙ୍ଖଳା, ନୀତି, ଆଦର୍ଶ ଓ ମୂଲ୍ୟବୋଧ ଚେତନାକୁ ପରଶି ଦେଇ ଉତ୍ତମ ନାଗରିକ ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ନେଇଥାନ୍ତି। ଏହି ଆଦର୍ଶରେ ଅଧ୍ୟାପକ ନକୁଳ ଚନ୍ଦ୍ର ରାୟ ସମର୍ପିତ ଥିଲେ ବୋଲି ସ୍ୱର୍ଗତ ରାୟଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ବିଭିନ୍ନ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ଅଧ୍ୟାପକ ଭାବେ ସୁନାମ ଅର୍ଜନ କରିଥିବା ସ୍ୱର୍ଗତ ରାୟ କ୍ଷେତ୍ରବାସୀ ଡିଏଭି କଲେଜରୁ ଅବସର ନେଇଥିଲେ। ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟାପକ ବେଣୁଧର ଦାସ, ଖଲିକୋଟ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫୁଲ୍ଲ କୁମାର ମହାନ୍ତି, ସୁରେଶ ରଥ, ସୁରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା ଓ ବିଶ୍ୱଭୂଷଣ ରାୟ ଧନ୍ୟବାଦ ଦେଇଥିଲେ।

## ସ୍ୱେଚ୍ଛାସେବୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ତାଲିମ



ବାଲିଅନ୍ତା,୫।୨(ଡି.ଏନ୍.ଏ.)

ବାଲିଅନ୍ତା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଓଡମାସ ପକ୍ଷରୁ ୭ ଦିନ ଧରି ଚାଲିଥିବା ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ୫୦ ଜଣ ଯୁବତୀ ଯୁବକଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ଉପରେ ତାଲିମ ଦିଆଯାଇଥିଲା। ସନ୍ଧାନ ଉଦ୍ଧାରକାରୀ କମିଟି ଓ ପ୍ରାଥମିକ ସହାୟତା କମିଟିରେ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଘାଟନୀ ସମାରୋହରେ ବାଲିଅନ୍ତା ଥାନା ଏସ୍‌ଆଇ କବିତା ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିପର୍ଯ୍ୟୟ ସମେତ ସବୁ ସମୟରେ ଲାକଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ସରପଞ୍ଚ କୃଷ୍ଣ କେଶବ ଆପଟ ଯୋଗଦେଇ ଯାହା ତାଲିମ ଶିକ୍ଷା ନେଇଛନ୍ତି, ତାକୁ କାମରେ ଲଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷକ ଦମୟନ୍ତୀ ନାୟକ, ବିଷ୍ଣୁପ୍ରିୟା ମିଶ୍ର, ଜ୍ୟୋତିଶଙ୍କର ମହାନ୍ତି, ଉପମା ମହାନ୍ତି, ମିର୍ଜାସିରଫ ପ୍ରମୁଖ ଯୋଗଦେଇଥିଲେ। ପରେ ଅତିଥିମାନେ ଶିବିରାର୍ଥୀମାନଙ୍କୁ ମାନପତ୍ର ବଣ୍ଟନ କରିଥିଲେ।

## ୮୦ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା ଅଫିସ, ୫।୨:

ଖୋର୍ଦ୍ଧା ଅବକାରୀ ପୋଲିସ (ଜିଲା ମୋବାଇଲ ୟୁନିଟ) ରବିବାର ପୃଥକ ସ୍ଥାନରେ ଚଢାଉ କରି ୮୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ଜଣ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଲୋକନାଥ ରାହୁଲ ଏବଂ ରାହୁଲ ନାୟକ। ସୂଚନା ଅନୁଯାୟୀ, ଲୋକନାଥ ନୂଆ ବସଷ୍ଟାଣ୍ଡରେ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ଖବରପାଇ ମୋବାଇଲ ୟୁନିଟ୍‌ର ନିଳିମା ଜୟନ୍ତୀ ସ୍ୱାଇଁ ଏକ ଟିମ ସହ ଚଢାଉ କରିଥିଲେ। ଲୋକନାଥଙ୍କଠାରୁ ୨୬ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ। ସେହିଭଳି ହାବେଳି ପଡିଆରେ ରାହୁଲ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷାରେ ଥିବା ଖବରପାଇ ମୋବାଇଲ ୟୁନିଟ୍‌ର ଏସ୍‌ଆଇ ବି. ମନୋଜ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଙ୍କଠାରୁ ୫୪ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା।

# ରାମ ମନ୍ଦିରରେ ସାମୂହିକ ବିବାହ



ଭୁବନେଶ୍ୱର,୫।୨(ବ୍ୟୁରୋ)

'ପ୍ରୟାସ' ଫାଉଣ୍ଡେଶନ ପକ୍ଷରୁ ସାମୂହିକ ବିବାହ ମହୋତ୍ସବ ରବିବାର ରାମମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୫ ବରକନ୍ୟା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସମାଜର ସବୁ ବର୍ଗ, ଜାତି ତଥା ବିଧବା, ଦିବ୍ୟାଙ୍ଗ, ଅବହେଳିତଙ୍କୁ ଏକାଠି କରି ସାମୂହିକ ବିବାହକୁ ସାମାଜିକ ମହୋତ୍ସବରେ ମାନ୍ୟତା ଦେବାକୁ ଅନୁଷ୍ଠାନ ପକ୍ଷରୁ ଏହି ପ୍ରୟାସ ଜାରି ରହିଛି। ଶନିବାର ସନ୍ଧ୍ୟାରେ ମଙ୍ଗନ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ରବିବାର ୟୁନିଟ୍ ୨ ଆର୍ଯ୍ୟ ସଂସ୍କୃତି ମନ୍ଦିରଠାରୁ ରାମମନ୍ଦିର ପର୍ଯ୍ୟନ୍ତ ବରାନୁଗମନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସୁରେଶ କୁମାର ପତ୍ରୀ, କମଲ ମହାନ୍ତି, ଉମାକାନ୍ତ ତାଣ୍ଡି, ସୂର୍ଯ୍ୟ କୁମାର ପାତ୍ର, ଜୟନ୍ତ ମହାନ୍ତି, ଡ. ସୁରେନ୍ଦ୍ର ମହାପାତ୍ର, ବୃନ୍ଦାବନ ପଡିହାରୀ, ସଂଗ୍ରାମ ମହାରଣା, କୌସ୍ତୁଭ ଦାସ, ଗୌରୀଶଙ୍କର ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ବନ ମହାନ୍ତି ଜନସାଧାରଣଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି।

# ରାମ୍ପ ଶୋ'ରେ ଚାଲିଲେ ଦିବ୍ୟାଙ୍ଗ

ଭୁବନେଶ୍ୱର,୫।୨(ବ୍ୟୁରୋ)

ସମାଜସେବା ସଙ୍ଗଠନ ରେଡ୍ ସ୍ୱସ୍ତିକ୍ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ବିଶ୍ୱ କର୍କଟ ଦିବସ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସଞ୍ଜିବନୀ' ଭୁବନେଶ୍ୱରସ୍ଥିତ ଗଲ୍‌ଫ୍ କ୍ଲବ୍‌ଠାରେ ପାଳିତ ହୋଇଯାଇଛି।



ରାମ୍ପ ଶୋ'ରେ ଜଣେ ଦିବ୍ୟାଙ୍ଗ ପ୍ରତିଭା ଦେଖାଉଛନ୍ତି ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଶାସନ ସଚିବ ଅସିତ୍ ତ୍ରିପାଠୀ, ଏସ୍‌ବିଆଇର ମୁଖ୍ୟ ସାଧାରଣ ପରିଚାଳକ ଚନ୍ଦ୍ରଶେଖର ଶର୍ମା, କ୍ଲବର ସମ୍ପାଦକ ତପନ ମହାନ୍ତି, ସି.ଏ. ରାଜୀବ ସାହୁ, ଅଭିନେତା ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସଭାପତି ବିଜୟ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋସାଇଟି ପକ୍ଷରୁ ୫ଜଣ କର୍କଟ ପୀଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ପରିମାପ କରାଯାଇଥିବା ୩୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗମାନଙ୍କ ମଧ୍ୟରୁ ୧୦୦ଜଣଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଏକ ନିଆରା ରାମ୍ପ ଶୋ ପ୍ରଦର୍ଶନ କରାଯାଇଥିଲା। ଦିବ୍ୟାଙ୍ଗମାନଙ୍କୁ ନେଇ ଏହି ଶୋ' ଉପସ୍ଥିତ ଲୋକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋସାଇଟିର ସଦସ୍ୟ ସାଗର ମିଶ୍ର, ଗିତିକା ପଟ୍ଟନାୟକ, ରିମ୍‌ଝିମ୍ ପାତ୍ର, କୁନାଲ୍ କିଶୋର ଦାସ, ପ୍ରମୋଦ ପାତ୍ର, ସଞ୍ଜୁକ୍ତା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ରାସାୟନିକ ପଦାର୍ଥର ବ୍ୟବହାର ଗୁରୁତର ସ୍ୱାସ୍ଥ୍ୟ ବିପର୍ଯ୍ୟୟ ଆଣୁଛି

ଭୁବନେଶ୍ୱର, ୫।୨ (ବ୍ୟୁରୋ)




ଆଧୁନିକ ଜୀବନଶୈଳୀରେ ବର୍ଦ୍ଧିତ ଚାହିଦା ପୂରଣ ନିମନ୍ତେ ଦୈନନ୍ଦିନ ଜୀବନରେ ଆମେ ପ୍ରାୟ ୫୦୦ ପ୍ରକାରର ରାସାୟନିକ ଯୌଗିକ ପଦାର୍ଥ ସଂସ୍ପର୍ଶରେ ଆସିଥାଉ। ଏଥିମଧ୍ୟରୁ ଅନେକ ଅପ୍ରାକୃତିକ, ସଂଶ୍ଲେଷିତ ଏବଂ ବିଷାକ୍ତ ପ୍ରକୃତିର ହୋଇଥାନ୍ତି। ବିଷାକ୍ତ ରସାୟନିକ ପଦାର୍ଥ ପ୍ରଭାବରୁ ମନୁଷ୍ୟ ଶରୀରରେ ଅଙ୍ଗଗୁଡ଼ିକର ଅକ୍ଷମତା, ଆଲର୍ଜିର ସୃଷ୍ଟି, ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସମସ୍ୟା, ପ୍ରତିରକ୍ଷା ପ୍ରଣାଳୀର ଦୁର୍ବଳତା, ହରମୋନଜନିତ ବ୍ୟାଘାତ, ପ୍ରଜନନ ସମସ୍ୟା ଏବଂ ଜନ୍ମଗତ ତ୍ରୁଟି, ଅଭିବୃଦ୍ଧି ସମ୍ବନ୍ଧୀୟ ସମସ୍ୟା ଏବଂ କର୍କଟ ରୋଗର ବୃଦ୍ଧି ଆଦି ଘଟିଥାଏ। ତେଣୁ ବିନାଶକାରୀ ରାସାୟନିକ ପଦାର୍ଥର ବ୍ୟବହାରକୁ ହ୍ରାସ କରିବା ସହ ସେସବୁ ସଂସ୍ପର୍ଶରେ ନ ଆସିବା ପାଇଁ ଆମକୁ ଯଥେଷ୍ଟ ଯତ୍ନବାନ ହେବାକୁ ପଡିବ ବୋଲି ମତ ପ୍ରକାଶ ପାଇଛି। ରବିବାର ଓଡ଼ିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ 'ସ୍ୱାସ୍ଥ୍ୟ ଏବଂ ପରିବେଶକୁ କ୍ଷତି ପହଞ୍ଚାଉଥିବା ରାସାୟନିକ ପଦାର୍ଥ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗ ପ୍ରଫେସର ଡ. ଶ୍ରୀରୂପ ଗୋସ୍ୱାମୀ ମୁଖ୍ୟବକ୍ତା ଭାବେ ଯୋଗଦେଇ, ରାସାୟନିକ ପଦାର୍ଥର ବ୍ୟବହାର ମାନବଜାତିକୁ ଗୁରୁତର ସ୍ୱାସ୍ଥ୍ୟ ବିପର୍ଯ୍ୟୟ ମଧ୍ୟକୁ ଠେଲି ଦେଉଛି ବୋଲି କହିଥିଲେ। ଏଥିସହ କ୍ଷୀର ବୃଦ୍ଧି ପାଇଁ ଗାଈ, ଅଧିକ ଅଣ୍ଡା ପାଇଁ କୁକୁଡ଼ା ଏବଂ ବଡ଼ ଆକାର ଓ ସତେଜ ଦେଖାଯିବା ପାଇଁ ପନିପରିବାରେ ରାସାୟନିକ ପଦାର୍ଥ ଇଞ୍ଜେକ୍ସନ ରୂପେ ଦିଆଯାଉଛି। ସେହିପରି ମାଛ ସଂରକ୍ଷଣ ପାଇଁ ଫର୍ମାଲଡିହାଇଡ୍ ଏବଂ କ୍ଷୀରରେ ବର୍ଦ୍ଧିତ ପୁଷ୍ଟିସାର ଓ ଚର୍ବିର ଉପସ୍ଥିତି ଦେଖାଇବା ପାଇଁ ମେଲାମାଇନ୍ ଓ ୟୁରିଆ ବ୍ୟବହୃତ ହେଉଛି ବୋଲି କହିବା ସହ ଏନେଇ ସେ ଚିନ୍ତା ପ୍ରକଟ କରିଥିଲେ।

ପୂର୍ବତନ ପିସିସିଏଫ୍ (ବନ୍ୟଜୀବ) ଡ. ବିଜୟ କୁମାର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରି ନିଷିଦ୍ଧ ହୋଇଥିବା କେତେକ ରାସାୟନିକ ପଦାର୍ଥର ବ୍ୟବହାରକୁ ରୋକିବା ନିମନ୍ତେ ଆଇନକୁ କଡାକଡି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣରେ ପ୍ରାକୃତିକ ଉତ୍ସରୁ ଉପଲବ୍ଧ ବିବିଧ ପଦାର୍ଥର ବ୍ୟବହାରକୁ ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି କହିଥିଲେ। ପ୍ରଫେସର ବି. ସୀତାରାମ ପାତ୍ର, ପ୍ରଫେସର ସଚିଦାନନ୍ଦ ତ୍ରିପାଠୀ, ପ୍ରଫେସର ସନ୍ଦୀପ କୁଣ୍ଡୁ, ଡ଼. ରେଖା ଦାସ ପ୍ରମୁଖ ନିଜର ମତ ରଖିଥିଲେ। ଯୁଗ୍ମ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଅତିଥି ପରିଚୟ ଓ ଡ. ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ୭୨ କେଜି ଗଞ୍ଜେଇ ଜବତ, ୨ ଗିରଫ

କଟକ ଅଫିସ: ଜିଲା ଅବକାରୀ ବିଭାଗ ପକ୍ଷରୁ ଜଗତ୍‌ପୁର ଗୋଲେଇ ନିକଟରେ ରବିବାର ଚଢ଼ାଉ କରାଯାଇ ଏକ କାର୍ ସହିତ ୭୨ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଗଞ୍ଜାମ ଅଞ୍ଚଳର ବିନାୟକ ତରିଣି ଓ ବଳରାମ ଭୋଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଏକ ମାମଲା(ନଂ.୬୦୩/୨୨-୨୩) ରୁଜୁ ହୋଇଛି। ଜବତ ଗଞ୍ଜେଇ ଗଞ୍ଜାମରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିଲାବେଳେ ଅବକାରୀ ଟିମ୍ ଚଢ଼ାଉ କରି ଜବତ କରିଥିଲା।

**ସଂକ୍ଷେପରେ**

## ଗୋଚର ଜମି ଦଖଲକୁ ନେଇ ଦୋହରା ମାନଦଣ୍ଡ

**କଟକ ସଦର,୫।୨(ଡି.ଏନ୍.ଏ.):** କିଶନନଗର ତହସିଲ ଅନ୍ତର୍ଗତ କେଶନଗର ଗ୍ରାମର ଚିନ୍ତାମଣି ବିଦ୍ୟାପୀଠ ସମ୍ମୁଖ ଏକ ଗୋଚର ଜମିରେ ହେଉଥିବା ସ୍ଥାୟୀ ନିର୍ମାଣ ଉପରେ ଶନିବାର ତହସିଲଦାର ରୋକ୍ ଲଗାଇବା ସହ ୧୪୪ ଧାରା ଜାରି କରିଥିଲେ। ଫଳରେ ସ୍ଥାନୀୟ ପୋଲିସ ଉକ୍ତ ଜମି ଉପରକୁ କେହି ନ ଯିବା ପାଇଁ ବାରଣ କରିଛି। ମାତ୍ର ନିଷେଧାଦେଶ ଜାରି ସ୍ଥାନର ଅଳ୍ପ ଦୂରରେ ଅନ୍ୟ ଏକ ଗୋଚର ଜମିରେ ସ୍ଥାୟୀ ନିର୍ମାଣ ଚାଲିଛି। ବିଶ୍ୱ ଗୋସୁରକ୍ଷା ବାହିନୀ ପକ୍ଷରୁ ୨ ମାସ ତଳେ ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଏ ନେଇ ଅଭିଯୋଗ କରାଯିବା ପରେ ମଧ ରାଜସ୍ୱ ବିଭାଗ ନିର୍ମାଣ ଉପରେ କାହିଁକି ଅଙ୍କୁଶ ଲଗାଇ ନାହିଁ ବୋଲି ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା ଅଭିଯୋଗ କରିଛନ୍ତି। ଗୋଟିଏ କିସମ ଜମି ଜବରଦଖଲକୁ ନେଇ ରାଜସ୍ୱ ବିଭାଗର ଏପରି ଦୋହରା ମାନଦଣ୍ଡ କାହିଁକି ବୋଲି ତହସିଲ ପ୍ରଶାସନକୁ ପଣ୍ଡା ପ୍ରଶ୍ନ କରିଛନ୍ତି। ଫରକ ଏତିକି ହେଲା ବର୍ତ୍ତମାନର ନିର୍ମାଣକୁ ଗ୍ରାମବାସୀ ଚାନ୍ଦା ଆଦାୟ କରି କରୁଥିଲେ। ମାତ୍ର ପୂର୍ବ ନିର୍ମାଣକୁ ସରକାରଙ୍କ ଏକ ବିଭାଗ ପକ୍ଷରୁ କରାଯାଉଛି। ଅଭିଯୋଗ ସମ୍ପର୍କରେ କିଶନନଗର ତହସିଲଦାର ମଧୁସୂଦନ ନାୟକଙ୍କୁ ପଚାରିବାରୁ ବର୍ତ୍ତମାନ ଘଟଣାରେ ୨ ଗୋଷ୍ଠୀ ମୁହାଁମୁହିଁ ହେବାରୁ ୧୪୪ ଧାରା ଜାରି କରାଗଲା ବୋଲି କହିଥିଲେ। ମାତ୍ର ପୂର୍ବ ନିର୍ମାଣ ଉପରେ ସେ କୌଣସି ମନ୍ତବ୍ୟ ଦେଇ ନ ଥିଲେ।

## ଗୀତା ଆବୃତ୍ତି ପ୍ରତିଯୋଗିତା

**କଟକ ଅଫିସ,୫।୨:** କଟକ ଜଗତପୁରସ୍ଥିତ ନିମପୁରରେ ଥିବା ଚିନ୍ମୟ ମିଶନ୍ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡା. ଅଶୋକ କୁମାର ସାହୁ ଓ ସ୍ୱାଦିଷ୍ଟ ମସଲାର ନିର୍ଦ୍ଦେଶକ ସନ୍ଦୀପ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାମାଜିକ କର୍ମୀ ଡା. କିଶନଲାଲ ଭରତିଆ ଓ ଜଗତପୁର ମିଶନର ବରିଷ୍ଠ ସଭ୍ୟ ଡା. ବୀର କିଶୋର ସିଂଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱାମୀ ଅରୂପାନନ୍ଦ ସରସ୍ୱତୀ ପ୍ରତିଯୋଗିତାକୁ ସଂଯୋଜନା କରିଥିଲେ। ଜଗତପୁର ମିଶନର ସଭାପତି ପଦ୍ମଲୋଚନ ବେହେରା, ସଭ୍ୟ ବିଜୟ କୁମାର ସେନାପତି, ପ୍ରତିଭା ସାହୁ, ଦେବଯାନୀ ଦାସ, ଜ୍ୟୋତ୍ସ୍ନା ସେଠୀ, ବିଳାସିନୀ ଦାସ, ରଷିକାନ୍ତ ଖଣ୍ଡାଇ, ଦିବାକର ପାଣି, ସୁନାକର ଦାସଙ୍କ ସହ ଅନ୍ୟମାନେ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ଡା. ଗୌରୀଶଙ୍କର ଆଚାର୍ଯ୍ୟଙ୍କ ପରଲୋକ

**କଟକ ଅଫିସ,୫।୨:** ପ୍ରଫେସର ଡା. ଗୌରୀଶଙ୍କର ଆଚାର୍ଯ୍ୟ(୮୬)ଙ୍କର ରବିବାର ସକାଳ ୬ଟା ୧୦ ମିନିଟ୍‌ରେ କଟକର ଏକ



ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ବିଚିତ୍ରା ଆଚାର୍ଯ୍ୟ, ପୁତ୍ର ଗୌତମ କୁମାର ଆଚାର୍ଯ୍ୟ, ପୁତ୍ରବଧୂ ସସ୍ମିତା ଆଚାର୍ଯ୍ୟ, ଝିଅଜ୍ୱାଇଁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। କଟକ ସତିଚୌରା ନିକଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଗୌତମ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସୁନାମଧନ୍ୟ କବିରାଜ ଡା. ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟଙ୍କର ଜ୍ୟେଷ୍ଠପୁତ୍ର ଥିଲେ ଗୌରୀଶଙ୍କର। ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଡାକ୍ତରୀ ପାସ୍ କରିବା ପରେ ଇଂଲଣ୍ଡରେ ଉଚ୍ଚଶିକ୍ଷା ଲାଭ କରି ଓଡ଼ିଶାରେ ପ୍ରଥମ କରି ସୂକ୍ଷ୍ମ ଛୁଞ୍ଚି ଦ୍ୱାରା ତତ୍‌କ୍ଷଣାତ କର୍କଟରୋଗର ଠିକ୍ ନିରୂପଣ ଆରମ୍ଭ କରିଥିଲେ। ଡା. ଆଚାର୍ଯ୍ୟ ବିଭିନ୍ନ ସଙ୍ଗଠନର ଉଚ୍ଚ ପଦବୀରେ ରହି ନିଜର ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଥିଲେ। ଏଥିପାଇଁ ସେ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଥିଲେ।

# ଲୁଟେରା ଗ୍ୟାଙ୍ଗ୍‌ର ୫ ମହିଳା ଗିରଫ

**ଭକ୍ତ ସମ୍ମିଳନୀରେ ସୁନାଗହଣା, ପର୍ସ ଓ ମୋବାଇଲ୍ ଲୁଟ୍**

କଟକ ଅଫିସ,୫।୨

କଟକ ଉପର ବାଲିଯାତ୍ରା ପଡ଼ିଆରେ ଶନିବାରଠାରୁ ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଆରମ୍ଭ ହୋଇଛି। ଏଠାରେ ବହୁ ସଂଖ୍ୟକ ଭକ୍ତ ଯୋଗଦାନ କରିଛନ୍ତି। ହେଲେ ଏଠାରେ ଲୁଟେରାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ସମ୍ମିଳନୀରେ ଭିଡ଼ର ସୁଯୋଗ ନେଇ ଶ୍ରଦ୍ଧାଳୁଙ୍କଠାରୁ ସୁନାଚେନ୍, ମନିପର୍ସ ଓ ମୋବାଇଲ ଲୁଟ୍ କରୁଛନ୍ତି ମହିଳା ଲୁଟେରା। ଏଭଳି ଏକ ମହିଳା ଲୁଟେରା ଗ୍ୟାଙ୍ଗର ୫ ଜଣଙ୍କୁ କ୍ୟାଣ୍ଟନମେଣ୍ଟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ହୁଗୁଲି ଜିଲା ବେଣ୍ଡିଲ ଅଞ୍ଚଳର ଈଶ୍ୱରୀ ନାଇଡୁ, ଚିନ୍ନି ମୁଦିୟାର, ପଦ୍ମିନୀ ମୁଦିୟାର, ମାଲାମା ମୁଦିୟାର ଓ ଭେଙ୍କଟି ମୁଦିୟାର। ସେମାନଙ୍କଠାରୁ ୭ ଗ୍ରାମର ଏକ ସୁନାଚେନ୍ ଜବତ ହୋଇଛି। ସେମାନେ ଭିଡ଼ର ସୁଯୋଗ ନେଇ ଶ୍ରଦ୍ଧାଳୁଙ୍କ ପକେଟ୍‌ମାର କରିବା ସହ ସୁନାଚେନ୍ ଲୁଟ୍ କରୁଥିଲେ। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ବିଷ୍ଣୁମୋହନ ମହାରଣା ନାମକ ଜଣେ ଶ୍ରଦ୍ଧାଳୁଙ୍କ ଶାଶୁ ପ୍ରସାଦ ପାଇବା ପାଇଁ ଧାଡ଼ିରେ ଠିଆ ହୋଇଥିଲାବେଳେ ତାଙ୍କର ସୁନାଚେନ୍ ଚୋରି ହୋଇଯାଇଥିଲା। ଏ ନେଇ ବିଷ୍ଣୁ ଥାନାରେ ଏତଲା ଦେଇଥିଲେ। ସାଦା ପୋଷାକରେ ପୋଲିସ ଅଧିକାରୀ ସମ୍ମିଳନୀ ସ୍ଥଳରେ ନଜର ରଖିବା ସହିତ ସିସିଟିଭି ଯାଞ୍ଚ କରିଥିଲେ। ଶେଷରେ ଏହି ମହିଳା ଲୁଟେରା ଗ୍ୟାଙ୍ଗର ସଦସ୍ୟଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ସମ୍ମିଳନୀରୁ ଲୁଟ୍ କରିଥିବା ସୁନା ଅଳଙ୍କାରକୁ କଟକ ରେଳଷ୍ଟେଶନ ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କୁ ବିକ୍ରି କରିଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଠାବ କରିବାକୁ ଉଦ୍ୟମ ଚଳାଇଛି।



କଟକ ଓସିଏ ସମ୍ମିଳନୀ କକ୍ଷରେ ରବିବାର ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତିର ବାର୍ଷିକ ଅଧିବେଶନରେ ଅତିଥିମାନେ ମୁଖପତ୍ର 'ଅମ୍ଳାନ' ଉନନ୍ମୋଚନ କରୁଛନ୍ତି।

## ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତି ବାର୍ଷିକ ଅଧିବେଶନ

କଟକ ଅଫିସ,୫।୨

ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତିର ବାର୍ଷିକ ଅଧିବେଶନ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭକ୍ତବଲ୍ଲଭ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି, ମୁଖ୍ୟବକ୍ତା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ସମିତିର ସ୍ମରଣିକା 'ଅମ୍ଳାନ' ଉନ୍ମୋଚିତ ହୋଇଥିଲା। ଏଥିସହ ସମିତିର ବୟୋଜ୍ୟେଷ୍ଠ ସଦସ୍ୟ ଧ୍ରୁବେନ୍ଦୁ ପାତ୍ର, ଭକ୍ତଚରଣ ଦାସ, ନିମାଇଁ ଚରଣ ଲେଙ୍କା, ଧରଣୀ ବଲ୍ଲଭ ଦେ, ମେଘନାଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ପାତ୍ର ଅତିଥି ପରିଚୟ, ଦୀପ୍ତିରଞ୍ଜନ ରାୟ ବାର୍ଷିକ ବିବରଣୀ ପାଠ, ଚିତ୍ତରଞ୍ଜନ ମହାନ୍ତି ସଭାପତିଙ୍କ ଅଭିଭାଷଣ ପାଠ, ବିକାଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା ଓ ଉପସଭାପତି କୈଳାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ। କୃଷ୍ଣଚନ୍ଦ୍ର ସାମଲ, ଦୁର୍ଗାପ୍ରସାଦ ପଣ୍ଡା, ବିଭୂତି ଭୂଷଣ ପଟ୍ଟନାୟକ, ସନ୍ତୋଷ ବିଶ୍ୱାଳ, ନିରଞ୍ଜନ ସ୍ୱାଇଁ, ଅଜୟ ପ୍ରତାପ ସ୍ୱାଇଁ, ବସନ୍ତ ରାଉତ, ପୂର୍ଣ୍ଣ ରାଉତ, ପ୍ରସନ୍ନ ମିଶ୍ର, ଅପର୍ତ୍ତି ଜାନି, ଅଟଳ ବିହାରୀ ବରାଳ ଓ ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ୮୦ ପ୍ରକଳ୍ପ ପ୍ରଦର୍ଶିତ

କଟକ ଅଫିସ,୫।୨

ବିଦ୍ୟା ବିକାଶ ସମିତିର ୧୭ତମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଖାନ୍‌ନଗରସ୍ଥିତ ସାଇ ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଥିଲେ, ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ଭାରତ ବିଶ୍ୱଶକ୍ତିରେ ପରିଣତ ହୋଇପାରିବ। ଏଥିରେ ସମ୍ମାନିତ ଅତିଥି ଭାବେ ବିଦ୍ୟା ବିକାଶ ସମିତିର ଉପଦେଷ୍ଟା ତଥା ମୋକାମ ମହାବିଦ୍ୟାଳୟର ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ଓ ଅଧ୍ୟାପିକା ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ସମିତିର ପ୍ରତିଷ୍ଠାତା ସଦସ୍ୟ ତାରାକାନ୍ତ ଅଗସ୍ତି ଅଧ୍ୟକ୍ଷତା କରିଥିଲେ। ସମିତିର ସଙ୍ଗଠନ ସମ୍ପାଦକ ନରହରି ସେନ୍ ଅତିଥି ପରିଚୟ ଓ ସମ୍ପାଦକ ଯୋଗେନ୍ଦ୍ରନାଥ ବସ୍ତିଆ ବିଜ୍ଞାନ ମେଳାର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୮୦ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ସମିତିର ଯୁଗ୍ମ ସମ୍ପାଦକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଉରାଳି ପ୍ରିମିୟର ଲିଗ୍, ନ୍ୟୁ ଷ୍ଟାର୍ ଟିମ୍ ଚାମ୍ପିୟନ




ଅତିଥିଙ୍କ ଗହଣରେ ଖେଳାଳିମାନେ।

ଫୁଲନଖରା,୫।୨(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ଉରାଳିଠାରେ ୫ ଦିନ ଧରି ଚାଲିଥିବା ଉରାଳି ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୨ଟି ଟିମ ଭାଗ ନେଇଥିଲା। ସିଡିଏର ଲାୟନ୍ସ ଟିମ୍ ଓ ଫୁଲନଖରା ନୂଆ ପାଟଣା ଅଞ୍ଚଳର ନ୍ୟୁ ଷ୍ଟାର୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଲାୟନ୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭର୍ ରେ ୧୦୯ ରନ୍ ସଂଗ୍ରହ କରିଥିଲା। ଜବାବରେ ନ୍ୟୁ ଷ୍ଟାର୍ ଟିମ୍ ୮.୩ ଓଭର୍‌ରେ ୧୧୩ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଉରାଳି କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଚାମ୍ପିୟନ ଟିମ୍‌କୁ ୪୫ ହଜାର ଓ ରନର୍ସ ଅପ୍ ଟିମ୍‌କୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବୁଲୁ ବେହେରା, ମ୍ୟାନ୍ ଅଫ୍ ଦି ସିରିଜ୍ କାଳିଆ ରାଉତ, ବେଷ୍ଟ ବ୍ୟାଟ୍ସମ୍ୟାନ୍ ବୁଦ୍ଧିଆ ବେହେରା ଓ ବେଷ୍ଟ ବୋଲର ନିରଞ୍ଜନ ବେହେରା ହୋଇଥିଲେ। ସାମାଜିକ କର୍ମୀ ସଞ୍ଜୀବ ସିଂହ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ହିତେଶ ଦାସ, ଉରାଳି ସରପଞ୍ଚ ଇଂ. ଅଭିଷେକ ବେହେରା, ବୁଲୁ ଜେନା, ସମ୍ବିତ୍ ଲେଙ୍କା, କାଳିଆ ଭୋଇ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ମନୋଜ ମିଶ୍ର, ରାଜୀବ ପରିଡା, ଦେବାଶିଷ ବେହେରା କ୍ରୀଡା ପରିଚାଳନା କରିଥିଲେ।

## ଫୁଟ୍‌ବଲ: ବନଦୁର୍ଗା ଟିମ୍ ଚାମ୍ପିୟନ୍



ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳି।

ଚୌଦ୍ୱାର,୫।୨(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବାଣୀପଦା ପଞ୍ଚାୟତର ବନ୍ଦାଳସ୍ଥିତ ନେତାଜୀ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ୍‌ରେ ଖୁଣ୍ଟୁଣୀର ବନଦୁର୍ଗା ଟିମ୍ ସିଡିଏର ବିଟିଏମ୍ କ୍ଲବ୍ ଟିମ୍ ବିପକ୍ଷରେ ଗୋଟିଏ ଗୋଲ୍ ସ୍କୋର କରି ଚାମ୍ପିୟନ୍ ହୋଇଥିଲା। ଶରତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ଓଡ଼ିଶା ଫୁଟ୍‌ବଲ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଶିକ୍ଷାବିତ୍ ଗଣେଶ ଚନ୍ଦ୍ର ବେହେରା, କାଉନ୍‌ସିଲର ସୁବ୍ରତ ସାମଲ, ଆଶୁତୋଷ ଦାସ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ସରପଞ୍ଚ ଦିଲୀପ କୁମାର ଭୋଇ, ମନୋରଞ୍ଜନ ସ୍ୱାଇଁ, ଲକ୍ଷ୍ମଣ ରାଉତ, ରଞ୍ଜନ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଚୈତନ୍ୟ ହେମ୍ବ୍ରମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ।

## 'ଜୀବନକୁ ଶୃଙ୍ଖଳିତ କରିବ ରାଜଯୋଗ'

**ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବା କେନ୍ଦ୍ରର ବାର୍ଷିକ ଉତ୍ସବ**

କଟକ ଅଫିସ,୫।୨

ନିୟମିତ ରାଜଯୋଗ ଓ ଧ୍ୟାନ ଦ୍ୱାରା ଜୀବନକୁ ଶୃଙ୍ଖଳିତ କରିହେବ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେକ୍ଟର-୬ ସେବାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ଜଷ୍ଟିସ ଡ. ବି.ପି. ଚୌଧୁରୀ ଏହି ମତବ୍ୟକ୍ତ କରିଛନ୍ତି। ବ୍ରହ୍ମାକୁମାରୀ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉପକ୍ଷେତ୍ର ନିର୍ଦ୍ଦେଶିକା ବିକେ କମଳେଶଙ୍କ ଅଧ୍ୟକ୍ଷତାରେ ସିଡିଏସ୍ଥିତ ୱିଣ୍ଡସ୍‌ର ପ୍ଲେସଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଓ ବିଶିଷ୍ଟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗ ଦେଇଥିଲେ। ଉପକ୍ଷେତ୍ର ଅତିରିକ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ସୁଲୋଚନା ସଂସ୍ଥାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ଅରୁଣ ପଣ୍ଡା ଏବଂ ଯନ୍ତ୍ରୀ ଫକୀର ମୋହନ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଇଂ. ପ୍ରଭାସ ମାଝୀ, ବି.କେ. ସୁଧାଂଶୁ, ବି.କେ ତ୍ରିବେଣୀ, ଆଲୋକ ସାହୁ ଯୋଗଦେଇଥିଲେ। କେନ୍ଦ୍ର ସଞ୍ଚାଳିକା ବି.କେ. ରଶ୍ମି ସ୍ୱାଗତ ଭାଷଣ, ବି. କେ. ବିଦ୍ୟାଧର ଧନ୍ୟବାଦ ଦେଇଥିଲେ।



ସିଡିଏସ୍ଥିତ ୱିଣ୍ଡସ୍‌ର ପ୍ଲେସଠାରେ ଆୟୋଜିତ ଉତ୍ସବରେ ମଞ୍ଚାସିନ ଅତିଥିବୃନ୍ଦ।

## ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇବାର ତଦନ୍ତ ଆରମ୍ଭ

କଟକ ସଦର,୫।୨(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ପାରାବିଲ ଗ୍ରାମରେ ୧୫ ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇବା ଘଟଣାର ତଦନ୍ତ ରବିବାର ଆରମ୍ଭ ହୋଇଛି। ବ୍ଲକ ଯୋଗାଣ ନିରୀକ୍ଷକ କେଦାର ପ୍ରଧାନୀ ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ପତ୍ରରେ ନାମ ଥିବା ୧ ନମ୍ବର ଅଭିଯୋଗକାରୀ ବିଜୟ କୁମାର ବେହେରାଙ୍କ ଦସ୍ତଖତକୁ ଜାଲ୍ କରାଯାଇଥିବା ଜଣାପଡ଼ିଛି। ଏହାଛଡା ୫ ଜଣଙ୍କ ନାମରେ ରାଶନ କାର୍ଡ ନ ଥିବା ଜଣାପଡିଥିଲା। ମାତ୍ର ବାକି ବ୍ୟକ୍ତିଙ୍କ ନାମରେ ଥିବା ଅଭିଯୋଗର ତଦନ୍ତବେଳେ କିଛି ମାତ୍ରାରେ ସତ୍ୟତା ଥିବା ସୂଚନା ମିଳିଥିଲା। ତେଣୁ ଗାଡ଼ି, ସ୍ଥାୟୀ ଜମା, କୋଠାଘର ସମ୍ପର୍କରେ ସ୍ୱୀକାରୋକ୍ତିକୁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ସତ୍ୟପାଠ ଜରିଆରେ ଦାଖଲ କରିବା ପାଇଁ ବାକି ଲୋକଙ୍କୁ ପ୍ରଧାନୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଟକ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପତ୍ରସଂଖ୍ୟା ୨୮୬୭/୧୧।୧୧।୨୦୨୨ରେ ସମ୍ପୃକ୍ତ ୧୫ ଜଣ ଅଯୋଗ୍ୟ ବ୍ୟକ୍ତି ରାଶନ କାର୍ଡ ହାତେଇବା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ପ୍ରଧାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଆଦର୍ଶନଗର ଆବାସିକ ସଂଘର କର୍ମକର୍ତ୍ତା ନିର୍ବାଚନ

କଟକ ଅଫିସ,୫।୨

ଆଦର୍ଶନଗର ଆବାସିକ ସଂଘର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ତରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିସହ ନିର୍ବାଚନ ଅଧିକାରୀ ତଥା ହାଇକୋର୍ଟର ଅଧିବକ୍ତା ପ୍ରଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଚିତ୍ତରଞ୍ଜନ ମହାନ୍ତି, ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, ଆବାହକ କୈଳାସ ପଣ୍ଡା, ଉପସଭାପତି ରାଜକିଶୋର ଦାସ ଓ ଜଗବନ୍ଧୁ ସାହୁ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଓ ସରୋଜ ପଣ୍ଡା ନିର୍ବାଚିତ ହୋଇଥିଲେ। ଏଥିରେ ଉପଦେଷ୍ଟା ଭାବେ ଜଗବନ୍ଧୁ ମିଶ୍ର, ଅକ୍ଷୟ ଦାସ, ଏନ୍‌ମୁଲ୍ ହକ୍ କୌସ୍ତୁଭ ଖୁଣ୍ଟିଆ, ମୋହନ ଜେନା ଏବଂ ଆଇନ ପରାମର୍ଶଦାତା ଭାବେ ଗୌତମ ସିଦ୍ଦିକ୍‌ଙ୍କ ସମେତ ୭ ଜଣ କାର୍ଯ୍ୟକାରୀ କମିଟି ସଭ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ।

## ମନୋଜ ସଭାପତି, ଅଶୋକ ସମ୍ପାଦକ

**ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ**

ଖୁଣ୍ଟୁଣୀ,୫।୨(ଡି.ଏନ୍.ଏ.)

ଆଠଗଡ଼ ଉପଖଣ୍ଡ ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ପୂର୍ବାହ୍ନରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବବର୍ଷର ସମସ୍ତ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ହେଲେ ସଂଘର କାର୍ଯ୍ୟକାରୀ ସଭାପତି ପଦ ପାଇଁ ଜଗବନ୍ଧୁ ସାହୁ, ବିଜୟ କୁମାର ସାମଲ ଓ ପ୍ରମୋଦ କୁମାର ସ୍ୱାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥିରେ ପ୍ରମୋଦ ନିର୍ବାଚିତ ହୋଇଥିଲେ। ସେହିପରି ସଭାପତି ଭାବେ ମନୋଜ କୁମାର ମିଶ୍ର ଲଗାତର ୧୧ଥର ନିର୍ବାଚିତ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ଅଶୋକ କୁମାର ସାମନ୍ତରାୟ ୭ମ ଥର ନିର୍ବାଚିତ ହୋଇଛନ୍ତି। ଏଥିସହ ଉପ ସଭାପତି ଭାବେ ଦିବାକର ବେଉରା, ଯୁଗ୍ମ ସମ୍ପାଦକ ଜ୍ଞାନ ରଞ୍ଜନ ପତ୍ରୀ ଓ ସୁନୀଲ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ନାୟକ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ବିପ୍ରବର ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା କୈଳାସ ଚନ୍ଦ୍ର ସ୍ୱାଇଁ, ବିକ୍ରମାନନ୍ଦ ବସ୍ତିଆ ନିର୍ବାଚନ ପରିଚାଳନା କରିଥିବାବେଳେ ବନମାଳୀ ବେହେରା ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ

କଟକ ଅଫିସ,୫।୨

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ବକ୍ସିବଜାରଠାରେ ରବିବାର ପାଳିତ ହୋଇଯାଇଛି। ସଂଘ ସଭାପତି ବିଜୟ କୁମାର ପଡ଼ିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି ପ୍ରମୁଖ ରାଧାନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗାପ୍ରସନ୍ନ ଛାଟୋଇ, ବଂଶୀଧର ବେହେରା, ଅଶୋକ ସାହୁ, ଭାସ୍କର ଭୋଳ, ମାନସ ପାଲ ଓ ହାଡ଼ିବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ରାଧାନାଥ ରଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ।

## ରବୀନ୍ଦ୍ର ଦାସଙ୍କୁ ସାମ୍ବାଦିକ ଗୌରବ ସମ୍ମାନ

**ପଦ୍ମଭୂଷଣ ରାଧାନାଥ ରଥଙ୍କ ଶ୍ରାଦ୍ଧୋତ୍ସବ**

କଟକ ଅଫିସ,୫।୨

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ, ସାମାଜିକ କର୍ମୀ ତଥା ସାମ୍ବାଦିକ ପଦ୍ମଭୂଷଣ ରାଧାନାଥ ରଥଙ୍କ ଉଚ୍ଚ ବିଚାରଧାରା ଓ ଆଦର୍ଶର ପ୍ରାସଙ୍ଗିକତା ଆଜି ବି ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ସାମ୍ବାଦିକ କଲ୍ୟାଣ ପାଣ୍ଠି ଓ ଡ. ରାଧାନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ରାଧାନାଥ ରଥଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନାୟକ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ ଉତ୍ସବକୁ ଉଦ୍‌ଘାଟନ କରି ରାଧାନାଥ ରଥଙ୍କୁ ଜଣେ ହୃଦୟବାନ ଆଧ୍ୟାତ୍ମିକ ପୁରୁଷ ଭାବେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ମାୟାଧର ନାୟକ ତାଙ୍କ ବକ୍ତବ୍ୟରେ ରାଧାନାଥଙ୍କ ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କନ୍ଧମାଳ ଜିଲାର ସାମ୍ବାଦିକ ରବୀନ୍ଦ୍ର କୁମାର ଦାସଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସାମ୍ବାଦିକ କଲ୍ୟାଣ ପାଣ୍ଠିର ଉପସଭାପତି କିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ ଡ. ସତ୍ୟ ରାୟ, ସଙ୍ଗଠନ ସମ୍ପାଦକ ମୁରଲୀଧର ସାମଲ, ଟ୍ରଷ୍ଟ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ମହାପାତ୍ର, ଡ. ଦ୍ୱୀପାୟନ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ମୀରା ବେଉରାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।



ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ରବୀନ୍ଦ୍ର କୁମାର ଦାସଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ୮୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା ଅଫିସ, ୫।୨: ବ୍ରାଉନ ସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି ଖୋର୍ଦ୍ଧା। ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ରୋକାଯାଇପାରୁନାହିଁ। ବାହାର ରାଜ୍ୟ ଓ ଜିଲାରୁ ବିଭିନ୍ନ ଗଳାବାଟ ଦେଇ ଏଠାରେ ବ୍ରାଉନ ସୁଗାର ପହଞ୍ଚୁଛି। ଏଠାରୁ ଗ୍ରାମାଞ୍ଚଳକୁ ତାହାକୁ ପଠାଯାଉଛି। ଛୋଟ ପୁଡିଆ କରି ଗ୍ରାହକଙ୍କୁ ବିକ୍ରି କରାଯାଉଛି। ରବିବାର ଖୋର୍ଦ୍ଧା ଅବକାରୀ ପୋଲିସ (ଜିଲା ମୋବାଇଲ ୟୁନିଟ) ଦୁଇଟି ପୃଥକ ସ୍ଥାନରେ ଚଢାଉ କରି ୮୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ଜଣ ବେପାରୀଙ୍କୁ ଗିରଫ କରିଛି। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଦୁଇଟି ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧା ଥାନା ଅଞ୍ଚଳର ଲୋକନାଥ ରାହୁଲ(୧୯) ଏବଂ କାମନାବର ସାହିର ରାହୁଲ ନାୟକ (୧୯)। ସୂଚନା ଅନୁଯାୟୀ, ଲୋକନାଥ ନୂଆ ବସଷ୍ଟାଣ୍ଡରେ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିବା ଖବରପାଇ ମୋବାଇଲ ୟୁନିଟ୍‌ର ନିଳିମା ଜୟନ୍ତୀ ସ୍ୱାଇଁ ଏକ ଟିମ ସହ ଚଢାଉ କରିଥିଲେ। ଲୋକନାଥଙ୍କଠାରୁ ୨୬ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୯୦/୨୩) ରୁଜୁ ହୋଇଛି। ସେହିଭଳି ହାବେଳି ପଡିଆରେ ରାହୁଲ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷାରେ ଥିବା ଖବରପାଇ ମୋବାଇଲ ୟୁନିଟ୍‌ର ଏସ୍‌ଆଇ ବି. ମନୋଜ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଙ୍କଠାରୁ ୫୪ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୧୩୪/୨୩) ରୁଜୁ ହୋଇଛି।

### ସାହସପୁର ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କଣାସ,୫।୨(ସ୍ୱ.ପ୍ର.): କଣାସ ବ୍ଲକ ସାହସପୁର ଗ୍ରାମର ମା'ମଙ୍ଗଳା କ୍ରିକେଟ ଆସୋସିଶନ ପକ୍ଷରୁ ସାହସପୁର ପ୍ରିମିୟମ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସାହସପୁର ଖେଳପଡିଆରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ସାମାଜିକକର୍ମୀ ଧନେଶ୍ୱର ସାମନ୍ତରାୟ, ପ୍ରଦ୍ୟୁମ୍ନ ପ୍ରଧାନ, ହେମନ୍ତ କୁମାର ମହାରଥୀ, ମହିଳା ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ମହାରଣା, ଅକ୍ଷୁର ସାହ, ସାଧୁ ଚରଣ ପ୍ରଧାନ, ଏସ୍‌ପିଏଲ୍‌ର ଅଧକ୍ଷ ସମୀର ସାମନ୍ତରାୟ, ଉପାଧକ୍ଷ ଚନ୍ଦନ ସାହୁ, ପପୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସୁପରଷ୍ଟ୍ରାଇକର ଓ ହଣ୍ଟର୍ସ ଇଲେଭେନ ମଧରେ ହୋଇଥିଲା। ଟସ୍ ଜିତି ସୁପରଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ହଣ୍ଟରସ ଇଲେଭେନ ୧୦ ଓଭରରେ ୯ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରସାନନ୍ଦ ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଗୋଲେଡେନ ଇଗେଲ ସହିତ କିଙ୍ଗ କୋବ୍ରା, ସାଇସୁପରଷ୍ଟାର ସହିତ ହଣ୍ଟରସ ଇଲେଭେନ ସହିତ ଲିଗ ମ୍ୟାଚ୍ ହୋଇଥିଲା। ଦିଲ୍ଲୀପ ସାହୁ ଓ ଜିତେନ୍ଦ୍ର ବଳିୟାରସିଂହ ମ୍ୟାଚ୍ ପରିଚାଳନା କରିଥିଲେ। ମା'ମଙ୍ଗଳା କ୍ରିକେଟ ଆସୋସିଏଶନର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ମା' ରାମଚଣ୍ଡୀ ପୀଠରେ କୁଢ଼ କୁଢ଼ ଅଳିଆ

■ ଦୁର୍ଗନ୍ଧ, ମାଛିରେ ପର୍ଯ୍ୟଟକ ଅସ୍ତବ୍ୟସ୍ତ
■ ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ

କୋଣାର୍କ,୫।୨(ଡି.ଏନ୍.ଏ.)



ପୁରୀ-କୋଣାର୍କ ବେଳାମାର୍ଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଛି ମା' ରାମଚଣ୍ଡୀଙ୍କ ପୀଠ। ବିଶେଷଭାବେ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ସ୍ଥାନ ପାଇଛି। ଅନେକ ପର୍ଯ୍ୟଟକ କୋଣାର୍କ ପରିଦର୍ଶନ କରିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସବୁଜିମାଘେରା ମା'ଙ୍କ ପୀଠକୁ ଦର୍ଶନ କରିଥା'ନ୍ତି। ପୀଠ ନିକଟ ଝାଉଁ ଜଙ୍ଗଲରେ ବଣଭୋଜି କରି ସମୁଦ୍ରରେ ନୌକା ବିହାରର ମଜା ନେଇଥା'ନ୍ତି। ପ୍ରତିଦିନ ଅନେକ ପର୍ଯ୍ୟଟକ ପୀଠରେ ବଣଭୋଜି କରୁଥିବା ଦେଖିବାକୁ ମିଳେ। ପର୍ଯ୍ୟଟକଙ୍କ ସମାଗମକୁ ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରାୟ ୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ଏହାର ଭିତ୍ତିଭୂମି ସୁଦୃଢ଼ ପାଇଁ ଅନେକ ଯୋଜନା ହାତକୁ ନିଆଯାଇ କାର୍ଯ୍ୟ ଜୋରସୋରରେ ଚାଲିଛି। କିନ୍ତୁ ସ୍ଥାନୀୟ କେତେକ ଅଧିକାରୀଙ୍କ ବେପାରୁଆ ନୀତି ଯୋଗୁ ରାମଚଣ୍ଡୀ ପୀଠରେ କୁଢ଼ କୁଢ଼ ଅଳିଆ ଆବର୍ଜନାରେ ସମଗ୍ର ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ମାଛିଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ହଇଜା ଏବଂ ବିଭିନ୍ନ ରୋଗର ଆଶଙ୍କା ଦେଖାଦେଉଛି। ପ୍ରଶାସନିକ ଅବହେଳାକୁ ନେଇ ପୀଠକୁ ଆସିବାକୁ ଥିବା ପର୍ଯ୍ୟଟକ ସଂକ୍ରମିତ ହେବାର ଆଶଙ୍କା ଦେଖାଦେଇଛି। ଏଣୁ ପର୍ଯ୍ୟଟକଙ୍କ ଆଗମନକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ରାମଚଣ୍ଡୀ ପୀଠ ଡେଭେଲପମେଣ୍ଟ କମିଟି ପକ୍ଷରୁ ପର୍ଯ୍ୟଟକଙ୍କଠାରୁ ବଣଭୋଜି ପାଇଁ ଟଙ୍କା ଆଦାୟ କରାଯାଉଛି। କମିଟିରେ ଲକ୍ଷାଧିକ ଟଙ୍କା ଗଚ୍ଛିତ ଥିବାବେଳେ ପୀଠର ପରିଚ୍ଛନ୍ନତା ପାଇଁ କମିଟି ଉପରେ ଦାୟିତ୍ୱ ଥିଲେ ମଧ କର୍ମଚାରୀ ପୀଠକୁ ପରିଷ୍କାର ନ କରିବାରୁ ସେଠାରେ ଅଳିଆ ଆବର୍ଜନା ପଡ଼ିରହୁଛି। ପୀଠର ଡେଭେଲପମେଣ୍ଟ କମିଟି ମୁଖ୍ୟ ଭାବେ ପୁରୀ ଜିଲା ଅତିରିକ୍ତ ଜିଲାପାଳଙ୍କ ସମେତ ଗୋପ ବିଡିଓ, ଗୋପ ତହସିଲଦାର, ମେରାଇନ ଥାନା ଅଧିକାରୀ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ରହିଛନ୍ତି। ହେଲେ ମଧ ପୀଠ ପ୍ରତି ଏପରି ଅବହେଳାକୁ ନେଇ ପ୍ରଶାସନ ସ୍ତରୀୟ କାର୍ଯ୍ୟକୁ ନେଇ ଚିନ୍ତା ପ୍ରକଟ କରାଯାଉଥିବାବେଳେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା ପ୍ରଶାସନ ପକ୍ଷରୁ ସମଗ୍ର ରାମଚଣ୍ଡୀ ପୀଠକୁ ତୁରନ୍ତ ସଫା କରିବା ସହିତ ମାଛି ମାରିବା ନିମନ୍ତେ ରାସାୟନିକ ଔଷଧ ପ୍ରୟୋଗ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀଙ୍କୁ ପଚାରିବାରେ, ସେ ସୋମବାର ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।



ପୁରୀ ବଡ଼ଶଙ୍ଖସ୍ଥିତ ଅଭୟ ମହାବୀର ମନ୍ଦିର ସମ୍ମୁଖରେ ରବିବାର ଅଗ୍ନି ଉତ୍ସବ ପାଳନ କରାଯାଉଛି।

## ସୋମନାଥ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ପିପିଲି,୫।୨(ଡି.ଏନ୍.ଏ.)

ତେଇଶିପୁର ଶ୍ରୀ ସୋମନାଥ ଦେବଙ୍କ ପୀଠରେ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମନାଥ ଦେବ ଓ ମା' ବିନ୍ଧ୍ୟବାସିନୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ କରାଯାଇଥିଲା। ବୁଧବାରଠାରୁ ମହାଯଜ୍ଞ ଆରମ୍ଭ ହୋଇ ରବିବାର ପୂର୍ଣ୍ଣାହୁତି ସରିଛି। ପ୍ରଥମ ଦିନରେ ଧାନ୍ୟାଗାରରେ ଅଙ୍କୁରାରୋପଣ, ତୀର୍ଥ ଆବାହନ, ମଣ୍ଡଳକରଣ, ଅଗ୍ନି ସ୍ଥାପନା, ମହାସ୍ନାନ, ସୂର୍ଯ୍ୟପୂଜା, ଗୋପୂଜା, ପ୍ରାଣପ୍ରତିଷ୍ଠା, ମନ୍ଦିର ପ୍ରବେଶ, ଶିବମନ୍ତ୍ର ପାଠ, ଚଣ୍ଡୀପାଠ, ଶିବାର୍ଚ୍ଚନା ଆଦି କାର୍ଯ୍ୟକ୍ରମ ମୁଖ୍ୟ ପୂଜକ ପଣ୍ଡିତ ଚିନ୍ତାମଣି ଦାଶଶର୍ମା ଓ କୁଳ ପୁରୋହିତ ଦିବାକର ଦାଶଙ୍କ ସମେତ ତାଙ୍କ ସହଯୋଗୀମାନେ କରିଥିଲେ। କର୍ତ୍ତା ଭାବେ ଜିତେନ୍ଦ୍ର ରଥ ଓ କର୍ତ୍ତ୍ରୀ ଭାବେ ତାଙ୍କ ସ୍ତ୍ରୀ ସନ୍ଦିପା ରଥ କାର୍ଯ୍ୟନିର୍ବାହ କରିଥିଲେ। ଏହି ଅବସରରେ ଭକ୍ତ ଦାସିଆ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଈଶ୍ୱର ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀଧର ଦାଶ, ରମେଶ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ଯୁଗରେ ପ୍ରତ୍ୟେକ ଧାର୍ମିକ ଚିନ୍ତନ ରଖିବା ଦରକାର, ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ହୋମଯଜ୍ଞ, ପ୍ରତ୍ୟେକଙ୍କୁ ଧାର୍ମିକ ଚେତନା ଦିଗରେ ଅନୁପ୍ରାଣିତ କରିବା ସମ୍ପର୍କରେ ମୁଖ୍ୟ ଅତିଥି ଦାଶ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ଦାଶଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅବସରରେ ସ୍ଥାନୀୟ ଆଖପାଖ ୩୦ ଖଣ୍ଡ ଗ୍ରାମର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।




ପୁରୀ କିଣ୍ଡରଗାର୍ଟେନ୍ ସ୍କୁଲର ବାର୍ଷିକ ଉତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## କିଣ୍ଡରଗାର୍ଟେନ୍ ସ୍କୁଲର ବାର୍ଷିକ ଉତ୍ସବ

ପୁରୀ ଅଫିସ, ୫।୨:

ଖ୍ରୀଷ୍ଟିୟାନ୍ ଅର୍ଗାନାଇଜେଶନ୍ ଫର୍ ଡେଭେଲପ୍‌ମେଣ୍ଟ ଆଣ୍ଡ୍ ଏଜୁକେଶନ୍ ଦ୍ୱାରା ପରିଚାଳିତ ପୁରୀ କିଣ୍ଡରଗାର୍ଟେନ୍ ସ୍କୁଲର ବାର୍ଷିକ ଉତ୍ସବ ଶନିବାର ଷ୍ଟେଶନ୍ ରୋଡସ୍ଥିତ ନାଓମି ବିଲଡିଂରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ଚାରୁଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଭୁବନେଶ୍ୱର ଷ୍ଟୁଆର୍ଟ ସ୍କୁଲର ପ୍ରିନ୍ସିପାଲ୍ ଡ. ରଶ୍ମିରେଖା ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଆସିଷ୍ଟାଣ୍ଟ ଡାଇରେକ୍ଟର ସମ୍ପିତ୍ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲ ପିଲାଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯିବା ପରେ ପ୍ରିନ୍ସିପାଲ ରୀତା ବାନାର୍ଜୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଶୁଭଶ୍ରୀ ବୋରା ପରିଚୟ ପ୍ରଦାନ କରିବା ପରେ ମୁଖ୍ୟ ଅତିଥି ଡ. ସେନାପତି ନିଜ ଅଭିଭାଷଣରେ ପୁରୀର ଗରିବ ଶ୍ରେଣୀର ପିଲାଙ୍କ ପାଇଁ ମାଗଣାରେ ଏ ପ୍ରକାର ଏକ ଇଂଲିଶ ମିଡିୟମ ସ୍କୁଲ ଦ୍ୱାରା ଉଚ୍ଚମାନର ଶିକ୍ଷା ଏବଂ ସେମାନଙ୍କ ମାନସିକ ଅଭିବୃଦ୍ଧି ନିମନ୍ତେ ଅନ୍ୟାନ୍ୟ ସମସ୍ତ ବିଷୟ ଯୋଗାଇ ଦେଉଥିବାରୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ। ପିଲାଙ୍କର ଉପଯୁକ୍ତ ଯତ୍ନ ନେଇ ସେମାନଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ଚେଷ୍ଟିତ ହେବା ପାଇଁ ମାତାପିତାଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରିୟଙ୍କା ଦାଶ ଧନ୍ୟବାଦ ଦେଇଥିଲେ।

## ଚାଷୀଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ

ପୁରୀ ଅଫିସ, ୫।୨:

କୃଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ନବ ନିର୍ମାଣ କୃଷକ ସଙ୍ଗଠନ। ରବିବାର ଏହି ସଙ୍ଗଠନ ପକ୍ଷରୁ ଶରଧାବାଲିସ୍ଥିତ ରାଣୀସତୀ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ କହିଛନ୍ତି, ନିମାପଡ଼ା ବ୍ଲକ ବଡ଼ସିରିବିଲା ପଞ୍ଚାୟତର ଗଡେତାରିହିଁ ସେବା ସମବାୟ ସମିତିରେ ଚାଷୀମାନେ ଧାନ ବିକ୍ରିକୁ ନେଇ ଦୁର୍ଦ୍ଦଶା ଭୋଗିବା ପରେ ନ୍ୟାୟ ପାଇଁ ସମିତି ଅଫିସ ସମ୍ମୁଖରେ ୧୫ ଦିନ ହେବ ଧାରଣା ଦେଇଛନ୍ତି। ମାତ୍ର ଏଥିପ୍ରତି ବିଭାଗୀୟ ଅଧିକାରୀ କିମ୍ବା ଜିଲା ପଦାଧିକାରୀ ଧ୍ୟାନ ଦେଉନାହାନ୍ତି। ଉକ୍ତ ସମିତିରେ ଧାନକିଣାରେ ଦଳୀୟ ମନୋଭାବ ରଖି କେତେଜଣ ଚାଷୀଙ୍କୁ ତାଲିକାରେ ରଖାଯାଇଥିବାବେଳେ ଅନ୍ୟ କେତେଜଣଙ୍କୁ ବାଦ୍ ଦିଆଯାଇଛି। ଅପରପକ୍ଷରେ ସମିତି ସମ୍ପାଦକଙ୍କୁ ୬୦ ବର୍ଷ ଅତିକ୍ରାନ୍ତ କରିଥିବାରୁ ତାଙ୍କୁ ପଦରୁ ଅବ୍ୟାହତି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ମଣ୍ଡି ବନ୍ଦ କରିବା, ଚାଷୀ ପଞ୍ଜୀକରଣରେ ପାତର ଅନ୍ତର, କଟନୀ ଛଟନି ଓ ଚାଷୀଙ୍କୁ ଠିକ ସମୟରେ ଧାନର ପ୍ରକୃତ ସରକାରୀ ମୂଲ୍ୟ ନ ଦେବା ଭଳି ଅଭିଯୋଗ ସମ୍ପାଦକଙ୍କ ବିରୋଧରେ ଚାଷୀମାନେ ଆଣିବା ସହ ଧାରଣା ଦେଇଛନ୍ତି। ତେଣୁ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି କରାଯାଇଛି। ଆସନ୍ତା ୭ଦିନ ମଧ୍ୟରେ ଚାଷୀଙ୍କ ସମସ୍ୟା ସମାଧାନ କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରେ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଦସ୍ୟ ଭରତ ସ୍ୱାଇଁ, ଜିଲା ସଂଯୋଜକ ଗୋବିନ୍ଦ ମହାପାତ୍ର ଓ ସମାଜସେବୀ ସୂର୍ଯ୍ୟ ନାରାୟଣ ରଥ ଉପସ୍ଥିତ ଥିଲେ।

## ସମ୍ମିଳିତ କର୍ମଜୀବୀ ଖବରଦାତା ସଂଘର ବାର୍ଷିକୋତ୍ସବ



ଉତ୍ସବରେ ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁଙ୍କୁ ସମ୍ମାନିତ କରାଯାଉଛି।

କୋଣାର୍କ,୫।୨(ଡି.ଏନ୍.ଏ.)

ପୁରୀ ଜିଲା ସମ୍ମିଳିତ କର୍ମଜୀବୀ ଖବରଦାତା ସଂଘ (ସହ ବନ୍ଧିତ ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ଖବରଦାତା ସଂଘ)ର ବାର୍ଷିକ ଉତ୍ସବ ଓ ଆଲୋଚନା ଚକ୍ର କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ୍ ଘୋଷ, ଜାତୀୟ ସଭାପତି ପୀତବାସ ମିଶ୍ର, ରାଜ୍ୟ ସଭାପତି ଭାଗବତ ସେଠୀ, ରାଜ୍ୟ ସମ୍ପାଦକ ଅର୍ଜୁନ ମୁଦୁଲି, ଆଇନଜୀବୀ ରମା ପାତ୍ର, ଜଳସେଚନ ଅଧିକାରୀ ରତ୍ନାକର ଦଳ, ପୁରୀ ଜିଲା ସଭାପତି ପ୍ରସନ୍ନ ଦାସ, ସମ୍ପାଦକ ଜୟକୃଷ୍ଣ ଦାସ, ଶିବ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସମାଜ ସଂସ୍କାରରେ ଗଣମାଧ୍ୟମର ଭୂମିକା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଖବରଦାତାଙ୍କର ବିଭିନ୍ନ ଦାବି, ମୌଳିକ ଅଧିକାର, ସୁରକ୍ଷା ପ୍ରତି ଦୃଷ୍ଟି ଦେବା ପାଇଁ ଆଲୋଚନା ମାଧ୍ୟମରେ ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏତତ୍ ବ୍ୟତୀତ ଚଳିତବର୍ଷ ୧ ହଜାରରୁ ଊର୍ଦ୍ଧ୍ୱ ସଭ୍ୟ ସଂଘରେ ସାମିଲ ହୋଇପାରନ୍ତି ବୋଲି ଜାତୀୟ ସଭାପତି ମିଶ୍ର ପ୍ରକାଶ କରିଥିଲେ। ପୁରୀ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଖବରଦାତା ଏଥିରେ ଅଂଶଗ୍ରହଣ କରିବା ସହ ନୂତନ ସଭ୍ୟ ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ସମାଜ ପ୍ରତି ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିତ୍ୱ ତଥା ନିଃସ୍ୱାର୍ଥ ପରିବାର, ଗୋପ ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ, ଶିକ୍ଷାବିତ୍ କବି ପୁନେଶ ସେନାପତି, ନାଟ୍ୟକାର ନିରଞ୍ଜନ ସ୍ୱାଇଁ, ଉପାଧକ୍ଷ ବନ ରଞ୍ଜନ ପଟ୍ଟନାୟକ ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ ଏବଂ ସଂଘର ସଭ୍ୟଙ୍କୁ ମଧ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ମହାନ୍ତି, ଉପସଭାପତି ସନ୍ତୋଷ ଗୋଛାୟତ, ସଚ୍ଚିଦାନନ୍ଦ ଗୋଛାୟତ, ଯୁଗ୍ମ ସମ୍ପାଦକ ମାନସ ସାମଲ, ସୌମ୍ୟ ରଞ୍ଜନ ମହାରଣା ଓ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସମିତି ସଭ୍ୟାସଭ୍ୟଙ୍କୁ ନେଇ ଜିଲାସ୍ତରୀୟ ସମ୍ମିଳନୀ

ପୁରୀ ଅଫିସ, ୫।୨ ;




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ପୁରୀ ଜିଲାର ସମିତି ସଭ୍ୟାସଭ୍ୟଙ୍କୁ ନେଇ ଜିଲାସ୍ତରୀୟ ସମ୍ମିଳନୀ ରବିବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେମାନଙ୍କର ବିଭିନ୍ନ ସମସ୍ୟା ଓ ଦାବି ଉପରେ ଆଲୋଚନା କରାଯାଇଥିଲା। ଗ୍ରାମପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ସମିତି ସଦସ୍ୟମାନେ ବାର୍ଷିକ ୨୦ଲକ୍ଷ ଟଙ୍କା ଲାଡ୍ ଫଣ୍ଡ ଧାର୍ଯ୍ୟ କରାଯାଉ। ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ସମିତି ସଦସ୍ୟଙ୍କ ଅଫିସ ଗୃହ ଓ ନା ଫଳକ ତାଲିକା ବ୍ୟବସ୍ଥା କରାଯାଉ। ସମିତି ସଦସ୍ୟ ବିଜୟୀ ପରେ ଜିଲାପାଳଙ୍କ ଦ୍ୱାରା ପ୍ରମାଣପତ୍ର ଦିଆଯାଉ। ଜିଲାପାଳଙ୍କ ଦ୍ୱାରା ପରିଚୟପତ୍ର ପ୍ରଦାନ କରାଯାଉ। ପଞ୍ଚାୟତ ସମିତି ବୈଠକରେ ସମିତି ସଦସ୍ୟମାନେ ହିଁ କେବଳ ସ୍ଥାୟୀ ସଦସ୍ୟ ରହିବା ଦରକାର। ଅବସର ପରେ ୧୦ ହଜାର ଟଙ୍କା ଭତ୍ତା ଦିଆଯାଉ। ଏଥିସହ ବୀମା ୧୦ ଲକ୍ଷ ଟଙ୍କା ସହିତ ସ୍ୱାସ୍ଥ୍ୟ ବୀମା ଆଦି କରାଯିବା ପ୍ରଭୃତି ଦାବି ଉପସ୍ଥାପନ କରାଯାଇଛି। ଜିଲପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଏକ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଛି।

## ଯଦୁପୁରକୁ ହରାଇ ରାଇଜିଂ ଷ୍ଟାର ଚାମ୍ପିୟନ

ରାଜ୍ୟସ୍ତରୀୟ ଶାରଳା କପ୍

ଅସ୍ତରଙ୍ଗ,୫।୨(ଡି.ଏନ୍.ଏ.)

ଅସ୍ତରଙ୍ଗ ନରେନ୍ଦ୍ର ଷ୍ଟାଡିୟମରେ ୩୦ତମ ଶାରଳା କପ୍ କ୍ରିକେଟ ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଯଦୁପୁର କ୍ରିକେଟ କ୍ଲବ, ଭୁବନେଶ୍ୱରକୁ ହରାଇ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ, ଖୋର୍ଦ୍ଧା ଚାମ୍ପିୟନ୍ ହୋଇଛି। ପ୍ରଥମେ ଟସ୍ ଜିତି ରାଇଜିଂ ଷ୍ଟାର ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୭୦ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୬୫ ରନ୍ କରିଥିଲେ। ଯଦୁପୁର ଦଳର ବିକାଶ ରାଉତ ୪ ଓଭରରେ ୩ ଉଇକେଟ ନେଇଥିଲେ। ଏହାର ଜବାବରେ ଯଦୁପୁର ୬ ଉଇକେଟ ହରାଇ ୧୪୨ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏସ୍ ଆର୍ ସେନାପତି ୩୭ ରନ୍ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଶୁଭ୍ରଜିତ୍ ମହାପାତ୍ର, ମୁଖ୍ୟବକ୍ତା ସାମାଜିକ କର୍ମୀ ଶଶାଙ୍କଶେଖର ନାୟକ, ସମ୍ମାନିତ ଅତିଥି ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳ, ଶାରଳା କ୍ଲବ ଉପଦେଷ୍ଟା ତଥା ସାମାଜିକ କର୍ମୀ ଦିବାକର ଛାଟୋଇ, ଶାରଳା କ୍ଲବ ସଂଯୋଜକ ଦିବ୍ୟଦର୍ଶୀ ବିଶ୍ୱାଳ, ବ୍ୟବସାୟୀ ସଙ୍ଘ ସଭାପତି ଦୁଷ୍ମନ୍ତ ପରିଡ଼ା, ଓଡ଼ିଆ ସିନେ ଜଗତର ଅଭିନେତ୍ରୀ ଜିନା ଓ ତମନ୍ନା ସଭାପତିତ୍ୱ କରିଥିଲେ। ଶାରଳା କ୍ଲବ ସଭାପତି ଯୁଗଳ କିଶୋର ମହାନ୍ତି ଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟାର ଖେଳାଳି ଅଭିଷେକ ପଟ୍ଟନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ଯଦୁପୁର ଖେଳାଳି ରବୀନ୍ଦ୍ର ନାୟକଙ୍କୁ ମ୍ୟାନ୍ ଅଫ୍ ଦି ସିରିଜି ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ରାଇଜିଂ ଷ୍ଟାରକୁ ୩୦ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ୍ ଯଦୁପୁରକୁ ୨୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବୁଲୁ ବଳିୟାରସିଂ ଓ ଦିବ୍ୟଦର୍ଶୀ ଛାଟୋଇ ଅମ୍ପାୟାର ଥିବାବେଳେ ରାକେଶ ମହାନ୍ତି ଓ ପ୍ରକାଶ ଚନ୍ଦ୍ର ବେହେରା ଧାରା ବିବରଣୀ ପ୍ରଦାନ କରୁଥିଲେ। ମିଡିଆ ସେଲ୍ ଅଧିକାରୀ ପବିତ୍ର ମହାନ୍ତି ଏନେଇ ସୂଚନା ଦେଉଥିଲେ। ଶାରଳା କ୍ଲବର ସଦସ୍ୟ ସ୍କୋର ଦାୟିତ୍ୱ ନେଇଥିଲେ। କୋଷାଧ୍ୟକ୍ଷ ମାନସ ବେହେରା, ମନୋଜ ଛାଟୋଇ, ପ୍ରଦୀପ୍ତ ଛାଟୋଇ, ଚଗଲି ମହାନ୍ତି, ହୃଷୀକେଶ ଛାଟୋଇଙ୍କ ସମେତ ଶାରଳା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।




ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଓଡ଼ିଆ ସଂସ୍କୃତି, ପରମ୍ପରା, ଗ୍ରାମୀଣ ଜୀବନଶୈଳୀ ମନଛୁଆଁ

**ରାଷ୍ଟ୍ରୀୟ ଏକାତ୍ମତା ଯାତ୍ରା**
**୩୨ ଜଣିଆର ଗୋପ ଭ୍ରମଣ**

ଗୋପ,୫।୨(ଡି.ଏନ୍.ଏ.)



ଗୋପ ଅଞ୍ଚଳ ପରିଭ୍ରମଣ ଅବସରରେ ରାଷ୍ଟ୍ରୀୟ ଏକାତ୍ମତା ଯାତ୍ରାରେ ସାମିଲ ଥିବା ସଭ୍ୟାସଭ୍ୟମାନେ।

୧୨ଶହ ବଢ଼େଇଙ୍କ ନିଖୁଣ କାରୁକାର୍ଯ୍ୟ ବେଶ ହୃଦୟସ୍ପର୍ଶୀ। ଓଡ଼ିଆଙ୍କ ଗ୍ରାମୀଣ ଜୀବନଶୈଳୀ ସହିତ ସଂସ୍କୃତି ପରମ୍ପରାକୁ ଭୁଲି ହେବ ନାହିଁ। ଏବିଭିପିର ରାଷ୍ଟ୍ରୀୟ ଏକାତ୍ମତା ଯାତ୍ରାର ୩୨ ଜଣିଆ ଟିମ୍ ରବିବାର ଗୋପ ବୁଲି ଏପରି ଟିପ୍ପଣୀ ଦେଇଛନ୍ତି। ୪ ରାଜ୍ୟରୁ ଆସିଥିବା ଏହି ଟିମ୍ ଓଡ଼ିଆ ଖାଦ୍ୟ ଖାଇ ବେଶ ଆନନ୍ଦିତ ହୋଇଥିଲେ। ପ୍ରକାଶ ଯେ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ୧୯୬୬ ମସିହାରୁ ଆନ୍ତଃ ରାଜ୍ୟ ଜୀବନ ଦର୍ଶନ କାର୍ଯ୍ୟକ୍ରମ କରାଯାଉଛି। ପୂର୍ବାହ୍ନରେ ରାଷ୍ଟ୍ରୀୟ ଏକାତ୍ମତା ଯାତ୍ରା ନିବିଆଙ୍ଗ, ସୁମେର, ପେଗୁ ଓ ପୁନା ରାଜ୍ୟରୁ ଆସିଥିବା ଟିମ୍ ଛାତ୍ରୀଛାତ୍ର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ରାୟଙ୍କ ସହ ଗାଁ ବୟାଳିଶବାଟିରେ ପହଞ୍ଚିଥିଲେ। ଗ୍ରାମବାସୀ ଉକ୍ତ ଟିମ୍‌କୁ ଭବ୍ୟ ସ୍ୱାଗତ କରି ପାଛୋଟି ନେଇଥିଲେ। ଛାତ୍ରୀଛାତ୍ର ପ୍ରଥମେ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ ପୂର୍ବରୁ ୧୨ଶହ ବଢ଼େଇଙ୍କ ନିଖୁଣ କାରୁକାର୍ଯ୍ୟର ପୂର୍ଣ୍ଣ ମଡେଲ୍‌ରେ ନିର୍ମାଣାଧୀନ ମିନି କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ବୁଲି ଦେଖିଥିଲେ। ପରେ ବୟାଳିଶବାଟି ଗ୍ରାମରେ ଚାଲିଥିବା ଅଷ୍ଟପ୍ରହରୀର ହରେକୃଷ୍ଣ ହରେ ରାମ ଶୁଣି ବିମୁଗ୍ଧ ହୋଇଥିଲେ। ଛାତ୍ରୀଛାତ୍ର ଗାଁର ଜୀବନଶୈଳୀ, ସଂସ୍କୃତି ପରମ୍ପରା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଗ୍ରାମର ସାମାଜିକ କର୍ମୀ କନ୍ଦର୍ପ ଭୂଷଣ ରାୟ ସେମାନଙ୍କ ପାଇଁ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଓଡ଼ିଆ ପୁଅର ନିଖୁଣ କାରୁକାର୍ଯ୍ୟ ସହିତ ସଂସ୍କୃତି ପରମ୍ପରା ଓ ଗ୍ରାମୀଣ ଜୀବନଶୈଳୀ ଅତ୍ୟନ୍ତ ମନଛୁଆଁ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମରେ ଏବିଭିପି ରାଷ୍ଟ୍ରୀୟ ସମ୍ପାଦକ ରାକେଶ ଦାସଙ୍କ ସହିତ ବୈଲୋଚନ ସାହୁ, ଅରିଜିତ୍ ପଟ୍ଟନାୟକ, ରାକେଶ ମିଶ୍ର, ପାର୍ଥଜିତ୍ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିବାବେଳେ ଏପରି ଏକ କାର୍ଯ୍ୟକ୍ରମକୁ ବୟାଳିଶବାଟି ଗ୍ରାମର ସୁଶାନ୍ତ ମହାନ୍ତି, ବିଭୂତି ଭୂଷଣ ସାହୁ, ଆଲୋକ ରଞ୍ଜନ ରାଉତରାୟ, ସରପଞ୍ଚ ରଶ୍ମିରେଖା ଦାସ, ବସନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଖଣ୍ଡଗିରି ମେଳାର ୮ମ ଦିନ, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା।
- ମାଂସପେଶୀଜନିତ ରୋଗର ଚିକିତ୍ସା ଓ ପ୍ରତିକାର ପାଇଁ ଓଡିଏମ୍‌ଡିଏ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା, ୪୦ତମ ରାଜ୍ୟ ଚାରୁକଳା ପୁରସ୍କାର ପ୍ରଦାନ ଉତ୍ସବ, ସଂସ୍କୃତି ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- ଶ୍ରୁତି, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୧୮ତମ ଓଡ଼ିଶୀ ସଙ୍ଗୀତ ଓ ଲଘୁ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ଓ ସଂସ୍କୃତି ପକ୍ଷରୁ ସଙ୍ଗୀତଜ୍ଞ ଲତା ମଙ୍ଗେସ୍‌କରଙ୍କ ଉଦ୍ଦେଶ୍ୟରେ ପ୍ରଥମ ଶ୍ରାଦ୍ଧ ଦିବସ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ୨୭ତମ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ଦୁର୍ଗା ପୂଜା ମଣ୍ଡପ, ଭିଙ୍ଗାରପୁର, ରାତି ୭ଟା ୩୦।

## ସୁଦର୍ଶନ ପାଇବେ ସୂର୍ଯ୍ୟ ଦତ୍ତ ଜାତୀୟ ପୁରସ୍କାର

**ପୁରୀ ଅଫିସ, ୫।୨:** ସୂର୍ଯ୍ୟଦତ୍ତ ଜାତୀୟ ପୁରସ୍କାର ପାଇଁ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଏ ନେଇ ପଟ୍ଟନାୟକ ରବିବାର ସୂଚନା ଦେଇଛନ୍ତି। କଳା ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ମିଳିବ। ପୁଣେର ସୂର୍ଯ୍ୟଦତ୍ତ ଗ୍ରୁପ୍ ଅଫ୍ ଅନୁଷ୍ଠାନର ୨୫ତମ ପ୍ରତିଷ୍ଠା ଦିବସରେ ପଟ୍ଟନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇବାକୁ ବିଭିନ୍ନ କ୍ଷେତ୍ରରେ ଦେଶର ମୋଟ ୧୧ ଜଣ ବ୍ୟକ୍ତି ମନୋନୀତ ହୋଇଛନ୍ତି।

## ବୈଷ୍ଣବ ପରିଡ଼ା ଲଢୁଆ ରାଜନୀତିଜ୍ଞ, ଭାଷାକର୍ମୀ ଥିଲେ

**ଭୁବନେଶ୍ୱର, ୫।୨ (ବ୍ୟୁରୋ):** ସ୍ୱର୍ଗତ ବୈଷ୍ଣବ ପରିଡ଼ା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଜଣେ ଲଢୁଆ ରାଜନୀତିଜ୍ଞ, ସଫଳ ସୃଜନସ୍ରଷ୍ଟା, ଦକ୍ଷ ଅନୁବାଦକ ଓ ଭାଷାକର୍ମୀ ଭାବେ ବେଶ୍ ଚର୍ଚ୍ଚିତ ଥିଲେ। ଏକଦା ଭାଷା ସୁରକ୍ଷା ସମ୍ମିଳନୀର ପ୍ରତିଷ୍ଠାତା ସଭାପତି ଭାବେ ସେ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିବା ସହ ନିଜ ଭାଷା ପ୍ରତି ଅଙ୍ଗୀକାର ଓ ମାଟି ପ୍ରତି ପ୍ରତିବଦ୍ଧତାର ପରିଚୟ ଦେଇଥିଲେ। ମାତୃଭାଷାର ସୁରକ୍ଷା ପାଇଁ ଲଢେଇ, ସୃଜନ କର୍ମ ଏବଂ ଗଣଆନ୍ଦୋଳନର ନେତା ଭାବେ ବୈଷ୍ଣବ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ତାଙ୍କ ୮୨ତମ ଜୟନ୍ତୀ ସମାରୋହରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ରବିବାର ଲୋହିଆ ଏକାଡେମୀଠାରେ ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଅତିଥି ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ସମ୍ମାନିତ ଅତିଥି ଭାବେ 'କାଦମ୍ବିନୀ' ଓ 'କୁନିକଥା'ର ସମ୍ପାଦିକା ଡ. ଇତି ସାମନ୍ତ ଯୋଗଦେଇ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଓ ସାହିତ୍ୟିକ ଅଭିରାମ ବିଶ୍ୱାଳ 'ଗାନ୍ଧୀଙ୍କ ପ୍ରାସଙ୍ଗିକତା' ଶୀର୍ଷକ ଦ୍ୱିତୀୟ ବୈଷ୍ଣବ ପରିଡ଼ା ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଭାଷା ସୁରକ୍ଷା ସମ୍ମିଳନୀ ସମ୍ପାଦକ ଅମିତାଭ ଖିଲାର ସ୍ୱାଗତ ଭାଷଣ ଓ ବୈଷ୍ଣବ ପରିଡ଼ା ସ୍ମୃତିନ୍ୟାସ ସଦସ୍ୟ ପ୍ରଧାପକ ଡ. ମାନସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ନିଶା ନିବାରଣ ନେତା ପଦ୍ମଚରଣ ନାୟକ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ପ୍ରମୁଖ ଯୋଗଦେଇ ଥିଲେ। ବିଶ୍ୱନାଥ ବେହେରା ଧନ୍ୟବାଦ ଦେଇଥିଲେ।



ତୋଷାଳି ଜାତୀୟ ହସ୍ତତନ୍ତ ହସ୍ତଶିଳ୍ପ ମେଳାରେ ରବିବାର ଲୋକଙ୍କ ଭିଡ଼।



ମେଳାର ଏକ ଷ୍ଟଲ୍‌ରେ ପିଲାମାନେ ବାଇସ୍କୋପ୍‌ରେ ଦେଖୁଛନ୍ତି।

# ହସ୍ତଶିଳ୍ପ ସାମଗ୍ରୀ କିଣାକିଣି ସହ ସୁସ୍ୱାଦୁ ଖାଦ୍ୟର ମଜା

## ତୋଷାଳିରେ ରବିବାରିଆ ଭିଡ଼

ଭୁବନେଶ୍ୱର,୫।୨(ବ୍ୟୁରୋ)

ଜମୁଛି ଜାତୀୟ ତୋଷାଳି ମେଳା। ହସ୍ତତନ୍ତ ଓ ହସ୍ତଶିଳ୍ପର ସାମଗ୍ରୀ କିଣାକିଣି ସହ ମେଳା ବୁଲା ଓ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟର ମଜା ନେବା ପାଇଁ ରାଜଧାନୀବାସୀ ଦୌଡ଼ି ଆସୁଛନ୍ତି ଜନତା ମଇଦାନକୁ। ସବୁଦିନ ଅପେକ୍ଷା ରବିବାରରେ ଭିଡ଼ ଅସମ୍ଭାଳ ଥିଲା। ପରିବାର, ସାଙ୍ଗସାଥୀ ସହ ମଜା ମସ୍ତି କରି ମେଳାକୁ ଉପଭୋଗ କରିବା ପାଇଁ ସତେଯେମିତି ସହରବାସୀ ଛୁଟିଦିନକୁ ଅପେକ୍ଷା କରିଥିଲେ। ମେଳାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମେଳା ପରିବେଷଣକୁ ଆଉ ଟିକେ ଚିତ୍ତାକର୍ଷକ କରି ଦେଇଥିଲା।

ପଞ୍ଚମ ସନ୍ଧ୍ୟାରେ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ପୋଲିସ କମିଶନର ସୌମ୍ୟେନ୍ଦ୍ର ପ୍ରିୟଦର୍ଶୀ ପ୍ରମୁଖ ଯୋଗଦେଇଥିଲେ।

ଲୋକପ୍ରିୟ କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରାଙ୍କ ସଙ୍ଗୀତରେ ମେଳାର ସନ୍ଧ୍ୟା ରଙ୍ଗିନ ହୋଇଯାଇଥିଲା। ବଲିଉଡ୍ ସହ ଓଲିଉଡ୍‌ରୁ ବିଭିନ୍ନ ଗୀତ ଗାଇ ମେଳା ବୁଲିବାକୁ ଯାଇଥିବା ଲୋକଙ୍କୁ ବେଶ୍ ମନୋରଞ୍ଜନ କରିଥିଲେ। ତେବେ ବେଶି ଭିଡ ଫୁଡ୍ ଷ୍ଟଲରେ ଦେଖିବାକୁ ମିଳିଥିଲା। ମେଳାରେ ଖୋଲିଥିବା ୨୫ଟି ଷ୍ଟଲରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ପିଠା, ମିଠା, ପାରମ୍ପରିକ ତଥା ଅନ୍ତର୍ଦେଶୀୟ ଖାଦ୍ୟପେୟ ସହ ରସୁଣର ଖାଦ୍ୟ ବ୍ୟଞ୍ଜନ ରହିଥିବାବେଳେ ଗୁଜରାଟୀ, ରାଜସ୍ଥାନୀ, ଦିଲ୍ଲୀ, ପଞ୍ଜାବୀ ଓ ଅନ୍ୟ ରାଜ୍ୟର ଖାଦ୍ୟଦ୍ରବ୍ୟ ସହ ବାରିପଦା ମୁଢ଼ି-ମଟନ, ମାଟିହାଣ୍ଡି ବିରିୟାନି ଏବଂ ବାଉଁଶ ଚିକେନର ଖାଦ୍ୟ ପସରା ଲୋକଙ୍କୁ ନିଆରା ସୁଆଦ ଦେଇଥିଲା। ଲୋକେ ବିଭିନ୍ନ ପ୍ରକାର ପାରମ୍ପରିକ ଓ ସୁସ୍ୱାଦୁ ଭୋଜନର ମଜା ଉଠାଉଥିବାବେଳେ ମିଲେଟ୍ ଷ୍ଟଲ୍‌ଟି ଅନ୍ୟତମ ଆକର୍ଷଣ ପାଲଟିଛି। ଛୋଟ ଛୋଟ ପିଲାଙ୍କ ପାଇଁ ଚିଲ୍‌ଡ୍ରେନସ୍ ପ୍ଲେ ଜୋନ୍ ରହିଥିବାବେଳେ ଏଠାରେ ଥିବା ବିଭିନ୍ନ ପ୍ରକାର ଦୋଳି ଓ ଖେଳର ବ୍ୟବସ୍ଥା କରାଯାଇଛି। ମେଳାକୁ ପିଲାଙ୍କୁ ଧରି ଆସିଥିବା ପରିବାର ଲୋକେ ମଧ୍ୟ ଏଠାରେ ଭିଡ଼ ଜମାଇଥିଲେ। ନିଜ ପିଲାଙ୍କୁ ଖେଳାଇ ଖୁସି କରିବା ସହ ନିଜେ ହେଉଥିବା ଦେଖିବାକୁ ମିଳିଥିଲା।

# ମିଲେଟ୍ ପାଇଁ ସଫଳ ଉଦ୍ୟୋଗୀ

ଭୁବନେଶ୍ୱର, ୫।୨ (ବ୍ୟୁରୋ)

ରାଜ୍ୟରେ ମିଶନ ଶକ୍ତି ଅଧୀନରେ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସରକାରୀ ପ୍ରୋତ୍ସାହନରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ(ଏସ୍‌ଏମ୍‌ଇ)ରେ ପରିଣତ ହେଉଛନ୍ତି। ଏହାର ଉଦାହରଣ ପାଲଟିଛି ଭୁବନେଶ୍ୱର ମହାନଗର ନିଗମ ୩୭ ନମ୍ବର ୱାର୍ଡ ଅନ୍ତର୍ଗତ ନୟାପଲ୍ଲୀ ବେହେରା ସାହିର ସ୍ୱୟଂ ଶ୍ରଦ୍ଧା ମହିଳା ମହାସଂଘ। ଏହି ଏସ୍‌ଏଚ୍‌ଜିର ୧୮ଜଣ ସଦସ୍ୟା ପ୍ରଥମେ ନିଜ ଉଦ୍ୟମରେ ଘରୋଇ ଭାବେ ପିଠା ଓ ଅନ୍ୟାନ୍ୟ ହାତ ତିଆରି ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ମିଲେଟ୍‌ର ଚାହିଦାକୁ ଦେଖି ସେମାନେ ୨ବର୍ଷ ହେବ ବିଭିନ୍ନ ଛୋଟ ଛୋଟ କାର୍ଯ୍ୟକ୍ରମ ଏବଂ ଉତ୍ସବରେ ମିଲେଟ୍‌ରୁ ପ୍ରସ୍ତୁତ ପିଠା, ଲଡୁ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଜୀବିକା ଅର୍ଜନ କରୁଥିଲେ। ତେବେ ହକି ବିଶ୍ୱକପ୍ ସେମାନଙ୍କୁ ସୁଯୋଗ ଦେଇଥିଲା। ହକିପାଇଁ କଳିଙ୍ଗ ଷ୍ଟାଡିୟମ୍ ଭିତରେ ଓଡ଼ିଶା ମିଲେଟ୍ ମିଶନ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଖୋଲାଯାଇଥିବା ମିଲେଟ ଶକ୍ତି କାଫେରେ ବିକ୍ରୟ ଓ ପରିଚାଳନା ନିମନ୍ତେ ସେମାନେ କାର୍ଯ୍ୟାଦେଶ ପାଇଲେ। ଜାନୁୟାରୀ ୧୨ରେ ଏହି କାଫେକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମ୍ୟାଚ ସମୟରେ ସେମାନେ ୨୫ରୁ ୩୦ ହଜାର ଟଙ୍କା ବ୍ୟବସାୟ କରୁଥିବାବେଳେ ମ୍ୟାଚ୍ ନ ଥିବା ଦିନରେ ୧୦ରୁ ୧୫ ହଜାର ଟଙ୍କାର ବିକ୍ରିବଟା ହୋଇଥିଲା।



ମିଲେଟ୍ ଶକ୍ତି ଆଉଟ୍‌ଲେଟ୍‌ରେ ସ୍ୱୟଂ ଶ୍ରଦ୍ଧା ମହିଳା ମହାସଂଘର ସଦସ୍ୟମାନେ।

- ଉଦାହରଣ ପାଲଟିଲା ସ୍ୱୟଂ ଶ୍ରଦ୍ଧା ମହିଳା ମହାସଂଘ
- ହକି ବିଶ୍ୱକପ୍‌ରେ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ

ଏଥିସହ କମିଶନରେଟ୍ ପୋଲିସ ଓ ବିଏମ୍‌ସି କର୍ପୋରେଟରଙ୍କ କାର୍ଯ୍ୟକ୍ରମ ନିମନ୍ତେ ଜଳଖିଆ ପ୍ୟାକେଟ ପ୍ରଦାନ କରି ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରିଥିଲେ। ମାତ୍ର ୧୫ଦିନରେ ୪ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିଲା। ଆଗାମୀ ଦିନରେ ସେମାନେ ଅନ୍‌ଲାଇନ୍‌ରେ ବ୍ୟବସାୟକୁ ସଂପ୍ରସାରିତ କରିବାର ଲକ୍ଷ୍ୟ ରଖିଛନ୍ତି। ମିଶନ ଶକ୍ତି ଏସ୍‌ଏଚ୍‌ଜିଙ୍କ ନିମନ୍ତେ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଘୋଷଣା ପରେ ମହାସଂଘଗୁଡ଼ିକ ଏପରି ଆଗକୁ ବଢ଼ିବାକୁ ସୁଯୋଗ ପାଉଛନ୍ତି।

## ଜୟନାରାୟଣଙ୍କ ମନ୍ତବ୍ୟକୁ ଓଡ଼ିଶା ପୋଲିସ ସର୍ଭିସ ଆସୋସିଏଶନର ବିରୋଧ

ଭୁବନେଶ୍ୱର,୫।୨(ବ୍ୟୁରୋ)

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ପିଏସ୍‌ଓ ବା ବ୍ୟକ୍ତିଗତ ସୁରକ୍ଷାକର୍ମୀ ଫେରାଇଦେବା ସହ ପୋଲିସକୁ ନିନ୍ଦା କରିବା ଘଟଣାକୁ ପୋଲିସର ବିଭିନ୍ନ ସଂଘ ପକ୍ଷରୁ ବିରୋଧ କରାଯାଉଛି। ଏନେଇ ଓଡ଼ିଶା ପୋଲିସ ସର୍ଭିସ ଆସୋସିଏଶନ ରବିବାର ଏଜି ଛକସ୍ଥିତ ଟ୍ରାଫିକ କନ୍‌ଫେରନ୍ସ ହଲରେ ଖବରଦାତା ସମ୍ମିଳନୀ କରି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବିରୋଧୀ ଦଳ ନେତାଙ୍କ ଅପମାନ ଓ ଅସଙ୍ଗତ ମନ୍ତବ୍ୟ ସଜାଗ ପୋଲିସ ବାହିନୀଙ୍କୁ ମର୍ମାହତ କରିଛି। ଏହାଦ୍ୱାରା ପୋଲିସର ମନୋବଳ ଭାଙ୍ଗିବାକୁ ଉଦ୍ୟମ କରାଯାଉଛି। ଏଭଳି ମନ୍ତବ୍ୟରୁ ନିବୃତ ରୁହନ୍ତି ବୋଲି ସଂଘ ଦାବି କରିଛି। ଏହାସହ ଜଣେ ପୋଲିସ ଅଧିକାରୀଙ୍କ ଭୁଲ୍ ଯୋଗୁ ରାଜ୍ୟର ସମସ୍ତ ପୋଲିସଙ୍କୁ ଦୋଷୀ ଓ ଅପରାଧପ୍ରବଣ କହିବା କେତେଦୂର ଠିକ୍ ବୋଲି ପ୍ରଶ୍ନ ଉଠାଇଛି ସଂଘ।

# ଫାଣ୍ଡିରେ ପୋଲିସ ଅଧିକାରୀଙ୍କୁ ମାଡ଼, ୩ ଗିରଫ

ଡେଲାଙ୍ଗ,୫।୨(ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବଡ଼ଇଛାପୁର ଗ୍ରାମର ଶତ୍ରୁଘ୍ନ ସାହୁ, ଜୟନ୍ତ ସାହୁ ଓ ମନୋରଞ୍ଜନ ସାହୁ। ସୂଚନା ମୁତାବକ, ଅଭିଯୁକ୍ତମାନେ ସରକାରୀ ଜାଗାରେ ପାଚେରି ନିର୍ମାଣ କରିବା ନେଇ ୨୦୧୯ରେ ତତ୍କାଳୀନ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତହସିଲଦାରଙ୍କ ସହିତ ଆର୍‌ଆଇ ଓ ଅମିନଙ୍କ ଉପସ୍ଥିତିରେ ଜାଗା ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଇ ପାଚେରି ଭଙ୍ଗାଯାଇଥିଲା। ଏହି ସରକାରୀ ଜାଗା ମେଳଣ ପଡିଆକୁ ସଂଲଗ୍ନ ହୋଇଥିବାରୁ ଗ୍ରାମ୍ୟ କମିଟି ପକ୍ଷରୁ ସେଠାରେ ଏକ ପିଣ୍ଡି ନିର୍ମାଣ କରିବା ପାଇଁ କମିଟି ପ୍ରସ୍ତୁତ ହେଉଥିବା ବେଳେ ଅଭିଯୁକ୍ତମାନେ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ଗ୍ରାମ୍ୟ କମିଟି ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲସ ଉଭୟଙ୍କୁ ଡକାଇ ଫାଣ୍ଡି ପରିସରରେ ଶନିବାର ବୁଝାଶୁଝା କରିବା ସମୟରେ ଅଭିଯୁକ୍ତମାନେ ଫାଣ୍ଡି ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଫାଣ୍ଡି ଅଧିକାରୀଙ୍କ ବାମ ହାତରେ ଆଘାତ ଲାଗିବାରୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇଁ ଡେଲାଙ୍ଗ ଥାନା ଅଧିକାରୀ ଅନିଲ କୁମାର ମହାନ୍ତି ପହଞ୍ଚି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସରକାରୀ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ନେଇ ଡେଲାଙ୍ଗ ଥାନାରେ ଏକ ମାମଲା (ନଂ.୪୨/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ମହାନ୍ତି ସୂଚନା ଦେଇଛନ୍ତି।

## ଡାକ୍ତରଙ୍କୁ ଦୁର୍ବ୍ୟବହାର, ଫାର୍ମାସିଷ୍ଟଙ୍କୁ ମାଡ଼ମାରି ୨ ଗିରଫ

ଗମ୍ଭାରୀମୁଣ୍ଡା,୫।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତରଙ୍କୁ ଦୁର୍ବ୍ୟବହାର ଓ ଫାର୍ମାସିଷ୍ଟଙ୍କୁ ମାଡ଼ ମାରିବା ଅଭିଯୋଗରେ ବାଣପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ଆୟୁଷ୍ମାନ ବେହେରା ଓ ସିଦ୍ଧାନ୍ତ ପରିଡ଼ା। ସୂଚନା ମୁତାବକ, ଶନିବାର ରାତିରେ ଆୟୁଷ୍ମାନ ଓ ସିଦ୍ଧାନ୍ତ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ତେବେ କୌଣସି କାରଣକୁ ନେଇ ସେଠାରେ କାର୍ଯ୍ୟରତ ଡାକ୍ତର ଏବଂ ଫାର୍ମାସିଷ୍ଟ ପ୍ରମୋଦ ଦେହୁରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ପରବର୍ତ୍ତୀ ସମୟରେ ଫର୍ମାସିଷ୍ଟ ଦେହୁରିଙ୍କୁ ମରଣାନ୍ତକ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପରାମର୍ଶକ୍ରମେ ଦେହୁରୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୨/୨୩) ରୁଜୁ କରିବା ସହ ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଭଲକ୍ଷ୍ମୀ



@ ଶାନ୍ତନୁ



@ ଆଦିତ୍ୟ



@ ଜିତୁ



@ ସଂଗ୍ରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ସୁର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ଶ୍ରାଦ୍ଧବାର୍ଷିକୀ ଅବ୍ୟବହିତ ପୂର୍ବରୁ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।



ପୁରୀର କୀର୍ତ୍ତି ଦଇତାପତିଙ୍କ ଦ୍ୱାରା ସୋଲ ଓ ଜରିରେ ପ୍ରସ୍ତୁତ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶର ପ୍ରତିକୃତି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ନାଟ୍ୟଧାରାରେ ପରିବେଷିତ ନାଟକ 'ଘି ମହୁର ଦେଶ'ର ଏକ ଦୃଶ୍ୟ।

## ଚାଇନାରେ ସିରିଜ ଦୁର୍ଘଟଣା: ୧୬ ମୃତ

ଚାଇନାର ହୁନାନ ପ୍ରଦେଶରେ ୪୯ଟି ଗାଡ଼ି ପରସ୍ପରକୁ ପଛରୁ ଧକ୍କା ଦେବା ଫଳରେ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୬୬ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଶନିବାର ସନ୍ଧ୍ୟାରେ ଏହି ସିରିଜ୍ ଦୁର୍ଘଟଣା ଘଟିଥିଲା। ପୋଲିସ ଦୁର୍ଘଟଣାର କାରଣ ଅନୁଧାନ କରୁଛି।

### ସଂକ୍ଷେପରେ

## ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କଲେ ନାବାଳକ

**ରେୱା,୫।୨:** ମଧ୍ୟପ୍ରଦେଶର ରେୱା ଜିଲାରେ ଜଣେ ୧୬ ବର୍ଷର ବାଳକ ଜଣେ ୫୮ ବର୍ଷୀୟାଙ୍କୁ ବଳାତ୍କାର କରିବା ପରେ ତାଙ୍କୁ ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଦୁଇବର୍ଷ ପୂର୍ବେ ବୃଦ୍ଧାଙ୍କ ଘରୁ ଏକ ମୋବାଇଲ ଫୋନ୍ ଚୋରି ଘଟଣା ସହ ଏହି ହତ୍ୟାକାଣ୍ଡ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ହନୁମାନ ଥାନା ଅନ୍ତର୍ଗତ କୈଳାସପୁରୀ ଗ୍ରାମରେ ଗତ ମାସ ୩୦ ତାରିଖ ରାତିରେ ଅଭିଯୁକ୍ତ ନାବାଳକ ବୃଦ୍ଧାଙ୍କ ମୁହଁରେ ଲୁଗା ଭର୍ତ୍ତିକରି ତାଙ୍କୁ ଏକ ନିର୍ମାଣାଧୀନ ବିଲ୍ଡିଂକୁ ନେଇଯାଇ ବଳାତ୍କାର କରିବା ପରେ କାତିରେ ମୁଣ୍ଡକୁ ପିଟି ହତ୍ୟା କରିଥିଲେ। ମହିଳାଙ୍କ ଗୁପ୍ତାଙ୍ଗକୁ ମଧ୍ୟ ଅଭିଯୁକ୍ତ କ୍ଷତାକ୍ତ କରିଥିଲେ ବୋଲି ପୋଲିସ କହିଛି। ଅଭିଯୁକ୍ତ ଜଣକ ଟିଭି ଦେଖିବା ପାଇଁ ମହିଳାଙ୍କ ଘରକୁ ଆସୁଥିଲେ। ଦୁଇବର୍ଷ ପୂର୍ବେ ସେ ଏକ ମୋବାଇଲ ଫୋନ୍ ଚୋରାଇ ଧରାପଡ଼ିଥିଲେ। ଏଥିପାଇଁ ସେ ପ୍ରତିଶୋଧ ନେବାକୁ ଚାହୁଁଥିଲେ ବୋଲି ମହିଳାଙ୍କ ପରିବାର ଲୋକେ କହିଛନ୍ତି।

## ଇଜିପ୍ଟର ପୂର୍ବତନ ପ୍ରଧାନମନ୍ତ୍ରୀ ଶେରିଫ ଇସମେଲଙ୍କ ବିୟୋଗ



**କାଇରୋ, ୫।୨:** ଇଜିପ୍ଟର ପୂର୍ବତନ ପ୍ରଧାନମନ୍ତ୍ରୀ ଶେରିଫ ଇସମେଲଙ୍କ ପରଲୋକ ଘଟିଛି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଶେରିଫ ପାଚନକ୍ରିୟାଜନିତ ରୋଗରେ ଆକ୍ରାନ୍ତ ଥିଲେ। ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ସେ ଇଜିପ୍ଟର ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଥିଲେ। ଶନିବାର ଇଜିପ୍ଟ ରାଷ୍ଟ୍ରପତି ଅବଦେଲ-ଫାତହାଲ-ସିସି ଶେରିଫଙ୍କ ବିୟୋଗ ନେଇ ସୂଚନା ଦେଇଛନ୍ତି।

## ସାହାଯ୍ୟ ମାଗିବାରୁ କ୍ୟାନ୍ସର ରୋଗୀଙ୍କୁ ବିମାନରୁ ଓହ୍ଲାଇଦେଲେ

**ନୂଆଦିଲ୍ଲୀ, ୫।୨:** ଆମେରିକା ଏୟାରଲାଇନ୍ସ ଫ୍ଲାଇଟ୍ ଆଟେଣ୍ଡାଣ୍ଟଙ୍କ ନାଁରେ ଅଭିଯୋଗ ଆଣିଲେ କ୍ୟାନ୍ସର ରୋଗରେ ପୀଡ଼ିତ ଜଣେ ମହିଳା ଯାତ୍ରୀ। ଗତ ଜାନୁୟାରୀ ୩୦ ତାରିଖରେ ମିନାକ୍ଷୀ ସେନଗୁପ୍ତା ଆମେରିକା ଏୟାରଲାଇନ୍ସ ବିମାନ ଯୋଗେ ନ୍ୟୁୟର୍କରୁ ଦିଲ୍ଲୀ ଆସିଥିଲେ। ମିନାକ୍ଷୀ ତାଙ୍କ ଲଗେଜ୍ ଓଭରହେଡ୍ କ୍ୟାବିନରେ ରଖିବା ଲାଗି ଫ୍ଲାଇଟ୍ ଆଟେଣ୍ଡାଣ୍ଟଙ୍କୁ ସାହାଯ୍ୟ ମାଗିଥିଲେ। କିନ୍ତୁ ଆଟେଣ୍ଡାଣ୍ଟ ତାଙ୍କୁ ସାହାଯ୍ୟ କରିବେ ନାହିଁ ବୋଲି ସିଧା ମନା କରିଥିଲେ। ଏଥିସହ ତାଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିବା କଥା ସେ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ମିନାକ୍ଷୀ ଦିଲ୍ଲୀ ପୋଲିସ ଏବଂ ଘରୋଇ ବିମାନ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। ସୋସିଆଲ ମିଡିଆରେ ଘଟଣା ସମ୍ପର୍କିତ ଖବର ବହୁଳ ପ୍ରସାରିତ ହେବାରେ ଲାଗିଛି। ଅନ୍ୟପକ୍ଷେ ଘରୋଇ ବିମାନ ଚଳାଚଳ ମନ୍ତ୍ରଣାଳୟ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଅନେକେ ୟୁଜର୍ସ ଦାବି କରିଛନ୍ତି।



୨୦୦୬ ସେପ୍ଟେମ୍ବରରେ ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍‌ଙ୍କ ସହ ଆତଙ୍କବାଦ ବିରୋଧୀ ଅଭିଯାନ ନେଇ ଆଲୋଚନା କରୁଛନ୍ତି ପାକିସ୍ତାନ ପ୍ରତିପକ୍ଷ ପରଭେଜ୍ ମୁଶରଫ।



୨୦୦୧ ଜୁଲାଇରେ ଦୁଇଦିନିଆ ଆଗ୍ରା ସମ୍ମିଳନୀ ବେଳେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସହ ପରଭେଜ୍ ମୁଶରଫ୍। ନିକଟରେ ଅଛନ୍ତି ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ୍‌ଭାନୀ, ପ୍ରତିରକ୍ଷା ମନ୍ତ୍ରୀ ଯଶୱନ୍ତ ସିଂ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଯଶୱନ୍ତ ସିହ୍ନା। ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଦୁଇପକ୍ଷ ମଧ୍ୟରେ ସହମତି ନ ହେବାରୁ ଏହି ଚୁକ୍ତି ହୋଇପାରି ନ ଥିଲା।

# କାର୍‌ଗିଲ ଯୁଦ୍ଧର ଖଳନାୟକ

**ପାକିସ୍ତାନର ପୂର୍ବତନ ସାମରିକ ଶାସକ ଜେନେରାଲ ପରଭେଜ୍ ମୁଶରଫ୍ ୧୯୯୯ କାର୍‌ଗିଲ ଯୁଦ୍ଧର ଖଳନାୟକ ଥିଲେ। ପାକିସ୍ତାନରେ ଦୀର୍ଘ ୯ ବର୍ଷ ଧରି ଏକଚ୍ଛତ୍ରବାଦ ଶାସନ କରିଥିବା ଏହି ଫୋର୍-ଷ୍ଟାର୍ ଜେନେରାଲ ଆତ୍ମନିର୍ବାସନରେ ଥିବାବେଳେ ରବିବାର ୭୯ ବର୍ଷ ବୟସରେ ଦୁବାଇରେ ଆଖି ବୁଜିଦେଇଛନ୍ତି। ୧୯୪୩ରେ ନୂଆଦିଲ୍ଲୀରେ ଜନ୍ମିତ ମୁଶରଫ୍‌ଙ୍କ ପରିବାର ଲୋକେ ୧୯୪୭ ବିଭାଜନ ପରେ ପାକିସ୍ତାନ ଚାଲିଯାଇଥିଲେ।**

**ଇସ୍‌ଲାମାବାଦ/ନୂଆଦିଲ୍ଲୀ,୫।୨**



୧୯୯୯ ମେ ୩ରୁ ଜୁଲାଇ ୨୬ ପର୍ଯ୍ୟନ୍ତ ୨ ମାସ ୩ ସପ୍ତାହ ୨ ଦିନ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ କାର୍‌ଗିଲ୍‌ରେ ଯୁଦ୍ଧ ହୋଇଥିଲା। ଯୁଦ୍ଧ ଚାଲିଥିବାବେଳେ ଜୁନ୍ ୨୪ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ସହ ତତ୍କାଳୀନ ସେନା ମୁଖ୍ୟ ପରଭେଜ୍ ମୁଶରଫ୍।

ପରଭେଜ୍ ମୁଶରଫ୍ ପାକିସ୍ତାନ ସରକାର ମୁଖ୍ୟ ଥିବାବେଳେ ୯/୧୧ ଆକ୍ରମଣ ପରେ ଆତଙ୍କବାଦ ବିରୋଧୀ ଲଢ଼େଇରେ ଆମେରିକା ସହ ହାତ ମିଳାଇଥିଲେ। ତାଙ୍କର ଏହି ପଦକ୍ଷେପ ପାକିସ୍ତାନୀ ଆତଙ୍କବାଦୀ, ଇସ୍‌ଲାମୀୟ ଗୋଷ୍ଠୀ ଏବଂ କଠୋରପନ୍ଥୀଙ୍କୁ କ୍ଷୁବ୍ଧ କରିଥିଲା। ଏପରି କି ଏହାକୁ ନେଇ ମୁଶରଫ୍‌ଙ୍କୁ ହତ୍ୟା ଉଦ୍ୟମ ମଧ୍ୟ କରାଯାଇଥିଲା, ଯେଉଁଥିରୁ ସେ କୌଶଳକ୍ରମେ ବର୍ତ୍ତିଯାଇଥିଲେ। ନୱାଜ ଶରିଫ ପ୍ରଧାନମନ୍ତ୍ରୀ ଥିବାବେଳେ ସେନା ମୁଖ୍ୟ ଭାବେ ନିଯୁକ୍ତ ହୋଇଥିବା ମୁଶରଫ୍ ୧୯୯୮ରେ କାର୍‌ଗିଲ ଯୁଦ୍ଧର ଷଡ଼ଯନ୍ତ୍ର ରଚିଥିଲେ। ଶରିଫ ଭାରତୀୟ ପ୍ରତିପକ୍ଷ ଅଟଳ ବିହାରୀ ବାଜପେୟୀଙ୍କ ସହ ଲାହୋରରେ ଐତିହାସିକ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବାର କିଛି ମାସ ପରେ ଭାରତ-ପାକିସ୍ତାନ ମଧ୍ୟରେ ଏହି ଯୁଦ୍ଧ ହୋଇଥିଲା। ଏହି ଦୁଃସାହିକ ପଦକ୍ଷେପ ପରେ ମୁଶରଫ୍ ବିଦ୍ରୋହ ଘଟାଇ ଶରିଫ୍‌ଙ୍କୁ ଗାଦିଚ୍ୟୁତ କରିଥିଲେ। ୧୯୯୯ରୁ ୨୦୦୮ ପର୍ଯ୍ୟନ୍ତ ପାକିସ୍ତାନକୁ ଶାସନ କରିଥିଲେ। ସେ ପ୍ରଥମେ ପାକିସ୍ତାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ପରେ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ।

ମୁଶରଫ୍ ଏକଦା ଭାରତର ପରମ ଶତ୍ରୁ ପାଲଟିଥିଲେ। କିନ୍ତୁ ୨୦୦୨-୨୦୦୭ ଶାନ୍ତି ପାଇଁ ସେ ହିଁ ମୁଖ୍ୟ ଭୂମିକା ନେଇଥିଲେ ବୋଲି ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଶଶୀ ଥରୁର ଟୁଇଟ୍ କରିଛନ୍ତି। ୨୦୦୮ରେ ଦେଶ ଭିତର ଓ ଅନ୍ତର୍ଜାତୀୟ ଚାପରେ ମୁଣ୍ଡ ନୁଆଁଇ ନିର୍ବାଚନ ଘୋଷଣା କରିଥିଲେ। ଶେଷରେ ସେ ବାଧ୍ୟହୋଇ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ସେ ଦୁବାଇରେ ଆତ୍ମନିର୍ବାସନ ଜୀବନ ବିତାଇଥିଲେ। ୨୦୧୦ରେ ମୁଶରଫ୍ ନିଜ ରାଜନୈତିକ ଦଳ ଅଲ୍ ପାକିସ୍ତାନ ମୁସଲିମ୍ ଲିଗ୍ ଗଠନ କରିଥିଲେ। ସେ ଅନେକ ସମୟରେ ପାକିସ୍ତାନର ଭବିଷ୍ୟତ ଉପରେ ମତାମତ ଦେଉଥିଲେ। ମୁଶରଫ୍ ୫ ବର୍ଷ ଆତ୍ମନିର୍ବାସନ ଜୀବନ ବିତାଇବା ପରେ ୨୦୧୩ରେ ନିର୍ବାଚନ ଲଢ଼ିବା ପାଇଁ ପାକିସ୍ତାନ ଫେରିଥିଲେ। କିନ୍ତୁ ୨୦୦୭ରେ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କ ହତ୍ୟା, ପାକିସ୍ତାନ ସମ୍ବିଧାନର ଅନୁଚ୍ଛେଦ ୬ ବଳରେ ଦେଶଦ୍ରୋହ ଏବଂ ବୁଗ୍‌ତି ନେତା ନବାବ ଆକବର ଖାନ୍ ବୁଗ୍‌ତିଙ୍କ ହତ୍ୟା ଅଭିଯୋଗରେ କୋର୍ଟ କଚେରି ଧାଇଁ ଧାଇଁ କ୍ଳାନ୍ତ ହୋଇଯାଇଥିଲେ। ୨୦୦୬ରେ ଜେନେରାଲ ମୁଶରଫ୍‌ଙ୍କ ନିର୍ଦ୍ଦେଶକ୍ରମେ ପାକିସ୍ତାନୀ ସେନା ପୂର୍ବତନ ଗୃହ ରାଷ୍ଟ୍ରମନ୍ତ୍ରୀ ତଥା ବେଲୁଚିସ୍ତାନ ଗଭର୍ନର ବୁଗ୍‌ତିଙ୍କ ସମେତ ତାଙ୍କର ୨ ଡଜନରୁ ଅଧିକ ଆଦିବାସୀ ସମର୍ଥକଙ୍କୁ ହତ୍ୟା କରିଥିଲା। ଫଳରେ ବେଲୁଚିସ୍ତାନରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ୨୦୦୭ ନଭେମ୍ବର ୩ରେ ସମ୍ବିଧାନକୁ ଅବଜ୍ଞା କରି ଜରୁରିକାଳୀନ ପରିସ୍ଥିତି ଜାରି କରିବା ଅଭିଯୋଗରେ ୨୦୧୯ରେ ମୁଶରଫ୍‌ଙ୍କୁ ତାଙ୍କ ଅନୁପସ୍ଥିତିରେ ଏକ ସ୍ୱତନ୍ତ୍ର କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଏହି ରାୟ ଦେଶର ଶକ୍ତିଶାଳୀ ସେନାକୁ କ୍ରୋଧିତ କରିଥିଲା। ପରବର୍ତ୍ତୀ ସମୟରେ ମୃତ୍ୟୁ ଦଣ୍ଡାଦେଶକୁ ଲାହୋର ହାଇକୋର୍ଟ ଖାରଜ କରିଦେଇଥିଲେ। ୨୦୧୬ ମାର୍ଚ୍ଚରୁ ଦୁବାଇରେ ଅବସ୍ଥାନ କରୁଥିବା ମୁଶରଫ୍‌ଙ୍କୁ ବେନଜିର ଭୁଟ୍ଟୋ ଏବଂ ଲାଲ୍ ମସ୍‌ଜିଦ ବୁଖାରୀଙ୍କ ହତ୍ୟା ମାମଲାରେ ପାକିସ୍ତାନ ପଳାତକ ଘୋଷଣା କରିଥିଲା।

ମୁଶରଫ୍‌ଙ୍କ ସମୟରେ ପାକିସ୍ତାନର ଅର୍ଥନୈତିକ, ସାମାଜିକ, ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ରରେ କେତେକ ଢାଞ୍ଚାଗତ ସଂସ୍କାର ଦେଖିବାକୁ ମିଳିଥିଲା। ୨୦୦୧ରେ ମୁଶରଫ୍ ଭାରତ ଗସ୍ତ କରି ଆଗ୍ରା ସମ୍ମିଳନୀରେ ଯୋଗଦେଇଥିଲେ। ଏହା ପରେ ମଧ୍ୟ ସେ ୨ ଥର ଭାରତ ଆସିଥିଲେ। ୨୦୦୫ରେ ରାଷ୍ଟ୍ରପତି ଥିବାବେଳେ ଭାରତ-ପାକିସ୍ତାନ ଦିନିକିଆ କ୍ରିକେଟ୍ ମ୍ୟାଚ୍ ଦେଖିବା ପାଇଁ ଏବଂ ୨୦୦୯ରେ ଇସ୍ତଫା ଦେବା ପରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ।

## ଦିଲ୍ଲୀରେ ଜନ୍ମ, ଦୁବାଇରେ ମୃତ୍ୟୁ



ଦିଲ୍ଲୀର ଏକ ଉର୍ଦ୍ଦୁ ଭାଷୀ ତଥା ମଧ୍ୟବିତ୍ତ ମୋହାଜିର ପରିବାରରେ ୧୯୪୩ ଅଗଷ୍ଟ ୧୧ ତାରିଖରେ ଜନ୍ମଗ୍ରହଣ କରିଥିଲେ ପରଭେଜ୍ ମୁଶରଫ୍। ୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହେବା ସହ ବିଭାଜିତ ହୋଇଥିଲା। ମୁଶରଫ୍ ନିଜ ପରିବାର ସହ ପାକିସ୍ତାନ ଚାଲିଯାଇଥିଲେ। ପରଭେଜ୍ ମୁଶରଫ୍ ତିନି ଭାଇଙ୍କ ମଧ୍ୟରେ ମଝିଆ ଥିଲେ। ତାଙ୍କ ବାପା ମୁଶରଫ୍-ଉଦ୍ଦିନ ଆଙ୍କାରାରେ ଚାକିରି କରୁଥିବାବେଳେ ସେ ୧୯୪୯ରୁ ୧୯୫୬ ପର୍ଯ୍ୟନ୍ତ ତୁର୍କୀରେ ବାଲ୍ୟ ଜୀବନ ବିତାଇଥିଲେ। ତୁର୍କୀରୁ ଫେରିବା ପରେ ମୁଶରଫ୍ କରାଚୀ ଓ ଲାହୋରରେ ପାଠ ପଢ଼ିଥିଲେ। ୧୯୬୧ରେ ସେ ପାକିସ୍ତାନୀ ମିଲିଟାରି ଏକାଡେମୀରେ ଯୋଗଦେଇଥିଲେ। ୧୯୬୪ରେ ଆର୍ଟିଲେରି ରେଜିମେଣ୍ଟରେ କାର୍ଯ୍ୟ କରିଥିଲେ। ୧୯୬୫ରେ ମୁଶରଫ୍ ଜଣେ ଯୁବ ସେନା ଅଧିକାରୀ ଭାବେ ଭାରତ ବିରୋଧରେ ଯୁଦ୍ଧ ଲଢ଼ିଥିଲେ। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ସେ କମାଣ୍ଡୋ ବାଟାଲିୟନ୍‌ରେ କମ୍ପାନୀ କମାଣ୍ଡର ପଦରେ ଅବସ୍ଥାପିତ ହୋଇଥିଲେ। ୧୯୯୮ ଅକ୍ଟୋବର ୭ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ମୁଶରଫ୍‌ଙ୍କୁ ଜେନେରାଲ ପାହ୍ୟାକୁ ଆଣି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ନିଯୁକ୍ତ କରିଥିଲେ। ୧୯୯୯ ଏପ୍ରିଲରେ ତାଙ୍କୁ ଜଏଣ୍ଟ ଚିଫ୍ସ ଷ୍ଟାଫ୍ କମିଟି ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଏହାର ୬ ମାସ ପରେ ମୁଶରଫ୍ ଶରିଫ୍ ସରକାରଙ୍କ ପତନ ଘଟାଇ ଦେଶର ଚିଫ୍ ଏକ୍‌ଜିକ୍ୟୁଟିଭ୍ ପାଲଟିଯାଇଥିଲେ। ମୁଶରଫ୍ ୧୯୬୮ରେ ବିବାହ କରିଥିଲେ। ତାଙ୍କର ଜଣେ ଝିଅ ଓ ଜଣେ ପୁଅ ଅଛନ୍ତି। ପାକିସ୍ତାନର ଏହି ଶେଷ ସାମରିକ ଏକଚ୍ଛତ୍ରବାଦୀ ନିଜ ଦେଶ ପାଇଁ ଜଣେ ବିସ୍ମୃତ ତଥା ଅଲୋଡ଼ା ନେତା ପାଲଟିଯାଇଥିଲେ। ପାକିସ୍ତାନରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ଏଡ଼ାଇବା ପାଇଁ ସେ ନିଜ ଶେଷ ଜୀବନ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ବିତାଇଥିଲେ। ଏକ ବିରଳ ରୋଗରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି।



ଥିରୁଭାନନ୍ତପୁରମ୍‌ର ଶଙ୍ଖୁମୁଖମ୍‌ଠାରେ ଭାରତୀୟ ବାୟୁସେନାର ସୂର୍ଯ୍ୟକିରଣ ଟିମ୍ ପକ୍ଷରୁ ଏରୋବେଟିକ୍ କୌଶଳ ପ୍ରଦର୍ଶନ।

## ୟୁଟ୍ୟୁବରଙ୍କୁ ହତ୍ୟା କଲେ ବାପା

**ଦିୱାନିୟାହ, ୫।୨**

ଇରାକର ୨୨ ବର୍ଷୀୟା ୟୁଟ୍ୟୁବର ଟିବା ଅଲିଙ୍କୁ ତାଙ୍କ ବାପା ହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିବା ପରେ ରବିବାର ଏହି ଅନର କିଲିଂ ବିରୋଧରେ ମହିଳା ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଇରାକର ଅନ୍ତରୀଣ ମନ୍ତ୍ରଣାଳୟ ମୁଖପାତ୍ର ସାଦ ମାନ୍ ଶନିବାର ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଥିଲେ। ଜାନୁୟାରୀ ୩୧ରେ ଟିବା ଶୋଇଥିବାବେଳେ ତାଙ୍କୁ ବାପା ଗଳାଚିପି ତାଙ୍କ ହତ୍ୟା କରିବା ପରେ ଥାନାରେ ଆତ୍ମ ସମର୍ପଣ କରିଥିଲେ। ଓମେନ୍ ରାଇଟ୍ସ ଗ୍ରୁପ୍ ଦେଶରେ ମହିଳାଙ୍କ ବିରୋଧରେ ବଢ଼ିଚାଲିଥିବା ଅପରାଧକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ନେଇ ସରକାର ଆଇନରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ସେମାନେ ଦାବି କରିଛନ୍ତି। ଘଟଣା ନେଇ ଦିୱାନିୟାହ ପୋଲିସ ବିଭାଗ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

ବୟଫ୍ରେଣ୍ଡଙ୍କ ସହ ଟିବା ତୁର୍କୀର ଇସ୍ତାନବୁଲରେ ରହୁଥିଲେ। ତାଙ୍କ ୟୁଟ୍ୟୁବ୍ କିଛିଦିନ ପୂର୍ବେ ଟିବା ଇରାକ୍‌ରେ ରହୁଥିବା ତାଙ୍କ ବାପାଙ୍କ ପାଖକୁ ଚାଲିଆସିଥିଲେ। ଟିବା ପୁଣିଥରେ ତୁର୍କୀ ଯିବାଲାଗି ଯୋଜନା କରୁଥିବାବେଳେ ତାଙ୍କ ବାପା ଏହାକୁ ବିରୋଧ କରୁଥିଲେ। ଦୁହିଁଙ୍କ ମଧ୍ୟରେ ଭୀଷଣ ବଚସା ହେବା ପରେ ଶେଷରେ ଟିବାଙ୍କୁ ତାଙ୍କ ବାପା ହତ୍ୟା କରିଥିଲେ। ୨୦୨୧ରୁ ଟିବା ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଥିଲେ ତାଙ୍କ ଚ୍ୟାନେଲରେ ୨୦,୦୦୦ ସବ୍‌ସ୍କ୍ରାଇବର ଅଛନ୍ତି।

### ଅନର୍ କିଲିଂ ବିରୋଧରେ ମହିଳାଙ୍କ ବିକ୍ଷୋଭ ପ୍ରଦର୍ଶନ



ଟିବା ଅଲି

## ଜୋଷୀମଠରେ ଅନିଶ୍ଚିତତା ଜାରି

**ଜୋଷୀମଠ,୫।୨(ପି.ଟି.)**

ଉତ୍ତରାଖଣ୍ଡର ଚାମୋଲି ଜିଲା ଅନ୍ତର୍ଗତ ଜୋଷୀମଠ ସହରରେ ମାଟି ଦବିବା କାରଣରୁ ଘରଗୁଡ଼ିକରେ ଫାଟ ଦେଖାଦେଇ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି। ଲୋକମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରିବା ଲାଗି ସରକାର ଉଦ୍ୟମ ଚଳାଇଥିବାବେଳେ ସ୍ଥାୟୀ ଥଇଥାନ ପାଇଁ ବାସିନ୍ଦାମାନେ ଦାବି କରୁଥିବାରୁ ଅନିଶ୍ଚିତତା ଲାଗି ରହିଛି। ଭାରତୀ ଦେବୀ ନାମକ ବୃଦ୍ଧା ତାଙ୍କ ବିପଦସଙ୍କୁଳ ଘର ଛାଡ଼ିବାର ମାସେରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ସ୍ଥାୟୀ ଥଇଥାନ ଖବର ପାଇବା ଆଶାରେ ସେ ଦିନର ଅଧା ସମୟ ଉକ୍ତ ଘର ପାଖରେ ଓ ଅଧା ସମୟ ଉପଖଣ୍ଡ କାର୍ଯ୍ୟାଳୟ ନିକଟରେ ବିତାଉଛନ୍ତି। ଭାରତୀ ଦେବୀ ସମେତ ଜୋଷୀମଠ ଛାଡ଼ିଥିବା ଅନେକ ପରିବାରଙ୍କୁ ପରିତ୍ୟକ୍ତ ସେନା ବାରାକଠାରେ ଅସ୍ଥାୟୀ ରିଲିଫ୍ କ୍ୟାମ୍ପରେ ରଖାଯାଇଛି। ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି। ପୂର୍ବରୁ ସିଂହଧରର ଏକ ସ୍କୁଲରେ କେତୋଟି ପରିବାର ଆଶ୍ରୟ ନେଇଥିଲେ। ସ୍କୁଲ ଖୋଲିବା ପରେ ସେମାନଙ୍କୁ ପରିତ୍ୟକ୍ତ ସେନା ବାରାକକୁ ସ୍ଥାନାନ୍ତର କରାଯାଇଛି। ଏପ୍ରିଲ-ମେ'ରେ ଚାରଧାମ ଯାତ୍ରା ଆରମ୍ଭ ହେଲେ ବହୁସଂଖ୍ୟାରେ ତୀର୍ଥଯାତ୍ରୀ ପହଞ୍ଚିବେ। ସେତେବେଳକୁ ଉକ୍ତ ଆଶ୍ରୟ ସ୍ଥଳରୁ ମଧ୍ୟ ବିସ୍ଥାପିତମାନେ ବଞ୍ଚିତ ହୋଇପାରନ୍ତି ବୋଲି ଆଶଙ୍କା କରୁଛନ୍ତି।

### ସ୍ଥାୟୀ ଥଇଥାନ ପ୍ରତୀକ୍ଷାରେ ବାସିନ୍ଦା



## ଦୁବାଇରେ ୩୫,୫୦୦ କୋଟିର ଘର କିଣିଛନ୍ତି ଭାରତୀୟ

**ଦୁବାଇ,୫।୨**

୨୦୨୨ରେ ଭାରତୀୟମାନେ ଦୁବାଇରେ ଘର କିଣିବାରେ ୩୫,୫୦୦ କୋଟି ଟଙ୍କା (୧୬ ବିଲିୟନ ଡିରହାମ୍) ବିନିଯୋଗ କରିଥିବା ରିଅଲ ଇଷ୍ଟେଟ୍ ତଥ୍ୟରୁ ଜଣାପଡ଼ିଛି। ୨୦୨୧ ତୁଳନାରେ ଏହା ଦୁଇଗୁଣ। ୨୦୨୧ରେ ଭାରତୀୟମାନେ ଦୁବାଇରେ ଘର କିଣାରେ ୯ ବିଲିୟନ ଡିରହାମ୍ ବିନିଯୋଗ କରିଥିଲେ। ଦୁବାଇରେ ଘର କିଣିଥିବା ବିଦେଶୀଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ହେଉଛନ୍ତି ଭାରତୀୟ। ଗୃହ କ୍ରେତାଙ୍କ ମଧ୍ୟରୁ ଅଧିକାଂଶ ଦିଲ୍ଲୀ-ଏନ୍‌ସିଆର୍, ଅହମଦାବାଦ, ସୁରଟ, ହାଇଦ୍ରାବାଦ ଏବଂ ପଞ୍ଜାବର ଧନୀ ବ୍ୟବସାୟୀ, ଶିଳ୍ପପତି ଏବଂ ପ୍ରଭାବଶାଳୀ ବ୍ୟକ୍ତି। ପ୍ରଚୁର ଅର୍ଥ ସହ ବିଳାସପୂର୍ଣ୍ଣ ଜୀବନଶୈଳୀ ଆଶାରେ ସେମାନେ ଦୁବାଇରେ ରହିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଦୁବାଇ ସହ ସାରା ବିଶ୍ୱର ଯୋଗାଯୋଗ ଥିବାରୁ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ଦାୟିତ୍ୱରେ ଅବସ୍ଥାପିତ କେତେଜଣ ବରିଷ୍ଠ ଅଫିସର ମଧ୍ୟ ସେଠାର ସମ୍ପତ୍ତି ଉପରେ ନଜର ପକାଉଥିବା ଏକ ରିଅଲ ଇଷ୍ଟେଟ୍ କନ୍‌ସଲ୍‌ଟ୍ୟାନ୍ସିର ସିଇଓ କହିଛନ୍ତି। ଅନେକ ଧନୀ ଭାରତୀୟ ନିଜ ଦେଶର ମେଟ୍ରୋ ମହାନଗରୀକୁ ପଛରେ ପକାଇ ଦୁବାଇରେ ଅତ୍ୟାଧୁନିକ ଭଡ଼ାଘରେ ରହୁଛନ୍ତି। ମହାମାରୀ ବେଳେ ଦୁବାଇର ଘରଭଡ଼ା ବଜାର ୩୦% ହ୍ରାସ ପାଇଥିବାବେଳେ ଏବେ ୨୦୧୫-୧୬ ସ୍ତରକୁ ଫେରିଛି। ଯୁବ ଭାରତୀୟ ଉଦ୍ୟୋଗୀମାନଙ୍କୁ ଦୁବାଇ ଆକର୍ଷଣ କରିବାର ଅନ୍ୟତମ କାରଣ ହେଲା ସେଠାର ଅନ୍ତର୍ଜାତୀୟ ଫାଇନାନ୍ସିଆଲ ସେଣ୍ଟର ଫିନ୍‌ଟେକ୍ ଇକୋସିଷ୍ଟମ ପ୍ରଦାନ କରୁଛି ବୋଲି ଜେଭି ଭେଞ୍ଚର୍ସର ସହ ପ୍ରତିଷ୍ଠାତା ବିଶାଳ ଗୋଏଲ କହିଛନ୍ତି। ଭାରତୀୟମାନେ ଦୁବାଇରେ କିଣୁଥିବା ଘରଗୁଡ଼ିକର ହାରାହାରି ଦାମ୍ ୩.୬ କୋଟିରୁ ୩.୮ କୋଟି ଟଙ୍କା ହୋଇଥିବାବେଳେ ମାସିକ ଘରଭଡ଼ା ୩ରୁ ୩.୫ ଲକ୍ଷ ଟଙ୍କା ରହିଛି।



### ୨୦୨୧ ତୁଳନାରେ ୨୦୨୨ରେ ଦୁଇଗୁଣ

**ଅଶୋଧିତ ଇସ୍ପାତ ଉତ୍ପାଦନ ବୃଦ୍ଧି**

ନୂଆଦିଲ୍ଲୀ: ଦେଶରେ ଅଶୋଧିତ ଇସ୍ପାତ ଉତ୍ପାଦନ ପରିମାଣ ୨୦୨୨ରେ ୫.୮୦ ପ୍ରତିଶତ ବୃଦ୍ଧି ହୋଇ ୧୨୪.୪୫ ମିଲିୟନ୍ ଟନ୍‌ରେ ପହଞ୍ଚିଛି ବୋଲି ଏକ ରିପୋର୍ଟରେ କୁହାଯାଇଛି। ଏପରିକି ୨୦୨୧ ମସିହାରେ ଦେଶରେ ଅଶୋଧିତ ଇସ୍ପାତ ଉତ୍ପାଦନ ୧୧୭.୬୩ ମିଲିୟନ୍ ଟନ୍ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଦେଶରେ ଇସ୍ପାତ ଉତ୍ପାଦନ ୧୧୦.୦୩ ମିଲିୟନ୍ ଟନ୍ ରହିଥିଲା। ଯାହାକି ଏକ ବର୍ଷ ପୂର୍ବେ ୧୦୪.୫୪ ମିଲିୟନ୍ ଟନ୍‌ରୁ ଅଧିକ ରହିଥିଲା ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଦେଶରେ ଇସ୍ପାତ ବ୍ୟବହାର ପରିମାଣ ୧୦୬.୪୮ ମିଲିୟନ୍ ଟନ୍‌କୁ ବୃଦ୍ଧି ପାଇଛି।

# 'ଶେୟାର ବଜାର ଉପରେ ନଜର'

## ହିଣ୍ଡେନ୍‌ବର୍ଗ ରିପୋର୍ଟ ଉପରେ ସେବି,ଆର୍‌ବିଆଇର ପ୍ରତିକ୍ରିୟା

ନୂଆଦିଲ୍ଲୀ,୫।୨




ଅନ୍ତଃରାଷ୍ଟ୍ରୀୟ ମାର୍କେଟ ରିସର୍ଚ୍ଚ ୟୁନିଟ୍ ହିଣ୍ଡନ୍‌ବର୍ଗର ରିପୋର୍ଟ ପ୍ରକାଶ ପରେ ଭାରତୀୟ ଶେୟାର ମାର୍କେଟରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖାଦେଇଛି। ଏପରିକି ଗତ କିଛି ସପ୍ତାହ ହେବ ଶେୟାର ବଜାର କାରବାର ମଧ୍ୟ ସେହି ଅନୁଯାୟୀ ପରିବର୍ତ୍ତନ ହୋଇଚାଲିଛି। ବିଶେଷକରି ଆଦାନୀ ଗ୍ରୁପ୍ କମ୍ପାନୀଙ୍କ ଶେୟାରର ମୂଲ୍ୟ ବ୍ୟାପକ ପରିମାଣରେ ହ୍ରାସ ଘଟିଛି। ଉଲ୍ଲେଖଯୋଗ୍ୟ, ଆଦାନୀ ଗ୍ରୁପର ଶେୟାର ମୂଲ୍ୟ ୨୦୨୨ ଡିସେମ୍ବରରେ ପ୍ରାୟ ୪୨୦୦ (୪୧୯୦) ଟଙ୍କା ରହିଥିବାବେଳେ ଗତ ମାସକ ମଧ୍ୟରେ କମ୍ପାନୀର ବିଭିନ୍ନ ବ୍ରାଣ୍ଡର ଶେୟାର ମୂଲ୍ୟ ପ୍ରାୟ ୭୦% ହ୍ରାସ ଘଟିଛି। ଫଳରେ ଆଦାନୀ ଗ୍ରୁପ୍‌ର ଶେୟାର ପାଇଁ ହଜାର ହଜାର ନିବେଶକ ଓ ଅଂଶୀଦାର ଲକ୍ଷାଧିକ ଟଙ୍କାର ନିବେଶ ହରାଇବା ସହ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ସେହିଭଳି ଉକ୍ତ ରିପୋର୍ଟକୁ ନେଇ ଉଭୟ ଦେଶବାସୀ ଓ ବିରୋଧୀ ସରକାରଙ୍କୁ ସମାଲୋଚନା କରିବାକୁ ପଛାଉନାହାନ୍ତି। ଏପରିକି ନିକଟରେ ଅର୍ଥମନ୍ତ୍ରୀ ମଧ୍ୟ ଉକ୍ତ ଘଟଣା ବିଷୟରେ ସଂସଦରେ ବିରୋଧୀଙ୍କ ଜବାବରେ ପ୍ରତିକ୍ରିୟା ଦେଇଥିଲେ। ସେହିପରି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ମଧ୍ୟ ରବିବାର ଉକ୍ତ ଘଟଣା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ଏପରିକି ଶେୟାର ବଜାରକୁ ନିୟନ୍ତ୍ରଣ କରୁଥିବା ସେବି ମଧ୍ୟ ମାର୍କେଟ ସହ କୌଣସି ପ୍ରକାର ଖେଳ ହେବାକୁ ଦିଆଯିବନି ବୋଲି ସେବି ମତପ୍ରକାଶ କରିଛନ୍ତି। ଏହା ସହ ବର୍ତ୍ତମାନର ପରିସ୍ଥିତି ଓ ବଜାର ଉପରେ ପୂରା ନଜର ରଖିବା ସହ ଆବଶ୍ୟକ ପ୍ରକରଣରେ ସମସ୍ତ ଜରୁରୀ ପଦକ୍ଷେପ ମଧ୍ୟ ନିଆଯାଉଥିବା ସେବି ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଗତ ସପ୍ତାହରୁ ଏକ ବ୍ୟବସାୟିକ ଗ୍ରୁପର ଶେୟାର ମୂଲ୍ୟରେ ଅସାଧାରଣ ହ୍ରାସ ଜାରି ରହିଛି। ବଜାର ସୂଚୀରୁ ଓ କୁଶଳ ଭାବେ କାର୍ଯ୍ୟ କରିବା ପାଇଁ କୌଣସି ଖାସ୍ ଶେୟାରରେ ହ୍ରାସ ବୃଦ୍ଧିର ମୁକାବିଲା ନିମନ୍ତେ ସବୁ ପ୍ରକାର ବ୍ୟବସ୍ଥା ମହଜୁଦ ଅଛି। ଏପରିକି ଜରୁରୀ ମାମଲା ସାମ୍ନାକୁ ଆସିଲେ ସେବି ତା'ର ଯାଞ୍ଚ କରାଇଥାନ୍ତି। ଅପରପକ୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟ ସମସ୍ତ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିବା ସହ ଆବଶ୍ୟକ ସମୟରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ଏପରିକି ଶେୟାର ବଜାରରେ ନିରପେକ୍ଷତା, କୁଶଳତା ଓ ମଜଭୁତ ଭିତ୍ତିଭୂମି ବଜାୟ ରଖିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏଣୁ ଶେୟାର ବଜାର କିପରି ନିର୍ବାଧା, ପାରଦର୍ଶୀ ଓ କୁଶଳ ରୂପେ କାମ କରିପାରିବ ତା' ଉପରେ ମଧ୍ୟ ବ୍ୟାପକ ଆଲୋଚନା କରାଯାଉଛି। ଏପର୍ଯ୍ୟନ୍ତ ଯେପରି ଚାଲିଥିଲା ସେଥି ପାଇଁ ମଧ୍ୟ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଉଭୟ ସେବୀ ଓ ଆର୍‌ବିଆଇ ବିସ୍ତୃତ ମତ ଉପସ୍ଥାପନ କରିଥିଲେ।

# ୩ୟ ତ୍ରୈମାସରେ ୬୧୦ କୋଟିର ବିକ୍ରି ରେକର୍ଡ

ନୂଆଦିଲ୍ଲୀ,୫।୨

ୱେଷ୍ଟଲାଇଫ୍ ଫୁଡ୍‌ୱାର୍ଲ୍ଡ ଲିମିଟେଡ୍ ପକ୍ଷରୁ ୨୦୨୦-୨୩ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଉକ୍ତ ତ୍ରୈମାସରେ କମ୍ପାନୀର ବିକ୍ରି ସଂଖ୍ୟା ବାର୍ଷିକ ଆଧାରରେ ୨୮% ବୃଦ୍ଧି ଘଟି ୬୧୦ କୋଟି ଟଙ୍କାରେ ପହଞ୍ଚିଛି। ଏ ସମ୍ପର୍କରେ ୱେଷ୍ଟଲାଇଫ୍ ଫୁଡ୍‌ୱାର୍ଲ୍ଡ ଲିମିଟେଡ୍‌ର ଉପାଧ୍ୟକ୍ଷ ଅମିତ୍ ଜଟିଆ କହିଛନ୍ତି, ଆମେ ଗୁରୁତ୍ୱପୂର୍ଣ୍ଣ ମେନ୍ୟୁ ଉଦ୍ଭାବନ ଓ ଉତ୍କୃଷ୍ଟ କାର୍ଯ୍ୟକାରିତା ମାଧ୍ୟମରେ ଆଉ ଏକ ଉନ୍ନତ ତ୍ରୈମାସିକ ଫଳାଫଳ ହାସଲ କରି ଖୁସି ଅନୁଭବ କରୁଛୁ। ଆମେ ଆମର ଷ୍ଟୋରଗୁଡ଼ିକୁ ଇଓଟିଏଫ୍ ଫର୍ମାଟ୍‌କୁ ଆଧୁନିକୀକରଣ କରିବାରେ ଆମର ନିବେଶ ବୃଦ୍ଧି କରିଛୁ, ଯାହା ଆଜିର ଡିଜିଟାଲ-ସ୍ୟାଭି ଗ୍ରାହକଙ୍କ ପାଇଁ ଅଧିକ ପ୍ରାସଙ୍ଗିକ । ଆମେ ବିଶ୍ୱାସ କରୁଛୁ ଯେ ମେନ୍ୟୁରେ ନୂତନତା, ସର୍ବବ୍ୟାପୀ ଉପସ୍ଥିତି ଓ ମୂଲ୍ୟ ନେତୃତ୍ୱ ଆମ ପାଇଁ ପ୍ରମୁଖ ଅଭିବୃଦ୍ଧି ପରିଚାଳକ ଭାବେ ଜାରି ରହିବ। କାରଣ ଆମେ କ୍ୟୁଏସ୍‌ଆର୍ ଶିଳ୍ପକୁ ପୁନଃ ପରିଭାଷିତ କରିବା ଦିଗରେ କାର୍ଯ୍ୟ କରୁଛୁ।

# ଆଇଆଇଆର୍‌ଏଫ୍ ର୍‍ୟାଙ୍କିଙ୍ଗ୍‌ରେ ଏମ୍‌ଏସ୍‌ବିର ଉନ୍ନତ ପ୍ରଦର୍ଶନ

ନୂଆଦିଲ୍ଲୀ,୫।୨


ଡ. ଅଶୋକ କୁମାର ମିତ୍ତଲ

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଲଭଲି ପ୍ରଫେସନାଲ ୟୁନିଭରସିଟି(ଏଲପିୟୁ)ର ସହଯୋଗୀ ଶିକ୍ଷାନୁଷ୍ଠାନ ମିତ୍ତଲ ସ୍କୁଲ ଅଫ୍ ବିଜନେସ୍ (ଏମ୍‌ଏସ୍‌ବି)ର ଉତ୍ତମ ପ୍ରଦର୍ଶନ ଜାରି ରହିଛି। ଏପରିକି ନିକଟରେ ପ୍ରକାଶିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଶନାଲ୍ ର୍‍ୟାଙ୍କିଙ୍ଗ ଫ୍ରେମୱାର୍କ (ଆଇଆଇଆର୍‌ଏଫ୍)-୨୦୨୩ରେ ଭଲ ସ୍ଥାନ ପାଇଛି। ବିଶେଷକରି ଏମ୍‌ଏସ୍‌ବି ୨୦୨୩ ବର୍ଷରେ ୪୧ତମ ସ୍ଥାନରେ ପହଞ୍ଚିଛି। ଏପରିକି ଗତ ବର୍ଷ ଅନୁଷ୍ଠାନ ୪୩ ତମ ର୍‍ୟାଙ୍କ୍‌ରେ ରହିଥିଲା। ସେହିଭଳି ୨୦୨୩ରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଅଧୀନରେ ଶ୍ରେଷ୍ଠ ୪୫ ବିଜ୍‌ନେସ ସ୍କୁଲ ତାଲିକାରେ ଏଲପିୟୁ-ଏମ୍‌ଏସ୍‌ବି ଦେଶର ଉତ୍ତର ଜୋନ୍ ର୍‍ୟାଙ୍କ ୫ ଏବଂ ସାମଗ୍ରିକ ଭାବେ ୨୧ତମ ସ୍ଥାନ ପାଇଛି। ବିଶେଷକରି ଭାରତରେ ୨୦୨୩ ଗବେଷଣା ପାଇଁ ଶ୍ରେଷ୍ଠ ୫୦ ବିଜନେସ ସ୍କୁଲ ର୍‍ୟାଙ୍କିଙ୍ଗରେ ସାମଗ୍ରିକ ୪୮ତମ ଏବଂ ଉତ୍ତର ଜୋନ୍ ପାଇଁ ୧୫ତମ ସ୍ଥାନରେ ରହିଥିବା ଜଣାପଡିଛି। ଏଥିସହ ବିଭିନ୍ନ ପାରାମିଟରରେ ସାମଗ୍ରିକ ୭୨୦.୨୭ ସ୍କୋର ସହ ଏଲପିୟୁ-ଏମ୍‌ଏସବି ଶ୍ରେଷ୍ଠ ୧୫ ଘରୋଇ ଅନୁଷ୍ଠାନ ଭାବେ ସ୍ୱୀକୃତି ପାଇଛି। ଏହି ସ୍କୋରିଂ ସହ ଏହା ଆଇଆଇଏମ୍ ବୋଧ ଗୟା (୭୧୬.୮୬) ସମେତ ଅନେକ ସରକାରୀ ଅନୁଷ୍ଠାନକୁ ମଧ୍ୟ ପଛରେ ପକାଇ ଦେଇଛି। ଏ ସମ୍ପର୍କରେ ଏଲପିୟୁର କୁଳପତି ଡ. ଅଶୋକ କୁମାର ମିତ୍ତଲ କହିଛନ୍ତି, ଏଭଳି ଏକ ସମ୍ମାନଜନକ ମାନ୍ୟତା ପାଇଁ ଆମେ ବେଶ୍ ଆନନ୍ଦିତ, ଏପରିକି ମୁଁ ଏଲପିୟୁର ସମସ୍ତ କାର୍ଯ୍ୟକର୍ତ୍ତା ଓ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଉଛି। ବିଶେଷକରି ଉକ୍ତ ଅନୁଷ୍ଠାନରେ ସମୟ ଆବଶ୍ୟକ ପରିଚାଳନା ପ୍ରୋଗ୍ରାମ ସହ ଆମର ଏମ୍‌ବିଏ ଛାତ୍ରମାନେ ଶିଳ୍ପ କ୍ଷେତ୍ରରେ ବ୍ୟବହାରିକ ପ୍ରୟୋଗଗୁଡ଼ିକର ଏକ ଗଭୀର ଅଭିଜ୍ଞତା ହାସଲ କରିଛନ୍ତି।

# ଆଗ୍ରୋ କ୍ଷେତ୍ର ବିକାଶକୁ ଗୁରୁତ୍ୱାରୋପ

ଭୁବନେଶ୍ୱର, ୫।୨

ଆଗ୍ରୋକ୍ଷେତ୍ର ମାର୍କଟେକ୍ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନିକଟରେ ଏକ ରାଜ୍ୟ ସ୍ତରୀୟ କର୍ମଶାଳା ସ୍ଥାନୀୟ ରେଡ଼କ୍ରସ୍ ଭବନରେ ଅନୁଷ୍ଠିତ ହୋଇଥିଲା। ବିଶେଷ କରି କେନ୍ଦ୍ର ସରକାରଙ୍କର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନସ୍ଥ ସାରାଦେଶରେ ଗଠନ ହେଉଥିବା ୧୦,୦୦୦କୃଷକ ଉତ୍ପାଦକ ସଂଗଠନ କରାଯାଇଛି, ଯାହା ଆମ ରାଜ୍ୟରେ ପ୍ରତି ବ୍ଲକ୍‌ରେ ଗୋଟିଏ ଗୋଟିଏ କୃଷକ ଉତ୍ପାଦକ ସଂଗଠନ ଗଠନ ହେବା ବ୍ୟବସ୍ଥା କରାଯାଇଛି। ଏହି ଅବସରରେଆଗ୍ରୋ କ୍ଷେତ୍ରରେ ବିକାଶକୁ ଗୁରୁତାରୋପ ଦେବାକୁ ସର୍ବ ସମ୍ମତି କ୍ରମେ କୁହାଯାଇଥିଲା। ତାହା ହେଉଛି ଆଗ୍ରୋକ୍ଷେତ୍ର ମାର୍କଟେକ୍ ପ୍ରାଇଭେଟ ଲିମିଟେଡ୍, ଯାହା କମ୍ପାନୀ ଅଧିନିୟମରେ ପଞ୍ଜିକୃତ ହୋଇଛି। ଏହି ଆଗ୍ରୋକ୍ଷେତ୍ରର ମୁଖ୍ୟ ଲକ୍ଷ୍ୟ ହେଲା ଏହି ସଂଗଠନ ସମସ୍ତ କୃଷକ ଉତ୍ପାଦକ ସଂଗଠନ ଗୁଡ଼ିକର ଚାଷ ପାଇଁ ଆବଶ୍ୟୀୟ ସାମଗ୍ରୀ ଓ ଚାଷରୁ ଉତ୍ପାଦିତ ସମସ୍ତ ସାମଗ୍ରୀକୁ ଅନ୍ତରାଷ୍ଟ୍ରୀୟ, ରାଷ୍ଟ୍ରୀୟ, ରାଜ୍ୟ ଓ ସ୍ଥାନୀୟ ସ୍ତରରେ ବିକ୍ରୟ କରିବା। ଏହି ଆଗ୍ରୋକ୍ଷେତ୍ର ରେ ୨ ପ୍ରକାର ସଦସ୍ୟତା ରହିବ। ଲାଲ ସଂଗଠନର ସଂପାଦକ କ୍ଷେତ୍ର ମୋହନ ବେହେରାଙ୍କ ଆବାହକରେ ବିପିନ ଦାସ ବିଶିଷ୍ଟ ଅର୍ଥନୀତିଜ୍ଞ ଆଗ୍ରୋ କ୍ଷେତ୍ରର ଚେୟାରମ୍ୟାନ୍ ତାଙ୍କ ବକ୍ତବ୍ୟରେ ରଖିଲେ। ଆଗ୍ରୋ କ୍ଷେତ୍ର ହେଉଛି ଏକ ସଂକଳ୍ପ ଏହାକୁ ଆମେ ଆଗେଇ ନେଲେ ଆମ ପାଖରେ ଥିବା ୨୪,୦୦୦ କ୍ଷୁଦ୍ର ଚାଷୀ ଭାଇଙ୍କର ପରିବାରର ଆର୍ଥିକ ଉନ୍ନିତ ହୋଇପାରିବ। ଅନ୍ୟତମ ବକ୍ତା ରୂପେ ଅଶୋକ ଦାଶ ଆଗ୍ରୋକ୍ଷେତ୍ରରେ ସାମଗ୍ରୀ ଗୁଡ଼ିକ ଡିଜିଟାଲ ମାର୍କେଟିଂରେ କିପରି ଭାରତ ବାହାରେ ବିକ୍ରୟ କରିହେବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ।

# ଏମ୍‌ଜି ହେକ୍ଟରର ପ୍ଲସ୍‌ର ବଜାର ପ୍ରବେଶ




ନୂଆଦିଲ୍ଲୀ,୫।୨

ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ ଏମ୍‌ଜି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ପ୍ରିମିୟମ ବର୍ଗର ଡିଜେଲ ମଡେଲ ଏମ୍‌ଜି ହେକ୍ଟରର ପ୍ଲସ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ବର୍ତ୍ତମାନର ମଡର୍ନ ଟେକ୍ନୋଲୋଜି ଫାସିଲାଟି ସହ ବୃହତ୍ ସାଇଜ ସବୁ ବର୍ଗର ଗ୍ରାହକଙ୍କର ପସନ୍ଦର ଯାନ ଭାବେ ପରିଗଣିତ ହୋଇଛି। ଏପରିକି ଉକ୍ତ ମଡେଲ ମଲ୍ଟି ପପୋଜ ଭେଇକିଲ (ଏମ୍‌ପିଭି) ଭାବେ ଡିଜାଇନ କରାଯାଇଛି। ଏଥିରେ ଉଭୟ ଏସ୍‌ୟୁଭି ଓ ଇନୋଭାର ମଜା ଉଠାଇହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ୬ରୁ ୭ ସିଟ୍ ବିଶିଷ୍ଟ ଉକ୍ତ ଯାନରେ ଅନେକ ସୁବିଧା ଓ ଟେକ୍ନୋଲୋଜି ଜଡ଼ିତ ଥିବାବେଳେ ୭ଟି ଆକର୍ଷଣୀୟ ରଙ୍ଗରେ ଏହି ମଡେଲ ବଜାରରେ ଉପଲବ୍ଧ। ଏପରିକି ଦେଶର ସମସ୍ତ ଏମ୍‌ଜି ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟ ସହ ଅନ୍‌ଲାଇନ ଜରିଆରେ ମଧ୍ୟ ବୁକିଂ ଉପଲବ୍ଧ ହେଉଛି। ସେହିଭଳି ଏମ୍‌ଜିର ବିଭିନ୍ନ ଭାରିଆଣ୍ଟର ମୂଲ୍ୟ ମଧ୍ୟ ଭିନ୍ନ ଭିନ୍ନ ରହିଥିବା ବେଳେ ଏହାର ଏକ୍ସ ଶୋ'ରୁମ ମୂଲ୍ୟ ୧୭.୪୯ ଲକ୍ଷରୁ ୨୨.୪୩ ଲକ୍ଷ ଟଙ୍କା ରହିଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ନୂଆ ସଡ଼କ ସୁରକ୍ଷା ନୀତି ଓ ଅଟୋମୋବାଇଲ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ସୁରକ୍ଷା ପଦକ୍ଷେପ ସାଙ୍ଗକୁ ସିଟ୍ ଅନୁଯାୟୀ ଏୟାର ବ୍ୟାଗ୍ ମଧ୍ୟ ଉପଲବ୍ଧ।

# କାନାରା ବ୍ୟାଙ୍କ ପକ୍ଷରୁ ଶ୍ରେଣୀଗୃହର ପୁନର୍ନିର୍ମାଣ




ଭୁବନେଶ୍ୱର,୫।୨

କାନାରା ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ସ୍କୁଲର ଶ୍ରେଣୀଗୃହର ମରାମତି କରାଯାଇଛି। ସ୍ଥାନୀୟ ପଳାଶପଲ୍ଲୀଠାରେ ଅବସ୍ଥିତ ଓଡ଼ିଶା ଆସୋସିଏଶନ ଅଫ୍ ଦି ଡେଫ୍ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ସ୍କୁଲର ଶ୍ରେଣୀଗୃହ ଗତ ଫନୀ ବାତ୍ୟାରେ ଏକ ପ୍ରକାର ନଷ୍ଟ ହୋଇଯାଇଥିଲା। ଏପରିକି କାନାରା ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ଶ୍ରେଣୀଗୃହର ପୁନର୍ନିର୍ମାଣ ଓ ଆନୁଷଙ୍ଗିକ ବିକାଶ କରାଯାଇଥିଲା। ସେହିଭଳି ଶ୍ରେଣୀଗୃହର ନିର୍ମାଣ କାର୍ଯ୍ୟ ଶେଷ ପରେ ଉଭୟ ବ୍ୟାଙ୍କ ଓ ଆସୋସିଏଶନ ପକ୍ଷରୁ ମିଳିତ ଭାବେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ସର୍କଲ ଅଫିସ ଜିଏମ୍ ବି.ଏଲ୍. ମୀନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଡିଜିଏମ୍ ଭୁବନେଶ୍ୱର ଜି.ଏନ୍ ମୂର୍ତ୍ତିଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଆସୋସିଏଶନର କର୍ମକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସୋଲାସ ପ୍ରତି ବଢ଼ୁଛି ଆଗ୍ରହ


ଡ.ପୀୟୁଷ ରାୟ

ନୂଆଦିଲ୍ଲୀ,୫।୨

ଦେଶର ଏକ ଜଣାଶୁଣା ତଥା ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଆର୍‌ଭି ୟୁନିଭର୍ସିଟିର ସ୍କୁଲ ଅଫ୍ ଲିବେରାଲ ଆର୍ଟସ ଆଣ୍ଡ ସାଇନ୍ସ (ସୋଲାସ) ପ୍ରତି ବର୍ତ୍ତମାନ ଉଭୟ ଦେଶ ଓ ବିଦେଶର ଛାତ୍ରୀଛାତ୍ରଙ୍କର ଆଗ୍ରହ ବୃଦ୍ଧି ପାଉଛି। ବିଶେଷକରି ସୋଲାସ ଜରିଆରେ ଛାତ୍ରୀଛାତ୍ରମାନେ ଖାଲି ଯେ ଏକ ନିର୍ଦ୍ଦିଷ୍ଟ ଶିକ୍ଷାଦାନରେ ରହି ଯାଇଥାନ୍ତି ତା' ନୁହେଁ ଏହା ସହିତ ଦକ୍ଷତା ବିକାଶ ସହ ଏକ ବିକଶିତ ଏବଂ ମୂଲବୋଧ ମଣିଷ ଭାବେ ମଧ୍ୟ ପରିଚିତ ହୋଇପାରିଥାନ୍ତି। ସେହିଭଳି ପ୍ରତିବର୍ଷ ପରିଚଳିତ ବର୍ଷ ମଧ୍ୟ ସୋଲାସ ପ୍ରତି ଛାତ୍ରୀଛାତ୍ରଙ୍କର ଆଗ୍ରହ ବଢ଼ୁଥିବା ଦେଖିବାକୁ ମିଳିଛି। ଏପରିକି ଏହା ଅଧୀନରେ ୭ରୁ ଅଧିକ ବିଷୟବସ୍ତୁ ସହ ୩ ବର୍ଷିଆ ଏବଂ ୪ ବର୍ଷିଆ ୟୁଜି ପ୍ରୋଗ୍ରାମ ପ୍ରଦାନ କରାଯାଉଛି। ବର୍ତ୍ତମାନର ଭୌଗୋଳିକ ପରିସ୍ଥିତି ଓ ଆତ୍ମନିର୍ଭରଶୀଳତା ବୃଦ୍ଧି ସୋଲାସ ବେଶ୍ ଲୋକପ୍ରିୟ ଏବଂ ଉକ୍ତ ପାଠ୍ୟକ୍ରମ ପ୍ରତି ଛାତ୍ରୀଛାତ୍ରଙ୍କର ଅଧିକ ଚାହିଦା ବଢ଼ୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ସୋଲାସର ପ୍ରଫେସର ତଥା ଫାଉଣ୍ଡିଂ ଡିନ୍ ଡ.ପୀୟୂଷ ରାୟ କହିଥିଲେ, ସୋଲାସ ଯେ ଖାଲି ଏକ ପାଠ୍ୟକ୍ରମ ବିଭାଗ ନୁହେଁ ଏହା ଏକ ସ୍କିଲ ଆକୋଜେଶନ ପ୍ରୋଗ୍ରାମ ଭାବେ ବେଶ୍ ପରିଚିତ ହୋଇପାରିଛି। ଏପରିକି ଏହା ଏକ ପ୍ରକାର ଟ୍ରେନିଂ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭାବେ ଅଗଣିତ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱୀକୃତି ପାଇଛି। ସେହିଭଳି ଉକ୍ତ ବିଷୟବସ୍ତୁ ସହ ନିଜର ପ୍ରତିଭାର କ୍ଷମତା ବୃଦ୍ଧି ପାଇ ସବୁବର୍ଗର ବିଦ୍ୟାର୍ଥୀ ଏଥିରେ ସାମିଲ ହୋଇ ବର୍ତ୍ତମାନ ସମାଜର ଏକ ପ୍ରତିଷ୍ଠିତ ବର୍ଗରେ ପରିଗଣିତ ହୋଇଛନ୍ତି। ସୂଚନାଯୋଗ୍ୟ, ସୋଲାସ ସମ୍ପର୍କରେ ସବିଶେଷ ସୂଚନା ଓ ପାଠ୍ୟକ୍ରମ ବିଷୟରେ ଅଧିକ ତଥ୍ୟ ପାଇବା ପାଇଁ ଆଗ୍ରହୀ ଛାତ୍ରୀଛାତ୍ରମାନେ ଏହାର ଅଫିସିଆଲ ୱେବ୍‌ସାଇଟରୁ ସମସ୍ତ ସୂଚନା ପାଇପାରିବେ ।

# ଭୁବନେଶ୍ୱରରେ ପ୍ରାମା ବ୍ରାଣ୍ଡ୍ ଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୫।୨



ଦେଶର ପ୍ରମୁଖ ସ୍ୱଦେଶୀ ସୁରକ୍ଷା ଏବଂ ନିରୀକ୍ଷଣ ଉତ୍ପାଦ ଉତ୍ପାଦନକାରୀ କମ୍ପାନୀ ପ୍ରାମା ଇଣ୍ଡିଆ ପ୍ରା.ଲିଃ.ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ବ୍ରାଣ୍ଡର ସହଯୋଗୀ ସଂସ୍ଥା କିରେଷ୍ଟୁ ସ୍ମାର୍ଟ ପ୍ରୋ ସହ ମିଳିତ ଭାବେ ଭୁବନେଶ୍ୱରଠାରେ ଏହାର ବ୍ରାଣ୍ଡ୍ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ବିଶେଷକରି ଓଡ଼ିଶା ବଜାରରେ କମ୍ପାନୀର ବଜାର ପ୍ରବେଶ ସାଙ୍ଗକୁ ଭିଡିଓ ସୁରକ୍ଷା ଉତ୍ପାଦ ଏବଂ ସମାଧାନର ବ୍ୟାପକ ପରିସର ଉପଲବ୍ଧ କରାଇଛି। ଏହି ଅବସରରେ କମିଶନରେଟ ପୋଲିସର ବରିଷ୍ଠ ପୋଲିସ ଅଧିକାରୀ ତଥା ଏସିପି ବିଷ୍ଣୁ ପ୍ରସାଦ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପ୍ରମା ଇଣ୍ଡିଆ ପ୍ରା.ଲିଃ.ର ଏମ୍‌ଡି ତଥା ସିଇଓ ଆଶିଷ ପି. ଧକନ କହିଛନ୍ତି, ଉକ୍ତ ଷ୍ଟୋର ଖୋଲିବା ସହ ଇଭେଣ୍ଟ ଅଂଶୀଦାରମାନଙ୍କ ପାଇଁ ଆମର ଦୀର୍ଘକାଳୀନ ଧ୍ୟାନ ଏବଂ ପ୍ରତିବଦ୍ଧତାକୁ ସୂଚିତ କରିଛି। ବିଶେଷକରି ପ୍ରାମା ଇଣ୍ଡିଆ ସହ ଜଡ଼ିତ ସମସ୍ତ ସୁରକ୍ଷା ବୃତ୍ତିଗତଙ୍କ ପାଇଁ ଏହା ଏକ ବିଶେଷ ମୁହୂର୍ତ୍ତ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି କିରେଷ୍ଟୁ ସ୍ମାର୍ଟ ପ୍ରୋ ପ୍ରାଇଭେଟ ଅନିଲ କୁମାର ସାହୁ କହିଛନ୍ତି, ପ୍ରାମା ଇଣ୍ଡିଆ ସହ ମିଳିତ ଭାବେ ଭୁବନେଶ୍ୱରର ପ୍ରଥମ ପ୍ରାମା ବ୍ରାଣ୍ଡ୍ ଷ୍ଟୋରକୁ ଉନ୍ମୋଚନକରି ଆମେ ବେଶ୍ ଖୁସି ଅଛୁ। ଏପରିକି ଆମର ସମସ୍ତ ଅଂଶୀଦାର ମଧ୍ୟ କମ୍ପାନୀର ଉକ୍ତ ବ୍ରାଣ୍ଡ୍ ଷ୍ଟୋରରେ ସ୍ୱଦେଶୀ ଉତ୍ପାଦିତ ପ୍ରାମା ସୁରକ୍ଷା ଉତ୍ପାଦର ବ୍ୟାପକ ପରିସରକୁ ଅନୁଭବ କରିପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି।

# 'ଅସ୍ଥିରତାର ସର୍ବାଧିକ ଲାଭ ଉଠାଇବା ଉଚିତ'

ନୂଆଦିଲ୍ଲୀ,୫।୨

ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଭୌଗୋଳିକ କାରଣରୁ ଆଶା ଓ ଆଶଙ୍କା ମଧ୍ୟରେ ଗତି କରୁଛି। ଏଭଳି ସମୟରେ ଜଣେ ଯତ୍ନଶୀଳ ନିବେଶକଭାବେ ବଜାରରେ ଥିବା ଅସ୍ଥିରତାଠାରୁ ନିଜ ପୋର୍ଟଫୋଲିଓକୁ ସୁରକ୍ଷିତ ରଖିବାକୁ ଚାହିଁଥାନ୍ତି। ତଥାପି ବଜାରର ଗତିବିଧିକୁ ନେଇ କେହି ବି ପୂର୍ବାନୁମାନ କରିପାରି ନ ଥାନ୍ତି। ତେଣୁ ସମ୍ପତ୍ତି ବର୍ଗ ମଧ୍ୟରେ ପାଣ୍ଠି ଏପଟସେପଟ କରିବା ପରିବର୍ତ୍ତେ ଅସ୍ଥିରତାକୁ ହରେଇବା ପାଇଁ ଜଣକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବିନିଯୋଗ କରିବାକୁ ଲକ୍ଷ୍ୟ ରଖିବା ଉଚିତ। ଏ ସମ୍ପର୍କରେ ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ଇକ୍ୱିଟି ପାଣ୍ଠି ପରିଚାଳକ ଅନୁପମ ତିୱାରୀ କହିଛନ୍ତି, ବଜାର ଉତ୍‌ଥାନ ପତନର ଲାଭ ଉଠାଇବା ପାଇଁ ଜଣେ ନିବେଶକ ବ୍ୟବସ୍ଥିତ ଭାବେ ବଜାରରେ ବିନିଯୋଗ କରିପାରିବେ। ଏପରିକି ବଜାରର ଦୁର୍ବଳତା ସମୟରେ ଜଣେ ନିବେଶକ ଅଧିକ ୟୁନିଟ୍ ପାଇଥାନ୍ତି। ହେଲେ ବଜାର ଉପରକୁ ଉଠିଲେ ତାହା ସେମାନଙ୍କ ସପକ୍ଷରେ ଯାଇଥାଏ। ବିଶେଷକରି ଶୃଙ୍ଖଳିତ ଏବଂ ବ୍ୟବସ୍ଥିତ ବିନିଯୋଗ ମଧ୍ୟରୁ ଗୋଟିଏ ଆଦର୍ଶ ଉପାୟ ହେଲା ଏସ୍‌ଆଇପି ମାଧ୍ୟମରେ ବିନିଯୋଗ କରିବା। ଫଳରେ ନିବେଶକଙ୍କୁ ତାଙ୍କ ବିନିଯୋଗର ମୂଲ୍ୟ ସମାନ ଏବଂ ସନ୍ତୁଳିତ ପରିମାଣ ଉତ୍ପନ୍ନ କରିବାକୁ ସକ୍ଷମ କରାଇବା ଏସ୍‌ଆଇପି ଅବଧି ଅନ୍ତରାଳରେ ନିୟମିତ ବିନିଯୋଗକୁ ସୁଗମ କରିଥାଏ। ନିବେଶ ପାଇଁ ପ୍ରତ୍ୟେକ ନିବେଶକଙ୍କ ଲକ୍ଷ୍ୟ ସହ ସଙ୍କଟ ଉଠାଇବା କ୍ଷମତା ଏବଂ ନିବେଶ ଅକ୍ଷତ ରଖିବା ଅବଧି ଭିନ ଭିନ୍ନ । ଏଭଳି କାରକଗୁଡିକ ଆଧାରରେ ଜଣେ ନିବେଶକ ସେମାନଙ୍କ ପ୍ରୋଫାଇଲ ଅନୁଯାୟୀ ବିଭିନ୍ନ ସମ୍ପତ୍ତିରେ ଇଚ୍ଛା ମୁତାବକ ଅନୁପାତରେ ନିବେଶ ଆବଣ୍ଟନ କରିପାରିବେ। ଏପରିକି ଋଣ, ଇକ୍ୱିଟି, ସୁନା, ଜମିବାଡ଼ି ଇତ୍ୟାଦି ବିଭିନ୍ନ ସମ୍ପତ୍ତି ବର୍ଗରେ ପୁଞ୍ଜି ବିନିଯୋଗ କରିବା ନିବେଶକମାନଙ୍କୁ ସେମାନଙ୍କର ପୋର୍ଟଫୋଲିଓଗୁଡିକୁ ବିଭିନ୍ନ ବଜାର ଅବସ୍ଥାରେ ଖୋଲିବାକୁ ସକ୍ଷମ କରିଥାଏ। ଏହାଦ୍ୱାରା ତାଙ୍କ ପୋର୍ଟଫୋଲିଓରେ ସାମଗ୍ରିକ ଅସ୍ଥିରତା ସୀମିତ ହୋଇଥାଏ।

# ଡ୍ରିମ୍‌ସ ପଲିଟେକ୍‌ନିକକୁ ଏନ୍‌ବିଏ ମାନ୍ୟତା

## ରାଜ୍ୟର ପ୍ରଥମ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନ ହାସଲ

କଟକ,୫।୨

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ଗ୍ରୁପ୍‌ର ସହଯୋଗୀ ଅନୁଷ୍ଠାନ ଡ୍ରିମ୍‌ସ ପଲିଟେକ୍‌ନିକକୁ ନିକଟରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ବୋର୍ଡ ଅଫ ଆକ୍ରିଡିସନ୍ (ଏନ୍‌ବିଏ) ମାନ୍ୟତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ପଲିଟେକର ୩ ପ୍ରମୁଖ ପାଠ୍ୟକ୍ରମ ଯଥା ଇଲେକ୍ଟ୍ରିକାଲ, କମ୍ପ୍ୟୁଟର ସାଇନ୍ସ ଏବଂ ମେକାନିକାଲ ଇଞ୍ଜିନିୟରିଂକୁ ଉକ୍ତ ମାନ୍ୟତା ଦିଆଯାଇଛି। ବିଶେଷକରି ଗୁଣାତ୍ମକ ଶିକ୍ଷାଦାନ, ଉନ୍ନତ ଭିତ୍ତିଭୂମି, ନିର୍ଦ୍ଧାରିତ ନିୟମାବଳୀ ତଥା ମାର୍ଗଦର୍ଶିକା ଠିକ୍ ଅନୁପାଳନ, ଆବଶ୍ୟକତା ପୂରଣ କରୁଥିବା କୁଶଳୀ ମାନବସମ୍ବଳ ସୃଷ୍ଟି ନିମନ୍ତେ ଛାତ୍ରୀଛାତ୍ରଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ସହିତ ଅନ୍ୟାନ୍ୟ ଦିଗକୁ ପର୍ଯ୍ୟାଲୋଚନା ଓ ଆକଳନ ଭିତ୍ତିରେ ଏହି ମାନ୍ୟତା ପ୍ରଦାନ କରାଯାଇଛି। ସେହିଭଳି ଏଭଳି ଏକ ମର୍ଯ୍ୟାଦାଜନକ ସ୍ୱୀକୃତି ପାଇବାରେ ଡ୍ରିମ୍‌ସ ପଲିଟେକ୍‌ନିକ ଗ୍ରାମାଞ୍ଚଳରେ ଗଢ଼ି ଉଠିଥିବା ରାଜ୍ୟର ପ୍ରଥମ ଘରୋଇ ଶିକ୍ଷାନୁଷ୍ଠାନଭାବେ ଉକ୍ତ ସମ୍ମାନର ଅଧିକାରୀ ହୋଇପାରିଛି। ଏହା ପୂର୍ବରୁ ରାଜ୍ୟସ୍ତରୀୟ ଶ୍ରେଷ୍ଠତା ପର୍ଯ୍ୟାୟରେ ଡ୍ରିମ୍‌ସ ପଲିଟେକ୍‌ନିକ ଘରୋଇ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ୩ୟ ଏବଂ ସରକାରୀ ସ୍ତରରେ ୬ଷ୍ଠ ସ୍ଥାନ ଅଧିକାର କରିଛି। ଏ ସମ୍ପର୍କରେ ଡ୍ରିମସ ସମୂହ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କହିଛନ୍ତି, ଡ୍ରିମ୍‌ସ ଭଳି ଏକ ଅନୁଷ୍ଠାନକୁ ଏଭଳି ଏକ ଗୌରବପୂର୍ଣ୍ଣ ମାନ୍ୟତା ଦିଆଯାଇଥିବାରୁ ସେ ଏନ୍‌ବିଏ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ନିଷ୍ଠାପର କର୍ତ୍ତବ୍ୟ ଓ ଦାୟିତ୍ୱ ନିର୍ବାହ ପାଇଁ ବଧାଇ ଜଣାଇଛନ୍ତି। ଅପରପକ୍ଷରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱୀକୃତି ଓ ଫଳାଫଳ ଅନୁଷ୍ଠାନର ଗୌରବକୁ ଦ୍ୱିଗୁଣିତ କରାଇଛି।

# ମାର୍ଚ୍ଚରେ ୨୧ତମ ଆଇଏଏପିଆଇ ଆମ୍ୟୁଜମେଣ୍ଟ ଏକ୍ସପୋ

ନୂଆଦିଲ୍ଲୀ,୫।୨




ଇଣ୍ଡିଆନ ଆସୋସିଏସନ ଅଫ୍ ଆମ୍ୟୁଜମେଣ୍ଟ ପାର୍କ ଆଣ୍ଡ ଇଣ୍ଡଷ୍ଟ୍ରିଜ (ଆଇଏଏପିଆଇ) ପକ୍ଷରୁ ଚଳିତ ବର୍ଷ ମାର୍ଚ୍ଚରେ ଏକ ୩ ଦିନିଆ ଏକ୍ସପୋ ଆୟୋଜନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୨୦୨୩ ମାର୍ଚ୍ଚ ୧ରୁ ୩ ପର୍ଯ୍ୟନ୍ତ ୨୧ତମ ଆଇଏଏପିଆଇ ଏକ୍ସପୋ ବମ୍ବେ ପ୍ରଦର୍ଶନୀ କେନ୍ଦ୍ରରେ ଆୟୋଜନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଉକ୍ତ ଏକ୍ସପୋ ମନୋରଞ୍ଜନ,ଅବକାଶ ଓ ବିବିଧ ସେକ୍ଟର ପାଇଁ ବୃହତ୍ ଓ ପ୍ରିମିୟର ବାଣିଜ୍ୟ ପ୍ରଦର୍ଶନୀ ହେବାକୁ ଯାଉଛି। ଉକ୍ତ ପ୍ରଦଶନୀରେ ବିଭିନ୍ନ ଶିଳ୍ପ ଗୋଷ୍ଠୀ ସେମାନଙ୍କ ଅତ୍ୟାଧୁନିକ ଉତ୍ପାଦ, ସେବା, ଅଫର ଓ ବୈଷୟିକ ପ୍ରଦର୍ଶନ କରିବା ଲାଗି ସୁଯୋଗ ପାଇବେ। ଏପରିକି ଉକ୍ତ ଏକ୍ସପୋରେ ଅଗ୍ରଣୀ ଭାରତୀୟ ତଥା ଆନ୍ତର୍ଜାତିକ କମ୍ପାନୀ ଓ ବ୍ରାଣ୍ଡର ସଂସ୍ଥାଗୁଡ଼ିକ ଯୋଗଦେବେ। ଏହି ତିନିଦିନିଆ ପ୍ରଦର୍ଶନୀକୁ ଭାରତ ସରକାରଙ୍କ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ (ଏମ୍‌ଏସ୍‌ଏମ୍‌ଇ) ସମର୍ଥନ କରୁଥିବା ବେଳେ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ପର୍ଯ୍ୟଟନ ବିଭାଗ ଏକ୍ସପୋର ପ୍ରତିଷ୍ଠିତ ଅଂଶୀଦାର ରାଜ୍ୟ ଭାବେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ଆଇଏଏପିଆଇର ଅଧ୍ୟକ୍ଷ ରାଜୀବ କାପୁର କହିଛନ୍ତି, ଆମ ଦେଶର ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ମନୋରଞ୍ଜନ ଶିଳ୍ପକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ଏପରିକି ଆମର ସଂଗଠନ ଅଭିବୃଦ୍ଧି ତଥା ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଭାରତରେ ମନୋରଞ୍ଜନ ଶିଳ୍ପକୁ ପ୍ରୋତ୍ସାହିତ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ । ସେହିଭଳି ଆଇଏଏପିଆଇ ବାଣିଜ୍ୟ ପ୍ରଦର୍ଶନୀର ଅଧ୍ୟକ୍ଷ ନିର୍ମଳ ସିଂ ରାଣା କହିଛନ୍ତି, ମନୋରଞ୍ଜନ ପ୍ରଦର୍ଶନୀର ଏକବିଂଶ ସଂସ୍କରଣ ଆୟୋଜନ କରି ଆମେ ଅତ୍ୟନ୍ତ ଆନନ୍ଦିତ। ଆମେ ୩ ବର୍ଷ ପରେ ଫେରି ଆସିଛୁ ଓ ଏହି ବର୍ଷ ଉତ୍ସାହର ସହ ଆମର ପ୍ରଦର୍ଶନୀ ଜାରି ରଖିବୁ। ଆମେ ମଧ୍ୟ ଆମର ସଦସ୍ୟମାନଙ୍କ ଠାରୁ ବିପୁଳ ଆଗ୍ରହ ଓ ଭାରତୀୟ ଉପମହାଦେଶରେ ମନୋରଞ୍ଜନକୁ ଆକର୍ଷଣୀୟ କରିବାକୁ ଯୋଜନା କରୁଛୁ।

# ସୂର୍ଯ୍ୟାଂଶୁ ଚାମ୍ପିୟନ, ଅଂଶୁମାନ ରନରଅପ୍

## ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୫।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନ ମନ୍ଦିରଠାରେ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସୂର୍ଯ୍ୟାଂଶୁ ମହାକୁଡ଼ ପ୍ରଥମ ସ୍ଥାନ ଅଧିକାର କରିବା ସହ ଚାମ୍ପିୟନ ହୋଇଥିବା ବେଳେ ସେଣ୍ଟ ଜାଭିୟର୍ ସ୍କୁଲ (ଖଣ୍ଡଗିରି)ର ସାଇ ଅଂଶୁମାନ ସିଂ ଦ୍ୱିତୀୟ ସ୍ଥାନ ସହ ରନରଅପ୍ ହୋଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଅଂଶଲ ଏସ୍. ଥୋମାସ, ପୋଖରିପୁଟ ଡିଏଭି ସ୍କୁଲର ଶ୍ରେୟାସ କୁମାର ବେହୁରିଆ, କଳିଙ୍ଗନଗର ଡିଏଭି ପବ୍ଲିକ ସ୍କୁଲର ଦୀପ୍ତିରଞ୍ଜନ ସାହୁ ଯଥାକ୍ରମେ ୩ୟ, ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅନ୍ୟ ବୟସ ବର୍ଗରେ ଯଥା ୧୩ ବର୍ଷରୁ କମ୍ ବିଭାଗରେ ଉଦୟକାନ୍ତ ନାୟକ ପ୍ରଥମ, ଅଂଶୁମାନ ଆଚାର୍ଯ୍ୟ ଦ୍ୱିତୀୟ, ୧୧ ବର୍ଷରୁ କମ୍ ବିଭାଗରେ ଶାରୁନ୍ ସୁବୁଦ୍ଧି ପ୍ରଥମ ଅମ୍ରିତ କୁମାର ମହାନ୍ତି ଦ୍ୱିତୀୟ ହୋଇଛନ୍ତି। ୯ ବର୍ଷରୁ କମ୍ ବିଭାଗରେ ସତ୍ୟସ୍ୱରୂପ ତ୍ରିପାଠୀ ପ୍ରଥମ ଏବଂ ଦେବରାଜ ସେନାପତି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୭ ବର୍ଷରୁ କମ୍ ବିଭାଗରେ ସିଦ୍ଧାର୍ଥ ମଲିକ ପ୍ରଥମ, ସତ୍ୟ ନାରାୟଣ ସ୍ୱାଇଁ ଦ୍ୱିତୀୟ ହୋଇଛନ୍ତି। ଅନ୍ୟପକ୍ଷରେ ଅକ୍ଷିତ ଆଚାର୍ଯ୍ୟ, ଶାଶ୍ୱତି ସେଠ୍, ଆଦିତ୍ୟ ଶଙ୍କର ବେହେରା, ଅଂଶୁମାନ ବେହେରା, ଓମ୍ ଶତପଥୀ ଓ ଅକ୍ଷତ ମିଶ୍ର ପ୍ରମୁଖଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷୟିତ୍ରୀ ହରପ୍ରିୟା ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ଶୁଭଶ୍ରୀ ପାଣିଗ୍ରାହୀ ଏବଂ ସାଇ ବୀଣାପାଣି ସ୍କୁଲର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଟ୍ରଫି ଓ ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀ।

# ହରିୟାଣାକୁ ହରାଇଲା ଓଡ଼ିଶା

## ଜାତୀୟ ସଫ୍ଟବଲ

ପୁରୀ ଅଫିସ, ୫।୨

ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ରବିବାରଠାରୁ ୪୪ତମ ଜାତୀୟ ସଫ୍ଟବଲ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏହା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ରାଜ୍ୟର ୨୬ ପୁରୁଷ ଓ ୨୪ ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଓ ହରିୟାଣା ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ହରିୟାଣା ମହିଳା ଦଳକୁ ୦୩ -୦୧ ସ୍କୋର ବ୍ୟବଧାନରେ ହରାଇ ଓଡ଼ିଶା ମହିଳା ଦଳ ବିଜୟ ଅଭିଯାନ ଆରମ୍ଭ କରିଛି। ମହିଳା ବର୍ଗ ମ୍ୟାଚରେ କେରଳ ୦୭-୦୦ରେ ହିମାଚଳ ପ୍ରଦେଶକୁ, ଛତିଶଗଡ଼ ୧୦-୦୮ରେ ଇଣ୍ଡିଆନ ଅଏଲକୁ, ଦିଲ୍ଲୀ ୧୦-୦୦ରେ ପଣ୍ଡିଚେରୀକୁ, ମହାରାଷ୍ଟ୍ର ୦୯ -୦୧ରେ ରାଜସ୍ଥାନକୁ, ଆନ୍ଧ୍ରପ୍ରଦେଶ ୦୧-୦ରେ ମଧ୍ୟପ୍ରଦେଶକୁ, ପଞ୍ଜାବ ୧୨-୦୨ କର୍ନାଟକକୁ ପରାସ୍ତ କରିଛି। ସେହିପରି ପୁରୁଷ ବିଭାଗରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୦୪-୦୧ରେ ପଣ୍ଡିଚେରୀକୁ, ଚଣ୍ଡୀଗଡ଼ ୦୬-୦୦ରେ ତାମିଲନାଡୁକୁ, ମହାରାଷ୍ଟ୍ର ୧୦-୦୦ରେ ଉତ୍ତର ପ୍ରଦେଶକୁ, ରାଜସ୍ଥାନ ୦୫-୦୦ରେ ପଞ୍ଜାବକୁ, ଛତିଶଗଡ଼ ୦୬-୦୦ରେ କେରଳକୁ ହରାଇଛି। ସୋମବାର ବିଭିନ୍ନ ଦଳ ମଧ୍ୟରେ ଲିଗ ମ୍ୟାଚ ଖେଳାଯିବ। ଆଗାମୀ ୯ ତାରିଖରେ ଏହି ସର୍ବଭାରତୀୟ ଚାମ୍ପିୟନଶିପ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ଏହି ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରି କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କ୍ରୀଡ଼ା ଶରୀରକୁ ସୁସ୍ଥ ରଖିବା ସହ ଭାଇଚାରା ସୃଷ୍ଟି କରିଥାଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ସଫ୍ଟବଲ ଆସୋସିଏଶନ ସଭାପତି ନୀତଲ ନାରଙ୍ଗ ଯୋଗଦେଇ ଏହି ଆୟୋଜନକୁ ପ୍ରଶଂସା କରିଥିଲେ।


ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରୁଛନ୍ତି ପୁରୀ ଜିଲାପାଳ ସମର୍ଥ ବର୍ମା ।

# ସେମିଫାଇନାଲରେ ଭାଲିଆଭାଡ଼ି

ପୁରୁଣା ଭୁବନେଶ୍ୱର, ୫।୨(ଡିଏନ୍ଏ)

ମା' ଭଗବତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବାଙ୍କୁଆଲ ଖେଳପଡିଆରେ ଅନୁଷ୍ଠିତ ଜଗବନ୍ଧୁ ସ୍ୱାଇଁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଖୋର୍ଦ୍ଧାର ଭାଲିଆଭାଡି। ଗୁରୁଜଙ୍ଗ କ୍ରିକେଟ କ୍ଲବକୁ ୭ ଉଇକେଟରେ ପରାସ୍ତ କରିଛି ଦଳ। ପ୍ରଥମେ ବ୍ୟାଟିଂ କରି ଗୁରୁଜଙ୍ଗ ୧୫ ଓଭରରେ ୭ ଉଇକେଟରେ ୨୦୭ ରନ୍ କରିଥିଲା। ଜବାବରେ ଭାଲିଆଭାଡି ୧୪.୪ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ୮୮ ରନ କରିଥିବା ବିଜୟୀ ଦଳର ଜ୍ଞାନେନ୍ଦ୍ର ମହାପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ରସାନନ୍ଦ ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ ଓ ସୁନୀଲ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।



ଜ୍ଞାନେନ୍ଦ୍ର ମହାପାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ୟୁନାଇଟେଡ କପ୍ କ୍ରିକେଟ: ସୁନ୍ଦରଗ୍ରାମ ସ୍ପୋର୍ଟିଂ ଚାମ୍ପିୟନ

କଣ୍ଟାପଡା, ୫।୨ (ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଇରୋଇ ନାରାୟଣୀ ୟୁଥକ୍ଲବ ପକ୍ଷରୁ ସ୍ଥାନୀୟ କେଳାକୁଦ ପଡିଆରେ ଆୟୋଜିତ ୩ୟ ୟୁନାଇଟେଡ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବାଲିଅନ୍ତା ଆର୍‌ସିସି କ୍ରିକେଟ କ୍ଲବକୁ ୮୬ ରନରେ ହରାଇ ସ୍ୱାଇଲ ଏସ୍‌ଜି ସ୍ପୋର୍ଟିଂ ସୁନ୍ଦରଗ୍ରାମ ଚାମ୍ପିୟନ ଟ୍ରଫି ହାସଲ କରିଛି। ସୌରଭ ଦାସଙ୍କ ୧୭ ବଲରୁ ୫୦ ଓ ଦିଲୀପ ରାଉତଙ୍କ ୨୫ ବଲରୁ ବିସ୍ଫୋରକ ୬୭ ରନ ବଳରେ ସୁନ୍ଦରଗ୍ରାମ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୬୨ ରନ୍ କରିଥିଲା। ବିପକ୍ଷ ଦଳର ବିକାଶ ଓ ପ୍ରଭାତ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୬୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ବାଲିଅନ୍ତା ଦଳ ପ୍ରାରମ୍ଭରେ ସୁମନ୍ତଙ୍କ ୪୦ ଓ ଅଭିତାଭଙ୍କ ୩୯ରନ ସହାୟତାରେ ଭଲ ଆରମ୍ଭ କରିଥିଲା। ମାତ୍ର ପରବର୍ତ୍ତୀ ବ୍ୟାଟରମାନଙ୍କ ବିଫଳତା ଯୋଗୁ ଦଳ ୧୬ ଓଭରରେ ୧୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଚାମ୍ପିୟନ ଦଳର ଚନ୍ଦନ ୪ ଓ ବାପୁଜୀ ୩ ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ, ସାମାଜିକ କର୍ମୀ ପବିତ୍ର ପ୍ରଧାନ, ଗୁଣନିଧି ସାହୁ, ସୁକାନ୍ତ ସାହୁ, ରମେଶ ସାହୁ, ବିଜୟ ନନ୍ଦ, ରାଜେଶ ନନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୟୀଦଳକୁ ୧୮,୦୦୦ ଟଙ୍କାସହ ଚାମ୍ପିୟନ ଟ୍ରଫି ଓ ରନରଅପ୍ ଦଳକୁ ୧୨,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ଚନ୍ଦନଙ୍କୁ ପ୍ଲେୟର ଅଫ ଦି ଫାଇନାଲ ଓ ରନରଅପ୍ ଦଳର ପବିତ୍ରଙ୍କୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜକ କ୍ଲବ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷଦେବ ସ୍ୱାଇଁ , ସୁନୀଲ ଦଳେଇ ଓ ସତ୍ୟରଞ୍ଜନ ବାରିକ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

# ପ୍ଲେ ଅଫ୍‌ରେ ଓଡ଼ିଶା ପୁରୁଷ, ମହିଳା

**ଭୁବନେଶ୍ୱର, ୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଆସାମର ଗୁଆହାଟୀରେ ଅନୁଷ୍ଠିତ ୭୧ ତମ ଜାତୀୟ ଭଲିବଲ ପ୍ରତିଯୋଗିତାରେ ପ୍ଲେ ଅଫ୍‌ରେ ପ୍ରବେଶ କରିଛି ଓଡ଼ିଶା ପୁରୁଷ ଓ ମହିଳା ଦଳ। ୨ରୁ ୯ ଫେବୃୟାରୀ ଯାଏ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ପୁରୁଷ ଓ ମହିଳା ଦଳ କ୍ରମାଗତ ଦ୍ୱିତୀୟ ଥର ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ପୁରୁଷ ଦଳ ଗ୍ରୁପ ପର୍ଯ୍ୟାୟରେ ସମସ୍ତ ୫ ମ୍ୟାଚରେ ବିଜୟୀ ହୋଇଥିଲା। ରବିବାର ଦଳ ପୁଡୁଚେରୀକୁ ୨୫-୧୫, ୨୫-୧୭ ଓ ୨୫-୨୦ରେ ପରାସ୍ତ କରିଥିଲା। ସେହିପରି ମହିଳା ଦଳ ଉତ୍ତରାଖଣ୍ଡକୁ ୨୫-୧୧, ୨୫-୭ ଓ ୨୫-୧୨ରେ ହରାଇଥିଲା। ସୋମବାର ପୁରୁଷ ଦଳ ଦିଲ୍ଲୀକୁ ଏବଂ ମହିଳା ଦଳ ଗୁଜରାଟକୁ ଭେଟିବ। ଭଲିବଲ ସଂଘ ସଭାପତି ଅଚ୍ୟୁତ ସାମନ୍ତ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ଫୁରସତ୍

# ଡିଭାଇସ୍ ଚିହ୍ନିବ 'ବ୍ରେନ୍ ଟ୍ୟୁମର'

## ରୋଗୀ ହେବେନି ଖର୍ଚ୍ଚାନ୍ତ

ଟୋକିଓ

ଏଣିକି ରୋଗୀ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ କି ନୁହେଁ ତାହା ଜାଣିବା ସହଜ ହେବ। ଜାପାନର ନାଗୋୟା ୟୁନିଭର୍ସିଟିର ଗବେଷକମାନେ ନୂତନ କରି ଏକ ଡିଭାଇସ୍ ଆବିଷ୍କାର କରିଛନ୍ତି, ଯାହା ପରିସ୍ରାରୁ ଜାଣିପାରିବ ରୋଗୀଙ୍କୁ ବ୍ରେନ୍ ଟ୍ୟୁମର ହୋଇଛି କି ନାହିଁ। ଖାଲି ଏତିକି ନୁହେଁ ବହୁ ପ୍ରକାର କ୍ୟାନ୍ସର ରୋଗ ଚିହ୍ନଟ କରିବାରେ ଏହି ଡିଭାଇସ୍ ସାହାଯ୍ୟ କରିବ ବୋଲି ଗବେଷକମାନେ ସୂଚନା ଦେଇଛନ୍ତି।

ଦୀର୍ଘ ୨୦ ବର୍ଷ ଧରି ବିଶ୍ୱରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହି ଡିଭାଇସ୍‌ର ବ୍ୟବହାର ଦ୍ୱାରା ରୋଗକୁ ଚିହ୍ନଟ କରି ଠିକ୍ ସମୟରେ ଚିକିତ୍ସା କରାଯାଇ ପାରିବ। ବ୍ରେନ୍ ଟ୍ୟୁମର ରୋଗୀଙ୍କ ଶରୀରରେ ଏକ ବିଶେଷ ପ୍ରକାର ହର୍‌ମୋନ୍ ଓ ଏକ୍ସଟ୍ରା ସେଲୁଲାର ଭେସିକଲ୍ (ଇଭି) କ୍ଷରଣ ହୋଇଥାଏ। ନୂତନ ଭାବେ ଆବିଷ୍କୃତ ହୋଇଥିବା ଏହି ଯନ୍ତ୍ର ପରିସ୍ରାରୁ ଇଭି ଚିହ୍ନଟ କରିଥାଏ। ସାଧାରଣ ଭାବେ କ୍ୟାନ୍ସର ରୋଗ ପୂର୍ବରୁ ବହୁ ପରୀକ୍ଷା କରିବାକୁ ପଡ଼ିଥାଏ, ଯାହାଦ୍ୱାରା ସେମାନେ ଖର୍ଚ୍ଚାନ୍ତ ମଧ୍ୟ ହୁଅନ୍ତି। ରୋଗ ଚିହ୍ନଟ କରି ଚିକିତ୍ସା କରିବା ବେଳକୁ ବହୁ ବିଳମ୍ବ ହୋଇଯାଉଥିବାବେଳେ ଖୁବ୍ କମ୍ ଲୋକ ହିଁ ଠିକ୍ ସମୟରେ ଚିକିତ୍ସା କରି ଭଲ ହୋଇପାରୁଛନ୍ତି। ଏ ପ୍ରକାର ବିଷମ ସମସ୍ୟାକୁ ସହଜରେ ଏହି ଡିଭାଇସ୍ ଦ୍ୱାରା ଦୂର କରାଯାଇ ପାରିବ ବୋଲି ବିଶେଷଜ୍ଞମାନେ ଦାବି କରିଛନ୍ତି।



# 'ୟଙ୍ଗ ଆଚିଭର୍ସ' ପରିଣୀତି

**ଲଣ୍ଡନ:** ହିନ୍ଦୀ ଫିଲ୍ମ 'ମେରି ପ୍ୟାରି ବିନ୍ଦୁ'ର ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କୁ ବ୍ରିଟେନର 'ୟଙ୍ଗ୍ ଆଚିଭର୍ସ' ସମ୍ମାନରେ ସମ୍ମାନିତ କରାଯାଇଛି। ୭୫ ଭାରତୀୟଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇଥିବାବେଳେ ୟୁନିଭର୍ସିଟି ଅଫ୍ ମାଞ୍ଚେଷ୍ଟର ଆଲମନାରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମାଞ୍ଚେଷ୍ଟରରେ ପାଠ ପଢୁଥିବା ପରିଣିତୀ ଏହି ସମ୍ମାନ ପାଇ ବେଶ୍ ଖୁସି ଥିବା କହିଛନ୍ତି। ଭାରତ ସ୍ୱାଧୀନତା ଲାଭର ୭୫ ବର୍ଷ ପୂର୍ତ୍ତି ଅବସରରେ ବ୍ରିଟେନ୍ ଓ ଭାରତ ମିଳିତ ଭାବେ ୭୫ ୟଙ୍ଗ୍ ଆଚିଭର୍ସମାନଙ୍କ ନାମ ତାଲିକା ପ୍ରସ୍ତୁତ କରିଥିଲେ। ବ୍ରିଟେନ୍‌ରେ ପାଠ ପଢ଼ିଥିବା ବ୍ୟକ୍ତିଙ୍କୁ ବିଶେଷ କରି ଏହି ସମ୍ମାନ ପ୍ରଦାନ କରାଯାଇଛି। ଆର୍ଟ, କଲଚର ଏବଂ ଏଣ୍ଟରଟେନ୍‌ମେଣ୍ଟ କାଟାଗୋରିରେ ପରିଣିତୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏ ନେଇ ଅଭିନେତ୍ରୀ ଜଣକ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ବ୍ୟାଙ୍କ କିମ୍ବା ଏକ ବଡ଼ କର୍ପୋରେଟ୍ ସେକ୍ଟରରେ କାମ କରିବାର ସ୍ୱପ୍ନ ଦେଖିଥିବା ପରିଣିତୀ ମୁମ୍ବାଇରେ ରହି ନିଜର ଆକ୍ଟିଙ୍ଗ୍ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଉଚାଇ'ରେ ଦେଖିବାକୁ ମିଳିଥିଲା । ଆଗାମୀ ଦିନରେ ପରିଣିତୀ ଇମ୍‌ତିଆଜ ଅଲ୍ଲିଙ୍କ ଫିଲ୍ମ 'ଚମକିଲା'ରେ ନଜର ଆସିବେ।



# ଲକ୍‌ଜ୍ୟୁରି ଅଟୋ

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଏକ ଲକ୍‌ଜ୍ୟୁରି ଅଟୋ ରିକ୍ସାର ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଏହା ସାଧାରଣ ଅଟୋଠାରୁ ଭିନ୍ନ। କାରଣ ଏଥିରେ ବହୁ ଲକ୍‌ଜ୍ୟୁରି କାର୍‌ର ଯନ୍ତ୍ରାଂଶ ଖଞ୍ଜାଯାଇ ଏହାକୁ ନୂଆ ରୂପ ଦିଆଯାଇଛି। ପ୍ରତିଷ୍ଠିତ ଶିଳ୍ପପତି ହର୍ଷ ଗୋଏଙ୍କା ଏହି ଲଗ୍‌ଜ୍ୟୁରି ଅଟୋର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ୟୁଜର୍ସ ହର୍ଷଙ୍କ ଏହି ଭିଡିଓକୁ ପସନ୍ଦ କରିବାରେ ଲାଗିଛନ୍ତି। ତେବେ ଅଟୋକୁ ନୂଆ ରୂପ ଦେଇ ହାଇଲାଇଟ୍ ହେବା ପ୍ରଥମ ଘଟଣା ନୁହେଁ। ଏହାପୂର୍ବରୁ ୨୦୨୨ରେ ଦିଲ୍ଲୀର ଅଟୋ ଚାଳକ ମହେନ୍ଦ୍ର କୁମାର ଅଟୋର ଛାତରେ କିଚେନ୍ ଗାର୍ଡେନ୍ କରି ଚର୍ଚ୍ଚାକୁ ଆସିଥିଲେ। ପାଖାପାଖି ୨୫ ପ୍ରକାର ଗଛ ସେ ତାଙ୍କ ଗାର୍ଡେନ୍‌ରେ ଲଗାଇଥିଲେ। ତେବେ ଯାତ୍ରୀମାନଙ୍କୁ ଖରା ଦାଉରୁ ରକ୍ଷାକରିବା ପାଇଁ ମହେନ୍ଦ୍ର ଏହି ନିଆରା ଉପାୟ ପାଞ୍ଚିଥିବା କହିଥିଲେ।



# ଭାଉଜଙ୍କୁ ଯୌତୁକରେ କାର୍ ମାଗିଲେ ସପ୍ନା

ମୁମ୍ବାଇ

ଅଡୁଆରେ ହରିୟାଣାର ଲୋକପ୍ରିୟ ନୃତ୍ୟଶିଳ୍ପୀ ସପ୍ନା ଚୌଧୁରୀ ଓ ତାଙ୍କ ପରିବାର। ସପ୍ନାଙ୍କ ଭାଉଜ ପାଲୱାଲ ମହିଳା ଥାନାରେ ଯୌତୁକ ନିର୍ଯାତନା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସପ୍ନା ବିବାଦ ଘେରକୁ ଆସିଛନ୍ତି। ପାଲୱାଲର ବାସିନ୍ଦା ସପ୍ନାଙ୍କ ଭାଉଜଙ୍କ ଅଭିଯୋଗ ଅନୁସାରେ, ୨୦୧୮ରେ ସେ ଦିଲ୍ଲୀର ନଜାଫଗଡ଼ର ବାସିନ୍ଦା ତଥା ସପନାଙ୍କ ଭାଇ କର୍ଣ୍ଣଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ ତାଙ୍କୁ ଯୌତୁକ ଲାଗି ହଇରାଣ କରାଯାଉଥିଲା। ତାଙ୍କ ଝିଅ ଜନ୍ମ ହେବା ପରେ ସପ୍ନା ଭାଉଜଙ୍କୁ କ୍ରେଟା ଗାଡ଼ି ଆଣିବାକୁ କହିଥିଲେ। ଏହାପରେ ତାଙ୍କ ବାପା ନଗଦ ୩ ଲକ୍ଷ ଟଙ୍କା, ସୁନା, ରୂପା ଏବଂ ପୋଷାକ ଶାଶୁଘରକୁ ପଠେଇଥିଲେ। ଏହାସତ୍ତ୍ୱେ ତାଙ୍କ ଶାଶୁଘର ଲୋକଙ୍କ ଲାଳସା କମି ନ ଥିଲା। ସେ ପୁଣିଥରେ ତାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ୨୦୨୦ ମେ ୨୬ରେ ତାଙ୍କ ସ୍ୱାମୀ ମଦ ନିଶାରେ ତାଙ୍କ ସହ ମାରପିଟ ଏବଂ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଛଅ ମାସ ପୂର୍ବେ ସେ ବାପଘର ଚାଲିଆସିଛନ୍ତି। ଏବେ ସେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତବେ ସପ୍ନାଙ୍କ ବିରୋଧରେ ଲାଗିଥିବା ଅଭିଯୋଗକୁ ନେଇ ଯାଞ୍ଚ କରାଯାଉଛି। ଅଭିଯୋଗ ପ୍ରମାଣିତ ହେଲେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଶୁଭବ
ପରିବାରବର୍ଗ


ପ୍ରଭାସିନୀ
ପରିବାରବର୍ଗ


ଜ୍ୟୋତି ଲିପ୍ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏସୀୟ ଜୁଜୁଟ୍‌ସୁ ପାଇଁ ଅନୁପମାଙ୍କୁ ଯୋଗ୍ୟତା


ଜାତୀୟ ଜୁଜୁଟ୍‌ସୁ ସଂଘ ସଭାପତି ଓ ସମ୍ପାଦକଙ୍କ ସହିତ ଅନୁପମା।

**ଭୁବନେଶ୍ୱର,୫।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଏସୀୟ ଜୁଜୁଟ୍‌ସୁ ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ମନୋନୀତ ହୋଇଛନ୍ତି ଓଡ଼ିଶାର ଅନୁପମା ସ୍ୱାଇଁ। ରବିବାର ଦିଲ୍ଲୀର ପ୍ରୋ ଫାଇଟ୍ କ୍ଲବରେ ଅନୁଷ୍ଠିତ ଚୟନ ପ୍ରତିଯୋଗିତାର ଉଭୟ କଷ୍ଟ୍ୟୁମ(ଜିଆଇ) ଓ ନୋ ଜିଆଇ ବର୍ଗରେ ସେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଥାଇଲାଣ୍ଡରେ ଫେବୃୟାରୀ ୨୩ରୁ ୨୮ ଯାଏ ସପ୍ତମ ଏସୀୟ ଜୁଜୁଟ୍‌ସୁ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ଅନୁପମା ଏସୀୟ ଜୁଜୁଟ୍‌ସୁ ପ୍ରତିଯୋଗିତାରେ ପଦକ ହାସଲ କରିବା ସହିତ ୱାର୍ଲ୍ଡ ମାଷ୍ଟର୍ସ ମାର୍ଶଲ ଆର୍ଟରେ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲେ। ଅନୁପମା ଦିଲ୍ଲୀର ୱାରିୟର୍ସ କୋଭ୍ ଏମ୍‌ଏମ୍‌ଏରେ ଅଭ୍ୟାସ ଜାରିରଖିବେ। ଏସୀୟ ପ୍ରତିଯୋଗିତା ପାଇଁ ଅନୁପମାଙ୍କୁ ଶୁଭକାମନା ଜଣାଇଛି ରାଜ୍ୟ ଜୁଜୁଟ୍‌ସୁ ସଂଘ।

## ୧୫ ତମ ଜାତୀୟ ରଗ୍‌ବୀ ଚାମ୍ପିୟନଶିପ୍

# ଓଡ଼ିଶା ମହିଳା ଚାମ୍ପିୟନ୍


ଜାତୀୟ ଚାମ୍ପିୟନ ଓଡ଼ିଶା ମହିଳା ରଗ୍‌ବୀ ଦଳ।

**ଭୁବନେଶ୍ୱର,୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ୧୫ ତମ ଜାତୀୟ ରଗ୍‌ବୀ ଚାମ୍ପିୟନଶିପ୍‌ରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି ଓଡ଼ିଶା ମହିଳା ଦଳ। କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଖେଳା ଯାଇଥିବା ଟୁର୍ନାମେଣ୍ଟର ଫାଇନାଲରେ ଓଡ଼ିଶା ୪୭-୭ ପଏଣ୍ଟରେ ବିହାରକୁ ପରାସ୍ତ କରିଥିଲା। ଦିଲ୍ଲୀ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେହିପରି ପୁରୁଷ ବର୍ଗରେ ଅନୁଷ୍ଠିତ ଫାଇନାଲରେ ଦିଲ୍ଲୀ ହରିକେନ ଏକ ପାଖିଆ ଭାବରେ ୧୦୦-୩ ପଏଣ୍ଟରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ତେବେ ବ୍ରୋଞ୍ଜ ପଦକ ମ୍ୟାଚରେ ଇଣ୍ଡିଆନ୍ ଆର୍ମି ୪୦-୧୮ରେ କିସ୍‌କୁ ପରାସ୍ତ କରିଥିଲା। ପୂର୍ବତନ ରଗବୀ ଖେଳାଳି ଗଣେଶ ହେମ୍ବ୍ରମ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ୍ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, କ୍ରୀଡା ଓ ଯୁବସେବା ଅଧିକାରୀ ୟଶ୍ ଚଭନ, କିଟ୍ କ୍ରୀଡ଼ା ଅଧିକାରୀ ରୁଦ୍ର କେ. ଜେନା ଏବଂ କୋଚ ମାନସ କୁମାର ଜେନା ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ରଗବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର ବିଜୟୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।


# Classified Everyday
0674-2580101, 2549949



**SALE**

Bhubaneswar Carz (Preowned Car) for sale. Vehicle price- Honda Jazz V (2017) 5,30,000/-, Tata Tiagoxz (2021) 7, 15, 000/-, Alto 800 Lxi (2015) 2, 30, 000/-, Alto Lxi (2010) 1, 30, 000/-. Contact person- 7764076680, 9776080658. D-2652

**HIRE**

41 Seated White Tata Bus within 5years for monthly hire purpose, wanted immediately. Contact : 7077714312. D-2635


REAL ESTATE

**SALE**

ଭୁବନେଶ୍ୱର ପଟିଆ ଷ୍ଟେସନ **2 K.M., New Rly Station 400mtr.** ଦୂରତାରେ **yellowzone plot** ମିଳୁଛି **sqft.-650/-. 8249081980.** D-74187

ଜଟଣୀ NISER ସାମ୍ନାରେ ଘରବାରି yellowzone ଥାଇ possession plot କିଣି immediate ଘର କରନ୍ତୁ। 9938066403, 9438315973. D-74809

ନଖରା ତ୍ରିନାଥବଜାର ପାଖରେ ନଗଦ ଘର କରିବା ପାଇଁ ପାଖରେ ଇଲେକ୍ଟ୍ରି ସୁବିଧା ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9439889903. D-74810

ଭୁବନେଶ୍ୱର ହଂସପାଳଠାରୁ **9 K.M.** ଭିଙ୍ଗାରପୁରଠାରେ **Demarcated 30ft. road,** ଘରବାରି, ଇଲେକ୍ଟ୍ରି ସୁବିଧା ଥାଇ **sqft.-700/-** ପ୍ଲଟ୍ ବିକ୍ରି ହେଉଛି। **9437114429, 9090809945.** D-74808

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

ଭୁବନେଶ୍ୱରରେ ଆଜି ପ୍ଲଟ୍ କିଣି ଆଜି ଘର କରନ୍ତୁ। Sqft. 950/-. 9439493164. D-74806

**Highly developed gated society gharabari plot sale near Toshali Square, Puri opposite Medical College. 9937373013.** D-74802

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

**30'road, boundary** ଥାଇ **yellowzone proposed 100ft.** ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ **12,00,000/-**ରେ ମିଳୁଛି। **9937391249, 6371915941.** D-74195




For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615




Full body massage, refresh, relaxed by expert lady therapist. Contact: 8480939300. D-2644

**Relax, Refresh your body, Mind at Saikrupa Spa with best therapies. 8984068077.** D-2586

Newly open SPA positively health benefits with expert therapist. 7849011931. D-73680

Asribadda Panchakarma herbal SPA, Kesarimall, Bhubaneswar. Contact : 8926173473. D-74634

Newly open health benefits SPA special Offer@999, Nayapalli. 7846814019. D-73679

**LOST**

I Mishru Arka, W/o-Harekrushna Arka, R/o- Gochhura, P.S.-Mahulpali, Dist.-Sambalpur have a land area of Ac 10 decimal by registered sale deed No.-236 dt 09.05.1995 and vide Khata No.-177/164, Plot No.-918/3313, Kisam- Gharabari on dt. 30.06.22 I am along with my son "Bijay Arka" going to Gochhura from Ullunda the said original registered sale deed was lost on the way. I have searched the same but could not found. I have also applied the home loan at SBI, Burla Branch on the aforesaid property. D-2678

**ପାଠକଙ୍କ ପାଇଁ ସୂଚନା।**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ଅର୍ଡର -୫,ରୁଲ୍ ୨୦(୧-ଏ)ମତେ ନୋଟିସ ପୁରୀ ମୁକାମ ଜିଲ୍ଲା ଜଜ୍‌ଙ୍କ ଅଦାଲତ, ପୁରୀ ଆର୍.ଏଫ୍.ଏ. ନ୧୫୦/୨୦୧୬ଘର (ଟି.ଏସ୍.ନ୨/୯୨ଘର ସନ ୨୦୦୩/୨୦୦୧ରୁ ଉଦ୍ଭୁତ)

ରଙ୍ଗ ମାଣ୍ଡୋଇ, ବ୭୫ର୍ଷ, ସ୍ୱାମୀ:୰ନାରାୟଣ ମାଣ୍ଡୋଇ, ପିତା: ବୁଦ୍ଧନାଥ ବେହେରା, ସାକିନ: ପରକର ସାହି, ପୋଷ୍ଟ: ଓଲ୍ଡ ଟାଉନ, ଥାନା: ଲିଙ୍ଗରାଜ, ଜିଲ୍ଲା: ଖୋର୍ଦ୍ଧା ......ଆପିଲାଣ୍ଟ

ବନାମ

୧. ବୁଦ୍ଧନାଥ ବେହେରା(ମୃତ), ୨. କୃଷ୍ଣ ଚନ୍ଦ୍ର ବେହେରା, ବ୭୦ର୍ଷ, ୩. ବିଷ୍ଣୁ ଚନ୍ଦ୍ର ବେହେରା, ବ୬୫ର୍ଷ, ୪. ମହେଶ୍ୱର ବେହେରା, ବ୬୦ର୍ଷ, କ୍ରମିକ ନଂ.୨, ଲଗାୟତ ୪ଘରଙ୍କର ପିତା: ୰ବୁଦ୍ଧନାଥ ବେହେରା, ସାକିନ:ସିଉଳା, ପୋଷ୍ଟ: ଗୋବିନ୍ଦପୁର, ଥାନା: ପିପିଲି, ଜିଲ୍ଲା:ପୁରୀ । ୫. ସ୍ୱର୍ଣ୍ଣସଙ୍ଖା ଇଷ୍ଟେଟ୍ ଓ ବିଲ୍ଡର୍ସ ପ୍ରାଇଭେଟ୍ ଲିମିଟେଡ୍, ସାକିନ: ୧୯୦-ଏ,ଶହୀଦ୍ ନଗର, ଭୁବନେଶ୍ୱର-୭, ଜିଲ୍ଲା: ଖୋର୍ଦ୍ଧା, ତରଫ ନିର୍ଦ୍ଦେଶକ ଶ୍ରୀ ଓମ୍ ପ୍ରକାଶ ମିଶ୍ର, ବ୨୭ର୍ଷ, ପିତା: ରଜନୀକାନ୍ତ ମିଶ୍ର, ସାକିନ: ୩୭୪, ସୁଖ ବିହାର, ୟୁନିଟ୍ ନ୪ଘର, ଭୁବନେଶ୍ୱର, ଥାନା: ଶହୀଦନଗର, ଜିଲ୍ଲା:ଖୋର୍ଦ୍ଧା ହାଲ୍ ସାକିନ:ଫ୍ଲଟ୍ ନଂ.୧୦୭/୩ଘର, ଗିରିଦୁର୍ଗା ହୋମ୍ସ, ଖାରବେଳ ନଗର, ୟୁନିଟ୍ ନଂ.III, ଭୁବନେଶ୍ୱର, ଜିଲ୍ଲା:ଖୋର୍ଦ୍ଧା। ୬. ମମତା ସାମନ୍ତରାୟ, ବ୫୩ର୍ଷ, ସ୍ୱାମୀ: ମାନସ ରଞ୍ଜନ ସାମନ୍ତରାୟ, ସାକିନ: ସାମନ୍ତରାପୁର, ପୋଷ୍ଟ: ଠଣାପଲ୍ଲୀ, ଥାନା: ବୋଲଗଡ଼, ଜିଲ୍ଲା:ଖୋର୍ଦ୍ଧା। ୭. ସନ୍ଦୀପ୍ ରଥ, ବ୩୩ର୍ଷ, ପିତା: ନାରାୟାନ ରଥ, ସାକିନ/ପୋଷ୍ଟ: ଲକ୍ଷ୍ମୀନାରାୟଣପୁର, ଥାନା: ପିପିଲି, ଜିଲ୍ଲା: ପୁରୀ। ୮. ଦୀପ୍ତି ପ୍ରତିହାରୀ, ବ୬୦ର୍ଷ, ସ୍ୱାମୀ: ବାସୁଦେବ ରାଉତ, ସାକିନ: ମାଧବକୁଳ, ପୋଷ୍ଟ- ମାଧବ, ଥାନା: ନିଆଳି, ଜିଲ୍ଲା: କଟକ। ୯. ରଚିତା ପ୍ରଧାନ, ବ୫୦ର୍ଷ, ସ୍ୱାମୀ: ସୁବ୍ରତ କୁମାର ନାୟକ, ସାକିନ: ବରଡିହ, ପୋଷ୍ଟ: କୁସୁପୁର, ଥାନା: ଅସ୍ତରଙ୍ଗ, ଜିଲ୍ଲା: ପୁରୀ। ୧୦. ପ୍ରଭାକର ମଙ୍ଗରାଜ, ବ୬୩ର୍ଷ, ପିତା: ୰ଗୌରଙ୍ଗ ଚରଣ ପାତ୍ର, ସାକିନ: ଗଡ଼ତୋରିହଁ, ପୋଷ୍ଟ: ନିମାପଡ଼ା, ଜିଲ୍ଲା: ପୁରୀ, ହାଲ୍ ସାକିନ: ମାଟିଆପଡ଼ା-୨, ଥାନା: ପିପିଲି, ଜିଲ୍ଲା: ପୁରୀ। ୧୧. ପୁଷ୍ପଲତା ବେହେରା, ବ୨୪ର୍ଷ, ସ୍ୱାମୀ: ବିଶ୍ୱରଞ୍ଜନ ବେହେରା, ସାକିନ: ମଠସାହି, ପୋଷ୍ଟ: ଚାଉଳିଆଗଞ୍ଜ, ନୂଆବଜାର, ଥାନା: ଚାଉଳିଆଗଞ୍ଜ, ଜିଲ୍ଲା: କଟକ। ୧୨. ନିଶା ବେହେରା, ବ୪୨ର୍ଷ, ପିତା: ୰କେଶବ ବେହେରା, ସ୍ୱାମୀ: ସରୋଜ ନାୟକ, ସାକିନ/ପୋଷ୍ଟ: ଗଡ଼ବିଷ୍ଣୁପୁର, ଥାନା: ଏରସମା, ଜିଲ୍ଲା: ଜଗତ୍‌ସିଂହପୁର। ୧୩. ବିଶ୍ୱରଞ୍ଜନ ଯାଦବ୍, ବ୩୭ର୍ଷ, ପିତା: ୰କେଶବ ବେହେରା, ସାକିନ: ଦରକା ପାଟଣା, ପୋଷ୍ଟ- କଲ୍ୟାଣୀ ନଗର, ଥାନା: ମଧୁପାଟଣା, ଜିଲ୍ଲା: କଟକ। ୧୪. ମାଧବ ପ୍ରଧାନ, ବ୫୩ର୍ଷ, ପିତା: ୰ମକର ପ୍ରଧାନ, ସାକିନ: ମାଟିଆପଡ଼ା-୧, ପୋଷ୍ଟ: ସିଉଳା, ଥାନା: ପିପିଲି, ଜିଲ୍ଲା: ପୁରୀ। ୧୫. ସରୋଜ କୁମାର ବେହେରା, ବ୪୧ର୍ଷ। ୧୬. ମନୋଜ କୁମାର ବେହେରା, ବ୩୭ର୍ଷ। ୧୭. କ୍ଷୀରୋଦ କୁମାର ବେହେରା, ବ୨୫ର୍ଷ, ପିତା: ବିଷ୍ଣୁ ଚନ୍ଦ୍ର ବେହେରା, ସାକିନ: ସିଉଳା, ସାମିଲି ତଲଉ, ପୋଷ୍ଟ: ସିଉଳା, ଥାନା: ପିପିଲି, ଜିଲ୍ଲା: ପୁରୀ। ୧୮. ୟୁ. ଶ୍ରୀନିବାସ ପାତ୍ର, ବ୪୨ର୍ଷ, ପିତା: ବ୍ରଜ ଗୋପାଳ ପାତ୍ର, ସାକିନ/ ପୋଷ୍ଟ: ଜୟଗୋପାଳ (ଭି.ଆଇ.ପି. ଲାଇନ), ଥାନା: ଜୟପୁର ସଦର, ଜିଲ୍ଲା: କୋରାପୁଟ। ୧୯. ମନୋଜ କୁମାର ରଣା, ବ୪୦ର୍ଷ, ପିତା: ଦିବାକର ରଣା, ସାକିନ/ପୋଷ୍ଟ: ଗୋରଡ଼ାପୁର, ଥାନା: ପାଟକୁରା, ଜିଲ୍ଲା: କେନ୍ଦ୍ରାପଡ଼ା। ୨୦. ଶ୍ରୀମତୀ ସୁଷମା ରାଉତ, ବ୫୧ର୍ଷ, ସ୍ୱାମୀ: ଶତ୍ରୁଘ୍ନ ରାଉତ, ସାକିନ: ସୁନି, ପୋଷ୍ଟ: ସରସଡ଼ା, ଥାନା: ଭଣ୍ଡାରିପୋଖରୀ, ଜିଲ୍ଲା: ଭଦ୍ରକ, ହାଲ୍ ସାକିନ: ନୀଳାଦ୍ରିବିହାର, ଭୁବନେଶ୍ୱର, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା। ୨୧. ଶୁଭଜିତ୍ ଜେନା, ବ୩୬ର୍ଷ, ପିତା: ଅଜିତ୍ କିଶୋର ଜେନା, ସାକିନ/ପୋଷ୍ଟ: କଣ୍ଟିଲୋ, ଥାନା: ଜଗତ୍‌ସିଂହପୁର, ଜିଲ୍ଲା: ଜଗତ୍‌ସିଂହପୁର। ୨୨. ହିମାଂଶୁ ଭୂଷଣ କର, ବ୪୨ର୍ଷ, ପିତା: କୁଳମଣି କର, ସାକିନ: ଜଗତ୍‌ସିଂହପୁର, ପୋଷ୍ଟ: ପାଟକୁରା, ଜିଲ୍ଲା: କେନ୍ଦ୍ରାପଡ଼ା। ୨୩. ଚନ୍ଦ୍ରମଣି ନାୟକ, ବ୫୧ର୍ଷ, ପିତା: ହୃଦାନନ୍ଦ ନାୟକ। ୨୪. ସୁଷମା ନାୟକ, ବ୪୭ର୍ଷ, ସ୍ୱାମୀ: ଚନ୍ଦ୍ରମଣି ନାୟକ, ଉଭୟଙ୍କ ସାକିନ/ପୋଷ୍ଟ: ଦହିପାଲି, ଥାନା: ଭସ୍ମ, ଜିଲ୍ଲା: ସୁନ୍ଦରଗଡ଼।

...ରେସ୍ପୋଡେଣ୍ଟମାନେ

ଏହିକି ଉପରୋକ୍ତ ମୋକଦ୍ଦମାରେ ତୁମ୍ଭେ ରେସ୍ପୋଡେଣ୍ଟ ନଂ.- ୫, ୬, ୭, ୮, ୯, ୧୦, ୧୧, ୧୨, ୧୩, ୧୪, ୧୮, ୧୯, ୨୦, ୨୧, ୨୨, ୨୩ ଓ ୨୪ଘର ଥାଇ ତୁମ୍ଭଙ୍କୁ ତୁମର ଉପଯୁକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭମାନଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ତା ୨୭।୦୨।୨୩ରିଖ ଦିବା ୧୦ଟା ୩୦ ମିନିଟ୍ ସମୟରେ ଉପରବର୍ଣ୍ଣିତ ମୋକଦ୍ଦମାରେ ତୁମ୍ଭେମାନେ ହାଜରହୋଇ ତୁମ୍ଭର ପକ୍ଷ ରଖିବା ନଚେତ୍ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ଜିଲ୍ଲା ଜଜ୍, ପୁରୀ


# ବିଜୟ ଲକ୍ଷ୍ୟରେ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର,୫।୨ (ସ୍ପୋର୍ଟ୍ସ ବ୍ୟୁରୋ)**

## ଇଣ୍ଡିଆନ୍ ସୁପର ଲିଗ୍


ଖବରଦାତା ସମ୍ମିଳନୀରେ ଯୋଶେପ୍ ଗୋମ୍ବାଉ ଏବଂ ଅନିକେତ ଯାଦବ।

ଇଣ୍ଡିଆନ୍ ସୁପର ଲିଗ୍‌ରେ ସୋମବାର ପରସ୍ପର ସହିତ ମ୍ୟାଚ୍ ଖେଳିବେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଓ ଏଫ୍‌ସି ଗୋଆ। କଳିଙ୍ଗ ଷ୍ଟାଡିୟମରେ ସନ୍ଧ୍ୟା ୭.୩୦ରେ ଏହି ମ୍ୟାଚ ଖେଳାଯିବ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଓଏଫ୍‌ସି ଏହି ମ୍ୟାଚ ଖେଳିବାକୁ ଥିବା ବେଳେ ଏଫ୍‌ସି ଗୋଆ ବିପକ୍ଷରେ ପ୍ରଥମ ବିଜୟ ପାଇଁ ଉଦ୍ୟମ କରିବ। ଏହା ପୂର୍ବରୁ ଉଭୟ ଦଳ ୭ଥର ମୁହାଁମୁହିଁ ହୋଇଥିବା ବେଳେ ଗୋଆ ୫ ଥର ବିଜୟୀ ହୋଇଛି ଓ ୨ଟି ମ୍ୟାଚ ଅମୀମାଂସିତ ଭାବରେ ଶେଷ ହୋଇଛି। ଚେନ୍ନାଇନ୍ ବିପକ୍ଷ ଅନ୍ତିମ ମ୍ୟାଚ୍ ଡ୍ର ରଖିବା ସହିତ ଓଏଫ୍‌ସି ୨୩ ପଏଣ୍ଟ ସହିତ ଷଷ୍ଠ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଛି। ଅନ୍ୟ ପକ୍ଷରେ ଏଫ୍‌ସି ଗୋଆ ୨୬ ପଏଣ୍ଟ ସହିତ ୫ମ ସ୍ଥାନରେ ରହିଛି। ଏହି ମ୍ୟାଚ୍ ଜିତିଲେ ଓଏଫ୍‌ସି ପଏଣ୍ଟ ଟେବଲର ୫ମ ସ୍ଥାନକୁ ଉଠିବା ସହିତ ପ୍ଲେ ଅଫ୍ ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ। ଉଭୟ ଦଳ ଶେଷ ଥର ପାଇଁ ଗୋଆର ଜୱାହାର ଲାଲ ନେହେରୁ ଷ୍ଟାଡିୟମରେ ମ୍ୟାଚ ଖେଳିଥିଲେ ଯେଉଁଥିରେ ଓଏଫ୍‌ସି ୩-୦ରେ ପରାସ୍ତ ହୋଇଥିଲା। ମ୍ୟାଚର ୬୫ ତମ ମିନିଟରେ ନନ୍ଦ କୁମାର ଶେକରଙ୍କୁ ରେଡ କାର୍ଡ ମିଳିଥିଲା ଏବଂ ଓଏଫ୍‌ସି ଏହି ମ୍ୟାଚରେ ପରାଜିତ ହୋଇଥିଲା। ମ୍ୟାଚର ଗୋଟିଏ ଦିନ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ ମୁଖ୍ୟ କୋଚ୍ ଯୋଶେପ୍ ଗୋମ୍ବାଉ ଏବଂ ଅନିକେତ ଯାଦବ। ଏହି ମ୍ୟାଚଟି ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ୩ ପଏଣ୍ଟ ଅକ୍ତିଆର କରିବା ପାଇଁ ଦଳ ଏହାର ଶ୍ରେଷ୍ଠ ପ୍ରୟାସ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ଯୋଶେପ୍ ଗୋମ୍ବାଉ। ଓଏଫ୍‌ସିରେ ମୁଁ ଅନେକ ନୂତନ ଜିନିଷ ଶିଖିବାର ପ୍ରୟାସ କରୁଛି ଏବଂ ଦଳକୁ ବିଜୟୀ କରିବାକୁ ମୁଁ ମୋର ଶତ ପ୍ରତିଶତ ପ୍ରଦାନ କରିବି ବୋଲି କହିଛନ୍ତି ଅନିକେତ ଯାଦବ।

# ପ୍ରଗତି ସ୍ପୋର୍ଟିଂକୁ ହରାଇଲା ରାଇଜିଂ ଷ୍ଟୁଡେଣ୍ଟ୍ସ

**ଭୁବନେଶ୍ୱର,୫।୨(ସ୍ପୋର୍ଟ୍ସ ବ୍ୟୁରୋ)**

## ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ

କେଶୁରାରେ ତୃତୀୟ ପଞ୍ଚାନନ ସ୍ମାରକୀ କ୍ରିକେଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ୪୬ ରନରେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପି ଜେ ଗ୍ରୁପର ମୁଖ୍ୟ ପ୍ରତାପ ଚନ୍ଦ୍ର ଜେନା, ଭାଇସ୍ ଚେୟାରମ୍ୟାନ ପ୍ରମୋଦ କୁମାର ଜେନା, ଫ୍ରେଣ୍ଡ୍ସ କ୍ଲବ ଅଧ୍ୟକ୍ଷ ପ୍ରମୋଦ କୁମାର ଜେନା ପ୍ରମୁଖ ମ୍ୟାଚ୍ ଉପଭୋଗ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ୍ସ ପ୍ରଥମେ ବ୍ୟାଟିଂ କରି ବିପ୍ଳବ ସାମନ୍ତରାୟଙ୍କ ଅପରାଜିତ ୯୨, ସୌଭାଗ୍ୟ ମିଶ୍ରଙ୍କ ୫୧ ଓ କାର୍ତ୍ତିକ ବିଶ୍ୱାଳଙ୍କ ୪୬ ରନ୍ ବଳରେ ୩୫ ଓଭରରେ ୬ ଉଇକେଟ ହରାଇ ୨୩୩ ରନ୍ କରିଥିଲା। ପ୍ରଗତି ପକ୍ଷରୁ ମିଳନ ସାମଲ ୩ ଉଇକେଟ ନେଇଥିଲେ। ଜବାବରେ ରୋହିତ ସାଗରଙ୍କ ୮୧ ରନ୍ ସତ୍ତ୍ୱେ ପ୍ରଗତି ସ୍ପୋର୍ଟିଂ ୩୦.୪ ଓଭରରେ ୧୭୯ ରନରେ ଅଲଆଉଟ ହୋଇଥିଲା। ସିଦ୍ଧାର୍ଥ ସିହ୍ନା୪ ଓ ବିପ୍ଳବ ସାମନ୍ତରାୟ ୩ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ବିପ୍ଳବ ସାମନ୍ତରାୟଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ପୂର୍ବତନ ରଣଜୀ କ୍ରିକେଟର ବସନ୍ତ ମହାନ୍ତି।



ବସନ୍ତ ମହାନ୍ତିଙ୍କ ଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ନେଉଛନ୍ତି ବିପ୍ଳବ ସାମନ୍ତରାୟ।


CLASSIFIED DISPLAY ALL EDITION - BW (Everyday)
MORE SPACE SAME PRICE
For Booking Contact 0674-2580385

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
**ମୁଦ୍ରା ଫାଇନାନ୍ସ**
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**


ପ୍ରଭାସିନୀ ଦାଶ
ଖୋଡାସିଙ୍ଗି, ବ୍ରହ୍ମପୁର
ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବୋଉ ଦୀର୍ଘାୟୁ, ନୀରୋଗୀ ଏବଂ ସୁସର୍ବଦା ଖୁସି ରହୁ।
Many more Happy returns of the day.
Happy Birth Day Bou, Maa, Aai
ଶୁଭେଚ୍ଛା ଦାଶ ପରିବାର ।
ଧ-୨୬୬୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଆଶୁ ଜିତିଲେ ବ୍ରୋଞ୍ଜ ପଦକ

**ଜାଗ୍ରେବ୍, ୫।୨ (ପି.ଟି.):** ଏସିଆନ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ରେସ୍‌ଲର ଆଶୁ ଏଠାରେ ଚାଲିଥିବା ଜାଗ୍ରେବ ଓପନ ର୍‌ୟାଙ୍କିଙ୍ଗ ସିରିଜ ଗ୍ରୀକୋ ରୋମାନ କାଟେଗୋରି ୬୭କେଜି ଶ୍ରେଣୀରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ୨୩ ବର୍ଷୀୟ କୁସ୍ତିଯୋଦ୍ଧା ଲିଥୁଆନିଆର ଆଡୋମାସ୍ ଗ୍ରିଗାଲିଉନାସଙ୍କୁ ୫-୦ରେ ହରାଇ ଦେଇଛନ୍ତି। ପୂର୍ବରୁ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଫ୍ରିଷ୍ଟାଇଲ ରେସ୍‌ଲର ଅମନ ଶେରାୱତ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ପୁରୁଷ ୫୭କେଜି ଶ୍ରେଣୀରେ ଭାରତ ପାଇଁ ବ୍ରୋଞ୍ଜ ପଦକ ଆଣିଦେଇଥିଲେ।

# ଟିକା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଆବଶ୍ୟକ ଭୂତାଣୁ ବହୁ ପରିମାଣରେ ଉପଲବ୍ଧ ହେଲେ ହିଁ ବୃହତ୍ ଜନସଂଖ୍ୟାକୁ ଟିକା ଦିଆଯାଇପାରିବ। ତେଣୁ ବୈଜ୍ଞାନିକମାନେ କୃତ୍ରିମ ଉପାୟରେ ଏତାଦୃଶ ବହୁସଂଖ୍ୟକ ଭୂତାଣୁ ପରୀକ୍ଷାଗାରରେ ସୃଷ୍ଟି କରିଥାଆନ୍ତି। ଏହି ପ୍ରକ୍ରିୟା ଟିସୁ କଲଚର ଭାବେ ନାମିତ । ଆବଶ୍ୟକ ସଂଖ୍ୟାରେ ଭୂତାଣୁ ସୃଷ୍ଟି ହେବା ପରେ ଏମାନଙ୍କୁ ଅକ୍ଷମ କରାଯାଏ ଅଥବା ମାରିଦିଆଯାଏ। ଉତ୍ତାପ କିମ୍ବା ରାସାୟନିକ ପ୍ରକ୍ରିୟା ଦ୍ୱାରା ଏହା ସମ୍ଭବପର ହୋଇଥାଏ ।"

ଟିକା ବିଷୟରେ ସମସ୍ୟା ଧାରଣା ପାଇଁ ଯେଉଁ ଶବ୍ଦଟି ଆବଶ୍ୟକ ହୋଇଥାଏ ତାହା ହେଉଛି 'ଟକ୍ସିନ୍' ଭାବେ ନାମିତ। ଏହା ହେଉଛି ଜୈବ ପଦାର୍ଥରୁ, ବିଶେଷତଃ ଜୀବର ଜୀବାଣୁମାନଙ୍କଠାରୁ ନିଃସୃତ ବିଷ, ଅର୍ଥାତ୍ ଜୀବବିଷ। ବ୍ୟାକ୍ଟେରିଆଠାରୁ ଆହରଣ କରାଯାଇଥିବା ଏହି ଟକ୍ସିନ ବହୁ ପରିମାଣରେ ବ୍ୟବହାର କଲେ ମଣିଷ ପାଇଁ ବିପଦ ସୃଷ୍ଟି କରେ। କିନ୍ତୁ ଏହାର ସୀମିତ ଓ ଉପଯୁକ୍ତ ବ୍ୟବହାର ଔଷଧ ଭାବେ କାମ କରିବାରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଆମେ ଆରୋଗ୍ୟପ୍ରାପ୍ତ ହେଉ।

ଟକ୍ସିନ ପ୍ରୟୋଗ ଦ୍ୱାରା ଆମେ ଆମ ଅଭିଳଷିତ ଆଣ୍ଟିଜେନ୍ ପାଉ। ଆମ ଶରୀରରେ କ୍ଷତିକାରକ (ଯଥା କେତେକ ଭୂତାଣୁ) ବାହ୍ୟ ପଦାର୍ଥ ପ୍ରବେଶ କଲେ ଏହାକୁ ପ୍ରତିହତ କରିବା ସକାଶେ ରକ୍ତରେ ପ୍ରତିପିଣ୍ଡ (ଆଣ୍ଟିବଡି) ସୃଷ୍ଟି କରିବା ଆବଶ୍ୟକ। ଏଥିପାଇଁ ଟକ୍ସିନ ପ୍ରୟୋଜନ। ଏହି ପ୍ରକ୍ରିୟା ଫଳପ୍ରଦ କରିବା ପାଇଁ ଟିକା ଦିଆଯାଏ।

ଏଥିରୁ ସ୍ପଷ୍ଟ ହୁଏ ଯେ, ଆମକୁ ଦିଆଯାଉଥିବା ଟିକା ଜୈବ ପଦାର୍ଥରୁ ପ୍ରସ୍ତୁତ। ଯେତେବେଳେ ଏହି ଜୈବ ପଦାର୍ଥ ଆମ ଶରୀର ଭିତରକୁ ପ୍ରବେଶ କରେ ଏହା ଆଣ୍ଟିଜେନ୍ ଭୂମିକା ଗ୍ରହଣ କରେ। ଫଳରେ ଆମ ଶରୀରରେ ଆଣ୍ଟିବଡି ଜାତ ହୁଏ। ଆଣ୍ଟିବଡି ହେଉଛି ସ୍ୱତନ୍ତ୍ର ଧରଣର ପ୍ରୋଟିନ୍।



ଆମ ଶରୀରରେ ସାଧାରଣତଃ ଊଣା ଅଧିକେ ରୋଗ ପ୍ରତିଷେଧକ ଶକ୍ତି (ଇମ୍ୟୁନିଟି) ଥାଏ। ଏହି କାରଣରୁ ପ୍ରତିପିଣ୍ଡ (ଆଣ୍ଟିବଡି) ଓ ରକ୍ତର ଶ୍ୱେତ କଣିକା ସାହାଯ୍ୟରେ ଆମେ ରୋଗ ସଂକ୍ରମଣକୁ ପ୍ରତିହତ କରିବାରେ ସକ୍ଷମ ହେଉ। ଫଳରେ ଶରୀର ରୋଗରୁ ପରିମୁକ୍ତ ବା ନିର୍ବେଶ (ଇମ୍ୟୁନ) ଚାହେଁ।

ଶରୀରରେ ବିଦ୍ୟମାନ ଇମ୍ୟୁନିଟି ହାସଲ କରିବା ପାଇଁ ଆମ ଜୀବକୋଷ (ସେଲ୍)ର ପ୍ରମୁଖ ଅବଦାନ ରହିଛି। ଏହି ପରିପ୍ରେକ୍ଷୀରେ ଯେଉଁ ଦୁଇଟି ପ୍ରକାର ଜୀବକୋଷ ଉଲ୍ଲେଖନୀୟ, ସେମାନେ ହେଲେ 'ବି-ଲିମ୍ଫୋସାଇଟ୍' ଏବଂ 'ଟି-ଲିମ୍ଫୋସାଇଟ୍'। ବି-ଲିମ୍ଫୋସାଇଟ୍‌କୁ ପରିବର୍ତ୍ତିତ କରାଯାଇ ପ୍ରସ୍ତୁତ ପ୍ଲାଜ୍ମା ଜୀବକୋଷରୁ ଆଣ୍ଟିବଡି ସଂଭୂତ। ଟି-ଲିମ୍ଫୋସାଇଟ୍‌ର କାମ ହେଉଛି ମନେ ପକାଇବା। ଅର୍ଥାତ୍ ବି-ଲିମ୍ଫୋସାଇଟ୍‌କୁ ଆଣ୍ଟିବଡି ପ୍ରସ୍ତୁତ ସକାସେ ଏହା ଯଥା ସମୟରେ ସ୍ମରଣ କରାଏ। ଏତଦ୍‌ବ୍ୟତୀତ ଆଣ୍ଟିବଡି ପାଇଁ ମାକ୍ରୋଫେଜ୍ ନାମକ ଅନ୍ୟ ଏକ ଜୀବକୋଷ ମଧ୍ୟ ସହାୟକ ହୋଇଥାଏ। ମାକ୍ରୋଫେଜ୍ ହେଉଛି ଏକ ଶ୍ୱେତ ରକ୍ତକଣିକା, ଯାହାକି ରୁଗ୍ଣ ଓ ମୃତ ଅଣୁଜୀବ (ମାଇକ୍ରୋଅର୍ଗାନିଜମ)ମାନଙ୍କୁ ନିଷ୍କାସନ କରିବା ସହ ଇମ୍ୟୁନତନ୍ତ୍ର (ଇମ୍ୟୁନ ସିଷ୍ଟମ)ର ବିଭିନ୍ନ କୋଷକୁ ସକ୍ରିୟ ହେବା ସକାଶେ ଉଦ୍ଦୀପିତ ବା ପ୍ରୋତ୍ସାହିତ (ଷ୍ଟିମ୍ୟୁଲେଟ୍) କରେ।





ଟିକା ନେଲେ ଆମେ ସମ୍ଭାବ୍ୟ ରୋଗରୁ ନିଜକୁ ରକ୍ଷାକରିପାରିବା। ବିଶେଷଜ୍ଞମାନେ ଏହା ପ୍ରସ୍ତୁତ କରିବା ପାଇଁ ମୃତ ଭୂତାଣୁ ବା ସେମାନଙ୍କର ଶରୀରର କିଛି ଅଂଶ ଅଥବା ସେମାନଙ୍କର ବିଷ କିମ୍ବା ରସକୁ ଉପଯୋଗ କରିଥାଆନ୍ତି। ଯଥା- କୋଭିଡ୍ ଟିକା ପାଇଁ ମୃତ ବା ଅକ୍ଷମ କୋଭିଡ ଭୂତାଣୁ ଉପଯୋଗ କରାଯାଏ।

ପ୍ରଶ୍ନ ଉଠୁଛି ଆବଶ୍ୟକ ଭୂତାଣୁ ବହୁ ପରିମାଣରେ ଉପଲବ୍ଧ ହେଲେ ହିଁ ବୃହତ ଜନସଂଖ୍ୟାକୁ ଟିକା ଦିଆଯାଇପାରିବ। ତେଣୁ ବୈଜ୍ଞାନିକମାନେ କୃତ୍ରିମ ଉପାୟରେ ଏତାଦୃଶ ବହୁସଂଖ୍ୟକ ଭୂତାଣୁ ପରୀକ୍ଷାଗାରରେ ସୃଷ୍ଟି କରିଥାଆନ୍ତି। ଏହି ପ୍ରକ୍ରିୟା ଟିସୁ କଲଚର ଭାବେ ନାମିତ। ଆବଶ୍ୟକ ସଂଖ୍ୟାରେ ଭୂତାଣୁ ସୃଷ୍ଟି ହେବା ପରେ ଏମାନଙ୍କୁ ଅକ୍ଷମ କରାଯାଏ ଅଥବା ମାରିଦିଆଯାଏ। ଉତ୍ତାପ କିମ୍ବା ରାସାୟନିକ ପ୍ରକ୍ରିୟା ଦ୍ୱାରା ଏହା ସମ୍ଭବପର ହୋଇଥାଏ। ଏହି ପ୍ରକାରେ ଉପଲବ୍ଧ ଭୂତାଣୁମାନେ ଆଉ ସୃଷ୍ଟି କରିବାରେ ଅସମର୍ଥ ହେଲେ ସୁଦ୍ଧା ଆଣ୍ଟିବଡି ପ୍ରସ୍ତୁତି ପାଇଁ ସେମାନେ ବେଶ୍ ଉପଯୁକ୍ତ। ଏମାନେ ହିଁ ଟିକା ଉତ୍ପାଦନ ପାଇଁ ପ୍ରମୁଖ ଉପାଦାନ ହୋଇଥାଆନ୍ତି।

ପ୍ରକାଶ ଥାଉକି ଏଡୱାର୍ଡ ଜେନେର (୧୭୪୯-୧୮୨୩, ଜନ୍ମ : ବର୍କେଲ, ୟୁନାଇଟେଡ କିଙ୍ଗଡମ୍) ବିଶ୍ୱର ସର୍ବପ୍ରଥମ ଟିକା ୧୭୯୬ରେ ବ୍ୟବହାର କରିଥିଲେ। ଏହା ବସନ୍ତ ରୋଗର ପ୍ରତିଷେଧକ ଥିଲା। ଏହି ଉଦ୍ଭାବନର କ୍ରମବିକାଶ ଘଟିବା ଦ୍ୱାରା ମାନବ ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିଛି। ସରକାରୀ ତଥା ବେସରକାରୀ ପ୍ରୋତ୍ସାହନ ଓ ସହାୟତା ସମେତ ଜନସାଧାରଣଙ୍କ ସଚେତନତା ଦ୍ୱାରା ଏହି ଟିକାର ପ୍ରୟୋଗ ସମ୍ଭବ ହେଲା। ଫଳସ୍ୱରୂପ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ୧୯୮୦ ମସିହାରେ ବିଶ୍ୱକୁ ବସନ୍ତ ରୋଗ ମୁକ୍ତ ବୋଲି ଘୋଷଣା କଲେ। ଉକ୍ତ ପ୍ରତିରୋଧକ ତତ୍ତ୍ୱ (ଇମ୍ୟୁନୋଲୋଜି)ର ଭିତ୍ତି ସ୍ଥାପନାର ଶ୍ରେୟ ଅବଶ୍ୟ ନିର୍ଦ୍ୱନ୍ଦ୍ୱରେ ଜେନେରଙ୍କ ପ୍ରାପ୍ୟ। ୨୦୦୨ରେ ୟୁ.କେ.ରେ ବିବିସି ତରଫରୁ ଗ୍ରହଣ କରାଯାଇଥିବା ମତ ଅନୁସାରେ ପ୍ରସ୍ତୁତ ତାଲିକାରେ ହଣ୍ଡ୍ରେଡ ଗ୍ରେଟେଷ୍ଟ ବ୍ରିଟେନସ' ମଧ୍ୟରେ ଜେନେର ସ୍ଥାନିତ ହୋଇଛନ୍ତି। ଚନ୍ଦ୍ରର ଗୋଟିଏ ଆଗ୍ନେୟଗିରିର ମୁଖ ବା ଗହ୍ୱରକୁ ତାଙ୍କ ନାମରେ ନାମିତ କରାଯାଇଛି। ଗୋଟିଏ ଟିଭି ଶୋ'ରେ ତାଙ୍କୁ 'ଦ ୱାକିଙ୍ଗ ଡେଡ୍' ଭାବେ ଉପସ୍ଥାପନା କରାଯାଇଛି। ବସନ୍ତ ପାଇଁ ଟିକା ଟ୍ରେଡ୍ ନାଁ ହେଉଛି : ଏସିଏଏମ ୨୦୦୦।

ଅଗଷ୍ଟ ୧୯୪୮ରେ ଯକ୍ଷ୍ମା ପାଇଁ ପ୍ରଥମ ବିସିଜି ଟିକା ଦିଆଯାଇଥିଲା। ଅନ୍ୟପକ୍ଷରେ ୧୭ ଜାନୁୟାରୀ ୨୦୨୧ରେ ଭାରତ ପ୍ରଥମ କୋଭିଡ ଟିକା ଆରମ୍ଭ କରିଥିଲା। ଅଗଷ୍ଟ ୨୦୨୨ ସୁଦ୍ଧା ୨.୪ ବିଲିୟନ ଟିକା ପାନ ଦିଆଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ବୁଷ୍ଟର ଡୋଜ୍ ସଂଖ୍ୟା ସାମଗ୍ରିକ ଭାବେ ଅନ୍ତର୍ଭୁକ୍ତ। ବାର ବର୍ଷ ଦୁର୍ଦ୍ଧ ବୟସ୍କ ବ୍ୟକ୍ତିମାନଙ୍କ ମଧ୍ୟରୁ ଶତକଡା ୯୪ ଭାଗ ଅନ୍ତତଃ ଗୋଟିଏ ପାନ ଓ ଅବଶିଷ୍ଟ ଯୋଗ୍ୟ ସଂଖ୍ୟାର ଶତକଡା ୮୬ ଭାଗ ସମ୍ପୂର୍ଣ୍ଣ ଟିକା ପାନ ନେଇଛନ୍ତି। (କ୍ରମଶଃ)

-ବଡ଼ଖେମୁଣ୍ଡି ବଙ୍ଗଳା,
ଉତ୍କଳ ଆଶ୍ରମ ରୋଡ୍, ବ୍ରହ୍ମପୁର
ମୋ : ୯୦୭୮୭୪୩୮୪୩

## ଅସ୍ଥିକୁ ସୁସ୍ଥ ରଖିବା ଲାଗି...



ମନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ଅସ୍ଥି ବା ହାଡ଼। ଏହା ଦୁର୍ବଳ ହୋଇଗଲେ ଆମେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ।

ବିଶେଷଭାବରେ ଜଣେ ବ୍ୟକ୍ତି ଏଭଳି ସମସ୍ୟାର ସାମ୍ନା କରିବା ପରେ ଚାଲବୁଲ କରିବାକୁ ଅସମର୍ଥ ହୋଇପଡିଥାଏ। ତେବେ ଅସ୍ଥିକୁ କିପରି ସୁସ୍ଥ ତଥା ଦୃଢ଼ ରଖିବା ସେ ନେଇ କେତୋଟି ଉପାୟ ଆପଣେଇ ପାରନ୍ତି। ଏ ନେଇ ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ନଜର ଦେବାକୁ ପଡିଥାଏ। ତାହା ହେଲା ଓଜନ। ଅର୍ଥାତ୍ ଏହାକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ଆବଶ୍ୟକତାଠାରୁ ଅଧିକ ଥର ଚା' କିମ୍ବା କୋଲ୍ଡ ଡ୍ରିଙ୍କସ ପିଇଲେ ତାହାର ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ସତର୍କ କରାଇଦେଇଛନ୍ତି। ତେଣୁ ଏଭଳି ଅଭ୍ୟାସକୁ ସୀମିତ ରଖିବାକୁ ଚେଷ୍ଟା କରନ୍ତୁ। ଲୁଣଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଆଉ ଏକ କଥା ହେଲା ନିଶାଦ୍ରବ୍ୟ ସେବନ। ଏହାଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ରଖନ୍ତୁ। ସବୁଠାରୁ ବଡ଼ କଥା ହେଲା ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଅସ୍ଥିକୁ ମଜଭୁତ ରଖୁଥିବା ଭିଟାମିନ୍ 'ଡି' ଯୁକ୍ତ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ନିଜକୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆଣନ୍ତୁ। ଏହାଦ୍ୱାରା ଅସ୍ଥି ମଜଭୁତ ହୋଇଥାଏ। କାରଣ ସୂର୍ଯ୍ୟକିରଣ ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ।

## ରୋଗ ପ୍ରତିରୋଧକ ଶକ୍ତି



ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ଅନେକ ପ୍ରକାର ରୋଗର ଶିକାର ହେବା। ପୁଣି ରୋଗଗୁଡ଼ିକ ଜଟିଳ ଆକାର ଧାରଣ କଲେ ତାହା ଚିନ୍ତାର କାରଣ ସାଜିଥାଏ। ଆଜିକାଲି ପ୍ରାୟ ଅନେକେ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ। ନୀରବଘାତକ ଭାବରେ ପରିଚିତ ଏହି ସ୍ୱାସ୍ଥ୍ୟ ସମସ୍ୟା ପରୋକ୍ଷରେ କେତେକ ରୋଗକୁ ଡାକି ଆଣିଥାଏ। ଆଉ ଏକ କଥା ହେଲା ମେଦବହୁଳତା। ନିଜର ଓଜନ ଯଦି ସବୁବେଳେ ଅସନ୍ତୁଳିତ ରହିଲା ତେବେ ତାହା ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାରକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଆମେ ନିଜର ରୋଗପ୍ରତିରୋଧକ ଶକ୍ତିକୁ ଦୃଢ଼ ରଖିବା କିପରି। ଏଥିପାଇଁ ସବୁବେଳେ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ଖାଉଥିବା ଖାଦ୍ୟ ସନ୍ତୁଳିତ ହେବା ନିହାତି ଦରକାର। ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ। ସବୁବେଳେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଥାଏ। ତେଣୁ ପ୍ରତିଦିନ ଆବଶ୍ୟକ ମୁତାବକ ଅର୍ଥାତ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ନିଜକୁ ଯେତେ ସମ୍ଭବ ଚାପମୁକ୍ତ ରଖନ୍ତୁ।

## ରାଗ କମାଇବାର ସହଜ ଉପାୟ



କେତେକ ବ୍ୟକ୍ତି କଥା କଥାକେ ରାଗି ଯାଇଥାଆନ୍ତି। ପୁଣି କିଛି ବ୍ୟକ୍ତି ମନ ଭିତରେ କୌଣସି କଥା ଭାବି ରାଗି ଥାଆନ୍ତି। ହେଲେ ଏଭଳି ଅଭ୍ୟାସ ଆଦୌ ଭଲ ନୁହେଁ। କାରଣ ରାଗିବା ଦ୍ୱାରା ତାହାର ପ୍ରଭାବ ରକ୍ତଚାପ ଉପରେ ପଡ଼ିଥାଏ। ରାଗ କମାଇବାକୁ ହେଲେ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ। ଏଭଳି ଭାବନା ମନରେ ଆଣନ୍ତୁ ନାହିଁ, ଯାହା ଦ୍ୱାରା ମନରେ ରାଗ ସୃଷ୍ଟି ହେବ। ଯଦି କୌଣସି ସମସ୍ୟା ପାଇଁ ରାଗୁଛନ୍ତି ତେବେ ତାହାର ସମାଧାନ ଉପାୟ ଚିନ୍ତା କରନ୍ତୁ। ନ ହେଲେ ଏ ନେଇ ରାଗିବା ଦ୍ୱାରା ନିଜର ହିଁ କ୍ଷତି ହୋଇଥାଏ। ମନୋଭାବକୁ ଶାନ୍ତ ରଖନ୍ତୁ। ଯଦି ଆପଣଙ୍କ ସ୍ୱଭାବ ଚିଡିଚିଡା ତେବେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। ମନକୁ ଶାନ୍ତ ରଖିବା ପାଇଁ ମନ ପସନ୍ଦର ବହି ପଢ଼ନ୍ତୁ କିମ୍ବା ମ୍ୟୁଜିକ୍ ଶୁଣନ୍ତୁ। ପ୍ରାୟ ନିଜକୁ ଶାନ୍ତ ପରିବେଶରେ ରଖିବାକୁ ଚେଷ୍ଟା କରନ୍ତୁ।

## ଗ୍ୟାଷ୍ଟ୍ରିକ ସମସ୍ୟା



ଆଜିକାଲି ଅଧିକାଂଶ ବ୍ୟକ୍ତି ଗ୍ୟାଷ୍ଟ୍ରିକ ସମସ୍ୟା ସହ ଜଡ଼ିତ। ଅସନ୍ତୁଳିତ ଖାଦ୍ୟପେୟ, ପାଣି ପିଇବାରେ ଅନିୟମିତତା ଏଥିପାଇଁ ମୁଖ୍ୟତଃ ଦାୟୀ। ଏହା ଏକ ପାକସ୍ଥଳୀଜନିତ ରୋଗ। ପେଟରେ ଆବଶ୍ୟକତାଠାରୁ ଅଧିକ ଏସିଡ୍ କ୍ଷରଣ ହେଲେ ଏଭଳି ସମସ୍ୟା ଦେଖାଦେଇଥାଏ। ଏହା ଦୁଇ ପ୍ରକାରର-ଆକ୍ୟୁଟ ଏବଂ କ୍ରୋନିକ୍। ଆକ୍ୟୁଟ ଗ୍ୟାଷ୍ଟ୍ରିକ୍ ସମସ୍ୟା ଧୀରେ ଧୀରେ କମିଯାଏ। ହେଲେ କ୍ରୋନିକ୍ ଗ୍ୟାଷ୍ଟ୍ରିକ ସମସ୍ୟା ଦେଖାଦେଲେ ତାହା ପେଟରେ ଘା' ସୃଷ୍ଟି କରିବାର ଆଶଙ୍କା ରହିଛି। ଏଥିରୁ ରକ୍ଷା ପାଇବା ଲାଗି ଅଧିକ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ସବୁବେଳେ ଗରିଷ୍ଠ ଖାଦ୍ୟ ଖାଇଲେ ପେଟରେ ଅଧିକ ଏସିଡ କ୍ଷରଣ ହୋଇଥାଏ। ନିଶାଦ୍ରବ୍ୟ ସେବନ କଲେ ଏଭଳି ଆଶଙ୍କା ଆହୁରି ବୃଦ୍ଧି ପାଇଥାଏ। ବାନ୍ତି ଉଠାଇବା, ବାନ୍ତି ହେବା, ଦୁର୍ବଳ ଲାଗିବା, ମୁଣ୍ଡ ବୁଲାଇବା ଆଦି ଏହାର ପ୍ରମୁଖ ଲକ୍ଷଣ। ତେବେ ସବୁବେଳେ ସହଜରେ ହଜମ ହେଉଥିବା ଖାଦ୍ୟ ଖାଆନ୍ତୁ। ପ୍ରଚୁର ପାଣି ପିଅନ୍ତୁ। ଖାଦ୍ୟ ଖାଇବା ମଧ୍ୟରେ ଅଧିକ ଗ୍ୟାପ୍ ରଖନ୍ତୁ ନାହିଁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

## ଭିଟାମିନ୍ 'ଡି' ଓ ଡାଇବେଟିସ୍

ଜଣେ ବ୍ୟକ୍ତି ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେବା ପଛରେ କେତେକ କାରଣ ରହିଛି। ଏହି ତାଲିକାରେ ଆଉ ଏକ କଥାକୁ ନିକଟରେ ଅନ୍ତର୍ଭୁକ୍ତ କରାଯାଇଛି। ତାହା ହେଲା ଭିଟାମିନ୍ 'ଡି'। ଯଦି ଆମ ଶରୀରରେ ଏହି ଭିଟାମିନ୍ ପରିମାଣ ଅସନ୍ତୁଳିତ ରହେ ତେବେ ଆମେ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। 'ଭିଟାମିନ୍ 'ଡି' ଓ ଡାଇବେଟିସ୍' ଶୀର୍ଷକ ବିଷୟବସ୍ତୁକୁ ନେଇ ସିଡନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ଯେଉଁମାନଙ୍କ ଶରୀରରେ ଭିଟାମିନ୍ 'ଡି' ପରିମାଣ କମ୍ ଥିଲା, ସେମାନଙ୍କଠାରେ ଆଉ କେଉଁ ପ୍ରକାର ରୋଗର ଲକ୍ଷଣ ପ୍ରକାଶ ପାଉଛି ତାହାକୁ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କଠାରେ ଡାଇବେଟିସ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଆମେ ପ୍ରତିଦିନ ଖାଉଥିବା ଖାଦ୍ୟ ତାଲିକାରେ ଏଭଳି ଖାଦ୍ୟ ସାମିଲ କରିବା ନିହାତି ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।




## ସ୍ୱାସ୍ଥ୍ୟ ସୂଚନା

- ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହାର୍ଟ ଆଟାକ୍‌ର ଆଶଙ୍କା ଅଧିକ ଥାଏ। ଏ ସବୁ ପଦାର୍ଥ ରକ୍ତ କୋଷିକାକୁ ଉତ୍ତେଜିତ କରି ରକ୍ତ ସଞ୍ଚାଳନକୁ ଆବଶ୍ୟକତାଠାରୁ ଆହୁରି ତୀବ୍ର କରାଇଥାଏ। ଏହାଦ୍ୱାରା ବ୍ଲଡପ୍ରେସର ବା ରକ୍ତଚାପ ଅସନ୍ତୁଳିତ ହୁଏ ଏବଂ ତାହାର ପ୍ରଭାବ ସିଧାସଳଖ ହାର୍ଟ ଉପରେ ପଡିଥାଏ।
- ବୟସ ବଢ଼ିବା ସହ ଦୃଷ୍ଟିଶକ୍ତିଜନିତ ସମସ୍ୟା ଦେଖାଯାଇଥାଏ। ତେଣୁ ଏହି ସମୟରେ ନିଜର ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ। ଯଦି ପୂର୍ବରୁ ଏଭଳି ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି।
- ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟମ କରନ୍ତୁ। ଏହାଫଳରେ ମନକୁ ଶାନ୍ତି ଆସିଥାଏ।
- ସାଲାଡ୍‌କୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। କାରଣ ଏଥିରେ ଅନେକ ପ୍ରକାରର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି।
- କୌଣସି ଔଷଧ ଖାଇଲେ ଯଦି ଆପଣଙ୍କର ଆଲର୍ଜି ରହିଛି ତେବେ ଡାକ୍ତରଙ୍କ ସହ ପରାମର୍ଶ ସମୟରେ ସେ ବିଷୟରେ ସୂଚନା ଦିଅନ୍ତୁ।
- ଯେ ପର୍ଯ୍ୟନ୍ତ ଠିକ୍ ଲାଗୁଛି ସେ ପର୍ଯ୍ୟନ୍ତ ମର୍ନିଂ ୱାକ୍ କରନ୍ତୁ। ଲୋଭର ବଶବର୍ତ୍ତୀ ହୋଇ ଆବଶ୍ୟକତାଠାରୁ ଅଧିକ ମର୍ନିଂ ୱାକ୍ କରିବା ଆଦୌ ଠିକ୍ ନୁହେଁ।



## ଗଛଲତାଙ୍କ ରାସାୟନିକ ଭାଷା

(ଶେଷ ଭାଗ)

ସେମାନେ ଏବେ ଏବର ଭାଷା ସହିତ ସଂପୃକ୍ତ ରସାୟନଗୁଡିକ ଉପରେ ଅଧ୍ୟୟନ ଚଳାଇଛନ୍ତି। ତାଙ୍କ ଦ୍ୱାରା ଅନୁଷ୍ଠିତ ଏକ ସଦ୍ୟ ପରୀକ୍ଷା ଏବର ମତବାଦ ଉପରେ ବିଶ୍ୱାସ ଆଣିଥାଏ। ଏଥିରେ ସେମାନେ ୪୫ଟି ଜଣାଶୁଣା ଉଦ୍ଭିଦଙ୍କୁ କୁଣ୍ଡରେ ଲଗାଇ ତହିଁରୁ ୩୦ଟିକୁ ଗୋଟିଏ ପ୍ରକୋଷ୍ଠରେ ଓ ଅନ୍ୟ ୧୫ଟିକୁ ତାହାର ଅନେକ ଦୂରରେ ଅନ୍ୟ ଏକ ପ୍ରକୋଷ୍ଠ ମଧ୍ୟରେ ରଖିଲେ। ତତ୍‌ପରେ ପ୍ରଥମ ପ୍ରକୋଷ୍ଠର ୧୫ଟି ଉଦ୍ଭିଦରୁ ପତ୍ରକୁ ଯନ୍ତ୍ର ସାହାଯ୍ୟରେ ଚିରି ଦେଲାବେଳେ ଅନ୍ୟ ୧୫ଟିକୁ ପୂର୍ବ ଭଳି ରହିବାକୁ ଦେଲେ। ପ୍ରାୟ ୫୦ ଘଣ୍ଟା ପରେ ସେମାନେ ତାହାର ପତ୍ରଗୁଡିକରେ କୀଟପତଙ୍ଗ ପାଇଁ ଅରୁଚିକର 'ଫିନୋଲିକ୍' ଯୌଗିକମାନଙ୍କ ସନ୍ଧାନ ନେଲେ। ଫଳରେ ଜଣାପଡ଼ିଲା ଯେ ଏ ପ୍ରକୋଷ୍ଠର ଚିରା ହୋଇଥିବା ଏବଂ ତାହା ନ ହୋଇଥିବା ଉଭୟ ପ୍ରକାର ପତ୍ରରେ ଏହି ରସାୟମାନ ରହିଛି। ଅତଏବ ଚିରା ପତ୍ରଯୁକ୍ତ ୧୫ଟି ଉଦ୍ଭିଦ ସେମାନଙ୍କର ପଡ଼ୋଶୀ ୧୫ଟିକୁ ଆଗତ ପ୍ରାୟ ବିପଦର ସୂଚନା ଦେଇଛନ୍ତି ଏବଂ ସେହି ଅନୁସାରେ ସେଗୁଡିକ ମଧ୍ୟ ଏ ରସାୟନ ଉତ୍ପନ୍ନ କରିଛନ୍ତି। କିନ୍ତୁ,ଅନ୍ୟପକ୍ଷରେ ଦୂର ହେଉଥିବା ଉଦ୍ଭିଦମାନଙ୍କ ନିକଟରେ ଏ ସୂଚନା ପହଞ୍ଚି ପାରିଲା ନାହିଁ। ତେଣୁ ସେମାନଙ୍କର ପତ୍ରରେ ଏହା ଉତ୍ପନ୍ନ ହୋଇପାରିନାହିଁ।

ବୈଜ୍ଞାନିକମାନେ ମନେ କରନ୍ତି ଯେ, ଗୋଟିଏ ଗଛର ପତ୍ରଗୁଡିକର ପରସ୍ପର ମଧ୍ୟରେ ଯୋଗାଯୋଗ ଦୁଇଟି ଭିନ୍ନ ଭନ୍ନ ଗଛର ପତ୍ରମାନଙ୍କର ତୁଳନାରେ ଅଧିକ। କୀଟପତଙ୍ଗ ଇତ୍ୟାଦି ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ପତ୍ର ଅଲଗା ଅଲଗା ପ୍ରତିରକ୍ଷା ପନ୍ଥା ଅବଲମ୍ବନ କରନ୍ତି। ଫଳରେ ଶତ୍ରୁମାନେ ଏ ସମ୍ପର୍କରେ ଜାଣିବାର ସୁଯୋଗ ପାଆନ୍ତି ନାହିଁ। ଏ ଖେଳ ଚାଲିଥାଏ ଅବିରତ ଭାବେ। ଅଧିକାଂଶ ସ୍ଥଳେ ରୁଚିକର ପତ୍ରଟିଏ ବିଷାକ୍ତ ପତ୍ର ଦ୍ୱାରା ସୁରକ୍ଷିତ ରହେ।

ଗଛଗୁଡ଼ିକର ଏଭଳି ଭାବର ଆଦାନ ପ୍ରଦାନ ସମ୍ପର୍କୀୟ ଏବର ମତବାଦ ମଧ୍ୟ ସମ୍ପୂର୍ଣ୍ଣରୂପେ ବୋଧଗମ୍ୟ ହୋଇପାରିଲାନାହିଁ। ବୈଜ୍ଞାନିକମାନେ ତଥାପି ଏ ସମ୍ପର୍କରେ ପରୀକ୍ଷା ନିରୀକ୍ଷା ଜାରି ରଖିଛନ୍ତି। ପ୍ରମାଣିତ ହେଲେ ଏହା ଉଦ୍ଭିଦ ବିଜ୍ଞାନ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହେବ। ତହିଁରୁ ଉଦ୍ଭିଦମାନଙ୍କର ସାମୂହିକ ଆଚରଣ ସମ୍ପର୍କରେ ଅନେକ ତଥ୍ୟ ଉନ୍ମୋଚିତ ହୋଇପାରିବ। ଅତଏବ ମଣିଷ ହୁଏତ ସେମାନଙ୍କ ପ୍ରତି ପ୍ରଦର୍ଶନ କରି ଆସୁଥିବା ରୁକ୍ଷ ଓ ନିର୍ଦ୍ଦୟ ଆଚରଣକୁ ବଦଳାଇବାକୁ ଚିନ୍ତା କରିବ।

-ପ୍ର. ରମେଶ ଚନ୍ଦ୍ର ପରିଡ଼ା
ଉଷାନିବାସ, ୧୭୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦



# ବୋଷ୍ଟନରେ ସ୍ୱର୍ଣ୍ଣ ଜିତିଲେ ଶଙ୍କର

**ବୋଷ୍ଟନ, ୫।୨ (ପି.ଟି.)**

ଭାରତୀୟ ହାଇଜମ୍ପର ତେଜସ୍ୱିନୀ ଶଙ୍କର ଏଠାରେ ଚାଲିଥିବା ନ୍ୟୁ ବାଲାନ୍ସ ଇନ୍‌ଡୋର ଗ୍ରାଁ ପ୍ରିରେ ପ୍ରଥମ ସ୍ଥାନ ଅଧିକାରକରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ତାଙ୍କୁ ପୂର୍ବତନ ବିଶ୍ୱ ଚାମ୍ପିୟନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ବାହାମାସର ଡୋନାଲ୍ଡ ଥୋମାସଙ୍କଠାରୁ କଡ଼ା ଚାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଲ୍ଲୀରେ ଜନ୍ମଗ୍ରହଣ କରିଥିବା ଏହି ୨୪ବର୍ଷୀୟ ଆଥଲେଟ୍ ୨.୨୬ ମିଟର ଜମ୍ପ କରି ୨୦୦୭ ବିଶ୍ୱ ଚାମ୍ପିୟନ ଓ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ୩୮ ବର୍ଷୀୟ ଥୋମାସ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ବାହାମାସ ଆଥଲେଟ୍‌ଙ୍କ ଶ୍ରେଷ୍ଠ ଜମ୍ପ ୨.୨୩ ମିଟର ରେକର୍ଡ କରାଯାଇଥିଲା। ସ୍ଥାନୀୟ ଦର୍ଶକଙ୍କଠାରୁ ଉତ୍ସାହ ପାଇ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜେତା ତାଙ୍କର ପ୍ରଥମ ୪ ପ୍ରୟାସରେ ୨.୧୪, ୨.୧୯, ୨.୨୩ ଓ ୨.୨୬ କ୍ଲିୟର କରିଥିଲେ। କଲେଜ ପାଠ୍ୟକ୍ରମ ଶେଷ କରିବା ପରେ ଶଙ୍କରଙ୍କ ଏହା ଥିଲା ପ୍ରଥମ ପ୍ରତିଯୋଗିତା। ତାଙ୍କର ବ୍ୟକ୍ତିଗତ ଆଉଟଡୋର୍ ଜମ୍ପ ୨.୨୯ ମିଟର ରହିଛି, ଯାହାକି ଏକ ଜାତୀୟ ରେକର୍ଡ। ଏକ ଇନ୍‌ଡୋର ମିଟ୍‌ରେ ତାଙ୍କର ଶ୍ରେଷ୍ଠ ଜମ୍ପ ୨.୨୮ ମିଟର ରହିଛି। ଉଭୟ ସଫଳତା ସେ ଲୁବକ୍ ଓ ଏମ୍ସରେ ହାସଲ କରିଥିଲେ। ୟୁଏସ୍‌ଏର ଡେରିଲ ସୁଲିଭାନ ତାଙ୍କ ସିଜନ ଶ୍ରେଷ୍ଠ ୨.୧୯ ମିଟର ଜମ୍ପ କରି ତୃତୀୟ ହୋଇଥିଲେ।



ପୂର୍ବତନ ବିଶ୍ୱ ଚାମ୍ପିୟନଙ୍କୁ ହରାଇ ସ୍ୱର୍ଣ୍ଣ ହାସଲ କରିଥିବା ତେଜସ୍ୱିନୀ ଶଙ୍କର।

# ଗୋଟିଏ ଓଭରରେ ଇଫ୍‌ତିଖାରଙ୍କ ୬ ଛକା

**କ୍ୱେଟା,୫।୨**

କ୍ୱେଟା ଷ୍ଟାଡିୟମରେ ଖେଳା ଯାଉଥିବା ପ୍ରଦର୍ଶନୀ ମ୍ୟାଚରେ ୬ ଛକା ମାରିଛନ୍ତି ଇଫ୍‌ତିଖାର ଅହମଦ। ୱାହାବ ରିୟାଜଙ୍କ ଓଭରରୁ ସେ ୬ ଛକା ମାରିବା ସହ ୩୬ ରନ୍ ସଂଗ୍ରହ କରିଥିଲେ। ଟସ୍ ଜିତି ପେଶାଓ୍ୱର ଜାଲମି ଅଧିନାୟକ ବାବର ଆଜମ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। କ୍ୱେଟା ଗ୍ଲାଡିଏଟର୍ସ ପକ୍ଷରୁ ଇଫ୍‌ତିଖାର ଅହମଦ ୫୦ ବଲରୁ ୯୪ ରନ୍ କରିଥିଲେ। ୱାହାବ ରିୟାଜ ମ୍ୟାଚର ଦ୍ୱିତୀୟ ଓଭରରେ ଦୁଇଟି ଉଇକେଟ ନେଇଥିଲେ। ମ୍ୟାଚର ଅନ୍ତିମ ଓଭର ବୋଲିଂ କରିବାକୁ ଆସିଥିବା ୱାହାବଙ୍କୁ ଇଫ୍‌ତିଖାର ୬ ଛକା ମାରିଥିଲେ। ଏହା ପୂର୍ବରୁ ୩ ଓଭରରେ ୧୧ ରନ ଦେଇ ଦୁଇ ଉଇକେଟ ନେଇଥିବା ୱାହାବ ନିଜ ଅନ୍ତିମ ଓଭରରେ ୩୬ ରନ୍ ବ୍ୟୟ କରିଥିଲେ।

# କିଲିମାଞ୍ଜାରୋ ଆରୋହଣ କରିବେ ମଧୁସ୍ମିତା

**ଭୁବନେଶ୍ୱର,୫।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଗଞ୍ଜାମ ଜିଲାର ଗୋଶାଣନୂଆଗାଁ ଗ୍ରାମର ପର୍ବତାରୋହୀ ମଧୁସ୍ମିତା ପାତ୍ର ଆଫ୍ରିକା ମହାଦେଶର ଉଚ୍ଚତମ ଗିରିଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ କରିବେ। ରବିବାର ବ୍ରହ୍ମପୁର ପ୍ରେସ୍ କ୍ଲବରେ ଏହି ଅଭିଯାନ ପାଇଁ ଫ୍ଲାଗ ଅଫ୍ ସେରିମନି ଆୟୋଜିତ ହୋଇଛି। ବାୟୁସେନା ଅଧିକାରୀ ପ୍ରେମାନନ୍ଦ ପାତ୍ର ଓ ପୁଷ୍ପାଞ୍ଜଳୀ ଦେବୀଙ୍କ ଝିଅ ମଧୁସ୍ମିତା ଟିସିଏସ୍‌ରେ ଇଞ୍ଜିନିୟର ଭାବରେ କାର୍ଯ୍ୟରତ। ହିମାଳୟ ପର୍ବତାରୋହଣ ପ୍ରତିଷ୍ଠାନ (ଏଚ୍‌ଏମ୍‌ଆଇ)ରୁ ଡିଗ୍ରୀ ହାସଲ ପରେ ମଧୁସ୍ମିତା ମାଉଣ୍ଟ ରେନକ୍(୫୦୨୯ ମି.), ଚାଦର ଟ୍ରେକ(୧୧୪୦୦ ଫୁଟ), କେଦାର କଣ୍ଠ(୧୨୪୦୦ ଫୁଟ) ଭଳି ଗିରି ଶୃଙ୍ଗ ଆରୋହଣ କରିଛନ୍ତି। ଏହି ଧାରାରେ ସେ ଆଫ୍ରିକା ମହାଦେଶର ଉଚ୍ଚତମ ପର୍ବତ ମାଉଣ୍ଟ କିଲିମାଞ୍ଜାରୋ(୫୮୯୫ ଫୁଟ) ଆରୋହଣ କରିବେ। ୯ ଫେବୃୟାରୀରୁ ଏହି ଅଭିଯାନ ଆରମ୍ଭ ହୋଇ ୧୬ ଫେବୃୟାରୀ ପର୍ଯ୍ୟନ୍ତ ଜାରି ରହିବ। ରବିବାରର ଅଭିଯାନରେ ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ୟୁରୋପର ହାଇଏଷ୍ଟ ପିକ୍ ମାଉଣ୍ଟ ଏଲବ୍ରୁସ, ହିମାଳୟର ମାଉଣ୍ଟ କୁନ୍ ଓ ନେପାଳର ମାଉଣ୍ଟ ଆମାଡାବଲମ ଚଢିବା ଲକ୍ଷ୍ୟରେ ରହିଛନ୍ତି।



ଫ୍ଲାଗ ଅଫ୍ ସେରିମନି ଅବସରରେ ମଧୁସ୍ମିତା ପାତ୍ର।

# ବିନୋଦ କାମ୍ବଲିଙ୍କ ବିରୋଧରେ ଅଭିଯୋଗ ଆଣିଲେ ସ୍ତ୍ରୀ ଆଣ୍ଡ୍ରିଆ

**ମୁମ୍ବାଇ,୫।୨(ପି.ଟି.):** ପୂର୍ବତନ ଭାରତୀୟ କ୍ରିକେଟର ବିନୋଦ କାମ୍ବଲିଙ୍କ ନାମରେ ଏଫ୍‌ଆଇଆର୍। ମଦ ନିଶାରେ ମାଡ ମାରିବା ସହିତ ଗାଳି ଗୁଲଜ କରିଥବା ନେଇ ପୋଲିସ୍ ନିକଟରେ ଅଭିଯୋଗ କରିଛନ୍ତି କାମ୍ବଲିଙ୍କ ସ୍ତ୍ରୀ ଆଣ୍ଡ୍ରିଆ। ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବା ବେଳେ ଗିରଫଦାରୀ ହୋଇନଥିବା ପ୍ରକାଶ। ବାନ୍ଦ୍ରା ପୋଲିସ୍ ଥାନାରେ କରାଯାଇଥିବା ଅଭିଯୋଗ ଅନୁସାରେ କାମ୍ବଲକି ବିଳମ୍ବିତ ରାତିରେ ମଦ ନିଶାରେ ଘରକୁ ଫେରିଥିଲେ। ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ପରେ ଏକ ପ୍ୟାନରେ କାମ୍ବଲି ଆକ୍ରମଣ କରିଥିଲେ। ଏହି ଆକ୍ରମରରେ ଆଣ୍ଡ୍ରିଆଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ୧୨ ବର୍ଷର ପୁଅ ଏହି ଝଗଡା ସମୟରେ ଉପସ୍ଥିତ ଥିବା ଏଫ୍‌ଆଇଆରରେ ଉଲ୍ଲେଖ କରାଯାଇଛି। ଏଫ୍‌ଆଇଆର ଦେବା ପରେ କାମ୍ବଲିଙ୍କ ସ୍ତ୍ରୀ ଭାବା ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ଏଫ୍‌ଆଇଆର ଆଧାରରେ କାମ୍ବଲିଙ୍କ ବିରୋଧରେ ଆଇପିସିର ଧାରା ୩୨୪ ଓ ୫୦୪ ଆଧାରରେ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରାଯାଇଛି।

# ବିସ୍ଫୋରଣରୁ ବର୍ତ୍ତିଲେ ବାବର, ଆଫ୍ରିଦି

**କ୍ୱେଟା,୫।୨(ପି.ଟି.):** କ୍ୱେଟା ଷ୍ଟାଡିୟମରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳା ଯାଉଥିବା ବେଳେ ଷ୍ଟାଡିୟମରୁ କିଛି ଦୂରରେ ଘଟିଥିଲା ଏକ ଭୟଙ୍କର ବିସ୍ଫୋରଣ। ବିସ୍ଫୋରଣ ସମୟରେ ପାକିସ୍ତାନ ଅଧିନାୟକ ବାବର ଆଜମ ଓ କିମ୍ବଦନ୍ତୀ ଶାହିଦ୍ ଆଫ୍ରିଦି ଷ୍ଟାଡିୟମରେ ଉପସ୍ଥିତ ଥିଲେ। ତେବେ ମ୍ୟାଚ ପରେ ଉଭୟ ଖେଳାଳିଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଥିବା ପ୍ରକାଶ। ଫେବୃୟାରୀ ୧୩ରେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ଆରମ୍ଭ ହେବ। ବେଲୁଚିସ୍ତାନର ଫ୍ୟାନଙ୍କ ଦାବି ପରେ ପ୍ରଥମ ଥର ଭେନ୍ୟୁର ମାନ୍ୟତା ପାଇଥିବା କ୍ୱେଟାର ନୱାବ ଆକବର ବୁଗତି ଷ୍ଟାଡିୟମରେ କ୍ୱେଟା ଗ୍ଲାଡିଏଟର୍ସ ଓ ପେଶାଓ୍ୱର ଜାଲମୀ ମଧ୍ୟରେ ଖେଳାଯାଇଥିଲା ଏହି ମ୍ୟାଚ। ଷ୍ଟାଡିୟମରୁ କିଛି ମାଇଲ ଦୂରରେ ରହିଥିବା ପୋଲିସ କଲୋନୀରେ ଏହି ବିସ୍ଫୋରଣ ଘଟିଥିଲା। ମ୍ୟାଚ୍ ଅଧା ବେଳେ ବିସ୍ଫୋରଣ ଘଟିଥିଲା। ଏହାପରେ ସୁରକ୍ଷା ବ୍ୟବସ୍ଥା ମାଧ୍ୟମରେ ସମସ୍ତ ଖେଳାଳିଙ୍କୁ ଡ୍ରେସିଂ ରୁମ୍‌କୁ ନିଆଯାଇଥିଲା। ପରେ ପୋଲିସ ପକ୍ଷରୁ ସବୁଜ ସଙ୍କେତ ମିଳିବା ପରେ ପୁନର୍ବାର ମ୍ୟାଚ୍ ଆରମ୍ଭ ହୋଇଥିଲା। ତେହରିକ୍ ଏ ତାଲିବାନ ପାକିସ୍ତାନ(ଟିଟିପି) ଏହି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି। ଏହି ବିସ୍ଫୋରଣରେ ୫ ଜଣ ଆହତ ହୋଇଥିବା ଜଣାପଡିଛି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିବା ଜଣାପଡିଛି। ବିଗତ ସପ୍ତାହରେ ମଧ୍ୟ ପେଶାଓ୍ୱରରେ ଏକ ମସ୍‌ଜିଦ ବିସ୍ଫୋରଣରେ ୮୦ ଜଣ ଲୋକଙ୍କ ପ୍ରାଣହାନି ଘଟିଥିଲା।

# ସ୍କିଲ୍ ଇଣ୍ଡିଆ ଟ୍ରେନିଂ ପାର୍ଟନର ହେଲା ଉତ୍କଳ କରାଟେ ସ୍କୁଲ

**ଭୁବନେଶ୍ୱର, ୫।୨ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ କେନ୍ଦ୍ର ସରକାରଙ୍କ ସ୍କିଲ୍ ଇଣ୍ଡିଆ (ଦକ୍ଷତା ବିକାଶ)ର ଟ୍ରେନିଂ ପାର୍ଟନର ମାନ୍ୟତା ହାସଲ କରିଛି। ଫଳତଃ ଆତ୍ମରକ୍ଷା ପ୍ରଶିକ୍ଷକ, ଫିଟ୍‌ନେସ୍ ପ୍ରଶିକ୍ଷକଙ୍କ ତାଲିମ ଉତ୍କଳ କରାଟେ ସ୍କୁଲରେ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷକମାନଙ୍କ ପରୀକ୍ଷା ସ୍କୁଲ ଜରିଆରେ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ଗଠିତ ଏସ୍‌ପିଇଏଫ୍‌ସି–ଏସି ( କ୍ରୀଡ଼ା, ଶାରୀରିକ ଶିକ୍ଷା, ଫିଟ୍‌ନେସ୍ ଏବଂ ଅବକାଶ ଦକ୍ଷ ପରିଷଦ) ଅଧୀନରେ ହେବ। ପୂର୍ବରୁ ଦକ୍ଷତା ଓ ଅଭିଜ୍ଞତା ହାସଲ କରିସାରିଥିବା ପ୍ରଶିକ୍ଷକମାନେ ସିଧାସଳଖ କେନ୍ଦ୍ର ସରକାରଙ୍କ ଏହି ବିଭାଗ ଅଧୀନରେ ସ୍କୁଲ ଜରିଆରେ ପରୀକ୍ଷା ଦେଇପାରିବେ। ନୂତନ ଶିକ୍ଷା ନବିଶମାନେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ନେଇ ପରୀକ୍ଷା ଦେବାକୁ ଯୋଗ୍ୟତା ହାସଲ କରିବେ। ପୂର୍ବରୁ ଉତ୍କଳ କରାଟେ ସ୍କୁଲ ଓଡ଼ିଶା ସରକାରଙ୍କ ସହଯୋଗିତାରେ ଆତ୍ମରକ୍ଷା କାର୍ଯ୍ୟକ୍ରମ 'ରିଆକ୍ଟ' ସଫଳତାର ସହ ଆୟୋଜନ କରି ସାରିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ଛାତ୍ରୀ ଏହାର ସୁଯୋଗ ନେଇ ପାରିଛନ୍ତି। ଶାରୀରିକ ଦକ୍ଷତା ଓ ଫିଟ୍‌ନେସ୍ ପ୍ରଶିକ୍ଷଣ କ୍ଷେତ୍ରରେ ଉତ୍କଳ କରାଟେ ସ୍କୁଲ ହେଉଛି ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସଂସ୍ଥା। ୪ ବର୍ଷ ହେଲା ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଖେଲୋ ଇଣ୍ଡିଆ ପାଇଁ ଭାରୋତ୍ତୋଳନ ପ୍ରଶିକ୍ଷଣ ସକାଶେ ଏହି ସଂସ୍ଥା ମାନ୍ୟତା ଲାଭ କରିଛି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡ଼. ହରିପ୍ରାଦ ପଟ୍ଟନାୟକ, ଇଂ. ଚିତ୍ତରଞ୍ଜନ ସ୍ୱାଇଁ, ଡ. ଗୌରୀ ମହାନ୍ତି, ଡ. ଅବିନାଶ ପୁନ୍ଦିର, ଚିନ୍ମୟୀ ଭୂୟାଁ ଓ ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ଜିମ୍ ଓ ହେଲ୍‌ଥ କ୍ଲବରେ ତାଲିମପ୍ରାପ୍ତ ପ୍ରଶିକ୍ଷକ ରହିବା ଉଚିତ ବୋଲି ସେମାନେ ମତପ୍ରକାଶ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ